ISSN No. : 2583-147X(P)

ବାସ୍ତବତାର ପରିପ୍ରକାଶ

ପ୍ରାଚୀ

PRACHEE

The Official Journal of
Prachee Centre for Cultural Relations

ସେପ୍ଟେମ୍ବର ୨୦୨୪
ମୂଲ୍ୟ : ୨୫ ଟଙ୍କା

ପ୍ରେରଣାର ଉତ୍ସ

କବି ଜୟନ୍ତ ମହାପାତ୍ର

ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ

ବାସ୍ତବତାର ପରିପ୍ରକାଶ

ପ୍ରାଚୀ

ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ

ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବ ର୍ନ ଅଛି । ଏହି ବିବ ର୍ନ ଜୀବନର ପରିବ ର୍ନ ସହିତ ସଂଶ୍ଲିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁ ର୍ଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆ ର୍ଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମି ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମି ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଆଗାମୀ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

ସଂପାଦକ

ଔ 'ପ୍ରାଚୀ'ର କଲମ ଈ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବ ି ନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚି ଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସ । । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉ ଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ....
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବ ୍ରହିବା ପାଇଁ ....
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି ....
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ....
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ....
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା ....
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ....
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ....
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ....
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକିଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ପ୍ରାଚୀ ପତ୍ରିକା

ISSN NO. 2583-147X (P)

ଉପଦେଷ୍ଟା ମଣ୍ଡଳୀ

ଡକ୍ଟର ପାବକ କାନୁନ୍‌ଗୋ
ଶିକ୍ଷାବିତ୍

ଡକ୍ଟର ମନ୍ଦାକିନୀ ଦାସ
ଶିକ୍ଷାବିତ୍

ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ
ଶିକ୍ଷାବିତ୍

ପ୍ରଫେସର ବୈଷ୍ଣବ ଚରଣ ସାମଲ
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ

ପ୍ରଫେସର ଆଦିକନ୍ଦ ସାହୁ
ଅବସରପ୍ରାପ୍ତ ପ୍ରଫେସର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର

ଡକ୍ଟର ନାରାୟଣ ମହାନ୍ତି
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଦର୍ଶନ ବିଭାଗ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର
ପ୍ରଫେସର, ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ

ମୁଖ୍ୟ ସଂପାଦକ

ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ
ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ

କାର୍ଯ୍ୟନିର୍ବାହୀ ସମ୍ପାଦକ

ଡକ୍ଟର ଦିପକ କୁମାର ଦାଶ
ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

ସଂପାଦକ

ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ

ସଂପାଦକ ମଣ୍ଡଳୀ

ନାରାୟଣ ସାହୁ
ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ

ପ୍ରଫେସର ଅଞ୍ଜୁମନ ଆରା
ହିନ୍ଦୀ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ

ସନ୍ମିତ ପାଣିଗ୍ରାହୀ
ପ୍ରଫେସର, ଇଂରାଜୀ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ

ଜୟନ୍ତ କୁମାର ଦାସ
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ

ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ
ଅଧ୍ୟାପକ, ହିନ୍ଦୀ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

ଡକ୍ଟର ଆଲୋକ ବରାଳ
ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ

ଡକ୍ଟର ନେତାଜୀ ଅଭିନନ୍ଦନ
ସହାୟକ ପ୍ରଫେସର, ରାଜନୀତିବିଜ୍ଞାନ ବିଭାଗ
ରେଭେନ୍‌ସା ବିଶ୍ୱବିଦ୍ୟାଳୟ

ଡକ୍ଟର ନୀରୋଦ କୁମାର ମନ୍ତ୍ରୀ
ଅଧ୍ୟାପକ, ଓଡ଼ିଆ ବିଭାଗ
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ କଲେଜ

ଡକ୍ଟର ବିଦ୍ୟୁତପ୍ରଭା ରାଉତ
ଅଧ୍ୟାପିକା, ଓଡ଼ିଆ ବିଭାଗ, ସେମିଳିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ

ଡକ୍ଟର ପ୍ରାଚୀ ପ୍ରଯୁକ୍ତା
ଶିକ୍ଷାବିତ୍

ଡକ୍ଟର ସୁମନ୍ତ ସ୍ୱାଇଁ
ସହାୟକ ପ୍ରଫେସର, ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ

ଡକ୍ଟର ମମତା ଖଣ୍ଡାୟତରାୟ
ବିଭାଗୀୟ ମୁଖ୍ୟ, ରାଜନୀତିବିଜ୍ଞାନ ବିଭାଗ
ପାରାଦୀପ କଲେଜ, ପାରାଦୀପ

ପ୍ରାଚୀର ନିୟମାବଳୀ

- "ପ୍ରାଚୀ" ଏକ ମାସିକ ଗବେଷଣାଧର୍ମୀ ISSN ସଂଯୁକ୍ତ ମାନକ Peer Reviewed ପତ୍ରିକା ଅଟେ ।
- "ପ୍ରାଚୀ" ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ,ନୃତ୍ୟ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
- "ପ୍ରାଚୀ" ଯୁବପୀଢ଼ିଙ୍କର ଗବେଷଣାକୁ ଅଭିଜାତ ସର୍ମ୍ପନ୍ନ ଓ ସମୁନ୍ନତ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସର ନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ । ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ ।
- ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ ଆବଶ୍ୟକସ୍ଥଳେ ଗଳ୍ପ, ଭ୍ରମଣ କାହାଣୀ, ପରିବେଶଜନିତ ଲେଖା ଓ କବିତା ପରିପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧିକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବା ଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହ ବା ଜରୁରୀ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପତ୍ରିକା ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ **pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । ଲେଖା ଗୁଡ଼ିକ ପେଜ୍ ମେକର ଫରମାଟ, ଆକୃତି ସାରଳା ଫ ରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ ।**

ବାସ୍ତବତାର ପରିପ୍ରକାଶ

ପ୍ରାଚୀ

Vol.- 10, September 2024, Issue No. VI
ISSN NO. 2583-147X(P)
RNI No. : ODIODI/2015/64435
P.R. No. : CK(C)/96/2022-2024

ପ୍ରକାଶକ :
ପ୍ରାଚୀ ସାହିତ୍ୟ ସମାଜ ପବ୍ଲିକେସନ୍
ନିଳାଦ୍ରୀ ବିହାର, ନୂଆବଜାର, କଟକ

ପ୍ରଚ୍ଛଦ ଚିତ୍ର :
ବିଜୟ କୁମାର ସାହୁ

ଅକ୍ଷର ସଜ୍ଜା :
ବିକ୍ରମ କିଶୋର ସାହୁ

ଡିଟିପି :
ଶିବ ପ୍ରସାଦ ଧଳ

ପ୍ରଚ୍ଛଦ :
ବିଭୁପ୍ରସାଦ ନାୟକ

ଅଳଙ୍କରଣ :
ବିଜୟ କୁମାର ସାହୁ

ବିଜ୍ଞାପନ ଅଧିକାରୀ :
ଅବିନାଶ ଦାଶ

ବିତରଣ ଅଧିକାରୀ :
ସନ୍ତୋଷ କୁମାର ପାଲ୍

ମୁଦ୍ରଣ :
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

ଏଇ ସଂଖ୍ୟାରେ...

କେନ୍ଦୁଝର : ଜଣେ ବଙ୍ଗୀୟ ଭ୍ରମଣସାହିତ୍ୟିକଙ୍କ ରଚନାରେ
ଶିଶିର ବେହେରା ୦୯

କ୍ରମଶଃ ଛିଡ଼ି ଯାଉଥିବା ପରମ୍ପରାର ସୂତାଖିଅ: ବିତର୍କିତ ଅପରାହ୍ନ
ରଞ୍ଜନ କୁମାର ଖଣ୍ଡା ୧୫

କବି ଅପର୍ଣ୍ଣା ମହାନ୍ତିଙ୍କ କବିତାରେ ନାରୀବାଦୀ ଚିନ୍ତନ
ସୁଶାନ୍ତ କୁମାର ପଣ୍ଡା ୨୨

ଦାଦନ ସମସ୍ୟାର ଭିନ୍ନ ରୂପ : ସରୋଜିନୀଙ୍କ 'ଦାଦନ'
ଦୟାନିଧି ପରିଡ଼ା ୩୦

'ଶୂନ୍ୟତାର ପାଶ୍ଚାତ୍ୟକୁ' ଗଳ୍ପ ସଙ୍କଳନ ଓ ମାନବ ଜୀବନ
ହିତେଶ୍ ବେହେରା ୩୫

ଫ୍ରାଞ୍ଜ୍ କାଫ୍‌କାଙ୍କ ଉପନ୍ୟାସ: ବିଶ୍ୱ ପରିପ୍ରେକ୍ଷା
ଚୂଳରାଜ ମେହେର ୩୯

ଆଧୁନିକ ଓଡ଼ିଆ କବିତାରେ ହୃଦାନନ୍ଦ ପାଣିଗ୍ରାହୀ
ଅରବିନ୍ଦ ଦାସ ୪୭

ସଂପାଦକୀୟ...

ଅଞ୍ଚଳ, ମୌଖିକ ସାହିତ୍ୟ ଓ ଗବେଷଣା

ଆଗେ ମଣିଷ, ତାପରେ ଭାଷା । କଥିତରୁ ଲିଖନ ପ୍ରକ୍ରିୟା ଆଡ଼କୁ ଭାଷାର ଯାତ୍ରା । ଭାଷାକୁ ଶୃଙ୍ଖଳବଦ୍ଧ କରିବା ନିମନ୍ତେ ବ୍ୟବହୃତ ଭାଷା ପରମ୍ପରାକୁ ଧରି ଆବିଷ୍କୃତ ହୁଏ ବ୍ୟାକରଣ । ଭାଷାକୁ ନେଇ ସାହିତ୍ୟ । ପୁନଶ୍ଚ ଅଞ୍ଚଳର ପରମ୍ପରା, ସଂସ୍କୃତି, ଚଳଣି ଓ ଭାଷାକୁ ନେଇ ହିଁ କଳ୍ପନାର ବିକାଶ ସଂଘଟିତ ହୁଏ । ଚିତ୍ର- ସ୍ଥାପତ୍ୟ - ଭାସ୍କର୍ଯ୍ୟ -ନୃତ୍ୟ - ସଙ୍ଗୀତ - ନାଟକ ସହିତ କଳାତ୍ମକ ଅଭିବ୍ୟକ୍ତିର ପରିପ୍ରକାଶ ଘଟେ । ସବୁରି ମୂଳରେ କିନ୍ତୁ ଭାଷା ।

ଭାଷା ଓ ସାହିତ୍ୟ ଉଭୟେ ହାତ ଧରାଧରି ହୋଇ ବାଟ ଚାଲନ୍ତି । ଭାଷାର କ୍ଷେତ୍ରଟି ଯେତେ ବ୍ୟାପକ ହେବ, ସାହିତ୍ୟ ରଚନାର ପରିସର ସେତେ ପରିବ୍ୟାପ୍ତ ହେବ । ସାହିତ୍ୟ ହେବ ଭାଷାର ପ୍ରୟୋଗଶାଳା ଓ ଭାଷା ହିଁ ହେବ ସାହିତ୍ୟର ଆଧାରଶିଳା ।

ଭାରତ ଭଳି ଗୋଟିଏ ବହୁଭାଷୀ ରାଷ୍ଟ୍ର, ଯେଉଁଠି ଭାଷା ବଳୟରୁ ମୁକ୍ତ ରହି ଧର୍ମ, ଆଦର୍ଶ ଓ ବିଚାର ପ୍ରତି ଅଧିକ ଗୁରୁତ୍ୱ ଦିଆଯାଇ ଆସିଛି ଏବଂ ପ୍ରତିଟି ଅ*ଳ ଭିତରେ ଗୋଟିଏ ବିଶ୍ୱର ସମ୍ଭାବନା ଲୁଚି ରହିଛି, ସେଠାରେ ଭୌଗୋଳିକ ସୀମାରେଖା ଅପେକ୍ଷା ସାଂସ୍କୃତିକ ସୀମାରେଖା ଅଧିକ ଗୁରୁତ୍ୱପୂର୍ଣ୍ଣ ମନେହୁଏ । ଆମେ ଅନେକ ସମୟରେ ଭାବିଥାଉ ଯେ, ଯାହା ବାହାରୁ ଆମଦାନୀ ହୋଇ ଆସିଛି ତାହା ଗୁରୁତ୍ୱପୂର୍ଣ୍ଣ । ବାହାରର ଦୁନିଆ, ସାମଗ୍ରୀ, ତତ୍ତ୍ୱ, ବିଚାର ଓ ଚାକଚକ୍ୟ ପ୍ରତି ଆମର ମୋହ ଆଉ ଦୁର୍ବଳତା ପ୍ରଚୁର ।

ଅବଶ୍ୟ ସମୟେସମୟେ ଆମେ ଆ*ଳିକତା ଉପରେ ଗୁରୁତ୍ୱ ଦେଇଥାଉ । ଆ*ଳିକତାର ଅର୍ଥ ସଂକୀର୍ଣ୍ଣତା ନୁହେଁ । ବରଂ ଅ*ଳ ଭିତରେ ବିଶ୍ୱର ସମ୍ଭାବନାଟିଏ ଖୋଜିବା । ମାଟିକୁ ଉଖାରି ଦେଲେ ଆମେ ଇତିହାସର ଝରଟିଏ ପାଇବା । ମାତ୍ର ସେହି ଇତିହାସର ଝର ପାଖରେ ପହ*ବା ଓ ସାଇତି ରଖିବାକୁ ଆମର ପ୍ରୟାସ ଅତ୍ୟନ୍ତ କ୍ଷୀଣ ଓ ଦୁର୍ବଳ ମନେହୁଏ ।

ଆମେ ବହିରୁ ଇତିହାସ ଖୋଜୁ । ମାତ୍ର ରାଜା, ମହାରାଜାଙ୍କ ଇତିହାସ ଖୋଜୁଖୋଜୁ ସଧାରଣ ମଣିଷ ଓ ଜୀବନର ଇତିହାସଟି କୋଣଠେସା ହେଇଯାଏ । ତେଣୁ ଅ*ଳ ଭିତରେ ବି ଯେଉଁ ବିଶ୍ୱର ସମ୍ଭାବନାଟି ଲୁଚି ରହିଛି ଓ ଆ*ଳିକ ଭାଷାର ମହକ ଭିତରେ ବା ସ୍ଥାନଗତ ପାର୍ଥକ୍ୟ ଭିତରେ ଯେଉଁ ସ୍ୱାତନ୍ତ୍ର୍ୟ ଦେଖାଯାଉଛି, ତାକୁ ଅଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ।

ସଂସ୍କୃତ ଭଳି ଗୋଟିଏ ଧର୍ମୀୟ ଓ ଶାସକୀୟ ପ୍ରାଧାନ୍ୟ ଥିବା ଭାଷାର ପ୍ରଭାବ ଥିବା ସମୟରେ ବୁଦ୍ଧଦେବ ପାଲି ଭାଷାରେ ନିଜର ବାଣୀ ପ୍ରଚାର କରିଥିଲେ । ଏଇ ପାଲି ଭାଷାରେ ବୁଦ୍ଧ ଦେବଙ୍କର ବାଣୀକୁ ବ୍ୟକ୍ତ କରିବାର ଅଭିପ୍ରାୟ କଣ ହୋଇଥିବ ? ସେ ସମୟରେ ସଂସ୍କୃତ ଓ ବ୍ରାହ୍ମଣ୍ୟବାଦର ପ୍ରାଧାନ୍ୟକୁ ନେଇ ଗୋଟିଏ ପ୍ରତିବାଦ ସୃଷ୍ଟି ହୋଇଥିବ ସମ୍ଭବତଃ । ସେ ସମୟରେ ତିନୋଟି କଥା ଅଧିକ ଗୁରୁତ୍ୱପର୍ଣ୍ଣ ହୋଇଥିବା ପରି ଲାଗୁଛି । ଗୋଟିଏ ହେଲା ସାଧାରଣ ଜୀବନରେ ସଂସ୍କୃତ ବଦଳରେ ଆ*ଳିକ ଭାଷାର ବ୍ୟବହାର ।

ଦ୍ୱିତୀୟତଃ ମନ୍ଦିରର ଈଶ୍ୱରଙ୍କ ବଦଳରେ ଗୃହ ବା ଗୃହ ପରିସରରେ ଈଶ୍ୱରଙ୍କ ପ୍ରତୀକାତ୍ମକ ସଂସ୍ଥାପନ । ତୃତୀୟତଃ ଭକ୍ତ ଓ ଈଶ୍ୱରଙ୍କ ଭିତରେ ବ୍ରାହ୍ମଣଭିତ୍ତିକ ମାଧ୍ୟମଠାରୁ ଦୂରତା ତଥା ସଂସ୍କୃତ ବଦଳରେ ଆ*ଳିକ ଭାଷାରେ ଈଶ୍ୱର ପୂଜନର ଉଦ୍ୟମ ।

ଉପରୋକ୍ତ ତିନୋଟି କଥାକୁ ବିଚାରକୁ ନେଲେ ଦେଖାଯିବ ଯେ, ଯେତେସବୁ ଓଷା ବ୍ରତର ପରମ୍ପରା ନିଶ୍ଚୟ ଏଇଥିରୁ ଆରମ୍ଭ ହେଇଥିବ । ସମ୍ଭବତଃ ସେଠି ବ୍ରାହ୍ମଣ ପୂଜା କରୁନଥିବେ, ଓଷେଇତିମାନେ ପୂଜା କରୁଥିବେ । ମନ୍ଦିରର ଦିଅଁ ଦେବତାଙ୍କ ବଦଳରେ ଗାଁ ଦାଣ୍ଡ, ଖଳା, ବାଡ଼ିରେ ଲିପାପୋଛା କରି ପୂଜା କରାଯାଇଥିବ । ଅର୍ଥାତ୍ ସଂସ୍କୃତ, ବ୍ରାହ୍ମଣ ଓ ବିଗ୍ରହ ପୂଜନ ବିରୋଧରେ ପ୍ରତିବାଦଭିତ୍ତିକ ଆଭିମୁଖ୍ୟରୁ ଏଇ କଥାଟି ସୃଷ୍ଟି ହେଇଥିବ । ବସ୍ତୁ ଭିତରେ ଇଶ୍ୱରଙ୍କ ରୂପ ଦିଶିଥିବ । ଅ*ଳ ଭିତରେ ବିଶ୍ୱର ମହକ ଖୋଜିବା ଦିଗରେ ଏହା ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ମନେହୁଏ ।

ଆମ ଅଜାଣତରେ, ଲିଖିତ ହେଉ ବା ମୌଖିକ ସାହିତ୍ୟିକ ପରମ୍ପରା ଭିତରେ, ବିଚାରଟିଏ ହିଁ ଉପସ୍ଥାପିତ ହୁଏ । ବିଚାରଟି ଯେତେବେଳେ ସାମ୍ନାକୁ ଆସିବ ତାହା ସ୍ୱାଭାବିକ ଭାବରେ ଭାଷା ନଚେତ ସାହିତ୍ୟର ସାହାଯ୍ୟ ନେବ । ବିନା ଭାଷା ଓ ବିନା ସାହିତ୍ୟରେ ବିଚାର ବ୍ୟକ୍ତ କଣ ସମ୍ଭବ ! ଏଣୁ ଆମ ଗବେଷଣାରେ ଏସବୁ ଅଧିକରୁ ଅଧିକ ସାମ୍ନାକୁ ଆସିବାର ଆବଶ୍ୟକତା ଅଛି ।

- ଜ୍ଞାନୀ ଦେବାଶିଷ

DOI :https://doi.org/10.5281/zenodo.13704916 ମୂଳ ପ୍ରବନ୍ଧ

କେନ୍ଦୁଝର : ଜଣେ ବଙ୍ଗୀୟ ଭ୍ରମଣସାହିତ୍ୟିକଙ୍କ ରଚନାରେ

ଶିଶିର ବେହେରା

ସାର ସଂକ୍ଷେପ :

ଓଡ଼ିଶାର ସାରସ୍ୱତ ଓ ସାଂସ୍କୃତିକ ଜଗତକୁ କେନ୍ଦୁଝରର ବିପୁଳ ଅବଦାନ ରହିଛି । କେବଳ ପ୍ରାକୃତିକ ସୌନ୍ଦର୍ଯ୍ୟ ନୁହେଁ; ସାହିତ୍ୟ, ଧର୍ମ, ରାଜନୀତି, ଅର୍ଥନୀତି, ସଂସ୍କୃତି, ପରମ୍ପରା ପ୍ରତି ଏହାର ପରିବେଶ ହୋଇଛି ଯଥେଷ୍ଟ ଅନୁକୂଳ । ଅତୀତର ଗଡ଼ଜାତ ଶାସନ, ଆଦିବାସୀ ଅଧ୍ୟୁଷିତ ସରଳ ମଣିଷମାନଙ୍କର ଜୀବନଚର୍ଯ୍ୟା ଏବଂ ସାଂସ୍କୃତିକ ପରିବେଷ୍ଟନୀ କବି-ଲେଖକଙ୍କୁ ମୁଗ୍ଧକରିଛି । ଓଡ଼ିଆସାହିତ୍ୟରେ ଏହି ଭୂମିର ବ୍ୟାପକ ଚିତ୍ର ସେମାନଙ୍କ ଲେଖାରେ ଅଙ୍କିତହୋଇଛି । କେବଳ ଓଡ଼ିଶାର ନୁହେଁ, ଅନ୍ୟ ପ୍ରଦେଶର ପର୍ଯ୍ୟଟକ, ଆଗନ୍ତୁକ ଏବଂ ସୌନ୍ଦର୍ଯ୍ୟପିପାସୁଙ୍କ ଆକର୍ଷଣର ଭୂମି ପାଲଟିଛି କେନ୍ଦୁଝର । ଭ୍ରମଣକାରୀମାନେ ସେମାନଙ୍କର ଭ୍ରମଣବୃତ୍ତାନ୍ତ ଓ ଭ୍ରମଣକାହାଣୀରେ କେନ୍ଦୁଝରକୁ ସ୍ଥାନ ଦେଇଛନ୍ତି । ବଙ୍ଗୀୟ ଭ୍ରମଣସାହିତ୍ୟକୁ ମଧ୍ୟ କେନ୍ଦୁଝରର ଅବଦାନ ରହିଛି । ୧୯୨୭ ମସିହାରେ ମଣୀନ୍ଦ୍ରନାଥ ମୁସ୍ତୋଫୀ ନାମକ ଜଣେ ବଙ୍ଗୀୟ ଭ୍ରମଣକାରୀ ନିଜ ସାଥୀମାନଙ୍କ ସହ ସାଇକେଲରେ ଆସି ଓଡ଼ିଶା ଭ୍ରମଣ କରିଥିଲେ । ସେହି ଭ୍ରମଣଜନିତ ଅନୁଭୂତିକୁ ସେ ତାଙ୍କ ଭ୍ରମଣକାହାଣୀରେ ଲିପିବଦ୍ଧ କରିଛନ୍ତି । ଏଥିରେ ସେ ତତ୍କାଳୀନ କେନ୍ଦୁଝର, ରାଜବଂଶ, ଲୋକଜୀବନୀ ଓ ଚଳଣି, ଗମନାଗମନ ବ୍ୟବସ୍ଥା, ଜନଜାତି ମଣିଷର ପରିଚୟ, ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଯେପରି ପ୍ରକାଶକରିଅଛନ୍ତି, ସେଥିରୁ ପ୍ରାଚୀନ କେନ୍ଦୁଝରକୁ ଏବଂ ତା'ର ଇତିହାସକୁ ଅବଲୋକନ କରିବାର ସୁଯୋଗ ମିଳିଥାଏ । ଏହିଭଳି ଏକ ଗୁରୁତ୍ୱପୂର୍ଣ୍ଣ ଅଥଚ ତଥ୍ୟଧର୍ମୀ ଆଲେଖ ଉଭୟ ବଙ୍ଗୀୟ ଓ ଓଡ଼ିଆ ଭ୍ରମଣସାହିତ୍ୟକୁ ବିଭାନ୍ୱିତ କରିଛି ବୋଲି କୁହାଯାଇପାରେ ।

ସୂଚକ ଶବ୍ଦ : ଭ୍ରମଣକାହାଣୀ, କେନ୍ଦୁଝର, ପର୍ଯ୍ୟଟନ, ଭ୍ରମଣକାରୀ, ଗଡ଼ଜାତ, କରଦରାଜ୍ୟ,ସାଇକେଲ ଭ୍ରମଣ, ପ୍ରାକୃତିକ ସୌନ୍ଦର୍ଯ୍ୟ ।

ମଣିଷ ମନରେ ସହଜାତଭାବରେ ଏକ ପଥିକ ପ୍ରବୃତ୍ତି ଲୁଚି ରହିଥାଏ । ପ୍ରୟୋଜନ, କୌତୂହଳ ଏବଂ ସୌନ୍ଦର୍ଯ୍ୟ ମନୋବୃତ୍ତି ଲାଗି ମନୁଷ୍ୟ ଭ୍ରମଣ କରିଥାଏ । ସେହି ଭ୍ରମଣଲବ୍ଧ ସୁଖ ଏବଂ ଅନୁଭୂତିକୁ ସକଳଙ୍କ ସହିତ ଭାଗ କରିନେବାର ଆକାଂକ୍ଷାରୁ ସୃଷ୍ଟିହୁଏ ଭ୍ରମଣସାହିତ୍ୟ । ସାହିତ୍ୟର ଏକ ପ୍ରମୁଖ ବିଭାଗ ଭ୍ରମଣକାହାଣୀ । ଜଣେ ସର୍ଜନଶୀଳ ଭ୍ରମଣକାରୀ ଭ୍ରମଣରୁ ଲଭିଥିବା ବିମଳ ଆନନ୍ଦ ଓ ସୌନ୍ଦର୍ଯ୍ୟକୁ କଳାତ୍ମକ ରୀତିରେ ପ୍ରକାଶ କରିଥାନ୍ତି ତାଙ୍କ ଭ୍ରମଣଗ୍ରନ୍ଥରେ । ସ୍ୱୟଂ ଲେଖକ ହେଉଛନ୍ତି ଏହାର ନାୟକ । ଭ୍ରମଣକାରୀଙ୍କ ବୃତ୍ତି, ପ୍ରବୃତ୍ତି, ଭ୍ରମଣତୃଷ୍ଣା ଓ ଯାତ୍ରାର ଏହା ଲିଖିତ ଅନୁଭୂତି । ଏଥିରେ ସ୍ୱାନୁଭୂତି ସହିତ ସ୍ଥାନ-କାଳ-ପାତ୍ରର ବିବରଣୀ ସ୍ଥାନ ପାଇବାସହ ସମୟଖଣ୍ଡର ପରିଚୟ ଏବଂ ଇତିହାସ ଅଧ୍ୟୟନର ମଧ୍ୟ ସୁଯୋଗ ରହିଥାଏ । 'ଗଲି ଅଇଲି ଯାହା ଦେଖିଲି ତାହା ଲେଖିଲି' ନ୍ୟାୟରେ ଭ୍ରମଣସାହିତ୍ୟ ରଚନା ହୁଏନାହିଁ; ବରଂ ଯଦି ସାରସ୍ୱତ କଳାନିପୁଣତାରେ ପ୍ରଦର୍ଶିତ ହୁଏ, ତାହା ପାଠକଙ୍କୁ ଆମୋଦିତ କରେ । ସୃଜନପ୍ରାଣ ଭ୍ରମଣକାରୀଙ୍କ ଲେଖାହିଁ ସାହିତ୍ୟର ରୂପ ନେଇଥାଏ । ଏଥିରେ ସତ୍ୟ, ତଥ୍ୟ ଓ ପ୍ରତ୍ୟକ୍ଷ ବିବରଣୀ ଅଙ୍କିତ ହୋଇଥାଏ । ସେଥିପାଇଁ କୁହାଯାଇଛି : " Travel in the younger

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:	Available online at : https://pracheenews.com/
	DOI: https://doi.org/10.5281/zenodo.13704916 Article No - BPPP00218

ଯୋଗାଯୋଗ :
ଶିଶିର ବେହେରା, ସହକାରୀ ପ୍ରଫେସର, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା, ମୟୂରଭଞ୍ଜ-୩
E-Mail ID: sisirabehera87@gmail.com
ORCID ID: https://orcid.org/0000-0003-2444-4645

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

ପ୍ରାପ୍ତି	ସମୀକ୍ଷିତ	ଗୃହୀତ	ପ୍ରକାଶିତ
୨.୮.୨୦୨୪	୧୭.୮.୨୦୨୪	୨୫.୮.୨୦୨୪	୧.୯.୨୦୨୪

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ବେହେରା, ଶିଶିର ୨୦୨୪ । କେନ୍ଦୁଝର : ଜଣେ ବଙ୍ଗୀୟ ଭ୍ରମଣସାହିତ୍ୟିକଙ୍କ ରଚନାରେ । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ଚ; ପୃଷ୍ଠା :୯-୧୪ ।

sort is a part of education. In the elder, a part of experience." (Of Travel, Francis Bacon)

ଓଡ଼ିଶାର ଇତିହାସ ନିର୍ମାଣରେ କେନ୍ଦୁଝରର ଭୂମିକା ତାତ୍ପର୍ଯ୍ୟପୂର୍ଣ୍ଣ । ରାଜନୀତି, ଅର୍ଥନୀତି, ସମାଜ, ସଂସ୍କୃତି ସର୍ବୋପରି ସାହିତ୍ୟକ୍ଷେତ୍ରକୁ କେନ୍ଦୁଝରର ଅବଦାନ ବିପୁଳ । ଭଞ୍ଜଭୂମି କେନ୍ଦୁଝର କେବଳ ଭାରତବର୍ଷର ଆର୍ଥିକ ମାନଦଣ୍ଡର ନିର୍ଦ୍ଧାରକ ହୋଇନାହିଁ; ବରଂ ଭାରତୀୟ ପର୍ଯ୍ୟଟନ, ପ୍ରାକୃତିକ ଶୋଭା-ସଂପଦର ଗନ୍ତାଘର ପାଲଟିଛି । ପ୍ରତିଟିଦିଗରୁ ନିରୀକ୍ଷଣକଲେ ଜଣାଯାଏ, ଓଡ଼ିଶାର ଜାତୀୟ ଜୀବନକୁ ଆଲୋକିତ କରିଛି କେନ୍ଦୁଝର । ଏହାର ଗଡ଼ଜାତ ରାଜବଂଶର ଅବଦାନ, ରାଜପୃଷ୍ଟପୋଷକତା ସର୍ବୋପରି ଆଦିବାସୀ ଅଧ୍ୟୁଷିତ ବଣ-ପର୍ବତ-ଝରଣାବେଷ୍ଟିତ ପ୍ରାକୃତିକ ଶୋଭା ଓଡ଼ିଆ ଭାଷା ଓ ସାହିତ୍ୟକୁ ଦେଇଛି ନୂତନ ପରିଚୟ । କେନ୍ଦୁଝର ସାହିତ୍ୟିକ, ସୌନ୍ଦର୍ଯ୍ୟପିପାସୁ ଏବଂ ଭ୍ରମଣକାରୀଙ୍କର ପ୍ରିୟସ୍ଥାନ ହୋଇଛି । ବହୁ ବିଦ୍ୱାନମାନେ ମଧ୍ୟ ଏହିଭୂମିର ଉତ୍କର୍ଷତାକୁ ଅନୁଭବିଛନ୍ତି ରାଜଶାସନ ଅମଳରୁ । ସେଥିପାଇଁ ଓଡ଼ିଶା ଏବଂ ଅନ୍ୟପ୍ରଦେଶର ସାହିତ୍ୟିକମାନଙ୍କୁ ଏହାର ବନଗିରି ଲୁବ୍ଧମୁଗ୍ଧ କରିରଖିଛି । ବିଶେଷକରି ଭ୍ରମଣସାହିତ୍ୟକୁ ସମୃଦ୍ଧ କରିବାରେ ପ୍ରକୃତିରାଣୀ କେନ୍ଦୁଝର ପର୍ଯ୍ୟଟକ ତଥା ଭ୍ରମଣକାରୀଙ୍କୁ ସର୍ବଦା ଆକର୍ଷିତ କରିଆସିଛି । ଓଡ଼ିଆ ପଦ୍ୟସାହିତ୍ୟଠାରୁ ଆରମ୍ଭକରି ଗଦ୍ୟସାହିତ୍ୟ ଯାଏଁ ସବୁଠି କେନ୍ଦୁଝରର ଛବି ଅଙ୍କିତହୋଇଛି । ସ୍ୱତନ୍ତ୍ର ପୁସ୍ତକମାନ ମଧ୍ୟ ପ୍ରକାଶପାଇଛି କେନ୍ଦୁଝର ସଂପର୍କରେ । ୧୮୮୭ ମସିହାରେ *'ନବସମ୍ବାଦ'*ରେ ପ୍ରକାଶିତ *'ଭ୍ରମଣକାରୀର ପତ୍ର'* ଓଡ଼ିଆ ଭ୍ରମଣସାହିତ୍ୟର ପ୍ରାଥମିକ ପ୍ରୟାସ । ଏଥିରେ କବିବର ରାଧାନାଥ ରାୟ ତାଳଚେର-ବାମଣ୍ଡା, ପାଲଲହଡ଼ା ଦେଇ କେନ୍ଦୁଝର ଭ୍ରମଣ କରିଥିବା ବିବରଣୀ ସ୍ଥାନିତ ହୋଇଛି । କେନ୍ଦୁଝରରେ ମାତ୍ର ଦୁଇଦିନ ରହଣିଭିତରେ ସେ ଅନୁଭବିଥିବା ଭ୍ରମଣାନୁଭୂତିକୁ ସେ ଏଥିରେ ଲିପିବଦ୍ଧ କରିଛନ୍ତି । ଏଥିରେ ବୈତରଣୀ ଅବବାହିକା ଅନ୍ତର୍ଗତ କୁଆଁରଗ୍ରାମ, କୁଆଁରଗ୍ରାମର ଅଧିଷ୍ଠାତ୍ରୀ ଦେବୀ ଲକ୍ଷ୍ମୀପାଟ, ଭୂୟାଁପୀଢ, ଗୋନାସିକା ପାହାଡ଼, ଜୁଆଙ୍ଗଗ୍ରାମ, ବୈତରଣୀ ନଦୀ, ଋଷିସଭା ଆଦିର ଧାରାବାହିକ ବର୍ଣ୍ଣନାରହିଛି । ଯେପରି, ସେଠାକାର ଭୂୟାଁଜାତିର ସ୍ୱାଧୀନତା ଓ ବିବାହକୁ ଲକ୍ଷ୍ୟକରିଛନ୍ତି ଲେଖକ । ତାଙ୍କ ବିବରଣୀ ଅନୁସାରେ : *"ପ୍ରତ୍ୟେକ ଆଦିମଜାତି ପରି ଭୂୟାଁମାନଙ୍କ ମଧ୍ୟରେ ସ୍ତ୍ରୀ ସ୍ୱାଧୀନତା ଯଥେଷ୍ଟ ଅଛି । ଅଧିକାଂଶ ସ୍ଥଳରେ ପରସ୍ପର ପ୍ରତି ପ୍ରଣୟଜନ୍ମିଲେ ସ୍ତ୍ରୀ ପୁରୁଷର ପ୍ରଣୟ ସଂଗଠିତ ହୁଏ । କଥୋପକଥନ ପ୍ରସଙ୍ଗରେ ଆମ୍ଭେମାନେ ଜଣେ ପ୍ରୌଢଭୂୟାଁକୁ ପଚାରିଲୁଁ "ତୁମ ପୁଅକୁ ବାହା କରେଇଛ ?" ପ୍ରୌଢ କହିଲେ, ' ନା, ବାହା କରେଇନାହିଁ । ଭେଣ୍ଡିଆ ହେଲାଣି, ତା' ମନକୁ ଆସିଲେ ବଳେ ଗୋଟାଏ ନେଇଆସିବ । ଆଜି ଖଣ୍ଡିଏ ପାନଦେବ, କାଲି ଟିକିଏ ଧୂଆଁପତ୍ର ଦେବ, ଏହିପରି କନ୍ୟାର ମନ ବସିଗଲେ ବାହା ହୋଇଗଲା ।' ଏହିକଥାରୁ ପାଠକବର୍ଗ ଏମାନଙ୍କ ସରଳଜୀବନ ଏବଂ ବିବାହପ୍ରଥାର ପରିଚୟ ପାଇପାରିବେ ।"* ପୁନଶ୍ଚ ଭ୍ରମଣକାଳରେ ରାଧାନାଥ ତତ୍କାଳୀନ କେନ୍ଦୁଝର-ଆନନ୍ଦପୁର ମାର୍ଗ, ଘଟଗାଁ ତାରିଣୀ ଆଦିର ପରିଚୟ ପ୍ରଦାନ କରିଛନ୍ତି; ଯହିଁରୁ ଅତୀତର କେନ୍ଦୁଝରକୁ ନିରେଖିବାର ଅବସର ପାଇପାରିବେ ପାଠକେ । ଲେଖକଙ୍କ ଭାଷାରେ : *"କେନ୍ଦୁଝରରେ ଆମ୍ଭେମାନେ ଦୁଇଦିନ ମାତ୍ର ଅବସ୍ଥାନ କରି ବସନ୍ତପୁର, ତରା, ବାଲିଯୋଡ଼ି ତୀରସ୍ଥିତ ଆନନ୍ଦପୁରରେ ଉପସ୍ଥିତ ହେଲୁଁ । ମାର୍ଗମଧ୍ୟରେ ଉଚିତ ବ୍ୟବଧାନରେ ମହାରାଜା ପୁଷ୍କରିଣୀମାନ ଖୋଳାଇଦେଇ ଅଛନ୍ତି । ମାତ୍ର ଆଜିପର୍ଯ୍ୟନ୍ତ ଆନନ୍ଦପୁରକୁ କେନ୍ଦୁଝରଗଡ଼କୁ ଗୋଟିଏସଡ଼କ ପ୍ରସ୍ତୁତ ନହେବା ଅତ୍ୟନ୍ତ ଦୁଃଖରକଥା । ଏମାର୍ଗ ଏମନ୍ତ କିଛି ବନ୍ଧୁର ଅଥବା ପର୍ବତସଙ୍କୁଳ ନୁହେଁଯେ, ରାଜପଥ ନିମନ୍ତେ ବ୍ୟୟସାଧ୍ୟ ହେବ । ଏ ମାର୍ଗରେ ଗମନାଗମନ ସମୟରେ ଲୋକେ କିପରି କଷ୍ଟରେ ପଡ଼ନ୍ତି, ଆମ୍ଭେମାନେ ତାହା ଅନୁଭବରୁ ଜାଣିଅଛୁଁ । ସମଗ୍ର ଗଡ଼ଜାତ ଭ୍ରମଣର କଷ୍ଟ ଏହି ଅଞ୍ଚଳରେ କେନ୍ଦ୍ରୀଭୂତ ପ୍ରାୟ ବୋଧହେଲା । ଏହି ମାର୍ଗରେ ମଧ୍ୟରେ ଘଟଗାଁ ସର୍ବପ୍ରଧାନ ସ୍ଥାନ । କେନ୍ଦୁଝରର ପ୍ରଧାନଦେବୀ ତାରିଣୀ ଏହିଠାରେ ଅଧିଷ୍ଠିତ । ଦେବୀଙ୍କର ଦୁଇମୂର୍ତ୍ତି । ପଥର ପାର୍ଶ୍ୱବର୍ତ୍ତୀ ଗୋଟିଏ କୁଞ୍ଜ ମଧ୍ୟରେ ଯେଉଁ ମୂର୍ତ୍ତି ପ୍ରତିଷ୍ଠିତ, ତାହା ସାଧାରଣ ଲୋକେ ଦେଖନ୍ତି ଏବଂ ପୂଜା କରନ୍ତି । ରାଜାଙ୍କ ଦର୍ଶନସକାଶେ ଅରଣ୍ୟ ମଧ୍ୟରେ ସ୍ୱତନ୍ତ୍ର ମୂର୍ତ୍ତି ଅଛନ୍ତି । ଶୁଣିବାରେ ରାଜା ଏବଂ ଦେହୁରୀ ବ୍ୟତୀତ ଏ ମୂର୍ତ୍ତି ଦେଖିବାର ଆଉ କାହାରି ଅଧିକାର ନାହିଁ । ଦେବୀଙ୍କଠାରେ ବଳିଦାନ ନିମିତ୍ତ ଅନେକ ଛାଗ ଆସୁଥିବାର ଦେଖାଗଲା ।"*

ଏହି ଭ୍ରମଣ ରାଧାନାଥଙ୍କ କାବ୍ୟକୃତିକୁ ମଧ୍ୟ ପ୍ରଭାବିତ କରିଛି ପରବର୍ତ୍ତି କାଳରେ । କେନ୍ଦୁଝରର ପ୍ରାକୃତିକ ସୁଷମା, ଆଦିବାସୀ ମଣିଷ ଓ କାରୁଶିଳ୍ପ ତାଙ୍କୁ ବେଶ୍ ଆକର୍ଷିତ କରିଥିଲା, ଯାହାକୁ ସେ ପ୍ରସଙ୍ଗକ୍ରମେ ଆପଣାର କାବ୍ୟରେ ଆଙ୍କିବାକୁ ପ୍ରଯତ୍ନ କରିଅଛନ୍ତି । ବୈତରଣୀ ନଦୀର ଉତ୍ପତ୍ତି ଏବଂ ପବିତ୍ରତା ସମ୍ବନ୍ଧରେ କବିବର 'ପାର୍ବତୀ'ରେ ଉଲ୍ଲେଖ ଅଛି :

"ଖଣ୍ଡାଧାର ଚଣ୍ଡ- ପ୍ରପାତ-ଶବଦେ
ଝଙ୍କାରିତ ଗର୍ଭ ଯା'ର
ଅଟଇ ଯେ ସ୍ଥଳୀ ବୈତରଣୀଙ୍କର
ନିର୍ଜନ ସୂତିକାଗାର ।

'ଉଷା' କାବ୍ୟରେ କୁହାଯାଇଛି :

"ଗୋନାସିକା-ଶୈଳ-ସୁତା-ପୁତା-ସ୍ରୋତେ ଡାଳେ ଯେ ଜଳ
ପ୍ରକ୍ଷାଳି ସଙ୍ଗମେ ଆଖଣ୍ଡଳମଣି-ପାଦ-କମଳ ।"

'ପାର୍ବତୀ'କାବ୍ୟରେ ଭୂୟାଁମାନଙ୍କ ବୀରତ୍ୱ ସମ୍ବନ୍ଧରେ ରାଧାନାଥ କହିଛନ୍ତି :

"ଦଣ୍ଡଦେବୀ ଅଧିଷ୍ଠିତ ସେହି ଶୈଳେ
ଶାଳ କାଷ୍ଠ କରି ଗଦା
ଅନଳ ଲଗାଇ ହୋଇଥିବେ ମତ୍ତ
ସଙ୍ଗୀତେ ଭୂୟାଁ ପ୍ରମୋଦା ।"

ସେହିପରି 'ଫକୀରମୋହନ ସେନାପତିଙ୍କ ରଚନାରେ ମ୍ଭ କେନ୍ଦୁଝରର ବିସ୍ତୃତ ବିବରଣୀକୁ ପାଠକେ ଲକ୍ଷ୍ୟକରିଥାନ୍ତି । କେନ୍ଦୁଝର କିଲ୍ଲାକୁ ମ୍ୟାନେଜର ହୋଇଆସିବା ପରେ ଆନନ୍ଦପୁର, ଘଟଗ୍ରାମ(ଘଟଗାଁ), ରାଇସୁଆଁ ସହ ତାଙ୍କର ପ୍ରତ୍ୟକ୍ଷ ସଂପର୍କ, ପ୍ରଜାବିଦ୍ରୋହ ଏବଂ ଭୂୟାଁମେଳି ସହ ଥିବା ଓତଃପ୍ରୋତତା ଆଦି ଅନେକପ୍ରସଙ୍ଗ ତାଙ୍କ ସ୍ୱୀକାରୋକ୍ତିରୁ ଜଣାପଡ଼େ । *'ଆତ୍ମଚରିତ'* ଏବଂ *'ଉତ୍କଳ ଭ୍ରମଣଂ'* ଏହାର ଯଥାର୍ଥ ପ୍ରମାଣ । ଏହି ପୁସ୍ତକରେ କେନ୍ଦୁଝର ଭ୍ରମଣ ଏବଂ ସେଠାରେ ନିଜର କାର୍ଯ୍ୟଧାରା ସଂପର୍କରେ ସେ ସୂଚନା ପ୍ରଦାନ କରିଅଛନ୍ତି । ତେଣୁ ଲକ୍ଷ୍ୟକଲେ ଜଣାଯାଏ, ବହୁ ସାହିତ୍ୟିକଙ୍କ ଲେଖାରେ କେନ୍ଦୁଝରକୁ ନେଇ ଆଲେଖ୍ୟ ପ୍ରକାଶିତ ହୋଇଛି । ଭ୍ରମଣଜନିତ ଆବେଦନ ତହିଁରେ ଊଣାଅଧିକେ ଦୃଷ୍ଟିଗୋଚର ହୋଇଥାଏ । ସେହିପରି ୧୯୦୭ ମସିହାରେ 'ଉଦାସୀ' ଛଦ୍ମନାମରେ ଉମେଶଚନ୍ଦ୍ର ସରକାର *'କେନ୍ଦୁଝର ବିଦ୍ରୋହ'* ନାମକ ଧାରାବାହିକ ଉପନ୍ୟାସ ରଚନା କରିଥିବାର ଜଣାଯାଏ; ମାତ୍ର ତାହା ଅସଂପୂର୍ଣ୍ଣ ରହିଯାଇଥିଲା ।

କେନ୍ଦୁଝର ବହୁ ଆଗନ୍ତୁକ, ଭ୍ରମଣକାରୀ, ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । କେବଳ ଓଡ଼ିଆ ସାହିତ୍ୟ କାହିଁକି, ବଙ୍ଗୀୟ ଭ୍ରମଣସାହିତ୍ୟରେ ମ୍ଭ କେନ୍ଦୁଝର ସ୍ଥାନିତ ହୋଇଛି । ବିଂଶ ଶତାବ୍ଦୀର ଦ୍ୱିତୀୟଦଶକ ବେଳକୁ ମଣୀନ୍ଦ୍ରନାଥ ମୁସ୍ତୋ'ଫୀ ନାମକ ଜଣେ ବଙ୍ଗୀୟ ବ୍ୟକ୍ତି କେନ୍ଦୁଝର ଭ୍ରମଣରେ ଆସି ତାଙ୍କ ଭ୍ରମଣାନୁଭୂତି ବା ଭ୍ରମଣବୃତ୍ତାନ୍ତକୁ ତତ୍କାଳୀନ ବଙ୍ଗ ସାହିତ୍ୟ-ପତ୍ରିକାରେ ଧାରାବାହିକ ଭାବେ ପ୍ରକାଶ କରାଇଥିଲେ । ଯହିଁରେ ତତ୍କାଳୀନ କେନ୍ଦୁଝରର ଅବସ୍ଥା, ଗଡ଼ଜାତ ଶାସନ ଓ ଶାସକଙ୍କ ପରିଚୟ, ଲୋକସମାଜ. ଚଳଣି-ପରମ୍ପରା, ଗମନାଗମନ ବ୍ୟବସ୍ଥା, ଆଦିବାସୀ ମଣିଷର ପରିଚୟ, ବିଭିନ୍ନ ସ୍ଥାନର ପ୍ରତ୍ୟକ୍ଷ ବିବରଣୀ ପ୍ରଦତ୍ତ ହୋଇଛି । ଏଥିରେ ଅତୀତର କେନ୍ଦୁଝରଗଡ଼କୁ ପାଠକେ ଭେଟିବାସହ ତତ୍କାଳୀନ ଗଡ଼ଜାତୀ ଇଲାକା, ରାସ୍ତାଘଟ, ଗମନାଗମନ ବ୍ୟବସ୍ଥା, ସ୍ଥାନୀୟ ଜୀବନ-ଜୀବିକାକୁ ମ୍ଭ ଦେଖିବାର ସୁଯୋଗ ପାଇଥାନ୍ତି । ସେହି ଭ୍ରମଣ ପ୍ରସଙ୍ଗ ସଂପର୍କରେ ଓଡ଼ିଆ ପାଠକଙ୍କୁ ଅବଗତ କରାଇବା ହେଉଛି ଉକ୍ତ ପ୍ରବନ୍ଧର ଉଦ୍ଦେଶ୍ୟ ।

ବଙ୍ଗଳାର ଜଣେ ସୁପରିଚିତ ଭ୍ରମଣକାରୀ ଭାବରେ ମଣୀନ୍ଦ୍ରନାଥ ମୁସ୍ତୋଫୀଙ୍କୁ ସ୍ମରଣ କରାଯାଏ । ଯାହାଙ୍କ ସଂପର୍କରେ ବଙ୍ଗ ସାହିତ୍ୟରେ ମଧ୍ୟ ବିଶେଷ ଅଭାଲୋଚନା ହେବାର ଲକ୍ଷ୍ୟ କରାଯାଏ ନାହିଁ । ସାଇକେଲରେ ଭାରତ ଭ୍ରମଣକରିବାରେ ସେ ହିଁ ପଥିକୃତ୍ । ଓଡ଼ିଶା ଭ୍ରମଣ ବିଶେଷକରି କେନ୍ଦୁଝର ଭ୍ରମଣରେ ଆସି ସେଠାକାର ପ୍ରକୃତି, ପରିବେଶ, ଗଡ଼ଜାତ ମହଲ, ସ୍ଥାନୀୟ ଆଦିବାସୀ ଏବଂ ଅଧିବାସୀଙ୍କ ଜୀବନଧାରାକୁ ଅବଲୋକନ କରି ମୁଗ୍ଧ ହୋଇଛନ୍ତି । ସେହି ମୁଗ୍ଧବିଭୋର ଅନୁଭୂତିକୁ ସେ ଲିପିବଦ୍ଧ କରିଛନ୍ତି ତାଙ୍କ ଭ୍ରମଣବୃତ୍ତାନ୍ତରେ । ଜଣେ ବଙ୍ଗୀୟ ପର୍ଯ୍ୟଟକ ଦୃଷ୍ଟିରେ କେନ୍ଦୁଝରର ଭୌଗୋଳିକ ଅବସ୍ଥିତି ଯେପରି ରୂପାୟିତ ହୋଇଛି ; ତାଙ୍କ ଲେଖକୀୟ ଆବେଦନ ଭିତରେ ସେହି ଅନୁଭୂତି ଓ ଅନୁରାଗ ବେଶ୍ ସୁନ୍ଦର ଭାବରେ କଳାତ୍ମକ ରୂପ ପରିଗ୍ରହ କରିଛି । ୧୯୨୭ ମସିହା ଅକ୍ଟୋବର ୧ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ନିଜ ସାଥୀମାନଙ୍କ ସହ ସାଇକେଲରେ କଲିକତାରୁ ପୁରୀ ଯାତ୍ରା କରିଥିଲେ । ୨୨ଦିନ ଭିତରେ ଅତିକ୍ରାନ୍ତ ପଥ ୮୨୬ ମାଇଲ । କଲିକତାରୁ ଗ୍ରାଣ୍ଡ୍ ଟ୍ରଙ୍କ୍ ରୋଡ଼୍‌ଧରି ବରାକର ବାମପଥ ଦେଇ ପୁରୁଲିଆ, ରାଞ୍ଚି, ଚାଇଁବସା, ଟାଟାନଗର, କେନ୍ଦୁଝର, ଯାଜପୁର, କଟକ, ଭୁବନେଶ୍ୱର ଏବଂ ଚିଲିକା ହ୍ରଦ ଦେଖି ପୁରୀଧାମରେ ପଦାର୍ପଣ କରିଥିଲେ । ଏହି ଭ୍ରମଣାନୁଭୂତିକୁ ସେ *'ଦ୍ୱିଚକ୍ରେ କ୍ୟାଲକାଟା ହୁଇଲାର୍ସ'* ଶୀର୍ଷକ ଭ୍ରମଣବୃତ୍ତାର ବର୍ଣ୍ଣନା କରିଛନ୍ତି । ୧୯୨୭ ମସିହାରେ *'ଭାରତବର୍ଷ'* ପତ୍ରିକାର ଜ୍ୟେଷ୍ଠ ୧୩୩୫ ବଙ୍ଗାବ୍ଦର ୧୫ ତମ ସଂଖ୍ୟାରେ ଏକ ସଂକ୍ଷିପ୍ତ ଅଂଶ ପ୍ରକାଶ କରିଥିଲେ । କେନ୍ଦୁଝର ଅଭିମୁଖେ ଯାତ୍ରା କରିଥିଲେ ଅକ୍ଟୋବର ୧୨ରୁ । ପରେ ଜାମସେଦପୁର ଟାଟା କାରଖାନା ଦର୍ଶନ, ଚାଇଁବସାଦେଇ କରଦରାଜ୍ୟ କେନ୍ଦୁଝର ଯାତ୍ରା । ପରବର୍ତ୍ତୀକାଳରେ ସେ ତାଙ୍କ ଭ୍ରମଣଗ୍ରନ୍ଥ *'ଭ୍ରମଣେର ନେଶା'*ରେ ଏହାକୁ ସଂଯୋଜିତ କରିଛନ୍ତି ।

ସିଂହଭୂମର ଚାଇଁବସା ଛାଡ଼ି ସାଥୀମାନଙ୍କ ସହ ସାଇକେଲରେ ବାରମାଇଲ ଜଙ୍ଗଲରାସ୍ତା ଦେଇ ଯିବାପରେ ବୈତରଣୀ ନଦୀକୂଳେ ଆସି ପହଞ୍ଚିଛନ୍ତି ଲେଖକ । ସିଂହଭୂମ ଜିଲ୍ଲାର ଶେଷସୀମା ଜୟନ୍ତୀଗଡ଼ ଗ୍ରାମରେ ବିଶ୍ରାମକରି ନଦୀର ଆରପାରିରେ ଥିବା କେନ୍ଦୁଝର ରାଜ୍ୟର ଶୋଭାକୁ ଉପଭୋଗ କଲାପରେ ନଦୀ ଉପରେ ବନ୍ଧାଯାଇଥିବା ଅସ୍ଥାୟୀ ସେତୁରେ ବୈତରଣୀ ପାରହୋଇ କେନ୍ଦୁଝର ରାଜ୍ୟର ମହକୁମା ଚମ୍ପୁଆରେ ଆସି ଉପସ୍ଥିତ ହୋଇଥିଲେ । ସେଠାକାର କୋତୱାଲ୍ ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନକୁମାର ବନ୍ଦ୍ୟୋପାଧ୍ୟାୟଙ୍କ ସାହଚର୍ଯ୍ୟ ଲାଭକରିଥିଲେ । ଅକ୍ଟୋବର ୧୬ରେ ପୁଣି ଚମ୍ପୁଆରୁ ଆଗକୁ ବଢିଲେ । ଦଳର କ୍ୟାପ୍ଟେନଙ୍କ ସାଇକେଲର ଫ୍ରି-ହୁଇଲ୍ ଭାଙ୍ଗିଯିବା କାରଣରୁ ପଳାଶପଙ୍ଗାରେ ଅଟକିଲେ । ସେଠାକାର ହାଟରୁ କିଛି ଆବଶ୍ୟକୀୟ ସାମଗ୍ରୀ କିଣିଥିଲେ । ସେକାଳରେ କେନ୍ଦୁଝରରେ ପ୍ରଚଳିତ ବ୍ୟବସାୟ ସଂପର୍କରେ ଲେଖକ କହିଛନ୍ତି :*"ଏଠାରେ ପଇସାଦ୍ୱାରା ଦ୍ରବ୍ୟାଦି କ୍ରୟକରିବା ଅପେକ୍ଷା କୌଣସି ଦ୍ରବ୍ୟ ପରିବର୍ତ୍ତେ ଦ୍ରବ୍ୟ କ୍ରୟ କରିବାର ରୀତି ଅଧିକ ପ୍ରଚଳିତ ।"* କୌଣସି ସ୍ଥାନରେ ସାଇକେଲର ଫ୍ରି ହୁଇଲ ବା ମରାମତିର ସୁଯାଗ ନପାଇ ବହୁ କଷ୍ଟରେ ୨୨ମାଇଲ ଉଠାଣି ଗଡ଼ାଣି ରାସ୍ତାରେ ସାଥୀ ସାଇକେଲ ଆରୋହୀଙ୍କ ସହଯୋଗରେ ଆସି

ପଦାର୍ପଣ କରିଛନ୍ତି କେନ୍ଦୁଝରର ରାଜଧାନୀରେ । ଆସିବାକାଳରେ ଚମ୍ପୁଆ ରାସ୍ତା, ପଳାଶପଙ୍ଗା ଅଞ୍ଚଳର ମୁଗ୍ଧକର ବର୍ଣ୍ଣନା ପ୍ରଦାନ କରିଛନ୍ତି ଲେଖକ । ବଣପାହାଡ଼ଘେରା ପ୍ରାକୃତିକ ସୌନ୍ଦର୍ଯ୍ୟମଣ୍ଡିତ କେନ୍ଦୁଝରର ଶୋଭାଶ୍ରୀ ଲେଖକଙ୍କୁ ହତବାକ୍ କରାଇଛି । କେନ୍ଦୁଝରର ରାଜଉଆସ, ଗଡ଼ଦର୍ଶନ ସହ ମହାରାଜା ବଳଭଦ୍ର ଭଞ୍ଜଦେଓଙ୍କ ଆତିଥ୍ୟ ଲାଭକରି ସେ ହୋଇଛନ୍ତି ଚମତ୍କୃତ । କେନ୍ଦୁଝରର ଅବସ୍ଥିତି, ସେଠାକାର ରାଜଉଆସ, ରାସ୍ତାଘାଟର ବର୍ଣ୍ଣନାଦେଇ ଲେଖକ କହିଛନ୍ତି : *"କିୟଣ୍‌ଝଡ଼(କେନ୍ଦୁଝର) ଏକ ସୁନ୍ଦର ପାହାଡ଼ୀ ସହର । ରାଜ୍ୟର ପରିସର ପ୍ରାୟ ୩୦୯୬ ବର୍ଗମାଇଲ । ଉଚ୍ଚନୀଚ ଚଉଡ଼ା ରାସ୍ତାଗୁଡ଼ାକ ସହରସାରା ବିକ୍ଷିପ୍ତ । ଚତୁର୍ଦ୍ଦିଗରେ ପାହାଡ଼ସବୁ ସହରଟିକୁ ପ୍ରାଚୀରଭଳି ଗଡ଼ବନ୍ଦୀ କରିରଖିଛି । ଉଦ୍ୟାନବେଷ୍ଟିତ ଘରଗୁଡ଼ିକ ସବୁଯାକ ବଙ୍ଗ୍‌ଲୋ ଭଳି । ଯେଉଁମାନେ ରାଜ୍ୟ ସରକାରଙ୍କ ପାଖରେ କାମ କରନ୍ତି, ସେମାନଙ୍କ ବ୍ୟତୀତ ଏ ସହରର ବେଶୀଭାଗ ଜଙ୍ଗଲୀ ଓ ଓଡ଼ିଆ । ରାଜ୍ୟର ଲୋକସଂଖ୍ୟା ପ୍ରାୟ ତିନିଲକ୍ଷ । କେନ୍ଦୁଝର ବହୁ ପୁରାତନ କରଦରାଜ୍ୟ (Feudatory State) । ଏଠାକାର ବର୍ତ୍ତମାନର ରାଜା (Chief) ବଳଭଦ୍ର ଭଞ୍ଜଦେଓ ନାବାଳକ ହୋଇଥିବାରୁ ରାଜ୍ୟର ସୁପରିଟେଣ୍ଡେଣ୍ଟ ରାଜକାର୍ଯ୍ୟ ପରିଚାଳନା କରନ୍ତି । ଶ୍ରୀଯୁକ୍ତ ପ୍ରାଣବଲ୍ଲଭ ଦେ S.D.O ମହାଶୟ ଏବେ ଏଠାକାର Acting Superitendent । ଶୁଣିଲି, ରାଜା ବାହାଦୂର ଖୁବ୍‌ଶୀଘ୍ର ସାବାଳକତ୍ୱ ପ୍ରାପ୍ତ ହେବେ । ଏହାଙ୍କ ପିତା ସ୍ୱର୍ଗୀୟ ରାଜା ଗୋପୀନାଥ ନାରାୟଣ ଭଞ୍ଜଦେଓ ଅତିଶୟ କଡ଼ା ଓ ନିପୁଣ ବିଜ୍ଞ ରାଜା ଥିଲେ । ଉକ୍ତ ରାଜ୍ୟର ବାର୍ଷିକଆୟ ପ୍ରାୟ ଦଶଲକ୍ଷ ଟଙ୍କା ଏବଂ ରକ୍ଷିତ ବଣଜଙ୍ଗଲ ଆଦିରୁ ପ୍ରାପ୍ତ କରିଥାନ୍ତି ତିନିଲକ୍ଷ ଟଙ୍କା । ଏଠାକାର ଜଗନ୍ନାଥ ଦେବଙ୍କ ମନ୍ଦିର ଓ ଦରବାର ହେଉଛି ଦେଖିବାର ଜିନିଷ । ରାଜା ବଳଭଦ୍ର ଦେବଙ୍କ ପୁରାତନ ପ୍ରାସାଦ ସହରରୁ ପ୍ରାୟ ୧୦ ମାଇଲ ଦୂରରେ ପାହାଡ଼ କଟାଯାଇ ତିଆରି କରାଯାଇଛି । ସେ ପ୍ରାସାଦ ଗୋଟିଏ ଅନ୍ଧକାରମୟ ଦୁର୍ଗଭଳି । ସେଥିପାଇଁ ସେହିକାଳର ପ୍ରାସାଦରେ ବାସକରିବାର ଅସୁବିଧା ହେତୁ ରାଜା ବାହାଦୂରଙ୍କ ସହର ମଝିରେ ନୂତନ ରାଜବାଟୀ ନିର୍ମିତ ହେଉଛି ।"* (ଭାରତବର୍ଷ-୧୯୨୭, ପୃଷ୍ଠା-୮୯୪)

ରାଜାଙ୍କ ଆତିଥ୍ୟ ଏବଂ ଆନ୍ତରିକପୂର୍ଣ୍ଣ ବ୍ୟବହାରରେ ଲେଖକଙ୍କ ସମେତ ଅନ୍ୟସମସ୍ତ ସାଇକେଲ ଯାତ୍ରୀ ବେଶ୍ ଉଲ୍ଲସିତ ହୋଇଥିଲେ । ରାଜା ବଳଭଦ୍ର ଭଞ୍ଜଦେଓ ମ୍ୱ ଦରବାରରେ ସେମାନଙ୍କର ରାତ୍ରିରହଣିର ବ୍ୟବସ୍ଥା କରାଇଥିଲେ । ଲେଖକ ତାଙ୍କ ଭ୍ରମଣସାହିତ୍ୟରେ କେନ୍ଦୁଝର ରାଜାଙ୍କ ଆତିଥେୟ ଏବଂ ଅତିଥି ପରାୟଣତାକୁ ଉଲ୍ଲେଖ କରିଅଛନ୍ତି । ରାଜା ଆଗନ୍ତୁକଙ୍କ ବିଦାୟପାଇଁ ଏକ ସଭାର ଆୟୋଜନ କରିବାସହ ଖରାପ ହୋଇଯାଇଥିବା ସାଇକେଲ ପାଇଁ ଫ୍ରି ହୁଇଲ୍‌ର ବ୍ୟବସ୍ଥା କରାଇଛନ୍ତି । ଜଣେ ରାଜକର୍ମଚାରୀ ତାଙ୍କ ପାଖରେ ଥିବା ସାଇକେଲରୁ ତାହାକୁ ଖୋଲି ଭ୍ରମଣକାରୀଙ୍କ ସାଇକେଲ ଉଦ୍ଦେଶ୍ୟରେ ଦେବାରୁ ସମସ୍ୟାର ସମାଧାନ ହୋଇପାରିଛି । ସେ ସମୟରେ ସାଇକେଲର ପ୍ରଚଳନ କେତେଜଣ ମୁଷ୍ଟିମେୟ ବ୍ୟକ୍ତିବିଶେଷଙ୍କ ମଝିରେ ସୀମିତ ଥିଲା । ତେଣୁ, ଗଡ଼ଜାତ ମହଲରେ ସାଇକେଲ ମରାମତିପାଇଁ ଦୋକାନ ବା ଆବଶ୍ୟକୀୟ ଉପକରଣ ମିଳିବା ଥିଲା ଦୁର୍ଲଭ । ଲେଖକଙ୍କ ବର୍ଣ୍ଣନାଭିତରେ ସେହିସବୁ ପରିସ୍ଥିତିର ଏକ ସ୍ଥିରଚିତ୍ରକୁ ପାଠକେ ଲକ୍ଷ୍ୟକରିପାରନ୍ତି । ପୁନଶ୍ଚ, ଘଟଗାଁ ଅଭିମୁଖେ ଯାତ୍ରାକରିବା ପୂର୍ବରୁ ରାଜା ଟେଲିଫୋନ୍‌ଯୋଗେ ସେଠାକାର ଦାରୋଗାବାବୁଙ୍କୁ କହି ସେମାନଙ୍କ ଲାଗି ବିଶ୍ରାମର ବ୍ୟବସ୍ଥା କରାଇଦେବାଆଦି ଘଟଣାବଳୀକୁ ଲେଖକ ମଣୀନ୍ଦ୍ରନାଥ ଆବେଗପୂର୍ଣ୍ଣ ଶୈଳୀରେ ଉପସ୍ଥାପନ କରିଛନ୍ତି । ଏଥିସହିତ ସେଠାରୁ ଯିବାସମୟରେ ଦେଖିଥିବା ସେଠାକାର ଘଞ୍ଚ ଜଙ୍ଗଲ ଓ ପରିବେଶକୁ ସେ ନିଖୁଣଭାବରେ ସ୍ଥାନିତ କରିଛନ୍ତି ଉକ୍ତ ଭ୍ରମଣକାହାଣୀରେ । ଘଟଗାଁର ନିବିଡ଼ ଅରଣ୍ୟ ସହ ଜଙ୍ଗଲୀ ଜନ୍ତୁମାନଙ୍କର ଅବାଧ ବିଚରଣର ପ୍ରସଙ୍ଗକୁ ପଢିଲେ ଏକ ରହସ୍ୟ-ରୋମାଞ୍ଚକର ଯାତ୍ରାକୁ ପ୍ରତ୍ୟକ୍ଷ କଲାଭଳି ଅନୁଭବ ହେବ । ସେଠାକାର ପରିବେଶର ବର୍ଣ୍ଣନା ଦେଇଛନ୍ତି ଲେଖକ ଏହିପରି : *" ପ୍ରାୟ ସାଢେ ବାରଟାରେ 'ଘଟଗାଁଓ' ନାମକ କ୍ଷୁଦ୍ର ଗ୍ରାମରେ ଆସି ପହଞ୍ଚିଲୁ । ଏତାରେ ଗୋଟିଏ ଥାନା ରହିଛି । ରାଜାବାହାଦୂର ଟେଲିଫୋନ୍ ଯୋଗେ ଏଠାକାର ଦାରୋଗାବାବୁଙ୍କୁ ଆମମାନଙ୍କର ବିଶ୍ରାମର ସମସ୍ତ ବନ୍ଦୋବସ୍ତ କରିବାପାଇଁ ଜଣାଇଦେଇଥିଲେ । ଆମେମାନେ ପହଞ୍ଚିବା ମାତ୍ରେ ଦାରୋଗାବାବୁ ସାଦରେ ଅଭ୍ୟର୍ଥନା ଜଣାଇଲେ । ସ୍ନାନାହାର ଶେଷକରି ନିନ ପ୍ରାୟ ଅଢେଇଟା ସମୟରେ ବାହାରିପଡ଼ିଲୁ । ଏଇ ଥାନାର କିଛିବାଟ ଗଲାପରେ କେନ୍ଦୁଝର ରାଜ୍ୟର ସୁବିଖ୍ୟାତ ବିଶାଳ ବନଭୂମି 'ଘଟଗାଁଓ-ଜଙ୍ଗଲ' ଏଥର ୨୦ ମାଇଲ ଧରି ପଡ଼ିବ । ରାସ୍ତାସାରା ବାଲି । ଗାଡ଼ିର ଚକା ମଝିରେ ମଝିରେ ବସି ଯାଉଥାଏ, ପୁଣି ଖସିଯାଇ ଆରୋହୀ ସମେତ ଖସିପଡୁଥାଉ । କେଉଁଠାରେ ସ୍ଥାନେସ୍ଥାନେ ତାରାଗଛ ଜନ୍ମିଛି । ବିକ୍ଷିପ୍ତ ପ୍ରସ୍ତରଖଣ୍ଡ ମଝିରେ ଗାଡ଼ିର ଗତିକୁ ସଂଯତ କରିବାକୁ ହେଉଥିଲା । ଦୁଇପାର୍ଶ୍ୱର ନିର୍ମୁକ୍ତ ଭୂମିଖଣ୍ଡ କ୍ରମେକ୍ରମେ ଶାଳ, ବେଲ, ନିମ୍ବ, ଆତ ପ୍ରଭୃତି ବୃକ୍ଷରାଜିଦ୍ୱାରା ଘନ ସନ୍ନିବିଷ୍ଟ ହୋଇପଡୁଥାଏ । ଅରଣ୍ୟାଭ୍ୟନ୍ତର ମ୍ଳାହ୍ନରେ ବି ଅନ୍ଧକାରରେ ପରିଣତ ହୋଇଗଲା । ଛୋଟବଡ଼ ଅଂସଖ୍ୟ ପାହାଡ଼ କ୍ରମଶଃ ମୁଣ୍ଡଉଠାଇ ଛିଡ଼ାହେବାକୁ ଲାଗିଲା । ବଣ ଆରମ୍ଭ ହେଲା । xxx ଜନପ୍ରାଣୀହୀନ ନିରୋଳା ବନପଥରେ ଶଙ୍କିତ ହୃଦୟରେ ଅତି ସନ୍ତର୍ପଣରେ ଆଉ କେତେପାଦ ଆଗକୁ ବଢିବାମାତ୍ରେ, ଦେଖିଲି କି ସାଂଘାତିକ ! ବଣୁଆହାତୀଙ୍କ ଦଳ ଉନ୍ମତ୍ତଙ୍କ ଭଳି ଏଇ ବନରାଜିକୁ ଲୁପ୍ତ ବିଲୁପ୍ତକରି ସେମାନଙ୍କ ଶକ୍ତିର ପରିଚୟ ଦେଉଥାନ୍ତି । ଅଜ୍ଞାନତାବଶତଃ କେତେବେଳେଯେ ଗାଡ଼ିରୁ ଓହ୍ଲାଇପଡ଼ିଛି, ତାହା ସ୍ମରଣ ନାହିଁ । ବନ୍ଧୁମାନେ ପଛରେ ଆସୁଥିଲେ,*

ସେମାନେ ମୋତେ ଏଇଭଳି ଗାଡ଼ିରୁ ଓହ୍ଲାଇବା ଦେଖି ଯେତେବେଳେ ପ୍ରଶ୍ନକଲେ, "ଘଟଣା କ'ଣ ?" ସେତେବେଳକୁ ମୋର ଜ୍ଞାନ ଆସିଲା । ଶୀଘ୍ରଶୀଘ୍ର ବଣ ଭିତରକୁ ଅଙ୍ଗୁଳି ନିର୍ଦ୍ଦେଶକରି ସେଇ ଅଭାବନୀୟ ଦୃଶ୍ୟ ଦେଖାଇବାକ୍ଷଣି ହିଁ, ଏଥର ଯେ ଗୋଟାଏ ପ୍ରଳୟଆସି ଉପସ୍ଥିତ ମନେକରି ସମସ୍ତଙ୍କର ମୋଭଳି ଅବସ୍ଥା ହେଲା । xxx ସ୍ଥାନେସ୍ଥାନେ ନାଳିଭିତରେ ବଡ଼ବଡ଼ ଘାସର ଜଙ୍ଗଲ । ଘାସ ଭିତରେ ବାଘ ମହାଶୟ ଅନାୟାସରେ ଲୁଚିଥାଇ ପାରେ; କିନ୍ତୁ ବାଘ କି ସାପ କଥା ଏସମୟରେ ଆଉ ଆମମାନଙ୍କର ଖିଆଲରେ ନାହିଁ । ଉପସ୍ଥିତ ବିପଦରୁ ରକ୍ଷାପାଇବା ଆଶାରେ ବଡ଼ବଡ଼ ଘାସଗୁଡ଼ିକୁ ମଥିତକରି ଆଗେଇ ଚାଲୁଥାଏ । ମଝିରେ ମଝିରେ ମୁଣ୍ଡଉଠାଇ ଟୋପି ଆଢୁଆଳରେ ହାତୀଦଳଙ୍କ ପ୍ରତି ସଭୟ ଦୃଷ୍ଟିପାତ ମ୍ଭ କରୁଥାଏ । ପ୍ରାୟ କୋଡ଼ିଏ ମିନିଟ୍ ଧରି ନାଳିଭିତରେ ଶୋଇଶୋଇ ଆଗକୁ ଯିବାପରେ ଦେଖିଲି ଆଉ ନାଳି ନାହିଁ । ପାହାଡ଼ିରାସ୍ତା ପୁରା ଆଗକୁ ଲମ୍ବିଯାଇଛି । କ'ଣ ଆଉ କରାଯିବ! ଟୋପି ସାହାଯ୍ୟରେ ବେକଉଠାଇ ଦେଖିଲି, ହାତୀମହାଶୟଙ୍କ ଦଳକୁ ୨୦ଗଜ ଦୂରରେ ଛାଡ଼ିଆସିଛୁ । ତେଣୁ ସମସ୍ତେ ଦ୍ରୁତପଦରେ ରାସ୍ତାକୁ ଉଠି ସାଇକେଲ ଆରୋହଣ କରି ତ୍ରସ୍ତ ହୃଦୟରେ ସେଇ ପାହାଡ଼ିରାସ୍ତାରେ ପ୍ୟାଡ଼େଲ ମାରିମାରି 'ଜୀବନ୍ତ ଜଙ୍ଗଲ' ଅତିକ୍ରମକରି ସନ୍ଧ୍ୟା ଛ'ଟାରେ ଘସିପୁରାରେ ଆସି ସେଠାକାର ଡାକ୍ତରବାବୁଙ୍କ କୃପାରୁ ଦାତବ୍ୟ ଚିକିତ୍ସାଳୟର ଗୋଟିଏ ଘରେ ଆଶ୍ରୟନେଲୁ ।"

ମନୋରମ ପ୍ରକୃତି ଭିତରେ ହାତୀ-ବାଘଭରା ଘଟଗାଁର ଶାଳଜଙ୍ଗଲର ଭୟାବହ ଦୃଶ୍ୟକୁ ଲେଖକ ଯେପରି ଅନୁଭବ କରିଛନ୍ତି, ସେଠାକାର ଲୋକଜୀବନ, ବିପଦପୂର୍ଣ୍ଣ ପରିବେଶ ଭିତରେ ଜନଜୀବନର ସ୍ୱାଭାବିକତାକୁ ଦେଖି ସେହିପରି ଆଶ୍ଚର୍ଯ୍ୟ ହୋଇଛନ୍ତି । ପାଠକେ ଏହି ବର୍ଣ୍ଣନାଭିତରେ ତତ୍କାଳୀନ କେନ୍ଦୁଝର, ଘଟଗାଁ, ଘସିପୁରା, ଆନନ୍ଦପୁରର ଭୌଗୋଳିକ ରୂପକୁ ଅନୁମାନ କରିପାରିବେ । ଭ୍ରମଣସାହିତ୍ୟରେ ଯେ କେବଳ ଭ୍ରମଣକାରୀର ଆଖିଦେଖା ବିବରଣୀ ସ୍ଥାନିତ ହୋଇଥାଏ ତାହା ନୁହେଁ ; ତହିଁରୁ ଉକ୍ତ ସ୍ଥାନ, ଜନବସତି, ଚଳଣି, ବ୍ୟବସ୍ଥାଦି ସଂପର୍କରେ ଏକ ସ୍ୱଷ୍ଟ ଧାରଣା ମଧ୍ୟ କରିହୁଏ । ମଣୀନ୍ଦ୍ରନାଥ ମୁସ୍ତୋ'ୀଙ୍କର କେନ୍ଦୁଝର ଭ୍ରମଣକୁ ପାଠକଲେ ସେସମୟ ସହିତ ଏବେକାର ସମୟକୁ ଯୋଡ଼ି ତାହାର ପ୍ରଗତିଶୀଳ ଚିତ୍ରକୁ ତୁଳନା କରିପାରିବେ ପାଠକ । ଲେଖକ କେବଳ କେନ୍ଦୁଝରର ପ୍ରାକୃତିକ ଏବଂ ଭୌଗୋଳିକ ଚିତ୍ର ଆଙ୍କିନାହାନ୍ତି ; ସେସବୁକୁ ଆଙ୍କିବାରେ ନିଜର ସୃଜନକଳାକୁ ମ୍ଭ ପ୍ରୟୋଗ କରିଛନ୍ତି । ଏହାହିଁ ଭ୍ରମଣ ସାହିତ୍ୟର ବୈଶିଷ୍ଟ୍ୟ । ଭ୍ରମଣାନୁଭୂତି କଳାତ୍ମକ ରୀତିରେ ପରିବେଷଣ ହୋଇପାରିଲେ ତାହା ସାହିତ୍ୟିକ ମର୍ଯ୍ୟାଦା ଲାଭକରି ପାଠକାଦୃତ ହୋଇପାରେ । ବିଂଶ ଶତାବ୍ଦୀରେ କେନ୍ଦୁଝର ଭ୍ରମଣରେ ଆସି ମଣୀନ୍ଦ୍ରନାଥ ଯେପରି ତାହାର ଚିତ୍ରାଙ୍କନ କରିଛନ୍ତି, ଏକବିଂଶ ଶତାବ୍ଦୀରେ ସେହି ଭ୍ରମଣବୃତ୍ତାନ୍ତକୁ ଅଧ୍ୟୟନ କରୁଥିବା ବ୍ୟକ୍ତିମାନେ ଶତାବ୍ଦୀର ପରିବର୍ତ୍ତନ ଭିତରେ ଅତୀତ କେନ୍ଦୁଝରର ଶୋଭାଶିରୀକୁ ତନ୍ମରେ ଉପଲବ୍ଧି କରିପାରିବେ । ଲେଖକଙ୍କ ବର୍ଣ୍ଣନାର କାବ୍ୟିକଛଟା ସହ ଚିତ୍ରଧର୍ମୀ ଭାଷାର ବ୍ୟବହାର କେନ୍ଦୁଝରକୁ ବେଶ୍ ଜୀବନ୍ତ କରତୋଳିଛି ବୋଲି କୁହାଯାଇପାରେ । ଯେପରି ଲେଖକ ଅନ୍ୟତ୍ର କହିଛନ୍ତି: *"ଜଙ୍ଗଲୀ କାଠୁରିଆ କାଠକଟା ସାଙ୍ଗକରି ଜଙ୍ଗଲୀ ଗୀତରେ ମତୁଆଲା ହୋଇ ଘରମୁହାଁ ହୋଇ ଚାଲିଛନ୍ତି । ଏଇ ଭୀଷଣ ବନ୍ୟଜନ୍ତୁଭରା ଜଙ୍ଗଲ ରାସ୍ତାରେ ଚାରିଟାପୂର୍ବରୁ ଲୋକ ଚଳାଚଳ ବନ୍ଦ ହୋଇଯାଏ । ଆମେମାନେ ଯେମିତି ଦିନ ଥାଉଁଥାଉଁ ଦୁର୍ଗମପଥ ଅତିକ୍ରମ କରି ଘଶିପୁରରେ ପହଞ୍ଚିପାରିବୁ, ସେହି ଅନୁସାରେ ତ୍ରସ୍ତଗତିରେ ଚତୁଃପାର୍ଶ୍ୱକୁ ଦୃଷ୍ଟିନିକ୍ଷେପ କରିକରି ଆଗେଇ ଚାଲିଛୁ । ଚତୁର୍ଦ୍ଦିଗ ନିସ୍ତବ୍ଧ, ନିଝୁମ ; ମାତ୍ର ଝିଙ୍କାରୀର ଝିଁଝିଁ ଶବ୍ଦ ଏବଂ ମଝିରେ ମଝିରେ କିଛି ପକ୍ଷୀଙ୍କର କର୍କଶ ରଡ଼ି ସେହି ନିସ୍ତବ୍ଧତାକୁ ଭଙ୍ଗକରି ଅରଣ୍ୟର ଗାମ୍ଭୀର୍ଯ୍ୟକୁ ପ୍ରକାଶ କରୁଥାଏ । ବୃଦ୍ଧ ସୂର୍ଯ୍ୟମାମୁ ତାଙ୍କର ଶେଷ ଆଭାଟିକୁ କଳାକଳା ପାହାଡ଼ମାନଙ୍କ ମଥା ଉପରେ ଏପର୍ଯ୍ୟନ୍ତ ବିସ୍ତାର କରି ରଖିଛନ୍ତି । ସ୍ଥାନ ଅତି ଭୟଙ୍କର, କିନ୍ତୁ ଦୃଶ୍ୟ ଅତି ମନୋରମ ।"*

ଉକ୍ତ ଭ୍ରମଣସାହିତ୍ୟରେ ଲେଖକଙ୍କ ଭ୍ରମଣ ଅନୁସନ୍ଧିତ୍ସା ସହ ସ୍ଥାନୀୟ ଲୋକସଂପର୍କକୁ ବୁଝିହୁଏ । କେନ୍ଦୁଝର ରାଜ୍ୟର ମହକୁମା ଆନନ୍ଦପୁର, ସେଠାରେ ଥିବା ଗଣ୍ୟମାନ୍ୟ ବ୍ୟକ୍ତବର୍ଗଙ୍କର ହାତଗଣତି କେତେଗୋଟି ବଙ୍ଗଳା ଓ ଗୋଟିଏ ଚିକିତ୍ସାଳୟ ଥିବାର ତଥ୍ୟ ପ୍ରଦାନ କରିଛନ୍ତି ସେ । ଚିକିତ୍ସାଳୟର ଛୋଟଘରେ ଅବସ୍ଥାନକରୁଥିବା ବେଳେ ଚତୁର୍ଦ୍ଦିଗରେ ଥିବା ଭୟଙ୍କର ଜଙ୍ଗଲ, ବାଘମାନଙ୍କର ହେଣ୍ଟାଳ ଶୁଣିଛନ୍ତି ଯାତ୍ରୀମାନେ । ଲେଖକ ମଣୀନ୍ଦ୍ରନାଥ ଆନନ୍ଦପୁରରେ ରହଣିକାଳରେ ବାଘର ଗର୍ଜନଶୁଣି ଡରିଯାଇ ସେଠାକାର ବେହେରାକୁ ଡାକିଛନ୍ତି । ଭୟଭୀତ ବଙ୍ଗଯାତ୍ରୀଙ୍କୁ ବେହେରାଜଣକ ସାନ୍ତ୍ୱନା ଦେଇଛି । ଓଡ଼ିଆରେ ବେହେରା ଯାହା କହିଛି,ଲେଖକ ତାହାକୁ ଭ୍ରମଣଗ୍ରନ୍ଥରେ ସ୍ଥାନିତ କରିଛନ୍ତି ଏହିପରି : *"ଆପନାରା କଲିକତାର ନୁକ, ବାଘୋ ଡାକିବାରେ ଏତେ ଡରି ଗଲା ? ପୋଆ କୁଶ ବାଟର ବାଘୋ ଡାକୁଛି ; ଏଠି ରୁଜ୍ ବାଘୋ ଡାକୁଛି । ତୁମ୍ଭେ ଶୁଇବ ଯାଓ, କିଛୁ ଡର ନାଇ ।"* ତା'ର ପରଦିନ ୧୮ ଅକ୍ଟୋବର ଭୋର୍ ସାଢେ ପାଞ୍ଚଟାରେ ସମସ୍ତେ ଘସିପୁରାରୁ ଯାତ୍ରା ଆରମ୍ଭ କରିଥିଲେ କଟକ । ଏହାହିଁ ଥିଲା ସେମାନଙ୍କ କେନ୍ଦୁଝର ଭ୍ରମଣର ବିବରଣୀ ।

ପ୍ରକୃତି-ପାଠରେ ମ୍ଭଦେଇ ଶିକ୍ଷାଲାଭର ଏକ ବିକଳ୍ପବିହୀନ ମ୍ଭାମ ହେଉଛି ଭ୍ରମଣସାହିତ୍ୟ । ଲେଖକ ମଣୀନ୍ଦ୍ରନାଥ ଥିଲେ ଜଣେ ଖିଆଲି ଭ୍ରମଣକାରୀ । ଭ୍ରମଣ ତାଙ୍କର ନିଶା । ସଙ୍ଗବଦ୍ଧ ଭାବରେ ସାଇକେଲରେ ଭ୍ରମଣ କରିବାର ନିଷ୍ଠା, ଶୃଙ୍ଖଳା, ସହମର୍ମିତା ଏବଂ ଅଭିଯାନର ଲକ୍ଷ୍ୟନେଇ ସେ ଭ୍ରମଣ କରିଛନ୍ତି ବହୁସ୍ଥାନ । କଠିନ ପରିସ୍ଥିତି ଭିତରେ ସାଥୀମାନଙ୍କ ସହ ସାଇକେଲରେ ଆସିଛନ୍ତି, ଓଡ଼ିଶା

ସହ ଅଧିକ ହୋଇଛନ୍ତି ଓତଃପ୍ରୋତ । ବିଶେଷକରି କେନ୍ଦୁଝରରେ ରହଣି, ଗଡ଼ଜାତ ଭ୍ରମଣ, ସମକାଳୀନ ସମାଜ-ସଂସ୍କୃତି, ପ୍ରକୃତିର ରୂପକୁ ତାଙ୍କ ଭ୍ରମଣକାହାଣୀରେ ଲିପିବଦ୍ଧ କରିଅଛନ୍ତି । ରାଜା ବଳଭଦ୍ର ଭଞ୍ଜଦେଓଙ୍କ ସହ 'ଟୋ ଉଠାଇବାସହ କେନ୍ଦୁଝରର ବିଭିନ୍ନ ସ୍ଥାନର ଫଟୋ ମ୍ଭ ସଂଗ୍ରହ କରିଛନ୍ତି । ଜଣେ ବଙ୍ଗୀୟ ପର୍ଯ୍ୟଟକଭାବରେ ଓଡ଼ିଶାର ମୁଗ୍ଧବିଭୋର ପ୍ରକୃତି ଓ ପରିବେଶକୁ ସେ ଉପଭୋଗ କରିଛନ୍ତି ଖୁସି ମନରେ । ତାହାର କଳାତ୍ମକ ପରିପ୍ରକାଶ ହେଉଛି ଉକ୍ତ ଭ୍ରମଣବୃତ୍ତାନ୍ତ *'ଦ୍ୱିଚକ୍ରେ କ୍ୟାଲ୍‌କାଟା ହୁଇଲାର୍ସ'* । ଏଥିରେ କେନ୍ଦୁଝର ଭ୍ରମଣ ପ୍ରସଙ୍ଗଟି ଅଧିକ ରୋଚକଧର୍ମୀ । କେନ୍ଦୁଝରର ଅତୀତ, ଇତିହାସ , ଆର୍ଥ-ସାମାଜିକ ଏବଂ ଭୌଗୋଳିକ ଅବସ୍ଥିତିକୁ ପାଠକେ ଅନୁଭବ କରିପାରିବେ ଏଥିରୁ । ଭ୍ରମଣକରିବା ଏବଂ ଭ୍ରମଣକାହାଣୀ ରଚନାକରିବା ଏକାକଥା ନୁହେଁ । ସେଥିପାଇଁ ବଙ୍ଗୀୟ ସାହିତ୍ୟିକ ଶରତଚନ୍ଦ୍ର ଚଟ୍ଟୋପାଧ୍ୟାୟ କହିଛନ୍ତି : *"ଭ୍ରମଣକରିବା ଏକ, ତାହା ପ୍ରକାଶ କରିବା ଏକ । ଯାହାର ଦୁଇଟା ପାଦ ଅଛି, ସେ ଭ୍ରମଣ କରିପାରେ ; କିନ୍ତୁ ହାତ ଦୁଇଟା ଥିଲେ ତ ଲେଖାଯାଇ ନ ପାରେ । ତାହା ବଡ଼ କଠିନ କାର୍ଯ୍ୟ ।" (ଶ୍ରୀକାନ୍ତ, ୧ମ ପର୍ବ)* ଲେଖକ ମଣୀନ୍ଦ୍ରନାଥ ମୁସ୍ତୋଫୀ ଥିଲେ ଯଥାର୍ଥ ଭ୍ରମଣକାରୀ । ଓଡ଼ିଶାର ଚିତ୍ର-ଚରିତ୍ରମାନେ ତାଙ୍କ ଭ୍ରମଣ ଓ ସାହିତ୍ୟକୁ ବେଶ୍ ପ୍ରଭାବିତ କରିଛନ୍ତି । କେବଳ ଓଡ଼ିଆ ସାହିତ୍ୟ କାହିଁକି, ବଙ୍ଗଳା ସାହିତ୍ୟକୁ ମଧ୍ୟ କେନ୍ଦୁଝରର ଅବଦାନ ରହିଛି କହିଲେ ଅତ୍ୟୁକ୍ତି ହେବନାହିଁ ; ଉକ୍ତ ଭ୍ରମଣକାହାଣୀହିଁ ଏହାର ଯଥାର୍ଥ ପ୍ରମାଣ ।

ତଥ୍ୟସୂତ୍ର:

- *ମୁସ୍ତୋଫୀ , ମଣୀନ୍ଦ୍ରନାଥ :'ଦ୍ୱିଚକ୍ରେ କ୍ୟାଲ୍‌କାଟା ହୁଇଲାର୍ସ' : ଭାରତବର୍ଷ ,* ୧୫ ତମ ସଂଖ୍ୟା. ଜ୍ୟେଷ୍ଠ ୧୩୩୫ ବଙ୍ଗାବ୍ଦ(୧୯୨୭)
- *ମୁସ୍ତୋଫୀ, ମଣୀନ୍ଦ୍ରନାଥ : ଭ୍ରମଣେର ନେଶା :* ଏସ୍.ସିସରକାର ଏଣ୍ଡ୍ ସନ୍ସ, କଲିକାତା,୧୩୩୭ ବଙ୍ଗାବ୍ଦ (୧୯୨୯)

❖ ❖ ❖

DOI :https://doi.org/10.5281/zenodo.13705097 ମୂଳ ପ୍ରବନ୍ଧ

କ୍ରମଶଃ ଛିଡ଼ି ଯାଉଥିବା ପରମ୍ପରାର ସୂତାଖିଅ: ବିତର୍କିତ ଅପରାହ୍ନ

ରଞ୍ଜନ କୁମାର ଖଣ୍ଡା

ସଂକ୍ଷିପ୍ତସାର :

ଓଡ଼ିଆ ନାଟକରେ ନବନାଟ୍ୟ ଆନ୍ଦୋଳନ ଏକ ଆହ୍ୱାନ । ପେଟେ ହସି ବହେ କାନ୍ଦିବା ଏହାର ଧର୍ମ ନୁହେଁ । ବରଂ ବ୍ୟକ୍ତି ମନରେ ସଂଗୋପ୍ତ ଭାବନାର ପରିପ୍ରକାଶ କରିବାର ଏକ ପ୍ରବାହ । ନାଟ୍ୟକାର ମନୋରଞ୍ଜନ ଦାସ ଏହି ଆନ୍ଦୋଳନର ସୂତ୍ରପାତ କରିଥିଲେ ଆଗାମୀ (୧୯୫୦) ନାଟକ ପରଠାରୁ । ଏହି ଶୈଳୀକୁ ମ୍ନ ସମସାମୟିକ କେତେକ ନାଟ୍ୟକାର ଗ୍ରହଣ କରି ନାଟକ ରଚନାରେ ପ୍ରବୃତ୍ତ ରହିଲେ । ନାଟକର ଏହି ପରିବର୍ତ୍ତନର ଧାରାକୁ ଲକ୍ଷ୍ୟକରି ଅନେକ ଆଲୋଚକ ଆବସର୍ଡ଼ ବା ଉଦ୍ଭଟଧର୍ମୀ ନାଟକ ଭାବରେ ଗ୍ରହଣ କଲେ ତ ଆଉ କେହି ଏହି ଧାରାକୁ ଇଂଟେଲକ୍‌ଚୁଆଲ ନାଟକ ଭାବରେ ଗ୍ରହଣ କଲେ । ଯାହାର ଦର୍ଶକ ପାଲଟିଲେ ବୁଦ୍ଧିଯିବି ଗୋଷ୍ଠୀର ବ୍ୟକ୍ତିମାନେ । ନାଟ୍ୟକାର ମନୋରଞ୍ଜନ ଦାସ 'ଆଗାମୀ'ରେ ଯେଉଁ ପରୀକ୍ଷା ନିରୀକ୍ଷା କରିଥିଲେ ତାହା 'ବିତର୍କିତ ଅପରାହ୍ନ' (୧୯୭୯) ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ଆଲୋଚିତ "ପୁରୁଷାନୁକ୍ରମିକଧାରାର ବ୍ୟବଧାନ ଭିତରେ ଛିଡ଼ି ଯାଉଥିବା ପାରମ୍ପରିକତାର ସୂତାଖିଅ "ବିତର୍କିତ ଅପରାହ୍ନ" ଏକ ବିହଙ୍ଗାବୋଲକନ" ପ୍ରବନ୍ଧଟିରେ ନାଟ୍ୟକାର ମନୋରଞ୍ଜନ ଦାସ ଯେଉଁ ବ୍ୟକ୍ତିର ଅନ୍ତଃମନକୁ ନେଇ ପରୀକ୍ଷା କରିଛନ୍ତି, ତାହାହିଁ ହେଉଛି ମୋର ଆଲୋଚନାର ପ୍ରମୁଖ ବିଷୟବସ୍ତୁ । ଏଥିରେ ଉତ୍ତର ସତୁରୀ ପରର ଶୈଳୀ, ଫିଜ୍ ଟେକ୍‌ଟିକ୍, ଲୋକଶୈଳୀର ବ୍ୟବହାର ଭିତରେ ନାଟକକୁ ଯେଉଁଭଳି ଭାବରେ ଦେଖାଇଛନ୍ତି, ତାହାକୁ ମୁ ଆଲୋଚନା ପରିସର ଭିତରେ ରଖିଛି । Generation Gap ର ଫ୍ରେମ ଭିତରେ ତିନୋଟି ପିଢି ଯଥା – ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ଯୁଗାଶ୍ରୟୀ ଚେତନାକୁ ଏଠାରେ ଉପଜୀବ୍ୟ କରାଇଛି । ଅତୀତ ଓ ବର୍ତ୍ତମାନ ଅପେକ୍ଷା ଭବିଷ୍ୟତର ଦ୍ୱାର କେତେ ବିଶୃଙ୍ଖଳ ପାଲଟିଛି ଏବଂ ଏହି ଭିତରେ ଅତ୍ୟାଧୁନିକ ମଣିଷର ଜୀବନ କେତେ ଦୁର୍ବିସହ ତାହାର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛି । ପରିଶେଷରେ ନାଟ୍ୟକାର ଯେଉଁ ମଂଚ କୌଶଳର ପ୍ରୟୋଗ କରିଥିଲେ ସେହି ମଂଚ କୌଶଳ ସଂପର୍କରେ ସଂକ୍ଷିପ୍ତ ବିବରଣୀ ଦେଇ ଆଲୋଚିତ ପ୍ରବନ୍ଧଟିର ପରିସମାପ୍ତ କରିଛି ।

ପ୍ରମୁଖ ଶବ୍ଦ : ନବନାଟ୍ୟ ଆନ୍ଦୋଳନର ପୁରୁଷାନୁକ୍ରମିକ ଧାରା, ବ୍ୟବଧାନ, ଆଧୁନିକତାର ସ୍ୱାଦ, ଆଧ୍ୟାତ୍ମିକତାର କୁଠାରଘାତ, ଉଦ୍ଭଟ ନାଟକ, ସ୍ୱାଧିନତାର ପରବର୍ତ୍ତି ନାଟକ, ପ୍ରତୀକ, ପିଢିଗତ ବ୍ୟବଧାନ ଇତ୍ୟାଦି ।

॥ ଏକ ॥

୧୯୫୦ ପରବର୍ତ୍ତୀ ସମୟରେ ନାଟକର ଯେଉଁ ବ୍ୟବଧାନର ସୂତ୍ରପାତ ଘଟିଥିଲା, ତାହାର ପଛପୁରୋଧା ଥିଲେ ନାଟ୍ୟକାର ଶ୍ରୀ ମନୋରଞ୍ଜନ ଦାସ । ସେ ନାଟକକୁ ନେଇ ସୌଦା କରିନଥିଲେ ବରଂ ନାଟକରେ ଥିବା ସୌଦାର ମିଶ୍ରଣକୁ ଦେଖାଇଥିଲେ । ଏଥିସହିତ ସେ ଯେଉଁ ଚରିତ୍ର ଗୁଡ଼ିକୁ ମଂଚରେ ଦେଖାଇଲେ, ସେହି ଚରିତ୍ର ଗୁଡ଼ିକୁ ସମାଜରୁ ହିଁ ସାଉଁଟିଲେ । ଏବଂ ସମାଜର ବାସ୍ତବ ଚିତ୍ରକୁ ଏଇମାନଙ୍କ ଜରିଆରେ ଦେଖାଇ ସେ ସାଉଁଟିଲେ ନିନ୍ଦା ଓ ପ୍ରଶଂସାକୁ । ଯେଉଁଠାରୁ ତାଙ୍କୁ ନୂତନ କିଛି କରିବାର ପ୍ରେରଣା ମିଳିଲା । ସେ ମୁଖ୍ୟତଃ ନାଟକ ରଚନା ପାରମ୍ପରିକ ଶୈଳୀରୁ ହିଁ ଆରମ୍ଭ କରିଥିଲେ, କିନ୍ତୁ ୧୯୫୦

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.13705097
Article No - BPPP00219

ରଞ୍ଜନ କୁମାର ଖଣ୍ଡା, ଓଡ଼ିଆ ଅଧ୍ୟାପକ,
ଝାଡ଼େଶ୍ୱର ଜୁନିୟର ମହାବିଦ୍ୟାଳୟ,
ଟୋଲକାନୀ, ଯାଜପୁର
E-Mail ID : ranjankumarkhanda@gmail.com
ORCID ID : https://orcid.org/0009-0001-9625-2354

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

ପ୍ରାପ୍ତି	ସମୀକ୍ଷିତ	ଗୃହୀତ	ପ୍ରକାଶିତ
୨.୮.୨୦୨୪	୧୭.୮.୨୦୨୪	୨୫.୮.୨୦୨୪	୧.୯.୨୦୨୪

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଖଣ୍ଡା, ରଞ୍ଜନ କୁମାର ; ୨୦୨୪ । କ୍ରମଶଃ ଛିଡ଼ି ଯାଉଥିବା ପରମ୍ପରାର ସୂତାଖିଅ: ବିତର୍କିତ ଅପରାହ୍ନ । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ଚ; ପୃଷ୍ଠା :୧୫-୨୧ ।

ମସିହା ବେଳକୁ ଏହି ନାଟକ ଗୁଡ଼ିକରେ ପରିବର୍ତ୍ତନ ଆଣିବାରେ ଚେଷ୍ଟା କରିଥିଲେ । ସଫଳ ବି ହେଲେ । ଯାହାର ଆଦ୍ୟ ସଙ୍କେତ ହେଉଛି 'ଆଗାମୀ'(୧୯୫୦) ନାଟକ । ଏଥିରେ ମୁଖ୍ୟତଃ ସେ ଶିଳ୍ପପତି ଓ ଶ୍ରମିକ ସମସ୍ୟାକୁ ଦେଖାଇ ଶୋଷକମାନେ କିପରି ଶୋଷିତକୁ ଶୋଷଣ କରିଛନ୍ତି, ତାହାର ଜ୍ୱଳନ୍ତ ଚିତ୍ର ଦେଖାଇଲେ । ଏଥିରେ ପାଶ୍ଚାତ୍ୟ ଶୈଳୀର ନୂତନ ଦର୍ଶନର ପ୍ରୟୋଗ କଲେ । ଫଳରେ ଏହିଠାରୁ ନାଟକ ଗୁଡ଼ିକ ଆସ୍ତେ ଆସ୍ତେ ପାରମ୍ପରିକ ରୀତିରୁ ବାହାରି ବୌଦ୍ଧିକତା ଭିତରେ ଆବଦ୍ଧ ହେଲା । ତେଣୁ ଏଥିପାଇଁ ପେସାଦାରୀ ମଂଚ କ୍ରମେକ୍ରମେ ଲୁପ୍ତ ହେବାକୁ ବସିଲା, ତାହାରି ସ୍ଥାନ ମଣ୍ଡନ କଲା ସୌଖିନୀ ମଂଚ । ନାଟକର ଏହି ଯେଉଁ ପରିବର୍ତ୍ତନ ହେଲା, ସେଥିପାଇଁ ନାଟ୍ୟକାରମାନେ ନିଜେ ହିଁ ଦାୟୀ ବୋଲି ଡକ୍ଟର ହେମନ୍ତ କୁମାର ଦାସ କହିଛନ୍ତି । ଆହୁରି ମଧ୍ୟ ସେ କହିଛନ୍ତି- "ପରୀକ୍ଷାଧର୍ମୀ ନାଟକ ଗଡ଼ିକ ଓଡ଼ିଆ ବ୍ୟବସାୟୀମଂଚର ପତନର କାରଣ – ଏହିଭଳି ଏକ ତ୍ରୁଟିପୂର୍ଣ୍ଣ ମନ୍ତବ୍ୟକୁ ଗୁରୁତ୍ୱ ଦେବାର କୌଣସି କାରଣ ନାହିଁ । ବ୍ୟବସାୟୀ ମଂଚର ବିଲୟ ଘଟିଛି, ତାହାର ନିଜସ୍ୱ ଉଦାସୀନତା ଦର୍ଶକ ମନସ୍ତତ୍ୱ ସମ୍ପର୍କୀୟ ଅଜ୍ଞତାରୁ ଅଥବା ଉପେକ୍ଷାରୁ । ଦର୍ଶକୀୟ ରୁଚି ପରିବର୍ତ୍ତନର ସମ୍ବାଦ ଯଦି ବ୍ୟବସାୟୀ ମଂଚ ପାଖରେ ପହଂଚି ପାରିଲା ନାହିଁ, ତେବେ ସେ ଅପରାଧ କାହାର ? ଦୁଇ ଦଶନ୍ଧି ଧରି ଦର୍ଶକ ଯେଉଁ ଅଭିନେତାମାନଙ୍କୁ ଦେଖି ଆସୁଥିଲେ, ସେମାନଙ୍କ ପ୍ରଚଣ୍ଡ ଶକ୍ତିମତ୍ତା ସତ୍ତ୍ୱେ ନୂଆ ମୁହଁ ଦେଖିବାର କାମନା ଦର୍ଶକମାନଙ୍କ ପକ୍ଷରେ ଅଯୌକ୍ତିକ ବୋଲି କୁହାଯାଇଛି । ଏ ସମ୍ପର୍କରେ କେବଳ ଏତିକି କହିଲେ ଯଥେଷ୍ଟ ହେବ ଯେ, ବ୍ୟବସାୟୀ ଦୃଷ୍ଟିକୋଣର ଅଭାବ, ସାଂଗଠନିକ କାରଣରୁ ହିଁ ମଂଚର ପତନ ଘଟିଛି । ପରିସ୍ଥିତି ସହିତ ପାଦ ମିଳାଇ ଚାଲିବାର ଉଦ୍ୟମ ହୋଇଥିଲେ, ଦୀର୍ଘକାଳ ମଂଚ ସହିତ ସମ୍ପର୍କ ରଖୁଥିବା ଦର୍ଶକମାନେ ମଂଚ ବିମୁଖ ହୋଇନଥାନ୍ତେ ।" (୧)

ଏହା ମଧ୍ୟ ସତ, କିନ୍ତୁ ଏଥିପାଇଁ ନାଟ୍ୟକାରଙ୍କୁ କେବଳ ଦୋଷ ଦେଇଦେଲେ ହେବ ନାହିଁ । କାରଣ ନାଟକ ନାଟ୍ୟକାର କାହା ପାଇଁ ଲେଖିବ, ଦର୍ଶକ ପାଇଁ ନା ନିଜ ପାଇଁ ? ଯଦି ନାଟ୍ୟକାର ନିଜ ପାଇଁ ଲେଖିବ ତେବେ ସେ କାହିଁକି ଲେଖିବ ? କାହିଁକି ଅଯଥା ସମୟତକ ସେଥିରେ ସେ ବିନିଯାଗ କରିବ । ଆଜିର ସୀମିତ ସମୟ ଭିତରେ ମଣିଷ ଯେତେବେଳେ ନିଜକୁ ଦେଖୁଛି ସେ ସେତିକି ବେଳେ ଲୋକମାନଙ୍କ ହୃଦୟରେ ବସିବାକୁ ଚେଷ୍ଟା କରୁଛି । ସେଥିପାଇଁ ତ ଏହିସବୁ ଲେଖା । କେବେ ଦେଖିଛନ୍ତି କେହି ନିଜକୁ ହାଲ୍କା କରିବା ପାଇଁ କେବେ କିଛି ଲେଖିବାର । ହୁଏତ କେହି କେହି ଏକଥାରେ କହିବେ ହିଁ ଲେଖକ ନିଜ ପାଇଁ ଲେଖେ । କିନ୍ତୁ ଏହା ସମ୍ପୂର୍ଣ୍ଣ ଭାବେ ଭୁଲ୍ ଧାରଣା । ହିଁ ବ୍ୟକ୍ତି ଲେଖେ ନିଜ ପାଇଁ କିନ୍ତୁ ତାହା କାବ୍ୟ-କବିତା କି ଉପନ୍ୟାସ ଗଳ୍ପ କିମ୍ବା ନାଟକ ନୁହେଁ, ବରଂ ତାହାକୁ ଏକ ଅନୁଭୂତି ତଥା ପତ୍ର ଭାବରେ ଗଣନା କରାଯାଏ । ତେଣୁ ଡକ୍ଟର ଶ୍ରୀ ଦାସ ନାଟ୍ୟକାର ମାନଙ୍କ ପ୍ରତି ଏଭଳି ହୀନ ମନ୍ତବ୍ୟ ଗ୍ରହଣୀୟ ନୁହେଁ । ସେ ଏଭଳି ବି କହିପାରିଥାନ୍ତେ କି ନାଟକ ରଚନା କରିବା ବେଳେ ସ୍ୱଚେତନାକୁ ଦର୍ଶକୀୟ ଚେତନା ସଙ୍ଗେ ସ୍ଥାପିତ କରି ନାଟକ ଲେଖିଲେ ତାହା ଅରୁଚିକର ହେବ ନାହିଁ । ସେ ଯାହାବି ହେଉ ନାଟକର ଏହି ପରିବର୍ତ୍ତନ ହିଁ ନାଟକକୁ ଏକ ନୂତନ ଦିଶାରେ ପରିଚାଳିତ କରିଛି । ଏହି ଶୈଳୀକୁ ଅନ୍ୟ ଯେଉଁ ନାଟ୍ୟକାରମାନେ ଗ୍ରହଣ କରି ଲେଖନୀ ଚାଳନା କଲେ ସେମାନେ ହେଲେ – ଯଦୁନାଥ ଦାସ ମହାପାତ୍ର (ଅଥବା ଅନ୍ଧକାର),ପ୍ରଫୁଲ୍ଲ ରଥ, ବିଜୟ ମିଶ୍ର, ବିଶ୍ୱଜିତ ଦାସ, ରତ୍ନାକର ଚଇନି, ରମେଶ ଚନ୍ଦ୍ର ପାଣିଗ୍ରାହୀ, କାର୍ତ୍ତିକ ଚନ୍ଦ୍ର ରଥ, ଡଃ ସୁବୋଧ ପଟ୍ଟନାୟକ, ହରିହର ମିଶ୍ର ଆଦି ନାଟ୍ୟକାରମାନେ ନିଜ ନିଜ ନାଟକ ଗୁଡ଼ିକରେ ବହୁ ପରୀକ୍ଷା-ନିରୀକ୍ଷା କରି ନାଟକ ରଚନା କଲେ । ଯାହାଦ୍ୱାରା ନାଟକ ଏକ ନିର୍ଦ୍ଦିଷ୍ଟ ଫର୍ମରେ ପଡ଼ିପାରିବ । ଏମାନେ ମୁଖ୍ୟତଃ ବ୍ୟକ୍ତିର ଅବଚେତନ ମନର ଅବଦମିତ ଅଭିଳାଷକୁ ଦର୍ଶକ ସମ୍ମୁଖକୁ ଆଣିବାକୁ ଚେଷ୍ଟା କଲେ । ନାଟକରେ ଏହି ନୂତନ ଚିନ୍ତାଧାରା ଗୋଷ୍ଠୀକୁ ପ୍ରଭାବିତ ନକରି ବ୍ୟକ୍ତିକୁ ପ୍ରଭାବିତ କଲା । ଫଳରେ ଇବସେନ, ବର୍ଣ୍ଣାଡ଼ ଶ, ଷ୍ଟ୍ରିଣ୍ଡବର୍ଗ, ଫ୍ରଏଡ଼ ଆଦି ପାଶ୍ଚାତ୍ୟ ଦାର୍ଶନିକମାନେ ସେମାନଙ୍କର ଆଦର୍ଶ ପାଲଟିଗଲେ । ନାଟକର ଏହି ପରିବର୍ତ୍ତିତ ଧାରାକୁ ଲକ୍ଷ୍ୟ କରି ପୁଣି ଏକ ସୁହାଇଲା ପରି ମନ୍ତବ୍ୟ ଆଲୋଚକ ଡକ୍ଟର ଶ୍ରୀ ଦାସ ଦେଇ କହିଛନ୍ତି- "ନୂତନ ସଂସ୍କୃତିର ଯେଉଁ ହାଓ୍ୱା ବହିଲା, ତହିଁରେ ଲୋକ ରୁଚିର ପରିବର୍ତ୍ତନ ଘଟିଲା । ପରଂପରା ଯେ ନୀରବରେ ଆଉ ବିନା ପ୍ରତିବାଦରେ ଆଗନ୍ତୁକକୁ ନିଜସ୍ଥାନ ଛାଡ଼ିଦେଇ ବାହାରିଗଲା ଏହା ନୁହେଁ, ନବୀନ-ପ୍ରାଚୀନକୁ ସ୍ଥାନ ଛାଡ଼ି ଦେବାକୁ ଏକ ପ୍ରକାର ବାଧ୍ୟ କଲା କହିଲେ ଚଳେ । ସାମାଜିକ ଚଳଣି, ମୂଲ୍ୟବୋଧ ପ୍ରତି ନିଷ୍ଠା, ଶୃଙ୍ଖଳା, ସଂଯମ-ପ୍ରତ୍ୟେକରେ ଯୁବଗୋଷ୍ଠୀ ତ୍ରୁଟି ଆବିଷ୍କାର କରି ସେସବୁକୁ ଅସ୍ୱୀକାର କରିବାକୁ ଆରମ୍ଭ କଲେ । ପରିଣାମରେ ନବୀନ ପ୍ରାଚୀନ ମଧ୍ୟରେ ସଂଘର୍ଷ ଅନିବାର୍ଯ୍ୟ ହୋଇଉଠିଲା, ଯାହାକୁ କୁହାଗଲା Generation Gap ଜନିତ ଭୁଲ୍ ବୁଝାମଣା । ତାହାର ପ୍ରଭାବରୁ ଆଜିର ସମାଜ ମଧ୍ୟ ମୁକ୍ତ ହୋଇପାରି ନାହିଁ । ତେବେ ତାରୁଣ୍ୟ ନିକଟରେ ପ୍ରବୀଣକୁ ଅନ୍ତତଃ ପରାଜୟ ସ୍ୱୀକାର କରିବାକୁ ହିଁ ହେଲା । ଯୁଗେ ଯୁଗେ ନୂତନ ପୁରାତନକୁ ତଡ଼ିଦେଇ ଏମିତି ନିଜେ ତାହାର ସ୍ଥାନ ଅଧିକାର କରେ । ସମୟର ପ୍ରଭାବରେ ସେଇ ନୂତନ ମଧ୍ୟ ଦିନେ ପୁରାତନ ହୁଏ । ତାର ସ୍ଥାନ ନିଏ ଆହୁରି ନୂତନ । ଏମିତି ଚାଲିଥାଏ ।" (୨) ଶ୍ରୀ ଦାସଙ୍କର ଏହି ମନ୍ତବ୍ୟ ସମୟସାପେକ୍ଷ । ପ୍ରଥମରୁ ସେ ନାଟ୍ୟକାରଙ୍କୁ ନୂତନତାର ଦୃଷ୍ଟିକୋଣ ତଥା ପରିବର୍ତ୍ତନ ପାଇଁ ଦାୟୀ କରୁଥିଲା ବେଳେ ପୁନଶ୍ଚ ସେଇ ନୂତନତାକୁ ସେ ସ୍ୱୀକାର କରିଛନ୍ତି । ଆହୁରି ପୁଣି କହିଛନ୍ତି ଯେ, ସମୟ ହିଁ ଏହି ନୂତନତାର ପରିପନ୍ଥୀ । ତେଣୁ ଏହି କଥାକୁ ସ୍ୱୀକାର କରିବାକୁ ତାଙ୍କୁ ଅନେକ ବର୍ଷ ବୋଧହୁଏ ଲାଗିଗଲା ।

ସେ ଯାହା ହେଉ, ନାଟକରେ ଏହି ନୂତନତା ହିଁ ନୂତନ ଅଭାସର ଦିଗବାରେଣୀ । ଯାହାକି ଆମେ ନାଟ୍ୟକାର ଶ୍ରୀ ମନୋରଞ୍ଜନ ଦାସଙ୍କର "ବିତର୍କିତ ଅପରାହ୍ନ" ରେ ଦେଖିବାକୁ ପାଉ । ଏହାର ରଚନା କାଳ ୧୯୭୯ ମସିହାରେ । ଯେତେବେଳେ ନାଟକ ପୁଣି ନୂଆ ଏକ ରାହା ଖୋଜି ବୁଲୁଥିଲା ଓ ପୁନଃପାରମ୍ପରିକଧାରାକୁ ଫେରି ନାଟକ ରଚନା କରିବାରେ ଆଗ୍ରହୀ ହୋଇଉଠୁଥିଲା । ସେହି ସନ୍ଧିକ୍ଷଣରେ ଶ୍ରୀ ଦାସଙ୍କର ଏହି 'ବିତର୍କିତ ଅପରାହ୍ନ' ନାଟକଟି ରଚିତ । ନାଟ୍ୟକାର ଶ୍ରୀ ଦାସ ନାଟକ ରଚନାରୁ ପ୍ରାଥମିକ ପର୍ଯ୍ୟାୟରେ ପେଶାଦାରୀ ମଂଚ ନିମିତ୍ତ ନାଟକ ଲେଖିଥିଲେ, ସେଗୁଡ଼ିକ ହେଲା- ରାତ୍ରି (୧୯୪୨), ଯୌବନ (୧୯୪୫), କବିସମ୍ରାଟ ଉପେନ୍ଦ୍ରଭଞ୍ଜ (୧୯୪୭), ଅଗଷ୍ଟନ (୧୯୪୭), ବନ୍ଧୁ ଜଗବନ୍ଧୁ (୧୯୪୯), ମାତ୍ର ଏହାପରଠାରୁ ସେ ପେଶାଦାରୀ ମଂଚ ନିମିତ୍ତ ନାଟକ ଲେଖା ବନ୍ଦକରି ନୂତନ ଏକ ଧାରାର ନାଟକ ଲେଖିବା ଆରମ୍ଭ କଲେ । ଯାହାକୁ କୁହାଗଲା ବୌଦ୍ଧିକତା ତଥା ପରୀକ୍ଷାଧର୍ମୀତା । ଏଗୁଡିକ ହେଲା – ଆଗାମୀ (୧୯୫୦), ଅବରୋଧ (୧୯୫୩), ସାଗରମନ୍ଥନ (୧୯୬୪), ବନହଂସୀ (୧୯୬୮), ଅରଣ୍ୟ ଫସଲ (୧୯୬୯), ଅମୃତସ୍ୟ ପୁତ୍ରଃ (୧୯୭୧), କାଠଘୋଡ଼ା (୧୯୭୩), ଉର୍ମି (୧୯୭୩), ଶବ୍ଦଲିପି (୧୯୭୫), କ୍ଲାନ୍ତ ପ୍ରଜାପତି (୧୯୭୯) ଓ ବିତର୍କିତ ଅପରାହ୍ନ (୧୯୭୯) । ଏହାପରେ ନାଟ୍ୟକାର ପାରମ୍ପରିକତା ଗଣ୍ଡି ମଧ୍ୟରେ ଆବଦ୍ଧ ଥିବା ବିଭିନ୍ନ ଲୋକଶୈଳୀକୁ ଗ୍ରହଣ କରି ନାଟକ ରଚନା କରିଛନ୍ତି । ତାହା ହେଉଛି ନନ୍ଦିକା କେଶରୀ ନାଟକ, ଯାହା ୧୯୮୫ ମସିହାରେ ରଚିତ । ଏହା ହିଁ ତାଙ୍କର ଶେଷ ନାଟକ । ଏଥିସହିତ ସେ ମଧ୍ୟ ଅନେକ ଛୋଟନାଟକ ରଚନା କରିଛନ୍ତି ।

॥ ଦୁଇ ॥

'ବିତର୍କିତ ଅପରାହ୍ନ' ନାଟକଟି ନାଟ୍ୟକାରଙ୍କର ନୂତନ ଅଭାସର ଏକ ଝଲକ । ଏଥିରେ ପିଢିଗତବ୍ୟବଧାନର ର ଝଲକ ସହିତ ନଷ୍ଟ ମୂଲ୍ୟବୋଧର ଚିତ୍ରକୁ ଉପସ୍ଥାପିତ କରାଯାଇଛି । ଏହି ନାଟକର ଆଲୋଚନା କାଳରେ ଏହାର ସାରସତ୍ୱ ସମ୍ପର୍କରେ ଅବଗତ ହେବା ଆବଶ୍ୟକ । ଏହା ଏକ ସତ୍ୟ ରହିତ ଘଟଣା ଉପରେ ପର୍ଯ୍ୟବେଶିତ । କିନ୍ତୁ ଏହାର ଚରିତ୍ର ଗୁଡ଼ିକ କଳ୍ପିତ ମାତ୍ର । ପୁରୁଷାନୁକ୍ରମିକ ଧାରାର ଯେଉଁ ବ୍ୟବଧାନ ରହିଛି, ତାହାକୁ ନେଇ ନାଟକ ପ୍ରସ୍ତୁତ କରାଯାଇଛି । ତେଣୁ ଏହି ସମ୍ପର୍କରେ ନାଟ୍ୟକାର କହନ୍ତି- "ବହୁବର୍ଷ ତଳେ ମୁଁ ଯେତେବେଳେ କୁଜଙ୍ଗରେ ରହୁଥିଲି.. ୧୯୫୦ ମସିହା ପାଖାପାଖି ବର୍ଷଗୁଡ଼ିକ ହେବ, ସେତେବେଳେ ସେ ଅଂଚଳରେ କିଛିଟା ଚାଂଚଲ୍ୟ ସୃଷ୍ଟିକରି ଏକ ସମ୍ବାଦ ପରିବେଶିତ ହେଲା ଯେ, ଏକ ପ୍ରାଚୀନ ସମ୍ଭ୍ରାନ୍ତ ପରିବାରରେ ପୂଜା ପାଉଥିବା ସ୍ୱର୍ଣ୍ଣ ପ୍ରତିମା କନକ ଦୁର୍ଗା ମୂର୍ତ୍ତି ଚୋରି ହୋଇଯାଇଛି । ଯେଉଁ ଦୁର୍ଗା ମୂର୍ତ୍ତି ଚୋରି ହୋଇଗଲା ତାହା ପୁରୁଷାନୁକ୍ରମେ ପୂଜା ପାଇ ଆସୁଥିବାରୁ ଏବଂ ସେଇ ସମ୍ଭ୍ରାନ୍ତ ପରିବାରରର ଏକ ଉଚ୍ଚ ବିଶ୍ୱାସ ଥିବାରୁ ଅନେକ ଏ ଚୋରି ଘଟଣାରେ ବିଚଳିତ ଓ ଆତଙ୍କିତ ହୋଇପଡ଼ିଲେ । କନକ ଦୁର୍ଗାଙ୍କ ମୂର୍ତ୍ତିଟିକୁ ଉଦ୍ଧାର କରିବା ଲାଗି ସ୍ଥାନୀୟ ପୋଲିସ ଖୁବ ଖୋଜାଖୋଜି କଥା ସେତେବେଳେ ଶୁଣାଯାଉଥିଲା .... ସେଦିନ ଲୋକମୁଖରେ ପ୍ରଚାରିତ ସତ୍ୟାସତ୍ୟ ଅନୁସନ୍ଧାନ ମୁଁ କେବେ କରିନାହିଁ । ଆବଶ୍ୟକତା ମଧ୍ୟ ମୋ ପାଇଁ କିଛି ନଥିଲା । କିନ୍ତୁ ସେ ସମୟର ସେ ଘଟଣାଟି ମୋ ଅବଚେତନ ମନରେ ବିଭିନ୍ନ ଜେନେରେସନ ଭିତରେ ମୂଲ୍ୟବୋଧର ମାପଚୁପ ପାଇଁ ନିର୍ଦ୍ଦିଷ୍ଟ ଭାବେ ଏକ ଛାପ ଆଙ୍କି ଦେଇଥିଲ । ତେଣୁ ବୋଧହୁଏ ଜେନେରେସନ ଗ୍ୟାପ ପଟ୍ଟଭୂମିରେ ମୂଲ୍ୟବୋଧର ସଂଘର୍ଷ ଉପରେ ଆଧାରିତ ବିତର୍କିତ ଅପରାହ୍ନ ଲେଖିବାକୁ ଗଲାବେଳେ ମୋ ଅବଚେତନ ମନରେ ସାଇତା ହୋଇ ରହିଥିବା ସେଇ ଅତୀତ ଘଟଣାଟି ନାଟକରେ ନିର୍ଦ୍ଦିଷ୍ଟ ରୂପ ନେଲା ।" (୩) ଏହି ନାଟକର ବିଷୟସୂଚୀ ସମାଜରୁ ହିଁ ଗୃହୀତ । ପୁଣି ଏହାର ସାମାଜିକ ବିଶ୍ଳେଷଣ ସମାଜ ବାସ୍ତବତାର ସ୍ୱରୂପକୁ ଇଙ୍ଗିତ କରେ । ବିଶେଷକରି ତିରିଶ ବର୍ଷ ପୂର୍ବରୁ ଯେଉଁ କଥା ତାଙ୍କ ମନରେ ଅଲୋଡନ ସୃଷ୍ଟି କରିଥିଲା, ତାହା ନାଟକୀୟ ରୂପଲାଭ କଲା ୧୯୭୯ ମସିହାରେ । କୁଜଙ୍ଗର କନକଦୁର୍ଗା ମୂର୍ତ୍ତି ଘଟଣାକୁ ମାନସପଟ୍ଟରେ ରଖି ତାରି ଛାଂଚରେ ନିଜର ସ୍ୱଚେତନାର ପ୍ରଲେପ ଦେଇ ସୃଷ୍ଟିକଲେ ଏକ ନିଆରା ଭାବବସ୍ତୁ ।

ବିତର୍କିତ ଅପରାହ୍ନ ନାଟକର କଥାବସ୍ତୁର ଅବଧି ଚବିଶ ଘଂଟାର । ପ୍ରଥମ ଦିନର ଅପରାହ୍ନରୁ ଅର୍ଥାତ ଦିନ ଦୁଇଟାରୁ ଆରମ୍ଭ ହୋଇ ପରଦିନ ଅପରାହ୍ନ ଯାଏ । ନାଟ୍ୟକାହାଣୀର ଆରମ୍ଭ ହୁଏ ନୀଳରତନଙ୍କ ଶୋଇବାଘରୁ । ନୀଳରତନ ବୃଦ୍ଧ । ବୟସର ଉତ୍ତର ପ୍ରହରରେ ସେ ଦଣ୍ଡାୟମାନ । ଚାକିରୀ ଜୀବନରୁ ଅବସର ପରେ ନିଜ ଗାଁରେ ରହନ୍ତି । ନିଜର ପେନସନ ଟଙ୍କାରେ ମାଧବଙ୍କର ଏକ ସ୍ୱର୍ଣ୍ଣମୂର୍ତ୍ତି କରି ନିଜସ୍ୱ ମନ୍ଦିରରେ ପ୍ରତିଷ୍ଠା କରିବା ନିମିତ୍ତ ସେ ଆଗ୍ରହୀ । ତେଣୁ ମନ୍ଦିର ନିର୍ମାଣ ନିମନ୍ତେ ସେ ଗାଁରୁ ସହରକୁ ଆସନ୍ତି, ପୁଅ ସୁକୁମାର ପାଖକୁ । ଏହିଠାରେ ଆରମ୍ଭ ହୁଏ ନାଟକର ମୁଖ୍ୟ ପର୍ଯ୍ୟାୟ । ସୁକୁମାର ଜଣେ ଉଚ୍ଚଶିକ୍ଷିତ । ସେ ଗାଁ ଛାଡ଼ି ସହରରେ ଚାକିରୀ କରନ୍ତି । ସ୍ତ୍ରୀ ଶାଶ୍ୱତୀ ଓ ପୁଅ ବୁଲୁବୁଲୁଙ୍କ ସଙ୍ଗରେ ନିଜେ ଏକ ଘରକରି ରହନ୍ତି । ବାପାଙ୍କ ଅଭିଳାଷ ଜାଣିପାରି ସ୍ୱଳ୍ପ ବେତନଭୋଗୀ ସୁକୁମାର ଟାଙ୍କା ଯୋଗାଡ଼ ପାଇଁ ଲାଗିପଡ଼ନ୍ତି । ମାତ୍ର ସେଥିରେ ସେ ସମର୍ଥ ହୁଅନ୍ତି ନାହିଁ । ତେଣୁ ସୁକୁମାର ବିଚଳିତ ହୋଇ ଉଠନ୍ତି । ଅଫିସରେ ଏକ କର୍ମଚାରୀଙ୍କ ପ୍ରରୋଚନାରେ ପଡ଼ି ବାପାଙ୍କ ନୀତି ଆଦର୍ଶକୁ ବଳିଦେଇ ଦିଅନ୍ତି । ଅନ୍ୟାୟ ଉପାୟରେ ଟଙ୍କା ରୋଜଗାର କରନ୍ତି । ତଥାପି ତିନିହଜାର ଟଙ୍କା ଅଭାବ ହୁଏ । ସ୍ତ୍ରୀ ଶାଶ୍ୱତୀ ସ୍ୱାମୀଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସନ୍ତି । ସେ ଚାକିରି କରନ୍ତି । କିନ୍ତୁ ଚାକିରୀର ଦରମା

ଠାରୁ ସେ ଅଧିକ ଦରମା ଆଣନ୍ତି । ଶ୍ୱଶୁରଙ୍କ ଉଦ୍ଦେଶ୍ୟରେ ଟଙ୍କା ଯୋଗାଡ଼ କରିବା ପାଇଁ ପୁରୁଣା ପ୍ରେମିକ ଆଦିତ୍ୟଙ୍କ ପାଖରୁ ଟଙ୍କା ଆଣନ୍ତି । କିନ୍ତୁ ଏଇଠି ନାଟକର ଶେଷ ପର୍ଯ୍ୟାୟରେ ସବୁକିଛି ବଦଳିଯାଏ । ଯେଉଁ କାରଣ ଯୋଗୁଁ ସୁକୁମାରଙ୍କ ପରିବାରରେ ଘୋଡ଼ାଦୌଡ଼ର ପରିସ୍ଥିତି ଉପୁଜେ, ସେତେବେଳେ ମାଧବଙ୍କ ସ୍ୱର୍ଣ୍ଣମୂର୍ତ୍ତି ଚୋରି ନାଟକୀୟ ଉତ୍କଣ୍ଠା ସୃଷ୍ଟିକରେ । ନୀଳରତନ ଯେଉଁ ମାଧବ ମୂର୍ତ୍ତିକୁ ମନ୍ଦିରରେ ପ୍ରତିଷ୍ଠା କରିବାକୁ ଗାଁ ଛାଡ଼ି ସହରକୁ ଆସିଥିଲେ, ସେହି ମାଧବ ମୂର୍ତ୍ତିକୁ ନାତି ବୁଲ୍‌ବୁଲ୍ ଚୋରିକରି ଅନ୍ୟତ୍ର ବିକ୍ରି କରିଦିଏ । ନିଜର ସାଥୀ ଲିନା ସହିତ ବୁଲ୍‌ବୁଲ୍ ଘରୁ ବାହାରିଯାଏ ଏକ ଦିଗନ୍ତ ସୁଖର ସନ୍ଧାନରେ । ବୃଦ୍ଧ ନୀଳରତନ ଆଶାଶୂନ୍ୟ ହୋଇ କେବଳ ବିଳାପ କରନ୍ତି । ସୁକୁମାର ଓ ଶାଶ୍ୱତୀ କିଂକର୍ତ୍ତବ୍ୟମୂଢ଼ ହୋଇ ଘରଟାରେ ଗୁମ୍‌କରି ବସିରହନ୍ତି । ଅନ୍ତରାଳରେ ଘନ କୁହୁଡ଼ିର ଆସ୍ତରଣ ଭଳି ଅନେକ ସଂସ୍କୃତ ଶ୍ଳୋକର ଆବୃତ୍ତି ହୁଏ, ଏବଂ ନାଟକର ଯବନିକା ପଡ଼େ ।

॥ ତିନି ॥

'ବିତର୍କିତ ଅପରାହ୍ଣ' ନାଟକଟି ଏକ ସାମାଜିକ ସମସ୍ୟାଧର୍ମୀ ନାଟକ । ଏଥିରେ ସମୟଗତ ବ୍ୟବଧାନକୁ ଗୁରୁତ୍ୱ ଦିଆଯାଇଛି । ପାରମ୍ପରିକ ମୂଲ୍ୟବୋଧର ଭଙ୍ଗା ଏହାର ମୁଖ୍ୟ ଆବେଦନ । ଏହାର ଭାବଭୂମି ଓ ଚରିତ୍ର ପ୍ରାଚ୍ୟର ଆଦର୍ଶରେ ଦଣ୍ଡାୟମାନ । କିନ୍ତୁ ଏଥିରେ ପ୍ରୟୋଗ ହେଉଥିବା ଚିନ୍ତାଧାରାଟି ସମ୍ପୂର୍ଣ୍ଣ ପାଶ୍ଚାତ୍ୟ ଶୈଳୀରେ ବିଶ୍ଳେଷିତ । ମୋଟ ଆଠଟି ଚରିତ୍ରକୁ ନେଇ ନାଟକ ଗତିଶୀଳ ହୋଇଥିଲେ ମଧ୍ୟ ଏଥିରେ ଚାରୋଟି ଚରିତ୍ରକୁ ମୁଖ୍ୟତଃ ଗୁରୁତ୍ୱ ଦିଆଯାଇଛି । ସେମାନେ ହେଲେ ବୃଦ୍ଧ ନୀଳରତନ, ସୁକୁମାର, ଶାଶ୍ୱତୀ, ବୁଲ୍‌ବୁଲ୍ ଏବଂ ଅନ୍ୟ ଚରିତ୍ର ଗୁଡ଼ିକ ହେଲେ ବୃଦ୍ଧ ନୀଳରତନଙ୍କ ବନ୍ଧୁ ଚନ୍ଦ୍ରମୋହନ, ବୁଲ୍‌ବୁଲ୍‌ର ସାଥୀ ଲୀନା, ଘରର ଚାକର ବନା ଓ ସୁକୁମାର ଅଫିସ୍‌ର ତଳିଆ କର୍ମଚାରୀ ଷ୍ଟେନୋଗ୍ରାଫର । ସମଗ୍ର ନାଟକରେ ବିତର୍କିତ ହେଉଥିବା ଚରିତ୍ର ଗୁଡ଼ିକ ପ୍ରାୟତଃ ନିଜସ୍ୱ ଭାବନା ଯୋଗୁଁ । କେବଳ ଯେ ଏଥିରେ ନାଟ୍ୟକାର ସୁକୁମାର ଓ ଶାଶ୍ୱତୀଙ୍କର ଅବିଚଳିତ ମନକୁ ନେଇ ପରୀକ୍ଷା କରିଛନ୍ତି, ତାହା ନୁହେଁ । ବରଂ ଏଥିରେ ସମାଜର ବସବାସ କରୁଥିବା ତିନୋଟି ପିଢ଼ିର ବ୍ୟକ୍ତିତ୍ୱକୁ ସେ ପରୀକ୍ଷା କରିଛନ୍ତି । ସେଇ ତିନିପିଢ଼ିର ପ୍ରତିନିଧି ହେଉଛନ୍ତି ବୃଦ୍ଧ ନୀଳରତନ, ସୁକୁମାର ଓ ଶାଶ୍ୱତୀ, ଏବଂ ବୁଲ୍‌ବୁଲ୍ ।

ବୃଦ୍ଧ ନୀଳରତନର ଚରିତ୍ରଟିକୁ ନାଟ୍ୟକାର ଜୀବନର ସାୟାହ୍ନ କାଳର ପରିଧି ଭିତରେ ଦଣ୍ଡାୟମାନ କରିଛନ୍ତି । ଯାହାର ଅବଶପଣ ନାଟକର ଆରମ୍ଭରୁ ଦେଖାଯାଏ । ସେ ସରଳ, ଈଶ୍ୱର ବିଶ୍ୱାସୀ । ନୀତିନିୟମ, ପରମ୍ପରା, ଆଭିଜାତ୍ୟ ଓ ନୈତିକତାର ପଥରେ ସେ ସ୍ଥିର । କୌଣସି ଛଳନା କିମ୍ବା ପ୍ରତାରଣାର ଚିହ୍ନ ତାଙ୍କଠାରେ ପରିଲକ୍ଷିତ ହୁଏନାହିଁ । ସଦା କର୍ତ୍ତବ୍ୟ ପଥରେ ସେ ଚାଲି ଜୀବନକୁ ଏକ ରୁଟିନରେ ପରିଣତ କରିଛନ୍ତି । ପରିଶେଷରେ ଅଫିସ କାର୍ଯ୍ୟରୁ ମୁକ୍ତ ହୋଇ ଏକାନ୍ତ ଭାବରେ ଭଗବତପ୍ରେମୀ ହୋଇପଡ଼ନ୍ତି । ମାଧବଙ୍କ ଧ୍ୟାନରେ ତାଙ୍କର ଦିନ ଆରମ୍ଭ ଓ ଶେଷ ହୁଏ । ତେଣୁ ଏହି ଶ୍ରେଣୀୟ ପିଢ଼ି ପାଖରେ ନାଟ୍ୟକାର ପାରମ୍ପରିକ ମୂଲ୍ୟବୋଧର ଏକ ମହାନ ବୈଶିଷ୍ଟ୍ୟ ଦେଖାଇଛନ୍ତି । ତାଙ୍କର ସମଗ୍ର ଜୀବନର ପରିଧି ଆଦର୍ଶରେ ପରିପୂର୍ଣ୍ଣ । ଏହିପରି ଏକ ଚରିତ୍ରକୁ ନାଟ୍ୟକାର ନାଟକର ପ୍ରାରମ୍ଭରୁ ଅସହାୟ କରିଦେଇଛନ୍ତି । ନାତି ବୁଲବୁଲ୍ ପାଖରେ ସେ ଜଣେ କୌତୁକର ସାମଗ୍ରୀ । ଫାମ୍ପା ଚୁଡ଼ା । ଯାହାର କିଛି ଟାଣତ୍ୱ ନାହିଁ । ସେହିପରି ମଧ୍ୟମ ପିଢ଼ିରେ ଅଛନ୍ତି ସୁକୁମାର ଓ ଶାଶ୍ୱତୀ । ସୁକୁମାର ଗାଁ ଛାଡ଼ି ସହରରେ ରହନ୍ତି । ସହରର ଗୋଟିଏ ଅଫିସରେ ସେ କାର୍ଯ୍ୟରତ । ତାଙ୍କରି ପାଖରେ ନୈତିକତାର ଚିହ୍ନ ଅସ୍ପଷ୍ଟ, କିନ୍ତୁ ସେ ନାସ୍ତିକ ନୁହଁନ୍ତି । ପରିବେଶ ପରିସ୍ଥିତି ଏକାବେଳକେ ତାଙ୍କୁ ଏହି ପଥରୁ ବିଚ୍ୟୁତ କରିଥିବା ଲକ୍ଷ୍ୟ କରିହୁଏ । ଯାନ୍ତ୍ରିକ ଯୁଗରେ ସେ ଯେପରି ଯନ୍ତ୍ରଚାଳିତ ମାନବ ପାଲଟି ଯାଇଛନ୍ତି । ଘରୁ ଅଫିସ ଓ ଅଫିସରୁ ଘର ତାଙ୍କର କେବଳ ଘୋଡ଼ାଦୌଡ଼ । ଭଲରେ ଗଣ୍ଡେ ଖାଇବା ଭଲରେ ରହିବା ତାଙ୍କର ଏକାନ୍ତ କାମ୍ୟ । ତେଣୁ ଘରର କଥା ବୁଝିବା ତାଙ୍କ ପକ୍ଷେ ସମ୍ଭବ ହୋଇନି । ତେଣୁ ସ୍ତ୍ରୀ ଶାଶ୍ୱତୀ ଓ ପୁଅ ବୁଲ୍‌ବୁଲ୍ ପାଖରେ ସେ ଅଲୋଡ଼ା ଓ ଅଖୋଜା । ଏହାରି ଭିତରେ ସେ ଅତ୍ୟନ୍ତ ଅବିଚଳିତ ହୋଇପଡ଼ନ୍ତି ଓ ବାପାଙ୍କ ପାଇଁ ଯେଉଁ ଅର୍ଥର ଆବଶ୍ୟକ ହୁଏ ତାରି ମଧ୍ୟରେ ଆତ୍ମଦ୍ୱନ୍ଦ୍ୱ ଆହୁରି ତୀବ୍ର ହୁଏ । ତେଣୁ ନାଟ୍ୟକାର ଏହି ଚରିତ୍ରଟି ମଧ୍ୟରେ ସମଗ୍ର ମଧ୍ୟମ ପିଢ଼ିମାନଙ୍କର ଦୁଃଖ, ଯନ୍ତ୍ରଣା ଓ ଅବଶୋଷର ଚିତ୍ରକୁ ଦେଖାଇଛନ୍ତି ।

ନାଟ୍ୟକାର ଶାଶ୍ୱତୀ ଚରିତ୍ର ମାଧ୍ୟମରେ ନାରୀ ମନ ଭିତରେ ଥିବା ଭିନ୍ନତାକୁ ଦେଖାଇଛନ୍ତି । ଏହି ଚରିତ୍ରଟିକୁ ମଧ୍ୟମ ପିଢ଼ିରେ ଅବତାର୍ଣ୍ଣ । ନାଟ୍ୟକାର ତାଙ୍କର ସମଗ୍ର ନାଟକ ଗୁଡ଼ିକରେ ନାରୀମାନଙ୍କୁ ଏକ ଭିନ୍ନ ଭାବରେ ଦେଖାଯାଇଛି, ଯାହା ତାଙ୍କର ନାଟକ ଗୁଡ଼ିକରୁ ଦେଖିବାକୁ ମିଳେ । ନାରୀ ମନରେ ଥିବା କ୍ଷୁଧାକୁ ସେ ଅତିସୁନ୍ଦର ଭାବରେ ବିଶ୍ଳେଷଣ କରିଛନ୍ତି । ତେଣୁ ତାଙ୍କ ମତରେ ନାରୀ ଏକ କାମିନୀ, ତାର ଅଦମ୍ୟ ଅଭିଳାଷ ଥାଏ । ଯାହାକୁ କେହିବି ଶାନ୍ତ କରିପାରନ୍ତି ନାହିଁ । ତେଣୁ ନାଟ୍ୟକାର ନାରୀକୁ ସ୍ତ୍ରୀ-ଜାୟା-ଜନନୀର ଫର୍ମୁଲା ଭିତରେ ବାହାର କରି ନାରୀକୁ ଆଉ ଏକ ଫର୍ମ ଭିତରେ ରଖିଛନ୍ତି, ତାହା ହେଲା ଛଳନା । ଏହି ଛଳନାକୁ ଅସ୍ତ୍ରକରି ନାରୀଟିଏ ପୁରୁଷର ସମସ୍ତତାକୁ ନିଜର ଅଧିନ କରିନିଏ । ଏହିପରି ଏକ ସୂକ୍ଷ୍ମ ଚିନ୍ତାଧାରା ଶାଶ୍ୱତୀ ଚରିତ୍ର ଭିତରେ ନାଟ୍ୟକାର ଦେଖାଇଛନ୍ତି । ଶାଶ୍ୱତୀ ସୁକୁମାରଙ୍କର ଧର୍ମପତ୍ନୀ ହେଲେ ମଧ୍ୟସେ ଆଦିତ୍ୟଙ୍କର ପୁରୁଣା ପ୍ରେମିକା ମଧ୍ୟ । ସେ ସୁକୁମାରଙ୍କୁ ବୈବାହିକ ସୁଖଦେବା ସହିତ ଆଦିତ୍ୟଙ୍କର ପ୍ରେମକୁ ପାଇବାକୁ ବ୍ୟଗ୍ର । ତେଣୁ ସେ ଅଫିସର ବାହାନା କରି

ଆଦିତ୍ୟଙ୍କ ସହିତ ମିଶିବାକୁ ଚାହାଁନ୍ତି । ସେ ଏକ ଉଗ୍ର ସ୍ୱଭାବି ଓ ସ୍ୱାଧୀନା ହେଲେ ମଧ୍ୟ ତାଙ୍କ ପାଖରେ ବୋହୂର ଢଙ୍ଗ ବି ରହିଛି । ଶ୍ୱଶୁର ନୀଳରତନଙ୍କ ମନ୍ଦିର ନିର୍ମାଣ ପାଇଁ ଟଙ୍କା ଯୋଗାଡ଼ କରିବା ପାଇଁ ଅଗେଇ ଆସନ୍ତି । ଅଫିସରୁ ଟଙ୍କା ଆଣିବା କହି ପ୍ରେମିକ ଆଦିତ୍ୟଙ୍କ ପାଖରୁ ଟଙ୍କା ଆଣି ସ୍ୱାମୀଙ୍କୁ ଦିଅନ୍ତି । ଏଥିରେ ନାଟକୀୟ ଦ୍ୱନ୍ଦ ଆହୁରି ତୀବ୍ର ହୋଇଉଠେ । ସୁକୁମାର ଶାଶ୍ୱତୀକୁ ସନ୍ଦେହ କରନ୍ତି । ଉଭୟ ଆତ୍ମଦ୍ୱନ୍ଦ ଘେରା ଭିତରେ ବିତର୍କିତ ହୋଇଉଠନ୍ତି । ଶାଶ୍ୱତୀ ନିଜର ଛାପକୁ ଲୁଚାଇବାକୁ ଯାଇ ବନ୍ଧୁଙ୍କ ଠାରୁ ଟଙ୍କା ଆଣିବା କଥା କହନ୍ତି । ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଅନ୍ତଦ୍ୱନ୍ଦ ନାଟକୀୟ ଉତ୍କଣ୍ଠାକୁ ଆହୁରି ବଳିଷ୍ଠ କରେ ।

ସେହିପରି ବୁଲୁବୁଲ ଚରିତ୍ରଟିକୁ ନାଟକର ପ୍ରାରମ୍ଭିକ ପିଢିରେ ରଖିଛନ୍ତି । ନାଟ୍ୟକାର ବୁଲ୍‌ବୁଲ୍‌କୁ ଆଧୁନିକତାର ସ୍ୱାଦ ଚଖାଇଛନ୍ତି । ତାକୁ ଏଷ୍ଟାମର୍ଦ୍ଦନ କରିଦେଇଛନ୍ତି । ତାହାର ଆଚାର ବ୍ୟବହାର ସମ୍ପୂର୍ଣ୍ଣ ଅଲଗା । ସେ ଈଶ୍ୱର ବିଶ୍ୱାସୀ ନୁହେଁ କି ପ୍ରଚଳିତ ପ୍ରଥା ପରମ୍ପରାର ଛାପ ତା'ଠାରେ ଦୃଷ୍ଟିଗୋଚର ହୁଏ ନାହିଁ । ସେ ନୂତନତ୍ୱର ସନ୍ଧାନୀ । ଜୀବନକୁ ନୂଆକରି ଦେଖିବା ଓ ତାରି ଭିତରେ ଆନନ୍ଦ ପାଇବା ପାଇଁ ସେ ବ୍ୟଗ୍ର । ତେଣୁ ଶ୍ମଶାନକୁ ହିଁ ସୁଖର ଅନ୍ୟ ଏକ ପ୍ରମୁଖ ସ୍ଥାନ ବାଛିନେଇଛି । ଜୀବନର ଅନ୍ତିମ ସ୍ଥାନ ହେଉଛି ଶ୍ମଶାନ । ଯେଉଁଠି ମଣିଷ ସବୁଦିନ ପାଇଁ ନିଶ୍ଚିହ୍ନ ହୋଇ ଚୀରଶାନ୍ତି ନିଦ୍ରାରେ ଶୋଇପଡ଼େ । ନାଟ୍ୟକାର ତେଣୁ ଆଧୁନିକତାର ସ୍ୱାଦ ଭିତରେ ସାମ୍ପ୍ରତିକ ମଣିଷ କିପରି ନିଜକୁ ବିଚଳିତ କରିଦେଇଛି, ଏହି ବିଚଳିତ ଜୀବନ ଭିତରେ ସେ ଶ୍ମଶାନକୁ ହିଁ ସୁଖର ସାଧନାସ୍ଥଳ ଭାବେ ବାଛିନେଇଛି । ଯାହାର ପ୍ରତୀକ ବୁଲ୍‌ବୁଲ୍ ଚରିତ୍ର ମାଧ୍ୟମରେ ଦେଖାଇଛନ୍ତି । ନାଟ୍ୟକାର ଶ୍ରୀ ଦାସ ସୁକୁମାର ଓ ଶାଶ୍ୱତୀଙ୍କୁ ବୁଲବୁଲ ପାଖରେ ହିପୋକ୍ରାସୀ କରାଇ ଦେଇଛନ୍ତି । ପ୍ରଚଳୀତ ସମାଜରେ ଯେଉଁଭଳି ଭାବରେ ଶୃଙ୍ଖଳିତ ହୋଇ ଲଭ, ରୋମାନ୍ସ, ସେକ୍ସ ଭିତରେ ଜୀବନକୁ ଜୀଇବାରେ ବ୍ୟସ୍ତ, ତାହାର ବିବରଣୀ ବୁଲବୁଲ ଚରିତ୍ରଟିରେ ତାହାକୁ ଦେଖାଇଛନ୍ତି । ତେଣୁ ବୁଲବୁଲ ନିଜର ବାପାମାଆଙ୍କ ପ୍ରତି ବ୍ୟବହାର ମଧ୍ୟ ଏକ ଅବାଧ ସନ୍ତାନର କାର୍ଯ୍ୟପରି ହୋଇଯାଇଛି । ଏହାର କାରଣ ନିଜେ ତାର ବାପାମାଆ । ମାଆଙ୍କର ସ୍ୱେଚ୍ଛାଚାରୀ ଜୀବନକୁ ଅତି ପାଖରୁ ସେ ଦେଖେ ତେଣୁ ସେ ସେପରି ହେବା ସ୍ୱଭାବିକ୍ । ନିଜ ନିଜ କାର୍ଯ୍ୟରେ ବ୍ୟସ୍ତରହି ପିଲାମାନଙ୍କୁ ଅବହେଳା କରିବାର ଫଳ ପରବର୍ତ୍ତୀ ସମୟରେ ଯେଉଁ ବିକଟ ସମସ୍ୟା ସୃଷ୍ଟି କରେ, ତାହାର ଚିତ୍ର ବୁଲ୍‌ବୁଲ୍ ଚରିତ୍ରରେ ଦେଖିବାକୁ ମିଳେ । ଘର ଅପେକ୍ଷା ବାହାରର ପାଣି ପବନ ତାକୁ ବେଶ୍ ଭଲ ଲାଗେ । ତେଣୁ ସେ ନିଜର ସାଥୀ ଲୀନା ସହିତ ମିଳାମିଶାରେ ଖୁସି ଅନୁଭବ କରେ । ପରିଣାମରେ ମାଧବଙ୍କ ମୂର୍ତ୍ତି ଚୋରି ତା ପାଇଁ କୌଣସି ଦୋଷ ନୁହେଁ କି ଚୋରି କରି ସେ ପ୍ରକୃତିସ୍ଥ ବି ନୁହେଁ । ତେଣୁ ସେ ଦୃଢ ସ୍ୱରରେ କହେ – "ସେମାନଙ୍କୁ କାହିଁକି ପଚାରୁଛ ଜେଜେ ? ନେଇଥିଲେ କ'ଣ ସେମାନେ କହନ୍ତେ ? ଯେତେ ଯାହା ଯେଉଠୁ ନେଉଛନ୍ତି... ଯେତେଯାହା ଯେଉଠୁ କରୁଛନ୍ତି କହିପାରିବେ ସେମାନେ ? ସେ ସାହାସ ଅଛି ? ଫମ୍ପା ଢୋଲ ... କେତେବେଳେ ସେ ପାଖ... ହିପୋକ୍ରାସୀ.. ।" ପୁଣି ଚୋରି କରି ନିଜ ମୁହଁରେ ମାନିବା ବେଳେ ଟିକେ ବି ସଂକୋଚ ଲାଗିନି ଅତି ଦର୍ପର ସହ କହେ – "ଆଃ.. ଏତେ ଜୋରରେ କାହିଁକି ଚିକ୍ରାର କରୁଛ ଯେ ? ହଁ ମୁଁ ନେଇଯାଇଛି... ମୋର ଟଙ୍କା ଦରକାର... ଲୀନା ସଙ୍ଗରେ ବୁଲିବି... ଫୁର୍ତ୍ତି କରିବି...ଆଃ.. କି ସୁନ୍ଦର ହେବ... ଲୀନା ଆଉ ମୁଁ .. ମୁଁ ଆଉ ଲୀନା ... ।"

ନାଟ୍ୟକାରଙ୍କର ସମଗ୍ର ନାଟକଟିକୁ ଦେଖିଲେ ଏଠାରେ Generation Gap ସହିତ The end of morality ବା ନୈତିକତାର ଅନ୍ତ ଘଟିଥିବାର ଦେଖାଯାଏ । ବୁଲବୁଲ ହିଁ ଏହି ନଷ୍ଟ ମୂଲ୍ୟବୋଧର ପ୍ରତୀକ । ନାଟ୍ୟକାର ଶ୍ରୀ ଦାସ ନାଟକରେ ସୁକୁମାର ଓ ଶାଶ୍ୱତୀ ପାଇଁ ଯେତିକି ତତ୍ପର ନ ହୋଇଛନ୍ତି, ସେତିକି ବୁଲ୍‌ବୁଲ୍ ଚରିତ୍ରକୁ ପ୍ରାଧାନ୍ୟ ଦେଇଛନ୍ତି । ସୁକୁମାର ଓ ଶାଶ୍ୱତୀ ଜୀବନରେ ଚାକଚକ୍ୟ ଓ ଆତ୍ମମନନ ପାଇଁ ବିତର୍କିତ । ଗୋଟିଏ ପଟେ ସୁକୁମାର ନୈତିକତାକୁ ହରାଇବାର ଭୟ ଭିତରେ କାତର ହେଉଥିବା ବେଳେ ସ୍ତ୍ରୀ ଶାଶ୍ୱତୀ ଛଳନା ଓ ପରପୁରୁଷ ଚିନ୍ତାରେ ମଗ୍ନ । ପୁଣି ଏସବୁର ଅନୁଶୋଚନା ଭିତରେ ଅତର୍କିତ । କିନ୍ତୁ ବୁଲବୁଲ ନାଟକରେ କେନ୍ଦ୍ରିୟ ଚରିତ୍ର ଭାବରେ ଦଣ୍ଡାୟମାନ । ଯଦିଓ ନାଟ୍ୟକାର ବୁଲବୁଲ ଚରିତ୍ରଟିକୁ ମଂଚରେ ଖୁବ୍ କମ୍ ଦେଖାଇଛନ୍ତି, କିନ୍ତୁ ତାର ଅବସ୍ଥିତି ସମ୍ପୂର୍ଣ୍ଣ ନାଟକର ବଳୟ ମଧ୍ୟରେ ରହିଛି । ସୁକୁମାରକୁ ନାଟ୍ୟକାର ଜୀବନର ଅପରାହ୍ଣରେ ବିତର୍କିତ ହେଉଥିବାର ଦେଖାଇଛନ୍ତି, ଏକଥାଟି ସତ; ହେଲେ ବୁଲ୍‌ବୁଲ୍‌ର ଅବାଧତାକୁ ଅଧିକ ଗୁରୁତ୍ୱ ଦେଇଛନ୍ତି । ଏହିପରି ଭାବରେ ତିନିପିଢ଼ିର ଯୋଜନା ପ୍ରସ୍ତୁତ କରି ତିନୋଟି ପୁରୁଷର ଆତ୍ମପରିଚୟ ସହିତ ପରିବର୍ତ୍ତିତ ସମୟର ସ୍ରୋତରେ ମଣିଷର ଚିନ୍ତାଧାରା କିପରି ଜଣକ ଠାରୁ ଅନ୍ୟ ଜଣକର ଭିନ୍ନ, ତାହା ଏଥିରେ ଦେଖିବାକୁ ମିଳେ । ବୃଦ୍ଧ ନୀଳରତନ, ପୁଅ ସୁକୁମାରର ଅନିୟନ୍ତ୍ରିତତାକୁ ଦେଖି ବିଚଳିତ, ତଥାପି ସେ ନୀରବ ରହିଛନ୍ତି । କାରଣ ସେ ସବୁ ଜାଣନ୍ତି ଯେଉଁଠି କର୍ତ୍ତବ୍ୟର ଅବମାନନା ଘଟେ ସେଠି ମାନବିକ ମୂଲ୍ୟବୋଧ ଖୋଜିବା ବିଡ଼ମ୍ବନା ମାତ୍ର ।

ନାଟକରେ ଚରିତ୍ର ସଂଯୋଜନାରେ ଯଥେଷ୍ଟ ଗୁରୁତ୍ୱ ରହିଛି । ଏଥିସହିତ ନାଟକୀୟ ଛାୟାଶୈଳୀର ପ୍ରୟୋଗ ଓ ଫ୍ରିଜ ଟେକନିକ୍‌ର ପ୍ରୟୋଗ ଭିତରେ ନାଟକର ମଂଚାୟନକୁ ବି ଗୁରୁତ୍ୱ ଦେଇଛନ୍ତି । ଛାୟାଶୈଳୀରେ ସୁକୁମାର ଓ ଶାଶ୍ୱତୀର ଆତ୍ମମନ୍ଥନ ତଥା ଫ୍ଲାସବ୍ୟାକ୍‌କୁ ଯିବା ପ୍ରସଙ୍ଗ ଭିତରେ ନାଟକୀୟ ଦ୍ୱନ୍ଦ ସହିତ ଅନ୍ତଃମନର କୁଟିଳତା,

ନିରାଶ ମନୋଭାବ, ଛଳନା ଓ ବିଭତ୍ସର ବାସ୍ତବତାର ରୂପଚିତ୍ରକୁ ଦେଖାଇବାରେ ସଫଳ ହୋଇଛନ୍ତି । ସେହିପରି ଫ୍ରିଜ ଟେକନିକ୍ ପ୍ରୟୋଗ ମଧ୍ୟ ଏଥିରେ ଦେଖିବାକୁ ମିଳେ । ଏହି ସମୟସୀମା ମଧ୍ୟରେ ସଫଳ ନାଟ୍ୟକାର ବିଜୟ ମିଶ୍ର ପ୍ରଥମେ ଫ୍ରିଜ୍ ଟେକନିକ୍ ପ୍ରୟୋଗ କରିଥିଲେ ୧୯୬୮ ମସିହାରେ 'ଶବ ବାହକମାନେ' ନାଟକଠାରୁ । ସେଇ ଫ୍ରିଜର ଟେକନିକ୍‌କୁ ନାଟ୍ୟକାର ଶ୍ରୀ ଦାସ ଗ୍ରହଣ କରିଛନ୍ତ ଏହି ନାଟକରେ । ନାଟ୍ୟକାହାଣୀର ପରିକଳ୍ପନା ସହିତ ଏହାର ମଂଚାୟନ କ୍ଷେତ୍ରରେ ଯଥେଷ୍ଟ ଗୁରୁତ୍ୱ ଦେଇଛନ୍ତି । ସେ ମଂଚକୁ ଦୋମହଲା ଭାବରେ ଦେଖାଇ ତାକୁ ଚାରୋଟି ଜୋନରେ ବିଭକ୍ତ କରି ଚରିତ୍ରମାନଙ୍କୁ ଏହି ଜୋନରେ ଗତିଶୀଳ କରାଇଛନ୍ତି । ଜୋନ ୧ରେ କୌଣସି ଏକ ପୋଷ୍ଟଅଫିସ ସମ୍ମୁଖରେ ଘାସ ପଡ଼ିଆ ଭିତରେ ଝଙ୍କାଳିଆ ଏକ ଗଛ... ଡାଉନ ଷ୍ଟେଜରେ ଡାହାଣ ପାଖରେ ଏହାକୁ ରଖିଛନ୍ତି । ଜୋନ ୨ରେ ପ୍ରଥମ ଭାଗରେ ଦୋମହଲାରେ ସୁକୁମାରଙ୍କର ଅଫିସ ରୁମ୍, ଦ୍ୱିତୀୟ ବାଗରେ ନୀଳରତନଙ୍କର ଉପର ମହଲାରେ ଶୋଇବା ଘରକୁ ଦେଖାଇଛନ୍ତି । ସମଗ୍ର ଉଚ୍ଚ ଅପଷ୍ଟେଜ ଲେଭେଲଟି ଏହି ଜୋନ ପାଇଁ ବ୍ୟବହୃତ ହୋଇଛି । ସୁକୁମାରଙ୍କର ଅଫିସରୁମର ଦୃଶ୍ୟ ସମୟରେ ଅଫିସ ଟେବୁଲ ଓ ଗୋଟିଏ ଚୌକି ରହିବାର ବ୍ୟବସ୍ଥା କରାଯାଇଛି । ଜୋନ ୩ରେ ସହରତଳିଅଂଚଳର ଦୃଶ୍ୟ ସହିତ ଶ୍ମଶାନର ଦୃଶ୍ୟ ରହିଛି ଓ ଜୋନ୪ରେ ସୁକୁମାରଙ୍କେର ଡ୍ରଇଁରୁମର ଦୃଶ୍ୟ ରହିଛି । ଏସବୁକୁ ନିୟନ୍ତ୍ରଣ କରିବା ପାଇଁ ପ୍ରତି ଜୋନରେ ବିଭିନ୍ନ ଲାଇଟର ବ୍ୟବସ୍ଥା କରାଯାଇଛି । ଏଥିସହିତ ନାଟ୍ୟକାହାଣୀକୁ ସେ ମୁଖ୍ୟତଃ ପ୍ରସ୍ତାବନା, ପ୍ରଥମ ଅଙ୍କ, ଦ୍ୱିତୀୟ ଅଙ୍କ,ଓ ଉପସଂହାର ଏହିପରି ଚାରୋଟି ଅଙ୍କରେ ବିଭକ୍ତ କରି ନାଟକର ପରିସମାପ୍ତି କରିଛନ୍ତି ।

॥ ଚାରି ॥

ଏଣୁ ସମଗ୍ର ନାଟକଟିକୁ ଦେଖିଲେ ନାଟ୍ୟକାର ମନୋରଞ୍ଜନ ଦାସଙ୍କର ଏକ ଅଭିନବ ଶୈଳୀପରି ମନେହୁଏ । ସ୍ୱଳ୍ପ ସଂଳାପ ମଧ୍ୟରେ ଅନେକ କଥାର ଯେପରି ବିସ୍ତାରତା ଅନୁଭବ ହୁଏ । ନୀଳରତନ ଓ ବନ୍ଧୁ ଚନ୍ଦ୍ରମୋହନଙ୍କ ମଧ୍ୟରେ କଥୋପକଥନ ସମୟରେ ନୀଳରତନଙ୍କ ଉଚ୍ଚାରିତ ମାଧବଙ୍କ ନାମ ମନର ଅନେକ କୋହଭରା ଅସ୍ପଷ୍ଟ ଯନ୍ତ୍ରଣାର ସ୍ପଷ୍ଟ ସୂଚନା ମିଳେ । ନାଟକରେ କଥାବସ୍ତୁକୁ ସମାନ୍ତରାଳ ଗତିକୁ ବକ୍ରକରି ନାଟକୀୟ ଦ୍ୱନ୍ଦ ଉତ୍କଣ୍ଠା ସୃଷ୍ଟି କରିବା ପାଇଁ ଅବଚେତନ ମନର ବୃତ୍ତାନ୍ତ ମଧ୍ୟ ଏକ ଭିନ୍ନ ଶୈଳୀ । ଏଥିସହିତ ନାଟକରେ ସଙ୍ଗୀତର ପ୍ରୟୋଗ ନକରି କେତେକ ଅସଂଗତିପୂର୍ଣ୍ଣ ଶବ୍ଦର ଉଚ୍ଚାରଣ ବୁଲବୁଲ ମାଧ୍ୟମରେ ଦେଇଛନ୍ତି । ଯାହାକୁ ଠିକ୍ ଆବସର୍ଡ଼ କହିହେବ ନାହିଁ । ବୁଲବୁଲ ଓ ଲୀନା ମଧ୍ୟରେ ସଙ୍ଗୀତର ସ୍ୱର ଏହିପରି ହିହିହି...ହାହାହା...ରିମ୍‌ଝିମ୍...ଟିମ୍‌ସିମ୍‌ସିମ୍ .ସାସାସା...ହିହି..ହାହା । ଏହି ସଙ୍ଗୀତର ଅର୍ଥ ସେମାନଙ୍କୁ ଜଣା, ଏବଂ ଏହି ଅସଲଗ୍ନ, ଛନ୍ଦହୀନ, ତାଳଲୟ ହୀନ, ବେସୁରା ଗାନ ମଧ୍ୟରେ ଘୋଡ଼ାଦୌଡ଼ ଜୀବନର ଅସଲଗ୍ନତାର ପ୍ରତୀକ ପରି ମନେହୁଏ । କିନ୍ତୁ ବୁଲବୁଲ ମତରେ ଏହାର ଅର୍ଥ ତୁମେ ମୁଁ, ମୁଁ ତୁମେ, ଟେବୁଲ୍, ଚୌକି, ବହି,ସମୁଦ୍ର କ୍ଲାସରୁମ.. । ତେଣୁ ପ୍ରକାରନ୍ତରେ ଏହି ଶବ୍ଦର ଅର୍ଥ ସମୂହକୁ ସୂଚୀତ କରେ । ଯେଉଁଠି ମନୁଷ୍ୟ ନିଜର ଜୀବନକୁ ଠିକ୍ ଏଇ ଭାବରେ ନେଇ ବଂଚିଛି । ଯାହାକୁ ବଦଳାଇବା କାହା ପକ୍ଷେ ସମ୍ଭବ ନୁହେଁ । ଯାହାକି ସାମ୍ପ୍ରତିକ ସମାଜର ମାନଦଣ୍ଡ ପାଲଟିଛି । ବ୍ୟକ୍ତି ଏହାରି ଭିତରେ ନିଜକୁ ଆତ୍ମଗୋପନ କରିରଖିଛି ।

ନାଟ୍ୟକାର ଶ୍ରୀ ଦାସଙ୍କ ନାଟକରେ ପ୍ରତୀକ ପ୍ରୟୋଗର ମାତ୍ରା ଯଥେଷ୍ଟ ଅଧିକ । ତାଙ୍କର ପ୍ରତି ନାଟକରେ ସେ କିଛି ନା କିଛି ପ୍ରତୀକ ପ୍ରୟୋଗ କରି ପାଠକ ତଥା ଦର୍ଶକର ବୃଦ୍ଧିର ପରୀକ୍ଷା କରିଥାନ୍ତି । ତାଙ୍କର 'ବନହଂସୀ'ରେ ଅଚଳ ଘଂଟାର ପ୍ରୟୋଗ ସମୟହୀନତା ବ୍ୟବଧାନକୁ ଦେଖାଇଛନ୍ତ । ସେହିପରି 'ଅରଣ୍ୟ ପସଲ' ନାଟକରେ ଛେଳିର ମେଁ ମେଁ ଶବ୍ଦ ଭିତରେ ବ୍ୟକ୍ତିର ପାଶବିକ ଯୌନକ୍ଷୁଧାର ପ୍ରତୀକ ଦେଖିବାକୁ ମିଳେ । 'ଅମୃତସ୍ୟ ପୁତ୍ର'ରେ ଚଳନ୍ତା ଟ୍ରେନର ପ୍ରତୀକ ଦେଇ ପୁରୁଣାକୁ ଭାଙ୍ଗି ନୂଆ ଗଢ଼ିବାର ସୂଚନା ମିଳେ । ସେହିପରି 'ବିତର୍କିତ ଅପରାହ୍ନ' ନାଟକରେ ନାଟ୍ୟକାର ପାରମ୍ପରିକ ମୂଲ୍ୟବୋଧର ମୃତ୍ୟୁ ତଥା ପୁରୁଷାନୁକ୍ରମିକ ବ୍ୟବଧାନର ପ୍ରତୀକକୁ ଦେଖାଇଛନ୍ତି । ମାଧବଙ୍କ ମୂର୍ତ୍ତି ଚୋରି ପାରମ୍ପରିକ ମୂଲ୍ୟବୋଧ ପ୍ରତି ଏକ ଶକ୍ତ ଆଘାତ । ପାଶ୍ଚାତ୍ୟ ଦାର୍ଶନିକ ନିତ୍‌ସେ ଈଶ୍ୱର ମୃତ ଘୋଷଣା କରି ଜନସାଧାରଣଙ୍କ ମନରେ ଥିବା ଆଧ୍ୟାତ୍ମିକ ବିଶ୍ୱାସକୁ ଯେପରି ଠୋକର ଦେଇଥିଲେ ଠିକ୍ ସେହିପରି New Generation ବା ନୂତନ ଯୁବପିଢ଼ି ଏହି ଭାବନାରେ ବଶବର୍ତ୍ତୀ । ଯାହାର ଚିତ୍ର ଏହି ନାଟକରେ ଦେଖିବାକୁ ମିଳେ । ଯାହାକୁ ଭାଙ୍ଗିବା ଏତେ ସହଜ ବ୍ୟାପାର ନୁହେଁ । ତେଣୁ ନାଟ୍ୟକାର ଏଥିରେ ପ୍ରତ୍ୟେକ ଚରିତ୍ରକୁ ଗୋଟିଏ ଗୋଟିଏ ପିଢ଼ିର ପ୍ରତୀକ ଭାବରେ ଗ୍ରହଣ କରିଛନ୍ତି । ଏମାନେ ସମସ୍ତେ ସଜୀବ ଚରିତ୍ର ମାତ୍ର ମାଧବଙ୍କ ସ୍ୱର୍ଣ୍ଣମୂର୍ତ୍ତି ନିର୍ଜୀବ ଓ ଅଚଳ । ଯାହାର ଅବସ୍ଥିତି ମନରେ ଆଧ୍ୟାତ୍ମିକ ଭାବନାକୁ ଜାଗ୍ରତ କରିଥାଏ । ପୁଣି ତାର ଅନୁପସ୍ଥିତି ସମସ୍ତ ବିଧ୍ୱଂସକୁ ଜନ୍ମ ଦେଇଥାଏ । ତେଣୁ ନାଟକରେ ମାଧବଙ୍କ ସ୍ୱର୍ଣ୍ଣମୂର୍ତ୍ତିକୁ ପାରମ୍ପରିକ ମୂଲ୍ୟବୋଧର ପ୍ରତୀକ ଭାବରେ ଗ୍ରହଣ କରାଯାଇଛି । ଏବଂ ପ୍ରତି ପିଢ଼ିର ବ୍ୟକ୍ତି ବିଶେଷ ମଧ୍ୟରେ ଥିବା ବ୍ୟବଧାନକୁ ମଧ୍ୟ ଦେଖାଇ ଦିଆଯାଇଛି ।

ପରିଶେଷରେ ଏତିକି କୁହାଯିବ ଯେ ନାଟ୍ୟକାର ମନୋରଞ୍ଜନ ଦାସ ସମସାମୟିକ ସମୟରେ ଜଣେ ସଚେତନ ବ୍ୟକ୍ତିତ୍ୱ । ତାଙ୍କର ନାଟକ ରଚନାର ଶୈଳୀ ନୂତନତାର ପରିପନ୍ଥୀ । ତେଣୁ ଏହି ଭିତ୍ତିରେ ତାଙ୍କ ରଚିତ 'ବିତର୍କିତ ଅପରାହ୍ନ' ନାଟକ କେବଳ Generation Gap ର ପରିଧିରେ ଦଣ୍ଡାୟମାନ ନୁହେଁ ବରଂ ନୈତିକତା ଓ ପ୍ରଚଳିତ

ପାମ୍ପରିକତାର ପତନର ଏକ ବଳିଷ୍ଠ ଉଦାହରଣ । ଯାହାର ସାରତତ୍ତ୍ୱ ସମାଜର ଆଢୁଆଳରୁ ଗ୍ରହଣ କରାଯାଇଛି । ସମ୍ଭ୍ରାନ୍ତ ପରିବାରର ସ୍ୱର୍ଣ୍ଣ କନକଦୁର୍ଗା ମୂର୍ତ୍ତିର ଚୋରି ନାଟ୍ୟକାରଙ୍କ ଚେତନାରେ ଜାଗ୍ରତ ପ୍ରହରୀ ରୂପେ ଏଠାରେ କାର୍ଯ୍ୟ କରିଛି । ଏଣୁ ନାଟ୍ୟକାରଙ୍କର 'ବିତର୍କିତ ଅପରାହ୍ନ' କେବଳ ଅପରାହ୍ନ ପରିଧିରେ ଦଣ୍ଡାୟମାନ ନୁହେଁ ବରଂ ସବୁ ସମୟର । ସମସ୍ତ ପିଢିରେ ଏହି ବିତର୍କିତ ଆତ୍ମାଟି ଦେଖିବାକୁ ମିଳେ । ଯାହାର ସାର ବିବରଣୀ ସମଗ୍ର ନାଟକଟିକୁ ପାଠକଲେ ହୃଦ୍‌ବୋଧ ହୁଏ ।

ସହାୟକ ଗ୍ରନ୍ଥସୂଚୀ

- ଦାସ, ଡକ୍ଟର ହେମନ୍ତ କୁମାର, ଓଡ଼ିଆ ନାଟକ ଓ ରଙ୍ଗମଂଚ, ପ୍ରଥମ, ସଂକଳନ-୨୦୦୦, ପୃ-୧୯୩/୯୪
- ଦାସ, ଡକ୍ଟର ହେମନ୍ତ କୁମାର, ଓଡ଼ିଆ ନାଟକର ଉତ୍ତର ଆଧୁନିକ ପର୍ବ, ଦ୍ୱିତୀୟ ସଂ-୨୦୧୧, ପୃ-୩୯ ।
- ଦାସ, ମନୋରଞ୍ଜନ, କିଂଚିତ, ବିତର୍କିତ ଅପରାହ୍ନ, ତୃତୀୟ ସଂ-୧୯୯୧ ।

❖ ❖ ❖

DOI : https://doi.org/10.5281/zenodo.13705375

ମୂଳ ପ୍ରବନ୍ଧ

କବି ଅପର୍ଣ୍ଣା ମହାନ୍ତିଙ୍କ କବିତାରେ ନାରୀବାଦୀ ଚିନ୍ତନ

ସୁଶାନ୍ତ କୁମାର ପଣ୍ଡା

ସଂକ୍ଷିପ୍ତ ସାର :

ସମକାଳୀନ ଓଡିଆ କବିତା ପରିମଣ୍ଡଳର ଜଣେ ବହୁ ଚର୍ଚ୍ଚିତ କାବ୍ୟ ସ୍ୱର ହେଉଛନ୍ତି କବି ଅପର୍ଣ୍ଣା ମହାନ୍ତି । ଓଡିଆ କବିତାର ଅଶୀ ଦଶକ ଠାରୁ ଆରମ୍ଭ କରି ଅଦ୍ୟାବଧି ଅନବରତ ଲେଖନୀ ଚାଳନା କରି ଆସୁଥିବା କବିମାନଙ୍କ ମଧ୍ୟରେ ସେ ଅନ୍ୟତମ । ସଂପ୍ରତି କ୍ରିୟାଶୀଳ ଏହି କବିଙ୍କର ଦୀର୍ଘ ଚାଳିଶି ବର୍ଷର ସାହିତ୍ୟ ସାଧନା ଭିତରେ ତାଙ୍କର ସତର ଖଣ୍ଡ କବିତା ସଂକଳନ ପ୍ରକାଶିତ । ତାଙ୍କ କ୍ରମବିବର୍ତ୍ତିତ ତଥା ଉତ୍ତରିତ କାବ୍ୟ ଜୀବନର ସ୍ୱାକ୍ଷରବହନ କରିଥିବା କବିତା ଗ୍ରନ୍ଥ ଗୁଡିକହେଉଛନ୍ତି 'ଅବ୍ୟକ୍ତ ଆତ୍ମୀୟତା' (୧୯୯୧), 'ଅସତୀ' (୧୯୯୩), 'ନିଃଶବ୍ଦରେ' (୧୯୯୪), 'ଅତିଥି'(୧୯୯୭),'ପୂର୍ଣ୍ଣତମା'(୨୦୦୨),'ଝିଅ ପାଇଁ ଝର୍କାଟିଏ'(୨୦୦୫), 'ନଷ୍ଟନାରୀ'(୨୦୦୭), 'ତୀର୍ଥଯାତ୍ରୀ'(୨୦୦୯), 'ମାର କାନ୍ଦଣା ଗୀତ'(୨୦୧୦) ଇତ୍ୟାଦି । ସାଧନାର ସ୍ୱିକୃତୀ ସ୍ୱରୂପ ସେ ଓଡିଶା ସାହିତ୍ୟ ଏକାଡେମୀ,ଭାନୁଜୀ ରାଓ କବିତା ପୁରସ୍କାର,ବସନ୍ତ ମୁଦୁଲି ପୁରସ୍କାର, ଝଙ୍କାର ପୁରସ୍କାର ଆଦି ଅଜସ୍ର ସମ୍ମାନ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି । ସାମଗ୍ରିକ ଭାବେ ଦେଖିବାକୁ ଗଲେ ତାଙ୍କର ଅଧିକାଂଶ କବିତାରେ ନାରୀ ଜାଗରଣ ଓ ନାରୀ ମୁକ୍ତିର ପ୍ରୟାସର କଥା କହିଛନ୍ତି । ନାରୀବାଦୀ ଚିନ୍ତାଧାରାରେ ଅନୁପ୍ରାଣିତ କବି ଅପର୍ଣ୍ଣା ନାରୀର ଅସହାୟତା, ଅପାରଗତା, ରକ୍ଷଣଶୀଳତା ତଥା ଦୁର୍ବଳତା ପ୍ରତି ସେ ସମ୍ବେଦନଶୀଳ ହୋଇ ଉଠିଛନ୍ତି । କନ୍ୟାଭ୍ରୁଣ, ଶିଶୁକନ୍ୟା କିଶୋରୀଠୁଁ ଆରମ୍ଭ କରି ଯୁବତୀ, ସଂସାରୀ, ସ୍ତ୍ରୀ ଲୋକଠୁଁ ଆରମ୍ଭ କରି ମହାପ୍ରକୃତିଯାଏଁ ପରିବ୍ୟାପ୍ତ ଅପର୍ଣ୍ଣାଙ୍କ ଏହି ନାରୀବାଦୀ ଚେତନା । ନାରୀର କାରୁଣ୍ୟକୁ ରୂପଦେବା ସହିତ କବି ସାମାଜିକ ଦୁଃସ୍ଥିତି ପ୍ରତି କବି କଟାକ୍ଷ କରିଛନ୍ତି । ଆମ ସମାଜ ବ୍ୟବସ୍ଥାର ଦୋଷତ୍ରୁଟିକୁ ଦେଖାଇବା ସହିତ କବିଙ୍କ ବ୍ୟଙ୍ଗବିଦ୍ରୁପ ପ୍ରତିବାଦର ସ୍ୱରକୁ କବିତା ବହନ କରିଛି । ନାରୀର କମନୀୟ ଶକ୍ତିମୟୀ ରୂପର ପ୍ରତିଷ୍ଠା ପ୍ରତି କବି ଆତ୍ମା ସତତ ଚେଷ୍ଟିତ ।

ପ୍ରମୁଖ ଶବ୍ଦାବଳୀ : ଉତ୍ତରଣ, ନାରୀର ଅନ୍ତର୍ମନର ବିବିଧ ଚିନ୍ତାଚେତନା, ନାରୀର ଅସ୍ମିତା ଓ ଅଧିକାରର ସ୍ୱର, ପରିମଣ୍ଡଳ, ସ୍ୱାଧୀକାର ଓ ସମ୍ମାନ, ବ୍ୟକ୍ତିସତ୍ତା, ଅଜଣା ଭୟର ବାତାବରଣ, ଚିର ବଞ୍ଚିତ, ଅଙ୍ଗୀକାରବଦ୍ଧ କାବ୍ୟଶିଳ୍ପୀ

ସମାଜ ରୂପକ ତରାଜୁରେ ନାରୀ ଓ ପୁରୁଷ ଦୁଇଟି ପଲା ସଦୃଶ । ଗୋଟିକ ବିନା ଅନ୍ୟଟିର ଅସ୍ତିତ୍ୱର ପରିପ୍ରକାଶ ସମ୍ଭବ ନୁହେଁ । ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ଭଳି ଏମାନେ ପରସ୍ପର ନିବିଡ଼ତର । କେଉଁ ପୁରାତନ କାଳରୁ ପରିବାରରେ ପୁରୁଷ ବାହ୍ୟ ଦୁନିଆର ଦାୟିତ୍ୱସହ ଜଡିତ ଥିଲାବେଳେ ନାରୀ ଘରର ଦାୟିତ୍ୱସହ ନ୍ୟସ୍ତ ରହିଥାଏ । ମୋଟଉପରେ ଜଣଙ୍କର କାର୍ଯ୍ୟ ବର୍ହିଜଗତ ସହ ସଂପୃକ୍ତ ଥିଲାବେଳେ ଅନ୍ୟ ଜଣଙ୍କର କାର୍ଯ୍ୟ ଅନ୍ତର୍ଜଗତ ସହ ସମନ୍ୱିତ । ସମୟ ପରିବର୍ତ୍ତନ କ୍ରମେ ନାରୀ ମଧ୍ୟ ପୁରୁଷ ସହ ସମକକ୍ଷ ହୋଇଛି । ନାରୀ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:	Available online at : https://pracheenews.com/
	DOI: https://doi.org/10.5281/zenodo.13705375 Article No - BPPP00220

ଯୋଗାଯୋଗ :
ଡ. ସୁଶାନ୍ତ କୁମାର ପଣ୍ଡା, ଅଧ୍ୟାପକ,ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ପ୍ରଜ୍ଞାବିହାର,ବଲାଙ୍ଗିର
E-Mail ID: susantakumarpanda362@gmail.com
ORCID ID: https://orcid.org/0009-0000-6348-4645

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

ପ୍ରାପ୍ତି	ସମୀକ୍ଷିତ	ଗୃହୀତ	ପ୍ରକାଶିତ
୩.୬.୨୦୨୪	୧୭.୭.୨୦୨୪	୨୫.୭.୨୦୨୪	୧.୯.୨୦୨୪

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ପଣ୍ଡା, ସୁଶାନ୍ତ କୁମାର; ୨୦୨୪ । କବି ଅପର୍ଣ୍ଣା ମହାନ୍ତିଙ୍କ କବିତାରେ ନାରୀବାଦୀ ଚିନ୍ତନ । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ଚ, ପୃଷ୍ଠା :୨୨-୨୯ ।

ନିଜେ ଆଉ ପୁରୁଷ ଉପରେ ବୋଝ ହୋଇ ରହିନାହିଁ । ନିଜେ ଆତ୍ମନିର୍ଭରଶୀଳ ହୋଇ ନିଜର ମାନସିକତାରେ ବିରାଟ ପରିବର୍ତ୍ତନ ଆଣିଛି । ଏହିପରି ତା'ର ସାମାଜିକ , ଅର୍ଥନୈତିକ ତଥା ସାଂସ୍କୃତିକ ପରିବର୍ତ୍ତନ ସଂଗଠିତ ହେବାକୁ ଲାଗିଛି । ପୁରୁଷ – କୈନ୍ଦ୍ରିକ ସମାଜରେ ନାରୀର ସ୍ଥାନ ଓ ନୂତନ ଆଦର୍ଶ ପ୍ରତିଷ୍ଠା ହୋଇଛି ଓ ନାରୀବାଦ (Feminism) ଭାବନାର ଉତ୍ପତ୍ତିହୋଇଛି । ଏ ସଂପର୍କରେ ସମାଲୋଚକ ମନୀନ୍ଦ୍ର ମହାନ୍ତି କହନ୍ତି "ନାରୀ କେବଳ ପରିବାରର ପାଳନ କର୍ତ୍ତୀ ନୁହେଁ, ସେ ମଧ୍ୟ ପୁରୁଷ ପରି ଜୀବନ ସଂଗ୍ରାମରେ ଝାସଦେଲା । ଅର୍ଥ ରୋଜଗାର ସହିତ ପୁରୁଷର ସମାସ୍କନ୍ଦ ହୋଇ ଆସିଲା XXXX ଏହିପରି ଏକ ପାରିବାରିକ , ସାମାଜିକ , ଅର୍ଥନୈତିକ ତଥା ସାଂସ୍କୃତିକ ପରିବର୍ତ୍ତନର ପରିବେଶରୁ ପୃଥିବୀ ପୃଷ୍ଠରେ 'ନାରୀବାଦ'ର (Feminism)ର ସୃଷ୍ଟିହେଲା । ପୂର୍ବରୁ ପୁରୁଷ କୈନ୍ଦ୍ରିକ ସମାଜ ଭୂଲୁଣ୍ଠିତ ହେବା ଆରମ୍ଭ କଲା ଓ ଏକ ନୂତନ ଆଦର୍ଶ (Ideology) ର ପ୍ରତିଷ୍ଠା ହେଲା । ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଏହିପରି ନାରୀବାଦ ସମାଲୋଚନା ବା ବିଚାରଧାରାର ସୂତ୍ରପାତ ହେଲା ଓ ଏହା କ୍ରମେ ସମାଜ ବିଜ୍ଞାନ ଦେଇ ସାହିତ୍ୟରେ ପ୍ରବେଶ କଲା " (ମହାନ୍ତି ମନୀନ୍ଦ୍ର ; ପୃ-୩୬ ; ଜନସୁଧା ପୂଜା ବିଶେଷାଙ୍କ ; ଅକ୍ଟୋବର ୨୦୧୨)

ଫେମିନିଜିମ୍ ବା ନାରୀବାଦର ଅର୍ଥ ହେଉଛି ପୁରୁଷ ମାନଙ୍କ ଭଳି ସମାଜରେ ନାରୀମାନଙ୍କୁ ସମାନ ସୁବିଧା ସୁଯୋଗ ମିଳିବା ଉଚିତ । ନାରୀ ସାମାଜିକ, ରାଜନୈତିକ ଆଇନଗତ କ୍ଷେତ୍ରରେ ସମାନ ଅଧିକାର ପାଇବା ଦରକାର । ଏହାହିଁ ବାମାବାଦର ପ୍ରମୁଖ କଥା । ଏ ସଂପର୍କରେ ସମାଲୋଚିକା କବିତା ବାରିକ କୁହନ୍ତି "ମହିଳା ମାନଙ୍କୁ ପୁରୁଷଭଳି ସମାନ ଅଧିକାର , ସୁଯୋଗ ମିଳିବାକୁ ବାମାବାଦ ଦାବୀକରେ । ତାହା ସାମାଜିକ ହେଉ, ରାଜନୀତିକ, ଆଇନଗତ ହେଉକି ଆର୍ଥନୀତିକ , ସ୍ୱାବଲମ୍ବନଶୀଳ ହେଉକି ସ୍ୱମତ ପ୍ରକାଶ କରିବାର ସ୍ୱାଧୀନତା ସବୁଠି ମହିଳା ମାନଙ୍କୁ ହେୟ ଦୃଷ୍ଟିରେ ଦେଖିବା , ନିର୍ଯାତନା, ଲାଞ୍ଛନା , ଅପମାନ ଦେବା ପୃଷ୍ଠଭୂମିରୁ ହିଁ ବାମାବାଦୀଚେତନାର ସୃଷ୍ଟି ହୁଏ ।" (ବାରିକ କବିତା; ପୃ-୫୮; ଇସ୍ତାହାର ଶାରଦୀୟ ବିଶେଶାଙ୍କ- ୨୦୧୧) ।

ବାମାବାଦୀର ଇଂରାଜୀ ପ୍ରତିରୂପ Feminism ବୋଲି ଗ୍ରହଣ କରାଯାଇଛି । ଏହାର ଆଭିଧାନିକ ଅର୍ଥହେଉଛି 'The principle that women should have same rights and changes as men'ଅର୍ଥାତ୍ ପୁରୁଷମାନଙ୍କ ଭଳି ନାରୀଜାତିକୁ ସମାନ ଅଧିକାର ସୁଯୋଗ ମିଳିବା ଉଚିତ । ପୁରୁଷର ବାମ ପାର୍ଶ୍ୱରେ ଥିବା ନାରୀ ଯିଏକି ତାର ପତ୍ନୀ ବା ତାକୁ ବାମା କୁହାଯାଏ । ଏହିଚେତନା ନାରୀମାନଙ୍କ ସାମାଜିକ, ସାଂସ୍କୃତିକ, ପାରିବାରିକ ଜୀବନ ସଂର୍ପକରେ ପ୍ରଶ୍ନକରେ ଓ ଚିନ୍ତା ପ୍ରକଟ କରିଥାଏ । ପୁରୁଷମନରେ ନାରୀମାନଙ୍କୁ ନେଇ ଯେଉଁ ସଂକୁଚିତ ମନୋଭାବ ରହିଛି ତାକୁ ଏହା ଭାଙ୍ଗିରୁଜି ଦେଇଥାଏ ଓ ପୁରୁଷ ପରି ସମାଜରେ ତାକୁ ସମଦୃଷ୍ଟି ପ୍ରଦାନ କରିଥାଏ । ଏ ସଂର୍ପକରେ ପୁନଶ୍ଚ ସମାଲୋଚିକା କବିତା ବାରିକ କୁହନ୍ତି- "ଫେମିନିଜମ୍ ସଂକ୍ଷିପ୍ତରେ କୁହାଯାଇପାରିବ 'Raising of the consciousness'ଯାହା ନାରୀର ଜନ୍ମରୁ ଶୈଶବ , ତାରୁଣ୍ୟ ବାର୍ଦ୍ଧକ୍ୟ ଯାଏଁ ପ୍ରଲମ୍ବିତ , ବିଶେଷକରି ମହିଳାମାନଙ୍କୁ ନେଇ ପୁରୁଷ ମନରେ ଯେଉଁ ଅସୂୟା ଭାବ (Inferior Statue) ରହିଛି ତାହାକୁ ଏହା ଭାଙ୍ଗି ଦେବାପାଇଁ ଯଥେଷ୍ଟ ମନେହୁଏ । ତାକୁ Other କହିବାର ପୁରୁଷର ଯେଉଁ ଦୃଷ୍ଟିଭଙ୍ଗୀ ତାହାକୁ ମଧ୍ୟ ଏହା ପ୍ରତିହତ କରେ । Other ଶବ୍ଦଟି ନାରୀପାଇଁ ଅପମାନଜନକ ଯାହାର ଅର୍ଥ ଗୁରୁତ୍ୱହୀନ ଅଲୋଡା ତଥା ମୂଲ୍ୟହୀନ" (ବାରିକ କବିତା ; ପୃ-୭୨ ; ୨୦୧୧) ୧୯୭୫ ପରବର୍ତ୍ତୀ ଓଡିଆ କବିତାରେ ବାମାବାଦୀ ଚିନ୍ତନର ବିଶେଷ ପରିପ୍ରକାଶ ଘଟିଛି । ଏହି ବାମାବାଦୀ ଚିନ୍ତନର କବିତା ନିର୍ଯାତିତ ଅପମାନିତ ନାରୀ ଜଗତର କାରୁଣ୍ୟ ଓ ବ୍ୟଥାକୁ ପ୍ରକାଶ କରିଥାଏ । ନାରୀର ମୁକ୍ତି ଦରକାର । ଏହା Feminism ଦାବୀକରେ । ଏ ସଂର୍ପକରେ ସମାଲୋଚକ ଶତ୍ରୁଘ୍ନ ପାଣ୍ଡବଙ୍କ ମତ ହେଉଛି "ବହୁଭାବରେ ନିର୍ଯାତିତ , ଅପମାନିତ ନାରୀ ଜଗତର କାରୁଣ୍ୟ , କଷଣ, ନିର୍ଯାତନା ଓ ବିଦ୍ରୋହର ଶାଣିତ ରୂପ ଏଇ ଧାରାର କବିତାରେ ପ୍ରତିଫଳିତ । ପୁରୁଷର ଭୋଗସର୍ବସ୍ୱ ଦୃଷ୍ଟିଭଙ୍ଗୀ ଯୁଗଯୁଗ ଧରି ନାରୀକୁ ନିର୍ଯାତିତ କରିବାର ମାନସିକତାକୁ ବ୍ୟଙ୍ଗ କରିବା ସହିତ ଘରର ଚାରିକାନ୍ଥର ଘେର ଭିତରେ କଣ୍ଢେଇ ପରିକା ଜୀବନଯାପନରୁ ନାରୀର ମୁକ୍ତିପାଇଁ ଉତ୍ତରଣ ପାଇଁ ଗଭୀର ବ୍ୟାକୁଳତା ପୋଷଣ ଓ ଆହ୍ୱାନ ଏଇ ଧାରାର ମୁଖ୍ୟ ପ୍ରତିପାଦ୍ୟ ।" (ପାଣ୍ଡବ ଶତ୍ରୁଘ୍ନ ; ପୃ-୧୪୫ ; ୨୦୦୭) ଏହି ବାମାବାଦୀ ଆନ୍ଦୋଳନର ସୂତ୍ରପାତ ଘଟିଥିଲା ପ୍ରଥମେ ୟୁରୋପରେ । ଏହାର ମୁଖ୍ୟ ଲକ୍ଷ୍ୟ ଥିଲା ପୁରୁଷ ପରି ନାରୀକୁ ସମାଜରେ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିବା । କ୍ରମଶଃ ଏହାର ବିକାଶ ଘଟି ଭାରତୀୟ ଚିନ୍ତା,ଚେତନା ଓ ସାହିତ୍ୟରେ ଏହାର ପ୍ରତିଫଳନ ଘଟିଛି । ଏ ସଂର୍ପକରେ ସମାଲୋଚକ ଦିଲ୍ଲୀପ ସ୍ୱାଇଁ କୁହନ୍ତି- "ନାରୀର ଅଧିକାର , ଆତ୍ମରକ୍ଷା , ମର୍ଯ୍ୟାଦା , ସମ୍ମାନବୋଧ , ସ୍ୱୀକୃତି , ପ୍ରତିରୋଧ ଓ ପ୍ରତିକ୍ରିୟାକୁ ପାଥେୟ କରି ଭାରତରେ ବାମାବାଦୀ ଚିନ୍ତାଧାରାର ବିକାଶ ହୋଇଛି । ବାମାବାଦୀ ସମ୍ବନ୍ଧିତ କବିତାମାନ ଜୀବନର ଏହି ସ୍ୱର୍ଣ୍ଣକାତର ଅନୁଭବ ଆତ୍ମପ୍ରକାଶ କରିଛି । XXXX ନାରୀ ନିଜ ପ୍ରତି ସଚେତନ ହେବା ଏବଂ ସମାଜରେ ନିଜର ସ୍ଥିତି ଜାହିର କରିବା ଆକସ୍ମିକ ନୁହେଁ । ଗୋଟିଏ ସୁସ୍ଥ ମାନସିକ ପ୍ରସ୍ତୁତି ପର୍ବ ପରେ ନାରୀ ନିଜକୁ ପ୍ରତିରୋଧ କରିବାକୁ ପ୍ରସ୍ତୁତ ହୋଇଛି ।" (ସ୍ୱାଇଁ ଦିଲ୍ଲୀପ କୁମାର ; ପୃ-୨୯୦ ; ସାମ୍ନା ପୂଜା ବିଶେଷାଙ୍କ ୨୦୧୦)

୧୯୭୫ ମସିହା ପୂର୍ବବର୍ତ୍ତୀ ଓଡିଆ କବିତାରେ ନାରୀ ଅର୍ନ୍ତମନର ବିବିଧ ଚିନ୍ତାଚେତନାର ପରିପ୍ରକାଶ ଥିଲା କିନ୍ତୁ ୧୯୭୫ ମସିହା ପରବର୍ତ୍ତୀ ସମୟରେ ଏହା ଅଧିକ ମାତ୍ରାରେ ଶକ୍ତିଶାଳୀ ହୋଇଛି ବୋଲି ମନେହୁଏ । ଏ ସଂର୍ପକରେ ସମାଲୋଚିକା ପ୍ରତିଭା ଶତ୍ପଥୀ କୁହନ୍ତି– "୧୯୭୫ ପୂର୍ବବର୍ତ୍ତୀ କାବ୍ୟ କବିତାରେ ନାରୀ ସଚେତନତାର ସ୍ୱର ଦୃପ୍ତ ନ ଥିଲେ ହେଁ କ୍ରମଶଃ । ସେଥିରେ କେତେକ ପରିବର୍ତ୍ତନଘଟି ନାରୀର ଅନ୍ତର୍ମନର ବିବିଧ ବର୍ଣ୍ଣବିଭାର ଚିତ୍ର ସମନ୍ୱୟରେ 'ନୂତନ ସଂଧାନୀ' ହୋଇପାରିଛି ।ଏହି ପୃଷ୍ଠଭୂମିରେ ସଂରଚିତ ୧୯୭୫ ମସିହା ପରବର୍ତ୍ତୀ କାବ୍ୟକବିତାରେ ନାରୀର ବିପୁଳ ବ୍ୟକ୍ତିତ୍ୱର ପରିଚୟ କ୍ରମଶଃ ସ୍ପଷ୍ଟ ହୋଇଉଠିଛି । ପୂର୍ବରୁ ନାରୀର ସହଜ ଭୂମିକା ରୂପେ ସ୍ୱୀକୃତ ହୋଇଥିଲା ମାତା, ପିତା, ପତ୍ନୀ, ପ୍ରେମିକା, ଭଗିନୀ, ଓ କନ୍ୟାର ଭୂମିକା । କିନ୍ତୁ କବିଚେତନାର କ୍ରମଶଃ ସେ ଏକ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ରୂପେ ସ୍ୱୀକୃତ ହୋଇଛି ।" (ଶତପଥୀ ପ୍ରତିଭା ; ପୃ-୨୭ ;୨୦୦୯) ୧୯୬୦ ମସିହା ପରଠାରୁ ନାରୀବାଦର ବିକାଶ ସଂଗଠିତ ହୋଇଛି । ଏହି ନାରୀବାଦର ସୃଷ୍ଟି ଓ ବିକାଶ ନାରୀର ନ୍ୟାର୍ଯ୍ୟ ଅଧିକାର ଦାବୀ ପାଇଁ ଏହି ନାରୀବାଦ ଏକ ବିପ୍ଳବ ସଦୃଶ । ଏହି ନାରୀବାଦ (Feminism) ସଂର୍ପକରେ ସମାଲୋଚକ ଚିତ୍ତରଞ୍ଜନ ଦାସ ଏହିପରି ମତ ରଖନ୍ତି– "ନାରୀବାଦର ଅଭ୍ୟୁଦୟ ଓ ବିକାଶ କେବଳ ସାହିତ୍ୟ ପରିସର ଭୁକ୍ତ ନୁହେଁ । ଏହା ନାରୀର ନ୍ୟାର୍ଯ୍ୟ ଅଧିକାର ପାଇଁ ସାମାଜିକ ସ୍ତରରେ ଘଟିଥିବା ଚିନ୍ତା ବିପ୍ଳବର ଏକ ସ୍ୱରୂପ । ଶତାବ୍ଦୀ ଶତାବ୍ଦୀ ଧରି ସମଗ୍ର ପୃଥିବୀରେ ନାରୀଜାତି ପୁରୁଷର ପ୍ରାଧାନ୍ୟକୁ ସ୍ୱୀକାର କରି ଇତିହାସର ବିଭିନ୍ନ ମୋଡରେ ନାନା ନିର୍ଯାତନାର ଶିକାର ହୋଇ ଆସିଛି । XXXX ତେବେ ଆଧୁନିକ ବିଶ୍ୱରେ ଏକ ସ୍ୱତନ୍ତ୍ର ନାରୀ ଦୃଷ୍ଟି ବା ନାରୀବାଦର ଅଭ୍ୟୁଦୟ ସାଂପ୍ରତିକ ସାହିତ୍ୟ ସମାଲୋଚନା ଓ ସଂସ୍କୃତି କ୍ଷେତ୍ରରେ ଧୀରେଧୀରେ ପ୍ରଭାବ ବିସ୍ତାର କରିଛି ।"(ଦାସ ଚିତ୍ତ ରଞ୍ଜନ; ପୃ-୫୨ ; ୨୦୦୫)

ଏହି ବାମାବାଦ ବା ପ୍ରମୁଖ ଅର୍ଥରେ ନାରୀବାଦୀ ଭାବନାଟି ବିଭିନ୍ନ କବିଙ୍କ କବିତାରେ ଭିନ୍ନ ଭିନ୍ନ ଭାବେ ବିକଶିତ ହୋଇଛି ବା ରୂପପାଇଛି । ଗୋଟିଏ ପ୍ରକାରର ହେଲେଏହା ପୁରୂଷ କବିଙ୍କ କ୍ଷେତ୍ରରେ ଗୋଟିଏ ପ୍ରକାରର ହେଲେ ନାରୀ କବିଙ୍କ ସ୍ୱରରେ ଭିନ୍ନ ରୂପେ ପ୍ରକାଶମାନ । କବିମାନେ ସମାଜରେ ଘଟୁଥିବା ଏହି ଚରମ ବାସ୍ତବ ସତ୍ୟର ପ୍ରତିଫଳନ ତାଙ୍କ ଲେଖା ମାଧ୍ୟମରେ ଘଟାଇଛନ୍ତି । ଅବଶ୍ୟ ପୂର୍ବପରି ନାରୀ ଆଜି ଅବଳା, ଦୁର୍ବଳା ହୋଇନାହିଁ । ସେ ଶିକ୍ଷିତା ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳା । ତାର ନିର୍ଯ୍ୟାତନା ସଂର୍ପକରେ ନାରୀ ଆଜି ନିଜେ ସଚେତନ ଏ ସଂର୍ପକରେ ସମାଲୋଚିକା ପ୍ରତିଭା ଶତ୍ପଥୀ କୁହନ୍ତି–" ବିଶ୍ୱର କେଉଁ ସ୍ଥାନରେ ଏହି ବାଦ (Feminism) ଭଳି ଉଚ୍ଚାରିତ ହେଉଛି । ତାହାଦ୍ୱାରା ଆମ କବିଗଣ ଅନୁପ୍ରାଣିତ ନୁହନ୍ତି । ବରଂ ଆପଣା ଭୂମିରେ ନାରୀ ସମାଜ ଯୁଗଯୁଗ ଧରି ନିର୍ଯାତିତା । ଏମାନେ ସେହି ନିର୍ଯାତନା ତଥା ଅମାନୁଷିକତା ବିରୁଦ୍ଧରେ ଉଦର୍ତ୍ତ ସ୍ୱର ଉତ୍ତୋଳନ କରିଛନ୍ତି । XXXX ଏତାଦୃଶ ନିର୍ଯାତନାକୁ ଆବେଗ ମାଧ୍ୟମରେ ପ୍ରତ୍ୟକ୍ଷ କରି ଏହାର ବାସ୍ତବ ରୂପ ଉନ୍ମୋଚନ କରୁଛନ୍ତି । କେଉଁଠି ପ୍ରତିବାଦ ମାଧ୍ୟମରେ ବା ଅନ୍ୟ କେଉଁଠି ଅଭିଯୋଗ କିମ୍ବା ସହାନୁଭୂତିର ସ୍ୱର ମାଧ୍ୟମରେ ଏହି ଚେତନା କାବ୍ୟାୟିତ ହୋଇଛି ।" (ଶତପଥୀ ପ୍ରତିଭା ; ପୃ-୩୭ ; ୨୦୦୬) ବାମାବାଦୀ ଚେତନା କବିତାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବୋଲି ଅଭିହିତ କରି ସମାଲୋଚକ ହରିଶ୍ଚନ୍ଦ୍ର ବେହେରା ଏ ସଂର୍ପକରେ କୁହନ୍ତି– "ଆଜିର ଉତ୍ତର ଆଧୁନିକ ଚିନ୍ତାଜଗତରେ ବାମାବାଦୀ ଚେତନା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇ ମୁଣ୍ଡଟେକି ଉଠିଛି । ଯଦିଓ ନାରୀର ସାମାଜିକ ସ୍ଥିତି ଓ ଅଧିକାର ନେଇ ଫରାସୀ ରାଷ୍ଟ୍ର ବିପ୍ଳବ ସମୟରେ ବିଶେଷ ଗୁରୁତ୍ୱ ଆରୋପ କରାଯାଇଥିଲା ଏବଂ ଭାରତର ସ୍ୱାଧୀନତା ସଂଗ୍ରାମ ସମୟରେ ମହାତ୍ମାଗାନ୍ଧୀ ମଧ୍ୟ ଏହା ଉପରେ ଗୁରୁତ୍ୱାରୋପ ଦେଇଥିଲେ । (ବେହେରା ହରିଶ୍ଚନ୍ଦ୍ର ; ପୃ-୧୩୬ ; ଅକ୍ଷାଂଶ , ଶାରଦୀୟ ବିଶେଷାଙ୍କ- ୨୦୧୨)

ସ୍ୱାଧୀନତା ପୂର୍ବବର୍ତ୍ତୀ ବା ପ୍ରାକ୍ ସ୍ୱାଧୀନତା କାଳର କବିମାନଙ୍କ ରଚନାରେ ଏହି ଭାବଧାରା ଏତେ ପରିଲକ୍ଷିତ ହୁଏ ନାହିଁ । ସ୍ୱାଧୀନତା ପରବର୍ତ୍ତୀ କାଳର କବିମାନଙ୍କର ରଚନାରେ ଏହି ନାରୀବାଦୀ ଚେତନାର ବିକାଶ ଘଟିଛି । ସଚ୍ଚି ରାଉତରାୟଙ୍କ 'ପ୍ରତିମାନାୟକ' , 'ଅଳକାସାନ୍ୟାଲ' , 'ରାଜଜେମା' ଆଦି କବିତା ତଥା 'ଭାନୁମତିର ଦେଶ' କବିତାଗ୍ରନ୍ଥ ,ଗୁରୁପ୍ରସାଦ ଦାସଙ୍କ 'ଅଳକାସାନ୍ୟାଲ' , 'ପ୍ରିୟବାନ୍ଧବୀ' ରମାକାନ୍ତ ରଥଙ୍କ 'ଚନ୍ଦ୍ରମାର ଚୂଡ଼ି' , 'ମାଷ୍ଟ୍ରାଣୀ' , 'ମାଳତୀ' , 'ଚନ୍ଦ୍ରାବେହେରାଣୀ' ଆଦି ନାରୀଚରିତ୍ର ମାନଙ୍କ ଭିତରେ ସମକାଳୀନ ବାସ୍ତବତାର ଚିତ୍ର ପରିଲକ୍ଷିତ ହୋଇଥିଲା । ପରବର୍ତ୍ତୀ ସମୟରେ ଉତ୍ତର ଅଶୀ କାଳରେ କତିପୟ ନାରୀ କବି ଓ ପୁରୁଷ କବିଙ୍କ ରଚନାରେ ଏହି ନାରୀବାଦୀ ଚେତନାର ସ୍ୱର ଶୁଣିବାକୁ ମିଳେ । ସମକାଳର ଗିରିବାଳା ମହାନ୍ତି, ମନୋରମା ବିଶ୍ୱାଳ ମହାପାତ୍ର, ବ୍ରହ୍ମୋତ୍ରୀ ମହାନ୍ତି, ପ୍ରତିଭା ଶତପଥୀ, ଅପର୍ଣ୍ଣା ମହାନ୍ତି, ସୁଚେତା ମିଶ୍ର , ଗାୟତ୍ରୀବାଳା ପଣ୍ଡା,ପ୍ରୀତିଧାରା ସାମଲ,ମମତାମୟୀ ଚୌଧୁରୀ, ପ୍ରଭାସିନୀ ମହାକୁଡ,ମମତା ଦାସ, ଅନ୍ନପୂର୍ଣ୍ଣା ମହାନ୍ତି, ପ୍ରତିଭା ପରିଡା,ରୁନୁ ମହାନ୍ତି, ,ସରୋଜିନୀ ମିଶ୍ର, , ମୋନାଲିସା ଜେନା,ଶୁଭଶ୍ରୀ ଲେଙ୍କା,ପ୍ରଜ୍ଞାଶ୍ରୀ ରଥ,ନିବେଦିତା ମହାନ୍ତି ଆଦି ପ୍ରମୁଖ ନାରୀ କବି ନାରୀବାଦୀ ଚିନ୍ତନକୁ ନେଇ କବିତା ରଚନାରେ ନିଜର ପରାକାଷ୍ଠା ପ୍ରତିପାଦନ କରିଛନ୍ତି । ଏମାନଙ୍କ କବିତାରେ ନାରୀର ଅସ୍ମିତା ଓ ଅଧିକାରର ସ୍ୱର ବେଶ ପ୍ରଖର ଓ ତୀକ୍ଷ୍ଣ । ଏହି ନାରୀ କବିମାନେ ସମକାଳର ନାରୀମାନଙ୍କ ସାମାଜିକ ସ୍ଥିତିକୁ ଦୃଢ ମଜବୁତ୍ କରିବା ସହିତ ନାରୀର ଅସ୍ମିତା ସଂଧାନରେ ଚିର ବ୍ରତୀ ହୋଇଛନ୍ତି ।

ଗିରିବାଳା ମହାନ୍ତିଙ୍କ 'ସ୍ତ୍ରୀଲୋକ' , 'ତୋଲାଗି ମୁଁ ରୂପବନ୍ତ, ବ୍ରହ୍ମୋତ୍ରୀ ମହାନ୍ତିଙ୍କ 'ପ୍ରଦକ୍ଷିଣ', 'ନିରୀକ୍ଷଣ' 'ଅବତରଣ' ଓ 'ଦୁଷ୍ଟିରଦ୍ୟୁତି' କବିତାଗ୍ରନ୍ଥ , ଶକୁନ୍ତଳା ଦେବୀଙ୍କ 'କାଚଝୁଲଣା' , 'ଭିଜାବାୟସ' ବନଜା ଦେବୀଙ୍କ 'ବର୍ଷାର ବଳାକା' , 'ଦୂରନକ୍ଷତ୍ରର ଦ୍ୱୀପ' , 'ସୁନାରେ ଭରିଛି ନାଆ', ପ୍ରତିଭା ଶତପଥୀଙ୍କ 'ସାହାଡାସୁନ୍ଦରୀ' , 'ନିମିଷେ ଅକ୍ଷର', 'ଶବରୀ' , 'ତନ୍ମୟ ଧୂଳି' , 'ଅଧାଅଧା ନକ୍ଷତ୍ର', ଆଦିକବିତା ଗ୍ରନ୍ଥ, ମନୋରମା ବିଶ୍ୱାଳ ମହାପାତ୍ରଙ୍କ 'ଫାଲଗୁନ ତିଥିର ଝିଅ' , 'ବିଶ୍ୱାସର ପଦ୍ମବନ' 'ଭାବୁଛି ଚିଠି ଲେଖିବାକୁ ମା'କୁ','ଅହଲ୍ୟା' , ସରୋଜିନୀ ଷଡଙ୍ଗୀଙ୍କ 'ମନସ୍ୱିନୀ' , 'ତନ୍ମୟ' , 'ତଥାସ୍ତୁ' ଆଦି କବିତା ଗ୍ରନ୍ଥରେ ନାରୀର ମନସ୍ତତ୍ତ୍ୱ, ସମସ୍ୟା ସଂକଟ ଓ ଆଶା ଆକାଂକ୍ଷାର ଚିତ୍ର ଦେଖିବାକୁ ମିଳେ । ବିଂଶ ଶତାବ୍ଦୀର ଶେଷ ପର୍ଯ୍ୟାୟରୁ ସୁଚେତାମିଶ୍ର , ପ୍ରତିଭା ପରିଡା , ଅପର୍ଣ୍ଣା ମହାନ୍ତି , ଦିପ୍ତୀମୟୀ ପ୍ରଧାନ , ଗାୟତ୍ରୀବାଳା ପଣ୍ଡା , ଇପ୍ସିତ ଷଡଙ୍ଗୀ , ରୁନୁ ମହାନ୍ତି, ସ୍ୱପ୍ନା ମିଶ୍ର ପ୍ରମୁଖଙ୍କ କବିତା ଏଇ ଧାରାରେ ଗତିମୁଖର । ସୁଚେତା ମିଶ୍ରଙ୍କ 'ଶିଳାଲିପି',ନିଜ ନିଜ କୁରୁକ୍ଷେତ୍ର,ଅଜନ୍ମା ,ଗାୟତ୍ରୀବାଳା ପଣ୍ଡାଙ୍କ 'ଅନେକ ନିଦାଘ ପରେ', 'ନୀରବ ନିର୍ଯାସ', 'ସ୍ୱପ୍ନମୟ ଚିରକାଳ', ଦୀପ୍ତୀମୟୀ ପ୍ରଧାନଙ୍କ 'ଦୂବଦାରୁ', 'ହୀମଛାୟା',ପ୍ରତିଭା ପରିଡାଙ୍କ 'ଏଇମିତି ଆତଯାତ', 'ବାଜି', ରୁନୁ ମହାନ୍ତିଙ୍କ 'ବାଜେ ଝିଅ', 'ରାଧା ନୋଳିଆଣୀ' ଆଦି ପ୍ରଧାନ । ଏମାନଙ୍କ ବ୍ୟତୀତ ବିଂଶ ଶତାବ୍ଦୀର ଶେଷ ଭାଗରେ ଯେଉଁ ନୂଆ ପିଢିର ନାରୀ କବିମାନେ ନିରବଛିନ୍ନ ଭାବରେ ନିଜର କବିତାରେ ନାରୀବାଦୀ ପ୍ରସଙ୍ଗକୁ ମୂଖ୍ୟତଃ ପ୍ରାଧାନ୍ୟ ଦେଇଛନ୍ତି ସେମାନେ ହେଉଛନ୍ତି କବି ସ୍ୱପ୍ନା ବେହେରା, କବି ନଳିନୀ ବେହେରା, ଶୁଭଶ୍ରୀ ଶୁଭସ୍ମିତା ମିଶ୍ର, ଇପ୍ସିତା ଷଡ଼ଙ୍ଗୀ, ଏଲି ମହାନ୍ତି, ଭାସ୍ୱତୀ ବସୁ ପ୍ରମୁଖ । ଏଲି ମହାନ୍ତିଙ୍କ କବିତା ଗ୍ରନ୍ଥ 'ଚିତ୍ର ବାଘର ଆଖି', ଶୁଭଶ୍ରୀ ଶୁଭସ୍ମିତା ମିଶ୍ରଙ୍କ କବିତା ଗ୍ରନ୍ଥ 'ଅଗ୍ନିକା', ଜାଠାଗ୍ନୀ, ନଳିନୀ ବେହେରାଙ୍କ କବିତା ପୁସ୍ତକ 'ବନ୍ଦିନୀ', 'ତୁ ବି ଈଶ୍ୱରୀ', 'ବୋକୀ ଝିଅ' ,ସ୍ୱପ୍ନା ବେହେରାଙ୍କ 'ଫେରିଲେ ତୁମର' ଓ ଆହୁରି ଅନେକ ବାମାବାଦୀ କବିଙ୍କ ପୁସ୍ତକ ଓଡ଼ିଆ ସାହିତ୍ୟରେ ଗୋଟିଏ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛି । ଏଯାବତ୍ ସେମାନେ ନାରୀବାଦ ଉପରେ ଲେଖନୀ ଚାଳନା କରିଆସୁଛନ୍ତି । ନାରୀ କବିମାନଙ୍କ ପରି ପୁରୁଷ କବି ପ୍ରସନ୍ନ କୁମାର ମିଶ୍ରଙ୍କ 'ମନିକାର ପ୍ରିୟ' , 'ଶୋଭାବତୀ' , ରମାକାନ୍ତ ରଥଙ୍କ 'ଶ୍ରୀରାଧା' , 'ତମେ ହିଁ' , ଶରତକୁମାର ପ୍ରଧାନଙ୍କ 'ଯଯାତି', ସୌଭାଗ୍ୟ କୁମାର ମିଶ୍ରଙ୍କ 'ହୃଦୟେଶ୍ୱରୀ' , ରାଜେନ୍ଦ୍ର କିଶୋର ପଣ୍ଡାଙ୍କ 'ଅନ୍ୟା' , ସୌରୀନ୍ଦ୍ର ବାରିକଙ୍କ 'ଆକାଶ ପରି ନିବିଡ' ହରପ୍ରସାଦ ଦାଶଙ୍କ 'ଅପାର୍ଥିବ ପ୍ରେମ' କବିତା , ଫନୀ ମହାନ୍ତିଙ୍କ 'ପ୍ରିୟତମା' , 'ଅହଲ୍ୟା' , ହୃଷୀକେଶ ମଲ୍ଲିକଙ୍କ 'ଧର୍ମପତ୍ନୀ' , ସଦାଶିବ ଦାସଙ୍କ 'ପ୍ରେମିକାପ୍ରେମିକା' ପ୍ରଭୃତି କାବ୍ୟଗ୍ରନ୍ଥରେ ବାମାବାଦୀ ଚେତନାର ପ୍ରତିଫଳନ ଘଟିଛି । ଏ ସବୁ ସଂକଳନ ଓ କବିତା ଗୁଡିକ ପ୍ରେମପ୍ରଣୟ ଭିତ୍ତିକ ଅଭିବ୍ୟକ୍ତି ହେଲେ ହେଁ ନାରୀଚରିତ୍ର ଓ ଚେତନା ଗୁରୁତ୍ୱ ପାଇଛି ।

ସମକାଳୀନ ଓଡିଆ କବିତା ପରିମଣ୍ଡଳର ଜଣେ ବହୁ ଚର୍ଚ୍ଚିତ କାବ୍ୟ ସ୍ୱର ହେଉଛନ୍ତି କବି ଅପର୍ଣ୍ଣା ମହାନ୍ତି । ଓଡିଆ କବିତାର ଅଶୀ ଦଶକ ଠାରୁ ଆରମ୍ଭ କରି ଅଦ୍ୟାବଧି ଅନବରତ ଲେଖନୀ ଚାଳନା କରି ଆସୁଥିବା କବିମାନଙ୍କ ମଧ୍ୟରେ ସେ ଅନ୍ୟତମ । ଏହା ପୂର୍ବରୁ ତାଙ୍କ ରଚିତ କବିତା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭ କରିଥିଲା । ସଂପ୍ରତି କ୍ରିୟାଶୀଳ ଏହି କବିଙ୍କର ଦୀର୍ଘ ଚାଳିଶି ବର୍ଷର ସାହିତ୍ୟ ସାଧନା ଭିତରେ ତାଙ୍କର ସତର ଖଣ୍ଡ କବିତା ସଂକଳନ ପ୍ରକାଶିତ । ତାଙ୍କ କ୍ରମବିବର୍ତ୍ତିତ ତଥା ଉତ୍ତରିତ କାବ୍ୟ ଜୀବନର ସ୍ୱାକ୍ଷରବହନ କରିଥିବା କବିତା ଗ୍ରନ୍ଥ ଗୁଡିକହେଉଛନ୍ତି 'ଅବ୍ୟକ୍ତ ଆତ୍ମୀୟତା' (୧୯୯୧), 'ଅସତୀ' (୧୯୯୩), 'ନିଃଶବ୍ଦରେ' (୧୯୯୪), 'ଅତିଥି'(୧୯୯୭), 'ପୂର୍ଣ୍ଣତମା'(୨୦୦୨),'ଝିଅ ପାଇଁ ଝର୍କାଟିଏ'(୨୦୦୫), 'ନଷ୍ଟନାରୀ'(୨୦୦୭), 'ତୀର୍ଥଯାତ୍ରୀ'(୨୦୦୯), 'ମାର କାନ୍ଦଣା ଗୀତ'(୨୦୧୦) ଇତ୍ୟାଦି । ସାଧନାର ସ୍ୱୀକୃତୀ ସ୍ୱରୂପ ସେ ଓଡିଶା ସାହିତ୍ୟ ଏକାଡେମୀ,ଭାନୁଜୀ ରାଓ କବିତା ପୁରସ୍କାର,ବସନ୍ତ ମୁଦୁଲି ପୁରସ୍କାର,ଝଙ୍କାର ପୁରସ୍କାର ଆଦି ଅଜସ୍ର ସମ୍ମାନ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି । ତାଙ୍କର 'ଅତିଥି' କବିତା ବଙ୍ଗଳା ଭାଷାରେ ଏବଂ 'ନଷ୍ଟନାରୀ' କବିତା ସଂକଳନ ହିନ୍ଦୀ ଭାଷାରେ ଅନୁଦିତ ହୋଇ ଆତ୍ମପ୍ରକାଶ କରିଛି । ତାଙ୍କ କବିତା ପାଠକ ମହଲରେ ଉଚ୍ଚ ପ୍ରଶଂସିତ ହୋଇ ପାଠକୀୟ ଗୌରବ ଅର୍ଜନ କରି ପାରିଛି । ତାଙ୍କ କବିତାରେ ନାରୀ ଚେତନାର ଅର୍ନ୍ତଦୃଷ୍ଟି,ଗଭୀର ଜୀବନବୋଧ,ନାରୀର ସ୍ୱାଧୀକାର ଓ ସମ୍ମାନର କଥା ଦେଖିବାକୁ ମିଳେ । ବାମାବାଦୀ ଚିନ୍ତାଚେତନାରେ ଅନୁପ୍ରାଣୀତ କବି ଅପର୍ଣ୍ଣା ନାରୀ ଜୀବନର ବହୁବିଧ ସମସ୍ୟା ,ସମାଜରେ ତାର ଅସ୍ତିତ୍ୱ,ଅସହାୟତା, ତା ପ୍ରତି ହେଉଥିବା ଅକଥନୀୟ ଅତ୍ୟାଚାର କଥା କହିଛନ୍ତି ଏବଂ ତାଙ୍କ କବିତା ମାଧ୍ୟମରେ ଏସବୁ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛନ୍ତି । ମୋଟ ଉପରେ ସେ ତାଙ୍କ କବିତାରେ ନାରୀ ମୁକ୍ତିର ଜାଗରଣର କଥା କହିଛନ୍ତି ।

କବି ଅପର୍ଣ୍ଣା ତାଙ୍କ 'ଅସତୀ' କବିତା ସଂକଳନର ପ୍ରଥମ କରି ନାରୀ ହୃଦୟର ଅଜସ୍ର ବ୍ୟଥାକୁ ବିନା ବାଧାରେ ବ୍ୟକ୍ତ କରିଛନ୍ତି । 'ଅସତୀ' କବିତା ସଂକଳନର ମୁଖବନ୍ଧରେ କବି କହିଛନ୍ତି "ସତ୍ୟ ଏବଂ ଶିବ ସମନ୍ୱୟରେ ଯଦି ସୁନ୍ଦର ପ୍ରତିଷ୍ଠା ହୁଏ ତେବେ ସମସ୍ତ କଲ୍ୟାଣ ହେତୁ ଏଇ ଅସତୀମାନେ କାହିଁକି ଏପରି ଅନିର୍ବଚନୀୟ ସୁନ୍ଦର ପଣ ବିଛିି ଦେଉଥାନ୍ତି ଜେଲଖାନା ଠାରୁ ଆରମ୍ଭ କରି ମଶାଣୀର ପାଉଁଶ ଗଦା ପର୍ଯ୍ୟନ୍ତ । XXXX ମୋ ଭିତରେ ଯେଉଁ ସତ୍ତାଟିକୁ

ଚିରନ୍ତନୀ ନାରୀ ବୋଲି ଆଦର କରିବି ମୁଁ ? ଚରାଚରର ସମ୍ମାନ ଓ ପ୍ରଶଂସାରେ ଅଭିଷିକ୍ତ ହେଉଥିବା ସତୀଟିକୁ ନା ବୁଜୁଳାଏ କଳଙ୍କ ଓ ଲାଂଛନାକୁ ଛାତିରେ ଜାକି ଧରି ତଳକୁ ମୁହଁ ପୋତି ହସୁଥିବା ଅସତୀଟିକୁ " । (ମହନ୍ତି ଅପର୍ଣ୍ଣା ,ମୁଖବନ୍ଧ ,ଅସତୀ) ବାମାବାଦୀ ଚିନ୍ତନ ଧାରାର ପ୍ରତିଫଳନ ଅଶୀ ଦଶକ ପୂର୍ବରୁ କିମ୍ଵା ଅଶୀ ଦଶକରେ ରଚିତ କବିତାରେ ନାରୀମୁକ୍ତି ଓ ଜାଗରଣର ଓ ତାର ସ୍ଵାଧୀକାରକୁ ନେଇ ଯେଉଁ କବିତା ସବୁ ଆତ୍ମପ୍ରକାଶ କରିଥିଲା ସେଥିରେ ଏହି ଭାବଧାରାର ଆଭାଷ ଅତ୍ୟନ୍ତ କ୍ଷୀଣ ଥିଲା କିନ୍ତୁ ନବେ ଦଶକରେ ରଚିତ ଆଧୁନିକ ଓଡିଆ କବିତାରେ ଏହି ଭାବଧାରାର ପ୍ରତିଫଳନ ବିକଶିତ ହେବାକୁ ଲାଗିଲା । ଏହି ସମୟ ଖଣ୍ଡରେ ୧୯୯୩ ମସିହାରେ ରଚିତ କବି ଅପର୍ଣ୍ଣାଙ୍କ 'ଅସତୀ' କବିତା ଓଡିଆ କବିତା ରାଜ୍ୟରେ ଏକ ଯୁଗାନ୍ତକାରୀ ଆଲୋଡନ ସୃଷ୍ଟି କରିଥିଲା । ଏହି ସଂକଳନର କବିତାଗୁଡିକରେ ବାମାବାଦୀ ଚିନ୍ତନର ଧାରା ଅତୀବ ଶାଣିତ ଓ ତୀର୍ଯ୍ୟକ ଥିଲା । କବି ଅପର୍ଣ୍ଣାଙ୍କ ଲେଖନୀରୁ ନିସୃତ ଏହି ସଂକଳନସ୍ଥ କବିତା ଗୁଡିକରେ ନାରୀ ସତ୍ତାର ମୁକ୍ତି ଓ ସ୍ଵାଧୀକାର ପାଇଁ ତୀବ୍ର ବିଦ୍ରୋହାତ୍ମକ ସ୍ଵରର ଅନୁରଣନ ଦେଖିବାକୁ ମିଳେ । ଏ ସଂପର୍କରେ ସମାଲୋଚକ ନିତ୍ୟାନନ୍ଦ ଶତପଥୀଙ୍କ ମତଟିକୁ ଉଦ୍ଧାର କରାଯାଇପାରେ ଯେପରିକି- "ନାରୀ ସତ୍ତାର ପ୍ରମୁକ୍ତି ବା ସ୍ଵାଧୀକାର ପ୍ରତିଷ୍ଠା ପାଇଁ ଏ ସମୟର କବିତା ଠୋସ୍ ସ୍ଵର ଉଠାଇଛି ଯାହା ପ୍ରାକ୍-ଅଶୀତି କବିତାରେ କବିତାରେ ଥିଲା ଏକାନ୍ତ ଦୁର୍ଲଭ । ଏହାକୁ ବାମାବାଦ ବା ଫେମିନିଜିମ ଭାବେ ନାମିତ କରାଯାଉଛି ଓ ଉତ୍ତର ଆଧୁନିକ ଓଡିଆ କବିତାର ଏହା ଏକ ପରିଚୟ ବହନ କରିଛି । ଗତ ଶତାବ୍ଦୀର ଶେଷ ଦଶନ୍ଧି ଅଥାର୍ଥ ୧୯୯୦ ପରବର୍ତ୍ତୀ ଓଡିଆ କବିତାରେ ଏ ଭାବନା ପ୍ରକଟିତ ହୋଇଥିବା ଦେଖିବାକୁ ମିଳେ । ଯଦିଓ ୧୯୮୦ ପରବର୍ତ୍ତୀ କବିତାରେ କାଁଭାଁ ଏପରି ଭାବନା କାହା କାହା କବିତାରେ କ୍ଷୀଣ ଭାବରେ ଆତ୍ମପ୍ରକାଶ କରିଥିଲା । କିନ୍ତୁ ଅପର୍ଣ୍ଣାଙ୍କ 'ଅସତୀ'(୧୯୯୩)ପ୍ରକାଶନ ସହିତ ଉତ୍ତର ଆଧୁନିକ ଓଡିଆ କବିତାରେ ଏକ ଚମକ ସୃଷ୍ଟି କରି ଏହି ବାମାବାଦୀ ଭାବଧାରାଟି ସଂଯୋଜିତ ହୋଇଗଲା" । (ଝଙ୍କାର ୬୭ ତମ ବର୍ଷ-ଷଷ୍ଠ ସଂଖ୍ୟା) କବିତାରେ ଅସତୀ କବିତାରେ କବି ଅସତୀ ଶବ୍ଦର ପ୍ରତିଶବ୍ଦ ଖୋଜି ବସିଛନ୍ତି ।ଏହି ଶବ୍ଦ ଶୁଣିଲେ ଅନ୍ତରରେ ସୃଷ୍ଟି ହୁଏ ଲଘୁଚାପ ଆଉ ଝଡ । ଏହି ଶବ୍ଦର ଅର୍ଥ ଅଭିଧାନରେ ମଧ୍ୟ ନାହିଁ । କବି ଏହି ଶବ୍ଦଟିକୁ ଜ୍ଵାଳାମୁଖୀ କଠିନ ଲାଭା ଠାରୁ ଆହୁରି କଠିନତର ବୋଲି ମତବ୍ୟକ୍ତ କରିଛନ୍ତି । କବିଙ୍କ ଭାଷାରେ- **"ଲଘୁଚାପ ସୃଷ୍ଟି ହୁଏ/ ଅନ୍ତରେ ଅନ୍ତରେ ଝଡ/ଇର୍ଷାର..କୌତୁହଳର/ ଲଗାମହୀନ ପ୍ରବୃତ୍ତିର/ଅସୂୟାର../କୁତ୍ସାରଟନାର../ ଅସଂଯତ..ଆଦିମ ଇଚ୍ଛାର/ଏ ଶବ୍ଦଟି ବିସ୍ଫୋରିତ ହେଲେ " (ଅସତୀ ,ଅସତୀ,ପୃ-୭୬)**

କୁହାଯାଏ ଦୁହିତା ଦୁଇ କୁଳକୁ ହିତ। । ଦୁହିତାଟି ଜନ୍ମ ନେବା ପୂର୍ବରୁ ଯେଉଁଠି ମା ତାର ମନାସିବସୁଛି ମୃତ୍ୟୁ । ସତେ ଯେପରି ଅଭିଶାପର ବୋଝକୁ ବହନ କରି ସେ ମାତୃଗର୍ଭରେ ବଞ୍ଚି ରହିଛି । ଆଜିର ସମାଜରେ ଅନେକ ଭ୍ରୁଣ ହତ୍ୟା ଗୋପନରେ ସଂଗଠିତ ହେଉଛି । ନାରୀ ଟିଏ ସମାଜରେ ଚଳିବାକୁ ହେଲେ ସମାଜର ଅନେକ ବିଧି ନିଷେଧ ମାନିବାକୁ ପଡିଥାଏ । ସେ ତାର ସ୍ଵଇଛାରେ କିଛି କରିପାରେ ନାହିଁ । ସଂକଳନସ୍ଥ 'ଦୁଇକୁଳ' କବିତାରେ କବିଙ୍କ ବକ୍ତବ୍ୟ ଏହିପରି- **"ମୋତେ ବାରଣ ଥିଲା/ନିଜର ସଫା କଣ୍ଠରେ/କଥା କହିବାକୁ/ କୋମଳ ଇଚ୍ଛାର/ ବାଲିଘରଟିଏ ତୋଳିବାକୁ/ ଅନାବିଷ୍କୃତ /କୌଣସି ଇପସିତ ପଥରେ/ପାଦ ଥୋଇବାକୁ" (ଦୁଇକୁଳ,ଅସତୀ,ପୃ-୩୬)** । ଯେଉଁ ସମାଜରେ ନାରୀକୁ ଅର୍ଦ୍ଧନାରୀଶ୍ଵର,ଅର୍ଦ୍ଧାଙ୍ଗିନୀର ଆଖ୍ୟା ଦିଆଯାଇଥାଏ ସେହି ଛଳନାରୂପୀ ସମାଜରେ କିନ୍ତୁ ଅର୍ଦ୍ଧରୁ ମଧ୍ୟ ନାରୀକୁ ବଞ୍ଚିତ କରାଯାଇଥାଏ । ନାରୀଟି ତା ରକ୍ତକୁ ପାଣି କରି ରାତିଦିନ ଖଟିଲା ପରେ କେହିତ କେବେ ତାକୁ ଆହା ପଦେ କେହି କହିନାହିଁ । ମନ ମାରି ଦୁଃଖରେ ବସିଥିଲେ କେହି ଅନୁରାଗରେ ତାର ମଥାକୁ ଥିର କରି ସାଉଁଳି ଦେଇନି । ଏଠି ନାରୀକୁ ତାର କଥା କହିବାକୁ ସୁଯୋଗ ଦିଆଯାଉ,ସେ ନିଜ କଥା ନିଜେ କହୁ, ନିଜେ ତା ପ୍ରତି ହୋଇଥିବା ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ପ୍ରତିବାଦ କରୁ । ତା ପାଇଁ ପୁରୁଷ ସବୁବେଳେ ନ କହୁ । ଏଥି ପାଇଁ ସମଗ୍ର ନାରୀ ସମାଜ ଏହି ଅସହ୍ୟ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଚାହିଁଛି । ସଂକଳନସ୍ଥ ରତୁଟିଏ...ରାତିଟିଏ କବିତାରେ ନାରୀ ପ୍ରତି ସମବେଦନାର ସ୍ଵର ବେଶ ମର୍ମସ୍ପର୍ଶୀ ହୋଇ ପାରିଛି ।କବିଙ୍କ ଭାଷାରେ – **"କଣ ହୋଇଗଲା ସେଠୁଁ/ମୋତେ କଲବଲ କରୁଥିବା/ ଯେତେ ସବୁ ସୁବିଧା ଭୋଗୀଙ୍କ/ପାବନ ବୈକୁଣ୍ଠ ଛାଡି/କେଉଁ ଏକ କୋରକିତ/ କଦମ୍ବ ମୂଳରେ/ମୁଁ ଯଦି ମୋ ଖୁସିରେ/ରାତିଟିଏ /ପରିପୂର୍ଣ୍ଣ ମୁଖେ ବିତାଇଲି" (ରତୁଟିଏ... ରାତିଟିଏ,ଅସତୀ,ପୃ-୩୬)**

ସଂକଳନସ୍ଥ 'ଏଣ୍ଡୁଅ' କବିତାରେ ଏଣ୍ଡୁଅ ପରି ରଙ୍ଗ ବଦଳଉଥିବା ବ୍ୟକ୍ତିସତ୍ତା ପ୍ରତି ବ୍ୟଙ୍ଗ ବିଦ୍ରୁପର ସ୍ଵର ବେଶ୍ ତୀବ୍ର ହୋଇପାରିଛି । 'ଭାରବାହୀ' କବିତାରେ ନାରୀଟିଏ କିପରି ଆଦ୍ୟ ଯୌବନ ଠାରୁ ଆରମ୍ଭ କରି ଶେଷ ଶୟନ ପର୍ଯ୍ୟନ୍ତ ,ଇହକାଳରୁ ପରକାଳ ପର୍ଯ୍ୟନ୍ତ ଅନ୍ୟର ଭାରବହନ କରି ବାଟ ଚାଲିଛି ତାର ଚିତ୍ର ରହିଛି । ସେହିପରି 'ରୂପାନ୍ତର' ,'ଅକୃତଜ୍ଞ', 'ବିଶ୍ଵାସ','ନିୟନ୍ତ୍ରଣ', 'କୁମାରୀ','ପ୍ରତିଶ୍ରୁତି' ଆଦି କବିତାରେ ବାମାବାଦୀ ଚିନ୍ତନର ଧାରାର ପ୍ରତିଫଳନ ଘଟିଛି ।

କବିଙ୍କ 'ଝିଅ ପାଇଁ ଝର୍କାଟିଏ' ଏକ ବହୁ ଚର୍ଚ୍ଚିତ କାବ୍ୟଗ୍ରନ୍ଥ । ଏହି ଗ୍ରନ୍ଥ ପାଇଁ କବି ୨୦୦୭ ମସିହାରେ ଓଡିଶା ସାହିତ୍ୟ ଏକାଡେମୀ

ପୁରସ୍କାର ପ୍ରାପ୍ତ ହୋଇଥିଲେ । ଏଥିରେ ନାରୀବାଦୀ ଚିନ୍ତନର ପରିପ୍ରକାଶ ଦେଖିବାକୁ ମିଳେ । ଝିଅଟିଏ ଜନ୍ମହେବା ପରଠାରୁ ଆରମ୍ଭ କରି ବଡ ହେବା ପର୍ଯ୍ୟନ୍ତ ଅନେକ ଘାତ ପ୍ରତିଘାତ ରୂପକ କଠିନ ସମସ୍ୟାର ସାମ୍ନା କରିବାକୁ ପଡିଥାଏ । ସେ ବାଟ ଚାଲିବା ବେଳେ ତଳକୁ ମୁହଁ ପୋତି ପାଦକୁ ଚିପିଚିପି ଚାଲେ କାରଣ କାଳେ କାହାର ଖରାପ ନଜର ତା ଉପରେ ପଡିଯିବ । କୁନି ଝିଅଟିଏ ବଡହେଲେ ତାକୁ ତା ଘରର ଲୋକମାନେ ତାକୁ ବହୁତ ଡରାଇ ଦେଇଥାନ୍ତି ଯାହା ଫଳରେ ସେ ଘରର ଏରୁଣ୍ଡି ବନ୍ଧ ଡେଇଁ ଯୁଆଡେ ବି ଗଲେ ତା ଭିତରେ ଏକ ଅଜଣା ଭୟର ବାତାବରଣ ସୃଷ୍ଟି ହୋଇ ତା ମନକୁ ବିଷାଦିତ କରିଦେଇଥାଏ । ସଂକଳନସ୍ଥ 'କୁନିଝିଅ ପାଇଁ ଗୀତ' କବିତାରେ କବିଙ୍କ ଉଦାତ୍ତ ଉଚ୍ଚାରଣ ଏହିପରି–

"ସେ ଦିନ/ମୋ କୁନିଝିଅ ଚଢିଥିଲା/ବୟସର ସବୁଜ ଶିଡିରେ/'ଗୁଣର ସବୁଠୁ ସୁନ୍ଦର ଫୁଲଟିକୁ/ଚଇତର ସବୁଠାରୁ ମିଠା କୋଳିଟିକୁ/ସେ ତୋଳିବାକୁ/ହାତ ବଢାଇଲା ବେଳେ/ମୁଁ ତହୁଁ ପାଟି କରି ଉଠିଲି/ନାଇଁ ନାଇଁ ବୋଲି " ।(କୁନିଝିଅ ପାଇଁ ଗୀତ,ଝିଅ ପାଇଁ ଝର୍କାଟିଏ,ପୃ-୪)

ସଂକଳନସ୍ଥ **'ମେଘପରି'** କବିତାରେ ସ୍ତ୍ରୀ ଲୋକଟି ଯେତେ ଭଲ କାମ କଲେ ବି କିଛି ନା କିଛି ଭୁଲ୍ ପୁରୁଷ ଆଖିରେ ଧରା ପଡେ । ସେ ଯେତେ ସାବଧାନତାର ସହ କାମ କଲେ ବି ତାର ସବୁ ଭୁଲ ପୁରୁଷ ଆଗରେ ଧରାପଡେ । ତାର ଅର୍ଥ ନୁହେଁ ଯେ ନାରୀଟି ଭୁଲ କରିଥାଏ । ଏହା କେବଳ ପୁରୁଷର ଏକ ବାହାନା ନାରୀର ଦୋଷ କେମିତି ସେ ଧରିବ । ନାରୀ ଏଥିପାଇଁ ଦୁଃଖ ପାଇଲେ ସେ ପାଏ ଅଜସ୍ର ଆନନ୍ଦ । ଯେପରିକି ଭଲ ତରକାରୀ ରାନ୍ଧିଲେ ପ୍ରଶଂସା ପାଏ ତ ଭଲ କବିତା ଲେଖିଲେ ନିନ୍ଦା,ଭଲ ମଥା ବାନ୍ଧିଲେ ପ୍ରଶଂସା ପାଏ ତ ଭଲ କଥା କହିଲେ ନିନ୍ଦା,ଜୀବନକୁ ଭଲ ପାଇ ବସିଲେ ସେ ପାଏ ନିନ୍ଦା,କେତେ ଦୁଃଖ,କଷ୍ଟ ସହି ନିନ୍ଦାରେ ନିନ୍ଦାରେ ଦିନ କାଟେ । ସେ କେତେବେଳେ ଅନ୍ୟ ନାରୀର ଦୁଃଖରେ କାନ୍ଦିପାରେ ତ ପୁଣି ପୁରୁଷଙ୍କ ଅସହାୟତାରେ ସାହା ହୋଇଥାଏ । ଘର ବାହାରର ନିନ୍ଦା ସହ୍ୟ କରି ସେ ଜୀବନ ଜୀଇଁଥାଏ । କବି କହିଛନ୍ତି ଏହି ନିନ୍ଦା ପାଇବା ତା ପାଇଁ ଯେପରି ନୂଆ କଥା କିଛି ନୁହେଁ ବରଂ ଏହା ତାହାର ଯେପରି ଦେହଘଷା ଭଳି ହୋଇ ଯାଇଥାଏ । ସମାଜରେ ନୀତିନିୟମ ସର୍ବଦା ଆଜିବି କେବଳ ଗୋଟେ ନାରୀ ପାଇଁ କଠୋର ହୋଇଯାଇଛି । ନାରୀଟିଏ କବିତା ଲେଖିବାର ଅର୍ଥ ସ୍ୱାଧୀନ ଭାବରେ ତାର ମନର ଭାବକୁ ପ୍ରକାଶ କରିବା । ପୂର୍ବେ ନାରୀ ମୁକ୍ତଭାବେ କିଛି କହି ପାରୁନଥିଲେ । ବର୍ତ୍ତମାନ ନାରୀ ମୁକ୍ତ ହେଲାଣି । କିନ୍ତୁ ନାରୀଟିଏ ଯଦି ଇଚ୍ଛା କରୁଛି କିଛି କହିବା ପାଇଁ ସେତେବେଳେ ନାରୀକୁ ଉଚ୍ଛୃଙ୍ଖଳର ଆଖ୍ୟା ଦିଆଯାଉଛି । ଏକଥା କେହି ବୁଝୁନାହାନ୍ତି କି ନାରୀର କିଛି ନିଜର କହିବାର ଅଧିକାର ଅଛି । ନାରୀକୁ ସମାଜ ସବୁବେଳେ ଚାହିଁଛି ଶୃଙ୍ଖଳାର ଅନୁଶାସନରେ ବାନ୍ଧି ରଖିବା ପାଇଁ । ନାରୀପାଇଁ ନାରୀର ଏହି ଗଭୀର ଦୁଃଖରେ କବିଙ୍କ ଅଭିବ୍ୟକ୍ତି ଏହିପରି –**"ଭଲ ତରକାରୀ ରାନ୍ଧିଲେ/ ପ୍ରଶଂସା ପାଏ ସ୍ତ୍ରୀଲୋକଟି/ ଭଲ କବିତା ଲେଖିଲେ ନିନ୍ଦା/ଭଲ ମଥା ବାନ୍ଧି ଶିଖିଲେ ପ୍ରଶଂସା ପାଏ ତ/ ଭଲ କଥା ବାନ୍ଧି ଶିଖିଲେ ନିନ୍ଦା /XXXX/କେତେ ଦୁଃଖରେ/ ନିନ୍ଦାରେ ନିନ୍ଦାରେ/ନିଜକୁ ସେ ମଣିଷ କରି/ଗଢୁଥିବ କୁହତ !" ।(ମେଘପରି, ଝିଅପାଇଁ ଝର୍କାଟିଏ,ପୃ-୯)** ଆଜିର ସମାଜରେ ବ୍ୟକ୍ତି ସତ୍ତା ନାରୀ ଚରିତ୍ରକୁ ଗଙ୍ଗା ଜଳ ସହ ତୁଳନାକରି ବସେ କିନ୍ତୁ ସେ ଚାହେଁ ନାରୀ ଗଙ୍ଗା ହେଉ । ସେ ଚାହେଁ ନାରୀକୁ ତାର ଆକଟ ପଣରେ ବାନ୍ଧି ରଖିବା ପାଇଁ । ନାରୀର ଇଚ୍ଛା ଓ ସ୍ୱାଧୀନତାକୁ ସେ ଗ୍ରହଣ କରିପାରେ ନାହିଁ । ସମସ୍ତେ ନାରୀକୁ ଗଙ୍ଗାର ଦ୍ୱାହିଦେଲା ବେଳେ ଚାହାଁନ୍ତି ନାହିଁ ଯେ ନାରୀଟିଏ ଗଂଗା ହେଉ,ଅମର୍ତ୍ତ୍ୟମୟୀ ହେଉ । କବିଙ୍କ ମନରେ ନାରୀ ପ୍ରତି ଅନୁରକ୍ତି ଓ ଗଭୀର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଗଂଗା କଣ ଆବଦ୍ଧ ହୋଇ ରହିପାରିବ କୁଅରେ ନା କଂସାବାସନରେ ନା ହାଣ୍ଡିରେ ? ଜଗତକୁ ପ୍ରୀତୀଶୁଦ୍ଧ କରିବାର ଅନୁରକ୍ତିନେଇ ସ୍ୱର୍ଗରୁ ପାତାଳକୁ ଡେଇଁ ପଡିଲା ବେଳେ ଗଙ୍ଗା କଣ ଜାଣିଥିଲେ ତାଙ୍କୁ ଦିନେ ବିଷ୍ଣୁଙ୍କର ନଖ କୋଣରେ ରହିବାକୁ ପଡିବ । ସେ କଣ ଜାଣିଥିଲେ ଶିବଙ୍କ ମଥାରେ ସ୍ଥାନ ପାଇବାକୁ ହେବ ପୁଣି ଦିନେ ନିଜର ସଦ୍ୟଜାତ ସନ୍ତାନମାନଙ୍କୁ ସଂକଷ୍ଟର ସୁଅରେ ଭସାଇ ଦେବାକୁ ହେବ । କବି ଏଠି କହିବାକୁ ଚାହିଁଛନ୍ତି ଇତିହାସ ଓ ପୁରାଣରେ ଘଟିଥିବା ନାରୀ ନିର୍ଯାତନାର ଆଉ ଯେପରି ପୁନରାବୃତ୍ତି ନ ହେଉ ବରଂ ପରିବର୍ତ୍ତନର ସୁତ୍ରପାତ ହେଉ । ପୁରୁଷ ପ୍ରଧାନ୍ୟ ସମାଜ ବ୍ୟବସ୍ଥାରେ ନାରୀ ପ୍ରତି ଯେଉଁ ଦୃଷ୍ଟିଭଙ୍ଗୀ ଚିତ୍ର ପ୍ରଦାନ କରିବା ସହିତ ସମଗ୍ର ସମାଜ ପ୍ରତି ବ୍ୟଙ୍ଗ କରିଛନ୍ତି । କବିଙ୍କ ଭାଷାରେ–**" ନାରୀଟିଏ ଗଙ୍ଗା ହେଉ/ କେହି ଚାହାନ୍ତି ନାହିଁ/ ସେ ଶୋଷ ମେଣ୍ଟଇ ଥାଏ/ସବୁରି ଦେହର/ମନର/ସଂସାରର/ କେହି ତାର/ ମୋକ୍ଷଦା ରୂପକୁ/ଥାପନା କରନ୍ତି ନାହିଁ " ।(ଗଙ୍ଗା-ଝିଅପାଇଁ ଝର୍କାଟିଏ,ପୃ-୧୫)**

ଏହି ସଂକଳନର ସ୍ଥାନିତ କବିତା 'କନ୍ୟାଭ୍ରୁଣ' କବିତାଟି ସାଂପ୍ରତିକ ସମାଜରେ କନ୍ୟାଭ୍ରୁଣ ହତ୍ୟାକୁ ଉପଜୀବ୍ୟ କରି ରଚିତ । ସମାଜରେ ପୁରୁଷ ବଞ୍ଚି ରହିବାର ଯେତିକି ଅଧିକାର ଅଛି ନାରୀର ମଧ୍ୟ ସେତିକି ଅଧିକାର ଅଛି । ଆଜିର ନାରୀ ମଧ୍ୟ ପୁରୁଷଠାରୁ କେଉଁ ଗୁଣରେ କମ ନୁହେଁ । ଯେତେବେଳେ ମାତୃଗର୍ଭର ତାର ପରିଚୟ ଜଣା ପଡିଯାଇଛି ମାଆର ଜରାୟୁ ଭିତରେ ସେହି ଭ୍ରୁଣଟିକୁ ହତ୍ୟା କରିବାକୁ ଏ ଅନ୍ଧ ସମାଜର ଜହ୍ଲାଦରୂପୀ ମଣିଷ ପଛାଏ ନାହିଁ । ସେ ତାର କଅଁଳ ଶବକୁ କେଉଁ ନଈ ଧାରରେ ନ ହେଲେ ଜଂଗଲର ଅଂଧ

କୂପରେ ଫୋପାଡି ଦେଇଥାଏ । ଯଦି ବା ସେ ବଞ୍ଚି ଯାଏ ଧରାପୃଷ୍ଠର ମାଟି ଛୁଇଁବା ମାତ୍ରେ ତା ଉପରେ ଆରମ୍ଭ ହୋଇଯାଏ ଅକଥନୀୟ ଅତ୍ୟାଚାର । ଏଠାରେ କବି କହିଛନ୍ତି ଯେ ଏ ସମାଜ ଜାଣି ରଖିବା ଦରକାର କନ୍ୟା ବି କାହାର ମାଆ,କାହାର ଭଗିନୀ, କାହାର ଜାୟା, କାହାର କନ୍ୟା । ସେ କେବଳ ଅନ୍ୟର ଓଠରେ ହସ ଟିକକ ଦେଖିବା ପାଇଁ ନିଜକୁ ଯନ୍ତ୍ରଣା ରୂପକ ଅଗ୍ନିରେ ନିର୍ବାପିତ କରି ଅନ୍ୟ ମୁଖରେ ହସ ଫୁଟାଏ । କବିତାର ଶେଷ ପର୍ଯ୍ୟାୟରେ କବି କହିଛନ୍ତି ଏ ସମାଜ ପାଇଁ ଏମିତି ଏକ ଦିନ ଆସି ପହଞ୍ଚିବ ନାରୀ ବିନା ସମାଜ ଧ୍ୱଂସ ଆଡକୁ ଗତି କରିବ । ତେଣୁ ଏ ମଣିଷ ସମାଜକୁ ଏଥିରୁ ନିବୃତ୍ତ ରହିବା ପାଇଁ କବି ଏ କବିତା ମାଧ୍ୟମରେ ସଚେତନତାର ବାର୍ତ୍ତା ଶୁଣାଇଛନ୍ତି । କବିଙ୍କ ଉକ୍ତିରେ-" **ଏବେତ/ ମାଟି ଛୁଇଁବା ଆଗରୁ/ ଆମେ ଲିଭେଇ ଦେଲେଣି/ତାର ଛାୟା.../ କେତେ ନିଶ୍ଚିତରେ/ କାଟି ଦେଲେଣି ଆମେ/ଧାରେ କଅଁଳ ମୌନ/ମାନବିକତାର ମାୟା" ।(ଗଙ୍ଗା- ଝିଅପାଇଁ ଝର୍କାଟିଏ,ପୃ-୨୪)** ସତୀ କବିତାରେ କବି ସତୀତ୍ୱର ସଂଜ୍ଞା ଖୋଜି ବସିଛନ୍ତି । ନିଜ ସ୍ତ୍ରୀର ସତୀତ୍ୱକୁ ନେଇ ପୁରୁଷ କିପରି ତାକୁ ସଂଦେହ କରିଥାଏ,କିନ୍ତୁ ଅନ୍ୟ ସ୍ତ୍ରୀ ଉପରେ ଖରାପ ନଜର ରଖିଥାଏ । ସେତେବେଳେ ତା ପାଇଁ ସତୀତ୍ୱର ସଂଜ୍ଞା କଣ ସେ ଚିନ୍ତା କରେ ନାହିଁ । ପୁରୁଷର ଡରରେ ନାରୀଟି ତା ମନର ଆବେଗକୁ ଲୁଚେଇ ରଖିଥାଏ । ତାର ସତୀତ୍ୱ ଚାଲି ଯିବାର ଭୟରେ ସେ ତାର ମନର ସଂଗୁପ୍ତ ଭାବନାଗୁଡିକ କାହା ଆଗେ ପ୍ରକାଶ କରି ନ ଥାଏ । କବିଙ୍କ ଭାଷାରେ-" ପତି ପରମଗୁରୁଙ୍କ ପାଦରେ ଉତ୍ସର୍ଗ କରିଦେଇଥିବା/କବିତା ବହିର ପ୍ରତିଟି କବିତା/ପରପୁରୁଷଙ୍କ ସ୍ପର୍ଶରେ ପୁଲକିତ ବୋଲି/ ସେ କାହାକୁ କହେନା/ସତୀତ୍ୱ ଚାଲିଯିବା ଭୟରେ/ ସ୍ତ୍ରୀ ଲୋକଟି ଏକ ଡହଡହ /ସତ୍ୟ ସବୁକୁ/ଚାପି ଦେଇଥାଏ ପାଦରେ" **।(ସତୀ, ଝିଅପାଇଁ ଝର୍କାଟିଏ,ପୃ-୧୮)**

କାବ୍ୟଗ୍ରନ୍ଥର ମୁଖ୍ୟ କବିତା 'ଝିଅ ପାଇଁ ଝର୍କାଟିଏ' କବିତାରେ କବି ଆଜିର ସମାଜରେ ନାରୀ ମାନେ ଆଜି ପୁରୁଷର ସମକକ୍ଷ । ଯେଉଁ ବୟସରେ ପୁରୁଷ ପାଇଁ ସମାଜକୁ ଅନୁଭବ କରିବା ପାଇଁ ସକଳ ଦ୍ୱାର ଉନ୍ମୁକ୍ତ ହୋଇଯାଏ ସେଠି କିନ୍ତୁ ସେହି ବୟସର ଝିଅଟି ପାଇଁ ସବୁ ଦରଜା ରୁଦ୍ଧ ହୋଇ ଯାଇଥାଏ । ସେହି ରୁଦ୍ଧ ଦ୍ୱାର ଭିତରେ ସେ ଅଣ ନିଶ୍ୱାସୀ ହୋଇଯାଇଥାଏ । ନାରୀର ସହଜାତ ନିରୀହ ସୃଜନ ଲିପ୍ସା ଓ ମଣିଷର ସହଜାତ ଜ୍ଞାନ ଶିକ୍ଷା ଏହି ଦୁଇପାର୍ଶ୍ୱକୁ ନେଇ ଝିଅଟିଏ ଝରକାଟିଏ ତିଆରି କରିବ ଯାହାକୁ ସେ ବିନା ବାଧାରେ ସବୁ ସୁନ୍ଦର ଓ ମଙ୍ଗଳ ଖୋଲି ପାରୁଥିବ ତ ସବୁ ଅସୁନ୍ଦର ଓ ଅମଙ୍ଗଳ ପାଇଁ ବୁଜି ଦେଇ ପାରୁଥିବ । ଝରକାକୁ କବି ଏଠାରେ ଦୃଢ ପ୍ରତିବାଦ ଓ ମୁକ୍ତି ରୂପକ ଅୟନର ପ୍ରତୀକ ଭାବେ ଗ୍ରହଣ କରିଛନ୍ତି । ଘରେ ଝର୍କାଟିଏ ଥିଲେ ତା ଜୀବନକୁ ସେ ଧରି ରଖିପାରିଥାନ୍ତା । ନିଜ ଅନୁଯାୟୀ ଖୋଲୁଥାନ୍ତା ଆଉ ବନ୍ଦ କରିପାରୁଥାନ୍ତା । ଝର୍କା ଖୋଲି ସେ ତାର ଖାଲି ହାତରେ ଆକାଶକୁ ତା ଟିପରେ ଛୁଇଁ ପାରୁଥାନ୍ତା । ଚପଳ ପବନକୁ ଆଣି ନିଜ ପଣତରେ ଲୁଚେଇ ରଖି ପାରୁଥାନ୍ତା । ପୁଣି ନିଶୁନ ଖରାବେଳେ ଝରକା ଦାଢରେ ଅନ୍ୟମନସ୍କ ଭାବରେ କାଉ,ବଣି କି ଗୁଣ୍ଡୁଚି ମୂଷା ପାଇଁ ଆଧାର ମୁଠିଏ ଥୋଇ ଦେଇ ପାରିଥାନ୍ତା । ଏ ସବୁଥିରୁ ସେ ଚିର ବଞ୍ଚିତ । ସେ ସମାଜର ବିଧି ନିର୍ଦ୍ଦେଶ ଦ୍ୱାରା ପରିଚାଳିତ । ଏ ସଂପର୍କରେ କବିଙ୍କ ଉକ୍ତି ଏହିପରି-**"ଘରେ ଝର୍କାଟିଏ ଥିଲେ/ଝିଅର ଜୀବନ/ଏତେ ସଅଳ/ସହି ଯାଇ ନଥାନ୍ତା/ନିଆଁର ହୁତହୁତ/ଜଳି ଗଲା ବେଳେ/ ଝର୍କା ଖୋଲି/ସାଇ ପଡିଶାଙ୍କୁ/ଡାକି ପାରିଥାନ୍ତା ତ" ।(ଝିଅପାଇଁ ଝର୍କାଟିଏ,ପୃ-୩)**ସେହିପରି 'ମୁକ୍ତିବୋଧ' କବିତାରେ ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତା ରୂପକ ବିପଣୀରେ ନାରୀ କିପରି ପଣ୍ୟ ଦ୍ରବ୍ୟ ପାଲଟି ଯାଇଥାଏ ଓ ତାର ଭବିଷ୍ୟତ କିପରି ଅମା ଅନ୍ଧକାର ଗହ୍ୱର ଭିତରକୁ ଠେଲି ହୋଇ ଯାଇଥାଏ ତାର ଚିତ୍ର ଉପସ୍ଥାପିତ ହୋଇଛି ।

ସେହିପରି ଦେଖିବାକୁ ଗଲେ ଏହି ସଂକଳନର ପ୍ରାୟ ସମସ୍ତ କବିତା ଯେପରିକି 'ଯିବାକୁ ଦିଅ', 'ମେଘପରି','ସତୀ','ବର୍ଷା', 'କବିତାରେ ଥିବା ନାରୀ','ସମ୍ବାଦ ପତ୍ରର ନାରୀ','ଝିଅ ବିଦା','ପାଗଳୀ', 'ପ୍ରିୟତମା','ଚୁପଚାପ ନାରୀଟିଏ' ଆଦି କବିତାରେ ନାରୀବାଦୀ ଚିନ୍ତନର ପ୍ରତିଫଳନ ଘଟିଛି ।

'ନଷ୍ଟନାରୀ' କବିତା ସଂକଳନର କବିତା ଗୁଡିକରେ ନାରୀବାଦୀ ଚେତନାର ସ୍ୱର ଅଧିକ ଗାମ୍ଭିର୍ଯ୍ୟମୟ ହୋଇ ଉଠିଛି । ପୁରୁଷର ସ୍ୱାର୍ଥଲାଳସା ଓ ଶଠତା ପାଇଁ ନାରୀ ଆଜି ପାଲଟି ଯାଇଛି ନଷ୍ଟ ନାରୀ । ବେଦ,ଉପନିଷଦ,ପୁରାଣରେ ନାରୀର ବନ୍ଦନା କରାଯାଇଥାଏ । ପୁରାଣରେ ବର୍ଣ୍ଣିତ ତାରା, ମନ୍ଦୋଦରୀ, ଅହଲ୍ୟା, କୁନ୍ତି, ଦ୍ରୌପଦୀ ଏମାନେ ସମସ୍ତେ ସତୀ ନାରୀ ,କିନ୍ତୁ ଆଜିର ନାରୀ କାହିଁକି ନଷ୍ଟନାରୀ ରୂପେ ଚିତ୍ରିତ । ନଷ୍ଟନାରୀକୁ କଳଙ୍କର ଟୀକା ଆଖ୍ୟା ଦେଇଛି ଏ ସମାଜ । ଏହି ସଂକଳନର ମୁଖବନ୍ଧରେ ସ୍ଥାନ ପାଇଥିବା ପ୍ରଖ୍ୟାତ ସମାଲୋଚକ ମହାପାତ୍ର ନୀଳମଣି ସାହୁଙ୍କ ମନ୍ତବ୍ୟକୁ ଏଠାରେ ଉଦ୍ଧାର କରାଯାଇପାରେ ।**"ଏକଥା ବୁଝିବା ଉଚିତ ଯେ ନଷ୍ଟନାରୀ କେବେ ବି ଭ୍ରଷ୍ଟାଚାରୀ ନୁହେଁ । ସେ ଏକ ଦୁଃସାହସିନୀ ,ଭାବାବେଗମୟୀ ନାରୀ ଯେ କି ପ୍ରେମ ଓ ପରମକୁ ନିଜର ପ୍ରାଣ,ମନ ଓ ଦେହ ସ୍ତରରେ ସମାନ ଭାବେ ଅନୁଭବ କରିବା ପାଇଁ ଓ ଅନ୍ୟ ମାନଙ୍କ ପାତ୍ରରେ ବାଢିଦେବା ପାଇଁ ଉଶୃଙ୍ଖଳା ହୋଇ ଚନ୍ଦ୍ରସୂର୍ଯ୍ୟଙ୍କୁ ବି ମାନେ ନାହିଁ । କୌଣସି ନୀତି ନିୟମର ବନ୍ଧବାଡକୁ ସେ ଭାଙ୍ଗି ନ ଦେଇ ବା ଉଲଙ୍ଘନ ନ କରି ସେ ଥୟ ପଡେ ନାହିଁ । ସେ ଏହି ପ୍ରେମ ଓ ପରମର ଉପଲବ୍ଧି ପାଇଁ ନିଜକୁ ସର୍ବଦା ଅଜାଡି ଚାଲିଥାଏ"** ନଷ୍ଟନାରୀ ବୁଝିଛି ପ୍ରେମ ଓ ମୁକ୍ତି ଦୁଇଟି

ଏକ ଆଉ ଅଭିନ୍ନ । ସେଥିପାଇଁ ସେ ବଧୂ ବେଶରେ ନିଜକୁ ଆତ୍ମ ସମର୍ପଣ କରିଛି । ସେ ବୁଝିଛି ପ୍ରେମରେ ନିଶ୍ଚିତ ହୋଇଯାଏ ସବୁ ଅହତ୍ୱ ଭାବ,ଅଧିକାର,ଅହଂକାର ଆଉ ତିରୋହିତ ହୋଇଯାଏ ଜରା ବ୍ୟାଧି ଆଉ ମୃତ୍ୟୁ । କବିଙ୍କ ଭାଷାରେ-**"ନଷ୍ଟନାରୀ/ବୁଝିସାରିଛି/ ପ୍ରେମ ଆଉ ମୁକ୍ତି/ଦୁହେଁ/ ଏକ ଓ ଅଭିନ୍ନ / XXXX /ଜାଣିବା ପରେ ତ /ବଧୂବେଶରେ ନଷ୍ଟନାରୀ/ ନିଜକୁ କରିଛି ସମର୍ପଣ" । (ନଷ୍ଟନାରୀ/ବୁଝିସାରିଛି,ପୃ-୨୪)** ତାଙ୍କ ଦୃଷ୍ଟିରେ ନାରୀ ହେଉଛି ପରମ ଶକ୍ତିମୟୀ । ସଂକଳନର କବିତା ମାଧ୍ୟମରେ ନାରୀର ସଂକଟାପନ୍ନ ସ୍ଥିତି ତା' ଉପରେ ହେଉଥିବା ଅକଥନୀୟ ଅତ୍ୟାଚାର ବିରୁଦ୍ଧରେ ସେ ସ୍ୱର ଉତ୍ତୋଳନ କରିଛନ୍ତି । 'କଥାକଥା' ଠାରୁ ଆରମ୍ଭକରି 'ଏହି ନଷ୍ଟକଥାଟି' ପର୍ଯ୍ୟନ୍ତ ପ୍ରତ୍ୟେକ କବିତାରେ ନାରୀ ଜୀବନର ମହତ୍ୱ ଓ ମହନୀୟତାର ଗାଥାର ଚିତ୍ର ରହିଛି ।

କବି ଅପର୍ଣ୍ଣାଙ୍କ ସଂକଳନମାନଙ୍କ ମଧ୍ୟରୁ 'ମା'ର କାନ୍ଦଣା ଗୀତ' ଏକ ପ୍ରମୁଖ କାବ୍ୟ ଗ୍ରନ୍ଥ । ଏହି ସଂକଳନରେ ନାରୀର ବିଭିନ୍ନ ରୂପ ମଧ୍ୟରୁ ମାଆର ମମତାମୟୀ ମାତୃସତ୍ତା ପ୍ରତି କବି ଗଭୀର ସମ୍ବେଦନ ଶୀଳ ହୋଇଉଠିଛନ୍ତି । ପ୍ରତ୍ୟେକ ମାଆ ଆଖିରେ ତା ପୁଅଝିଅ ଉଭୟ ସମସ୍ତେ ସମାନ । ସେ ଚାହେଁ ତା ଝିଅ କେମିତି ଶାଶୁଘରେ ଭଲରେ ସୁଖରେ ସଂସାର କରୁ ଆଉ ଅହ୍ୟ ଡେଙ୍ଗୁରା ବଜାଇ ବୈକୁଣ୍ଠପୁରକୁ ଯାଉ । ତାର କାନ୍ଦଣା ମାଧ୍ୟମରେ ସେ ତାର ତାର ସନ୍ତାନ ସନ୍ତତିର ଶୁଭ ମନାସି ବସେ । ତାର ଏହି କାନ୍ଦଣା କାହିଁ କେଉଁ ଅନନ୍ତ କାଳରୁ ପ୍ରତିଧ୍ୱନି ତା କେହି କହି ପାରିବେ ନାହିଁ। ଭାରତୀୟ ନାରୀର ଏହି ମହନୀୟ ଚିନ୍ତନକୁ ମାଆର କାନ୍ଦଣା ଗୀତ ମାଧ୍ୟମରେ ପ୍ରକାଶ କରିଛନ୍ତି । ଏହି ସଂକଳନର ଊଣା ଅଧିକ କବିତାରେ ବାମାବାଦୀ ଚିନ୍ତନର ଧାରା ପ୍ରତିଫଳିତ ହୋଇଥିବାର ପରିଲକ୍ଷିତ ହୋଇଛି । ସେହିପରି ତାଙ୍କର 'ଯୋଗିନୀ ଗୀତ' କବିତା ସଂକଳନର କବିତା ଗୁଡିକରେ ନାରୀର ପାରମାର୍ଥିକ ଓ ଆଧ୍ୟାତ୍ମିକ ମୁକ୍ତିର ପ୍ରୟାସର ସ୍ୱର ଅନୁରଣିତ ।

ସାମଗ୍ରିକ ଭାବେ ଦେଖିବାକୁ ଗଲେ ତାଙ୍କର ଅଧିକାଂଶ କବିତାରେ ନାରୀ ଜାଗରଣ ଓ ନାରୀ ମୁକ୍ତିର ପ୍ରୟାସର କଥା କହିଛନ୍ତି । ବାମାବାଦୀ ଚିନ୍ତାଧାରାରେ ଅନୁପ୍ରାଣିତ କବି ଅପର୍ଣ୍ଣା ନାରୀର ଅସହାୟତା, ଅପାରଗତା,ରକ୍ଷଣଶୀଳତା ତଥା ଦୁର୍ବଳତା ପ୍ରତି ସେ ସମ୍ବେଦନଶୀଳ ହୋଇ ଉଠିଛନ୍ତି । ନାରୀ ଉପରେ ହେଉଥିବା ଅକଥନୀୟ ଅତ୍ୟାଚାର ବିରୁଦ୍ଧରେ ତୀବ୍ର ବିଦ୍ରୋହାତ୍ମକ ସ୍ୱର ଉତ୍ତୋନ କରିବାକୁ ପଛାଇ ନାହାନ୍ତି । ଏଣୁ ତାଙ୍କ କବିତାରେ ତଥାକଥିତ ବାମାବାଦୀ ଚେତନାଟି ଉପର୍ଯ୍ୟୁକ୍ତ ଭାବରେ ରୂପାୟିତ ହୋଇଛି । କନ୍ୟାଭ୍ରୁଣ, ଶିଶୁକନ୍ୟା କିଶୋରୀଠୁଁ ଆରମ୍ଭ କରି ଯୁବତୀ, ସଂସାରୀ, ସ୍ତ୍ରୀ ଲୋକଠୁଁ ଆରମ୍ଭ କରି ମହାପ୍ରକୃତିଯାଏଁ ପରିବ୍ୟାପ୍ତ ଅପର୍ଣ୍ଣାଙ୍କ ଏହି ନାରୀବାଦୀ ଚେତନା । ନାରୀର କାରୁଣ୍ୟକୁ ରୂପଦେବା ସହିତ କବି ସାମାଜିକ ଦୁଃସ୍ଥିତି ପ୍ରତି କବି କଟାକ୍ଷ କରିଛନ୍ତି । ଆମ ସମାଜ ବ୍ୟବସ୍ଥାର ଦୋଷତ୍ରୁଟିକୁ ଦେଖାଇବା ସହିତ କବିଙ୍କ ବ୍ୟଙ୍ଗବିଦ୍ରୂପ ପ୍ରତିବାଦର ସ୍ୱରକୁ କବିତା ବହନ କରିଛି । ନାରୀର କମନୀୟ ଶକ୍ତିମୟୀ ରୂପର ପ୍ରତିଷ୍ଠା ପ୍ରତି କବି ଆତ୍ମା ସତତ ଚେଷ୍ଟିତ । ଅନ୍ୟ ଭାବରେ କହିଲେ ସାଂପ୍ରତିକ ସଭ୍ୟତାର ବିକଶିତଧାରାରେ ନାରୀର ଯଥାର୍ଥ ସ୍ୱରର ପ୍ରତିଷ୍ଠାକୁ କବି ଗୁରୁତ୍ୱ ଦେଉଛନ୍ତି । ଓଡ଼ିଆ କବିତାରେ ନାରୀବାଦୀ ଚେତନାକୁ ପ୍ରତିଷ୍ଠା ଦେବାରେ କବି ଅପର୍ଣ୍ଣା ଏକ ଅଙ୍ଗୀକାରବଦ୍ଧ କାବ୍ୟଶିଳ୍ପୀ ବୋଲି କୁହାଯାଇପାରେ ।

ସହାୟକ ସୂଚୀ :

- ମହାନ୍ତି ମନୀନ୍ଦ୍ର : ନାରୀବାଦୀ ଚିନ୍ତା ଓ ଓଡ଼ିଆ ଶିଶୁ ସାହିତ୍ୟ : ଜନସୁଧା ପୂଜା ବିଶେଷାଙ୍କ, ଅକ୍ଟୋବର-୨୦୧୨
- ବାରିକ କବିତା : ବାମାବାଦୀ ଚେତନାର ଦିଗ ଓ ଦିଗନ୍ତ : ଇସ୍ତାହାର, ପୂଜା ବିଶେଷାଙ୍କ : ୨୦୧୧
- ପାଣ୍ଡବ ଶତ୍ରୁଘ୍ନ : ନୂଆ ପିଢ଼ି - ନୂଆ କବିତା (୧୯୭୫ : ୧୯୯୫): ଆଧୁନିକ ଓଡ଼ିଆ କବିତାର ଉତ୍ତରାୟଣ: ଆର୍ଯ୍ୟ ବେଦାନ୍ତ ପବ୍ଲିକେଶନ୍, ଭୁବନେଶ୍ୱର-୧୫: ୨୦୦୭
- ସ୍ୱାଇଁ ଦିଲ୍ଲୀପ କୁମାର : ବାମାବାଦୀ ଦର୍ଶନ ଓ ଓଡ଼ିଆ କବିତା : ସାମ୍ନା: ଅକ୍ଟୋବର- ୨୦୧୦
- ଶତପଥୀ ପ୍ରତିଭା : ଓଡ଼ିଆ କାବ୍ୟକବିତାରେ ନାରୀସ୍ଥିତିର ଚିତ୍ର: ନାରୀ ଅସ୍ତିତ୍ୱର ବାସ୍ତବତା, ବିବର୍ତ୍ତିତ ଓଡ଼ିଆ କବିତା: ବିଦ୍ୟାପୁରୀ, ବାଲୁ ବଜାର, କଟକ-୨ : ୨୦୦୯
- ଦାସ ଚିତ୍ତରଂଜନ : ନାରୀବାଦର ଦିଗ୍‌ବଳୟ : ସାଂପ୍ରତିକ ପାଶ୍ଚାତ୍ୟ ସାହିତ୍ୟ ତତ୍ତ୍ୱ : ଗ୍ରନ୍ଥମନ୍ଦିର, କଟକ-୨ : ୨୦୦୫
- ବେହେରା ହରିଶ୍ଚନ୍ଦ୍ର : ବାମାବାଦୀ ସାହିତ୍ୟର ଅନନ୍ୟ ଉଚ୍ଚାରଣ 'ବାମା' : ଅକ୍ଷାଂଶ, ଶାରଦୀୟ ବିଶେଷାଙ୍କ -୨୦୧୨
- ଶତପଥୀ ନିତ୍ୟାନନ୍ଦ :ବାମାବାଦ ଓ କବି ଅପର୍ଣ୍ଣା ମହାନ୍ତି :ଝଙ୍କାର:୬୭ ତମ ବର୍ଷ-ଷଷ୍ଠ ସଂଖ୍ୟା ।

❖ ❖ ❖

DOI : https://doi.org/10.5281/zenodo.13705535 ମୂଳ ପ୍ରବନ୍ଧ

ଦାଦନ ସମସ୍ୟାର ଭିନ୍ନ ରୂପ : ସରୋଜିନୀଙ୍କ 'ଦାଦନ'

ଦୟାନିଧି ପରିଡ଼ା

ସାରାଂଶ :

ସାଂପ୍ରତିକ ସମୟରେ ଉପନ୍ୟାସ ସମାଜ ଓ ପାଠକ ଉଭୟର ଯୁଗ ରୁଚିକୁ ବହନ କରି ଗତିଶୀଳ ହେଉଛି । ସମାଜର ବିବିଧ ସମସ୍ୟା ଓ ବାସ୍ତବ ଚିତ୍ର ଉପନ୍ୟାସର କଥାବସ୍ତୁ ରୂପରେ ସ୍ଥାନିତ ହେଉଛି । ଔପନ୍ୟାସିକା ସରୋଜିନୀ ସାହୁ ହେଉଛନ୍ତି ଏମିତି ଜଣେ ଔପନ୍ୟାସିକା ଯିଏକି ନିଜସ୍ୱ ଅନୁଭବ ଓ ଉପଲବ୍ଧିରୁ ତିଆରିକରନ୍ତି ନିଜସ୍ୱ ପ୍ଲଟ୍ । ସମାଜର ତ୍ରୁଟି ବିଚ୍ୟୁତିକୁ ଲକ୍ଷ୍ୟକରି ସେ ସର୍ବଦା ଏକ ବିଦ୍ରୋହାତ୍ମକ ସ୍ୱର ନିଜସ୍ୱ ରଚନାରେ ତୋଳି ଧରନ୍ତି । ଆଧୁନିକ ସମାଜରେ ଉଚ୍ଚ ଶିକ୍ଷିତ ଯୁବପିଢ଼ିଙ୍କ ଆଶା ଓ ସ୍ୱପ୍ନର ରୂପଚିତ୍ର ହିଁ ଏହି 'ଦାଦନ' ଉପନ୍ୟାସର ମୂଳ ଭିତ୍ତି । ପେଟ ପାଟଣା ପାଇଁ ନିଜର ଭିଟାମାଟି ଛାଡ଼ି ଅନ୍ୟତ୍ର ଯାଇ ଚୁକ୍ତି ମୁତାବକ ଖଟିବା ହିଁ ଦାଦନ । ଓଡ଼ିଶାର ଏଇ ସମସ୍ୟା ଅଧୁନା ଅଧିକାଂଶ ସ୍ଥାନରେ ଦେଖାଦେଉଛି । ଔପନ୍ୟାସିକା ସରୋଜିନୀ ସାହୁ ଉକ୍ତ ପ୍ରସଙ୍ଗକୁ ଉପନ୍ୟାସଟିରେ ସ୍ଥାନିତ କରିବା ସହ ସମାଜର ନାନାଦି ପରିବେଶ ଓ ଆନୁସଙ୍ଗିକ ଜୀବନ ସଂଘର୍ଷର ଚିତ୍ର ଉପସ୍ଥାପନ କରିଛନ୍ତି । ଓଡ଼ିଶାର ଯୁବଗୋଷ୍ଠୀ ଶିକ୍ଷିତ ହୋଇ ଜୀବିକା ନିର୍ବାହ ଲାଗି ବାଙ୍ଗାଲୋର୍ କିପରି ଯାଇଛି ଏବଂ ସେଇଠି ଭୋଗୁଥିବା ଦୁଃଖ ଓ ଯନ୍ତ୍ରଣା ହିଁ ଉପନ୍ୟାସଟିର ବକ୍ତବ୍ୟ । ସାଧାରଣ ଗ୍ରାମ୍ୟ ଜୀବନରୁ ସହରୀ ଜୀବନ ମଧ୍ୟ ଦେଇ ଗତିଶୀଳ ହେଉଥିବା ସମାଜ ଓ ତତ୍‌ସହିତ ଆଧୁନିକ ଶିକ୍ଷା ପ୍ରଭାବରେ ପରିବର୍ତ୍ତିତ ଜୀବନଶୈଳୀକୁ ଆପଣାଉଥିବା ମଣିଷ ସମାଜର କଥା ଉପନ୍ୟାସଟିରେ ଦର୍ଶିତ । ଔପନ୍ୟାସିକା ଯୁବପିଢ଼ିଙ୍କ ମଧ୍ୟରେ ବ୍ୟକ୍ତି ସ୍ୱାଧୀନତା, ଚିନ୍ତା-ଭାବନା, ଅଶା, ସ୍ୱପ୍ନ, ହତାଶା ସାଙ୍ଗକୁ ବିଦେଶୀ ଜୀବନ ଶୈଳୀର ପ୍ରଭାବକୁ ଚରିତ୍ରଗୁଡ଼ିକ ମଧ୍ୟରେ ଦର୍ଶାଇଛନ୍ତି । ନିଜସ୍ୱ ଅଂଚଳରୁ ଅନ୍ୟତ୍ର ରହିବାଦ୍ୱାରା କିପରି ପରିବେଶର ପ୍ରଭାବରେ ମଣିଷ ପ୍ରଭାବିତ ହୁଏ ଯଥା ଉପନ୍ୟାସସ୍ଥ ଯୁବପିଢ଼ି ଆଧୁନିକ ଜୀବନ ଶୈଳୀକୁ ଆପଣାଇଛି ତା'ସହ ଖାଦ୍ୟ ପେୟର ରୁଚି ବଦଳିଛି, ଏପରିକି ଇଚ୍ଛା, ଆକାଙ୍କ୍ଷା ସବୁ ସାଂପ୍ରତିକ ସଂଭ୍ରାନ୍ତୀୟ ଭାବନାକୁ ସ୍ପଷ୍ଟ କରିଛି । ଯାହାଫଳରେ ସଂସ୍କୃତିର ଅବକ୍ଷୟୀ ରୂପ ଉପନ୍ୟାସର ପରିବେଶ ମଧ୍ୟରେ ପରିଦୃଶ୍ୟ । ସିଦ୍ଧୁ, ଲିସା, ଅଂଶୁ, ସସ୍ମିତା ଓ ଜ୍ୟୋତି ଭଳି ଚରିତ୍ରଙ୍କଦ୍ୱାରା ଆଧୁନିକ ଯୁବପିଢ଼ିଙ୍କର ଚିତ୍ରକୁ ଦର୍ଶାଯାଇଛି । ପ୍ରେମ, ବିବାହ ଏବଂ ବିଚ୍ଛେଦ ଆଧୁନିକ ସମାଜରେ ଯେ କେତେ ସାମାନ୍ୟ ପାଲଟିଗଲାଣି ତାର ନମୁନା ଉପନ୍ୟାସଟିର ଶେଷରେ ଲିସା ଚରିତ୍ର ମାଧ୍ୟମରେ ଦର୍ଶାଯାଇଛି । ତଥାପି ମନ ମଧ୍ୟରେ ପ୍ରେମ ଯେ ଚିରନ୍ତନ, ଜୀବନ ନିମନ୍ତେ ଉତ୍ତମ ଶୃଙ୍ଖଳାର ମାର୍ଗଟିଏ ଜରୁରୀ ଉକ୍ତ ପ୍ରସଙ୍ଗକୁ ମର୍ମେ ମର୍ମେ ଉପଲବ୍ଧି କଲରିଛି ଲିସା । 'ଦାଦନ' ଉପନ୍ୟାସ କେବଳ ବ୍ୟକ୍ତିଗତ ଜୀବନକୁ ଉପସ୍ଥାପନ କରିନାହିଁ, ସମାଜର ଏକ ସମସ୍ୟା ଦିଗ ପ୍ରତି ସ୍ୱର ଉତ୍ତୋଳନ କରିଛି ।

ସଂକେତ ଶବ୍ଦ : ଉପନ୍ୟାସ, ଦାଦନ, ଜଗତୀକରଣ, ଇଂଟରନେଟ୍, ପ୍ରଯୁକ୍ତିବିଦ୍ୟା, ସଂସ୍କୃତି, ଶିକ୍ଷା, ଆଧୁନିକତା ।

ଉପନ୍ୟାସ ଏକ ଦୀର୍ଘ କାହାଣୀ ନୁହେଁ, ବରଂ ଏହା ଏକ ଲେଖକୀୟ ଅନୁଭୂତି, ଅଭିଜ୍ଞତା ତଥା ସୃଜନ ଆଲେଖ୍ୟ । "ଲେଖକର ବକ୍ତବ୍ୟ ଉପନ୍ୟାସ ମଧ୍ୟରେ ଜୀବନ୍ତ ହୋଇଉଠେ, ଯେତେବେଳେ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ
Quick Response Code:
Available online at : https://pracheenews.com/
DOI: https://doi.org/10.5281/zenodo.13705535
Article No - BPPP00221

ଯୋଗାଯୋଗ :
ଡ.ଦୟାନିଧି ପରିଡ଼ା,
ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ, ବାରିପଦା
E-Mail ID: dayanidhiparida2013@gmail.com
ORCID ID: https://orcid.org/0009-0000-7757-3040

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

ପ୍ରାପ୍ତି	ସମୀକ୍ଷିତ	ଗୃହୀତ	ପ୍ରକାଶିତ
୩.୬.୨୦୨୪	୧୭.୭.୨୦୨୪	୨୫.୭.୨୦୨୪	୧.୯.୨୦୨୪

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ପରିଡ଼ା, ଦୟାନିଧି, ୨୦୨୪ । ଦାଦନ ସମସ୍ୟାର ଭିନ୍ନ ରୂପ : ସରୋଜିନୀଙ୍କ 'ଦାଦନ' । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ଚ, ପୃଷ୍ଠା :୩୦-୩୪ ।

ସେ ଲୋକ ଜୀବନ ସମ୍ପର୍କରେ ବ୍ୟକ୍ତିଗତ ଧାରଣାକୁ ରୂପଦିଏ । ଯେଉଁ ଲେଖକ କେବଳ ନିଜପାଇଁ ଲେଖେ ସେ ଜିନ ରାଜ୍ୟ ଭିତରେ ଘୁରିବୁଲେ ମାତ୍ର । କିନ୍ତୁ କଥାକାରର ସ୍ୱର ହେଉଛି ପାଠକକୁ ସମୁଦାୟ ପୃଥିବୀ ଭିତରୁ ଛାପା ବହି ପାଖକୁ ଟାଣି ଆଣିବା ଏହାଦ୍ୱାରା ପାଠକ ଓ ଲେଖକ ଏକ ହୋଇଯାନ୍ତି । "(୧) ଆଧୁନିକ ସମାଜରେ ଦାଦନ ଏବେ ଗୋଟିଏ ପ୍ରମୁଖ ସମସ୍ୟା ଭାବରେ ମୁଣ୍ଡ ଟେକିଛି । ପଶ୍ଚିମ ଓଡ଼ିଶା ବରଗଡ଼, ବଲାଙ୍ଗୀର, କଳାହାଣ୍ଡି ଭଳି ଜିଲ୍ଲାରୁ ଆନ୍ଧ୍ରପ୍ରଦେଶ, ହାଇଦ୍ରାବାଦ ଭଳି ସ୍ଥାନକୁ ଖଟିବାକୁ ଯାଉଛନ୍ତି । ନିଜ ପରିବାରର ଆର୍ଥିକ ଅନଟନ ହିଁ ଏହାର ମୁଖ୍ୟ କାରଣ ପାଲଟୁଛି । କେଉଁଠି ଇଟାଭାଟିରେ ଶ୍ରମିକଟିଏ ଚୁକ୍ତି ମୁତାବକ ପାରିଶ୍ରମିକଠୁ ଅଧିକ ପରିଶ୍ରମ କରୁଛି ତ କେଉଁଠି କମ୍ପାନୀରେ ଗୋଟି ଶ୍ରମିକ ଭଳି ଜୀବନ ସରିଯାଉଛି । ଏହି ଯନ୍ତ୍ରଣା କେବଳ ସ୍ୱଳ୍ପ ଶିକ୍ଷିତ, ଅପାଠୁଆଙ୍କର ନୁହେଁ ପ୍ରଯୁକ୍ତିବିଦ୍ୟାର ଶିକ୍ଷାଧ୍ୟୟନ କରି ବହୁତ ଅର୍ଥ ଉପାର୍ଜନ ଲାଳସାରେ ଯୁବବର୍ଗ ନିଜ ଜନ୍ମଭୂମି ଛାଡ଼ି ଯେବେ ଅନ୍ୟତ୍ର ରୋଜଗାରର ପନ୍ଥା ଖୋଜେ ସେହି ଯନ୍ତ୍ରଣା, ଅଭାବ, ପରିବର୍ତ୍ତିତ ଜୀବନ ଶୈଳୀ ଓ ସରକାରୀ ସ୍ଥିତି ଆଦି ବହୁ ଦିଗକୁ 'ଦାଦନ' ଉପନ୍ୟାସଟି ଉନ୍ମୋଚିତ କରିଛି । ଦାଦନ ଏକ ଚୁକ୍ତି ଭିତ୍ତିକ ନିଯୁକ୍ତି ପ୍ରକ୍ରିୟା, ଯାହାକି ମୁନିବ ନିଜର କାର୍ଯ୍ୟ ସମ୍ପାଦନ ପାଇଁ ଆଗୁଆ ଅର୍ଥ ଦେଇ ଶ୍ରମିକମାନଙ୍କୁ ନିଜ ମନମୁତାବକ ଶୋଷଣ କରେ । ଯାହାଫଳରେ ଶ୍ରମିକଟିଏ ସାମାଜିକ ସୁରକ୍ଷା ଅଭାବରୁ ନିଜେ ହଟହଟା ହୁଏ । କୌଣସି ନିର୍ମାଣ କାର୍ଯ୍ୟ, କୃଷି, ଇଟାଭାଟି ଅବା ଶିଳ୍ପ କାରଖାନା ଆଦିରେ ଏହି ଦାଦନ ବ୍ୟବସ୍ଥା ଦେଖିବାକୁ ମିଳେ । ଔପନ୍ୟାସିକା ସାହୁ ଏହାକୁ ଲକ୍ଷ୍ୟ କରିଛନ୍ତି ଏକ ଭିନ୍ନ ଦୃଷ୍ଟିରେ । ଶିକ୍ଷିତ ସମାଜରେ ଶିକ୍ଷିତ ଯୁବକ ଯୁବତୀ କିପରି ଅର୍ଥ ଲାଳସାରେ ବିଦେଶୀ କମ୍ପାନୀଙ୍କ ଦ୍ୱାରା ମୋହଗ୍ରସ୍ତ ହେଉଛନ୍ତି ଏବଂ କିପରି ଓଡ଼ିଶା ମାଟିରୁ ଯେଉଁ ସ୍ୱପ୍ନ ନେଇ ଓଡ଼ିଶା ବାହାରକୁ ଶିକ୍ଷିତ ଯୁବବର୍ଗ ଯାଉଛନ୍ତି ସେଇଠି ସେମାନଙ୍କ ସମସ୍ୟା, ଯନ୍ତ୍ରଣାର ରୂପଚିତ୍ର ହେଉଛି 'ଦାଦନ' ଉପନ୍ୟାସ ।

ସାମାଜିକ ଜୀବନ ଚଳଣିଠାରୁ ବୃତ୍ତି ବ୍ୟବସାୟ, ବାଣିଜ୍ୟ, ଶିକ୍ଷା, ସଂସ୍କୃତି, ରାଜନୀତି ଭିତରେ ଏକ ଆନ୍ତଃ ମିଶ୍ରଣ ଉତ୍ସ ହେଉଛି ଜଗତୀକରଣ । ଯାହାକି ମୂଳତଃ ଅର୍ଥନୀତି କ୍ଷେତ୍ରରେ ଦେଖାଦେଇଥିଲା । ଭାରତୀୟ ଅର୍ଥନୀତିକୁ ବିଶ୍ୱ ଅର୍ଥନୀତି ସହ ସହଭାଗୀତା କରାଇବା ଏହାର ଲକ୍ଷ୍ୟ ଥିଲା । ଏହାର ଲକ୍ଷ୍ୟ ଥିଲା ଆର୍ଥନୀତିକ ସ୍ଥିତିରେ ସାମ୍ୟତା ଆଣିବା ଅର୍ଥନୀତିଜ୍ଞମାନଙ୍କ ମତରେ ଜାଗତିକରଣ ହେଉଛି ଏକୀକରଣ କରିବା ବା ବିଶ୍ୱକୁ ସ୍ଥୁଳ ଦୃଷ୍ଟିଟିରେ ଦେଖିବା । ଏଣୁ ଏହି ଜଗତୀକରଣର ପ୍ରଭାବକୁ ଅର୍ଥନୀତିରୁ ବାଣିଜ୍ୟ ଓ ସମାଜ ସଂସ୍କୃତି ମଧ୍ୟଦେଇ ଅଧୁନା ସମାଜର ସବୁ କ୍ଷେତ୍ରରେ ଉପଲବ୍ଧି କରିହେଉଛି । ଇଣ୍ଟରନେଟ ଓ କମ୍ପ୍ୟୁଟର ମାଧ୍ୟମରେ ମନୁଷ୍ୟ ସହଜରେ ଦେଶ ବିଦେଶର ଖବର ପାଇ ପାରୁଛି । ପ୍ରଯୁକ୍ତିଗତ ଶିକ୍ଷା କୌଶଳଦ୍ୱାରା ଶିକ୍ଷାର ସ୍ତର ଓ ମାନ ଆଗକୁ ବଢୁଛି । ସ୍ଥାନେ ସ୍ଥାନେ ପ୍ରଯୁକ୍ତି ବିଜ୍ଞାନ ମୂଳକ ଶିକ୍ଷାକ୍ଷେତ୍ର ସବୁ ସ୍ଥାପିତ ହେଉଛି । ବୈଷୟିକ ଶିକ୍ଷା, ବିଜ୍ଞାନ ଓ ପ୍ରଯୁକ୍ତିମୂଳକ ଜ୍ଞାନ କୌଶଳ, ଶିକ୍ଷା ବ୍ୟବସ୍ଥା, ସାମାଜିକ ସ୍ଥିତି, ଯୁବପିଢ଼ିଙ୍କ ଲକ୍ଷ୍ୟ ସହ ଭାରତକୁ ନାନା କମ୍ପାନୀ ମାନଙ୍କର ଆଗମନକୁ ଲକ୍ଷ୍ୟ କରି ଔପନ୍ୟାସିକା ସରୋଜିନୀ ସାହୁ ରଚନା କରିଛନ୍ତି 'ଦାଦନ' ଉପନ୍ୟାସ ।

ନାରୀବାଦୀ ଲେଖିକା ଭାବେ ସରୋଜିନୀ ସାହୁ କେବଳ ଓଡ଼ିଆ ସାହିତ୍ୟ କାହିଁକି ? ବିଭିନ୍ନ ପ୍ରାଦେଶିକ ସାହିତ୍ୟ କ୍ଷେତ୍ରରେ ମଧ୍ୟ ବେଶ୍ ଜଣାଶୁଣା । କିନ୍ତୁ: ୨୦୧୬ ମସିହାରେ ପ୍ରକାଶିତ 'ଦାଦନ' ଉପନ୍ୟାସ ତାଙ୍କର ଏକ ଭିନ୍ନ ପରିଚୟ ସୃଷ୍ଟି କରିଛି । ନାରୀ ଜୀବନର ଅନ୍ତଃଦାହ, ମନସ୍ତତ୍ତ୍ୱଠୁ ନାରୀ ମୁକ୍ତିର ସ୍ୱରକୁ ନିଜ ରଚନାରେ ସ୍ଥାନ ଦେଉଥିବା ସରୋଜିନୀ 'ଦାଦନ' ଉପନ୍ୟାସରେ ସମକାଳୀନ ସମାଜର ଏକ ସମସ୍ୟାକୁ କେନ୍ଦ୍ର କରିଛନ୍ତି । ଔପନ୍ୟାସିକା ସାହୁ ଉଭୟ ଗଳ୍ପ ଏବଂ ଉପନ୍ୟାସ କ୍ଷେତ୍ରରେ ବେଶ୍ ଚର୍ଚ୍ଚିତ । ସାଂପ୍ରତିକ ସମୟର ତ୍ରୁଟି ବିଚ୍ୟୁତିକୁ ଲକ୍ଷ୍ୟକରି ତାଙ୍କର ଲିଖନୀ ସର୍ବଦା ଚଞ୍ଚଳ ମନେହୁଏ । ଶାଣିତ ବକ୍ତବ୍ୟ ସହ ସମାଜ ପରିବର୍ତ୍ତନର ଦାୟବଦ୍ଧ ଚରିତ୍ରକୁ ତାଙ୍କ କଥା ଜଗତରେ ରୂପାୟିତ କରନ୍ତି । ସମାଜବାଦୀ ବାସ୍ତବତାର ସ୍ୱର ପ୍ରକୃତରେ ତାଙ୍କ କଥା ସାହିତ୍ୟରେ ସ୍ପଷ୍ଟ ରୂପରେ ବାରିହୁଏ । ସମାଜର ପ୍ରମୁଖ ସମସ୍ୟା ଏବଂ ସେଥିପାଇଁ ତା'ର ନିରାକରଣର ସୂତ୍ରକୁ ସେ ଉଭୟ ଘଟଣା ଓ ଚରିତ୍ର ମାଧ୍ୟମରେ ଚିତ୍ରିତ କରନ୍ତି । ଆଧୁନିକ ଜୀବନ ଶୈଳୀ ପାଇଁ ଏକ ବରଦାନ ହେଉଛି ପ୍ରଯୁକ୍ତିବିଦ୍ୟା, ଶିଳ୍ପ, ବିଜ୍ଞାନ ସମେତ ଆହୁରି ଅନେକ । ଶିକ୍ଷା କ୍ଷେତ୍ରରେ ଅଧୁନା ସମାଜ ମଧ୍ୟ ବେଶ୍ ସଚେତନ । ଶିକ୍ଷା ଯେ ସମାଜ ଗଢ଼େ ଏ କଥା ସଭିଏଁ ଜାଣନ୍ତି । ଅଧୁନା ଯୁବପିଢିଙ୍କ ଶିକ୍ଷା ଗ୍ରହଣ, ଇଂଜିନୟରିଂ ଶିକ୍ଷା ବ୍ୟବସ୍ଥା, ନିଯୁକ୍ତି ସୁଯୋଗ ସାଙ୍ଗକୁ ଶିକ୍ଷିତ ବେକାରୀର ସମସ୍ୟାକୁ ଔପନ୍ୟାସିକା 'ଦାଦନ' ଉପନ୍ୟାସରେ ରୂପାୟିତ କରିଛନ୍ତି । ଉପନ୍ୟାସଟିରେ ପ୍ରବାସୀ ଓଡ଼ିଆଙ୍କ ପ୍ରସଙ୍ଗ ଅଧିକ ସ୍ଥାନିତ ହୋଇଛି । କିପରି ଓଡ଼ିଶା ଛାଡ଼ି ଅର୍ଥ ଉପାର୍ଜନ ନିମନ୍ତେ ଲକ୍ଷ ଲକ୍ଷ ଓଡ଼ିଆ ଓଡ଼ିଶା ବାହାରେ ଜୀବନ କାଟୁଛନ୍ତି ତା'ର ଚିତ୍ର ଉପନ୍ୟାସଟିରେ ଦର୍ଶିତ । ଉପନ୍ୟାସର ଚରିତ୍ର ସିଦ୍ଧୁ କମ୍ପାନୀରେ ଚାକିରି କାରିବ ବୋଲି ବାଙ୍ଗାଲୋର୍ ଯିବାକୁ ମନସ୍ଥ କରିଥିବାବେଳେ ତାର ମନକୁ ନାନା ଚିନ୍ତା ଘାରିଛି ଏବଂ ସେ ପୁଣି ଆତ୍ମକେନ୍ଦ୍ରୀକ ହୋଇ ଭାବିଛି-"କୋଉଠି ଗୋଟେ ପଢ଼ିଥିଲା ସିଦ୍ଧୁ, ବାଙ୍ଗାଲୋରରରେ ତିନିଲକ୍ଷ ଓଡ଼ିଆ ଅଛନ୍ତି । କେ. ଆର. ପୁରମ୍, ବୋମାନା ହିଲ୍, ହ୍ୱାଇଟ୍ ଫିଲ୍ଡ ମାରାଥଲି ଆଡୁ ଖୋଜି ଆଣିଲେ ଗୋଟେ ସବା କରିବା ପାଇଁ ଲୋକ ବାହାରିଯିବେ । ସେଇ ତିନିଲକ୍ଷ ଓଡ଼ିଆଙ୍କ ସହ ମିଶି ହେବ ତିନିଲକ୍ଷ ଏକ ।"(୨)

ଉପନ୍ୟାସଟିର ପୃଷ୍ଠଭୂମି ବାଙ୍ଗାଲୋର ସହରକୁ ଅଧିକ କେନ୍ଦ୍ର କରିଛି । ସେଠାରେ ଇଂଜିନିୟରିଂ ଓଡ଼ିଆ ଯୁବକ ସହ ନାନା ରାଜ୍ୟର ଯୁବକ ଯୁବତୀଙ୍କ ଦୁର୍ଦ୍ଦଶା, ଦୁଶ୍ଚିନ୍ତା ଅଧିକ ପ୍ରକଟିତ ହୋଇଛି । ସେହିପରି ଅନ୍ୟ ଏକ ଉଦାହରଣ ହେଉଛି ଚରିତ୍ର ଲିସା । ଯିଏକି ସିଦା ସଳଖ ପରିବାର ସମ୍ମୁଖରେ ପ୍ରକାଶ କରିଛି "ଓଡ଼ିଶାରେ ଚାକିରି ନାହିଁ । ଚାକିରି ପାଇଁ ମୋତେ ବାଙ୍ଗାଲୋର ଯିବାକୁ ହେବ", ଯିଦ୍ ଧରିଥିଲା ଲିସା । ବାପା କହିଥିଲେ, "ଦେଖ୍ ମୁଁ ତୋତେ ଚାରି ହଜାରରୁ ବେଶି ଟଙ୍କା ଦେଇ ପାରିବିନି । ସେତିକିରେ ଚଳେଇ ନେଇ ପାରିବୁ ଦି ଯା । ଛ ମାସ ଭିତରେ ଚାକିରି ନ ମିଳିଲେ ଫେରି ଆସିବୁ । କିଛି ଦରକାର ନାହି ଏତେ ଦୂରରେ ରହି ଚାକିରି କରିବା ।(୩) ଉକ୍ତ ପ୍ରସଙ୍ଗରେ ସ୍ପଷ୍ଟ ହେଉଛି ଯେ ନିଯୁକ୍ତି ନିମନ୍ତେ ବିଦେଶୀ କମ୍ପାନୀ ଏବଂ ଓଡ଼ିଶାଠାରୁ ବିଚ୍ୟୁତ ଭାବ ଆଧୁନିକ ଯୁବଗୋଷ୍ଠୀଙ୍କ ମଧ୍ୟରେ କିପରି ସୃଷ୍ଟି ହୋଇଛି । ତା'ରି ମଧ୍ୟରେ ଲିସା ପୁଅ ଝିଅର ଭେଦ ଭାବନାକୁ ଲକ୍ଷ୍ୟ କରି ନିଜ ମା'ର କଥାକୁ ପ୍ରତିବାଦ କରିଛି ଯେ ଅର୍ଥ ଉପାର୍ଜନ ପାଇଁ ପୁଅ କେବଳ ଲୋଡ଼ା ନୁହଁ ଝିଅଟିଏ ନିଜର ପରିଚୟ ତଥା ଆତ୍ମ ସ୍ୱାଭିମାନ ସହ ସ୍ୱାବଲମ୍ବୀ ହେବା ପାଇଁ ଚାକିରି କରିବା ଜରୁରୀ । ଆଧୁନିକ ସମାଜରେ ପୁଅ ଝିଅ ଯେ ସମାନ ଏ କଥାକୁ ପରୋକ୍ଷରେ ଔପନ୍ୟାସିକା ସୂଚିତ କରିଛନ୍ତି । ଅଧୁନା ସ୍ୱାଭିମାନୀ ଏବଂ ଆତ୍ମ ନିର୍ଭରଶୀଳ ନାରୀଟିଏ ହେବାର ଚିତ୍ର ଉକ୍ତ ଲିସା ଚରିତ୍ର ମାଧ୍ୟମରେ ହିଁ ଦର୍ଶାଯାଇଛି । ସମାଜରେ ପୁଅ ଝିଅଙ୍କ ପ୍ରତି ସମାନ ଦୃଷ୍ଟିଭଙ୍ଗୀର ବିଚାରକୁ ଅଧିକ ବାସ୍ତବାୟିତ ଢ଼ଙ୍ଗରେ ଏକ ପରିବାରର ପାରିବେଶିକ ସ୍ତରରେ ପ୍ରମାଣ କରିଛନ୍ତି ଔପନ୍ୟାସିକା ।

ସାଂପ୍ରତିକ ଶିକ୍ଷିତ ବେକାରୀ ସମସ୍ୟ, ଯୁବଗୋଷ୍ଠୀଙ୍କ ଯନ୍ତ୍ରଣାଶିକ୍ତ ଜୀବନ ଓ ତା'ସହ ପ୍ରଚ୍ଛଦରେ ବେସରକାରୀ ଅନୁଦାନପ୍ରାପ୍ତ ଅଧ୍ୟାପକ ଅଧ୍ୟାପିକାଙ୍କ ବେତନ ସମସ୍ୟା ଭଳି ଜୀବନ ଜଞ୍ଜାଳର ଚିତ୍ର ମଧ୍ୟ ସ୍ଥାନ ପାଇଛି । ଧୀରେ ଧୀରେ କାହାଣୀ ଆଗକୁ ବଢ଼ିବା ବେଳେ ଉଚ୍ଚଶିକ୍ଷିତ ଯୁବପିଢ଼ି କିପରି ନାନା ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି ତା'ର ଏକ ନିଚ୍ଛକ ପ୍ରତିଛବି ହେଉଛି ଏହି 'ଦାଦନ' ଉପନ୍ୟାସ । ଉଚ୍ଚ ଶିକ୍ଷା ଲାଭ କରି ଚାକିରୀ ଆଶାରେ ଘରୁ ଗୋଡ କାଢ଼ି ବାହାରକୁ ଯିବା ଓ ନାନା ସମସ୍ୟାର କଥାକୁ ଉପସ୍ଥାପନ କରିଛନ୍ତି ଔପନ୍ୟାସିକା ସାହୁ । ଏଥି ସହିତ ପାରିବାରିକ ଜୀବନ-ସଂପର୍କ, ଦାମ୍ପତ୍ୟ ପ୍ରେମ ଆଧୁନିକ ଯୁବକ ଯୁବତୀଙ୍କ ପ୍ରେମ ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ଇତ୍ୟାଦିକୁ ଉପନ୍ୟାସର ପ୍ରତିଟି କ୍ଷେତ୍ରରେ ଦର୍ଶାଇଛନ୍ତି । ଉପକାହାଣୀ ଗୁଡ଼ିକ ଶୀର୍ଷକୀକରଣ କରିବା ସହିତ ପ୍ରସଙ୍ଗ ଭିତ୍ତିରେ ବର୍ଣ୍ଣନା ମଧ୍ୟ କରିଛନ୍ତି । ଅଂଶୁ ସିଦ୍ଧୁ, ଜ୍ୟୋତି, ଲିସା, ସସ୍ମିତାଙ୍କ ଭଳି ଶିକ୍ଷିତ ଯୁବପିଢିଙ୍କୁ ନେଇ ଉପନ୍ୟାସଟି ଗଢ଼ି ଉଠିଛି । ସେମାନଙ୍କର ଉଚ୍ଚ ଶିକ୍ଷା ପ୍ରାପ୍ତିରେ ଓଡ଼ିସା ବାହାରକୁ ଯାଇଛନ୍ତି ଚାକିରି କରିବା ନିମନ୍ତେ । ବିଭିନ୍ନ କମ୍ପାନୀରେ ଇଂଟରଭ୍ୟୁ ଦେଉଛନ୍ତି । ନିଯୁକ୍ତି ପାଇବା ପରେ ମଧ୍ୟ ଅଶାନୁରୂପକ ବେତନ ମିଳୁ ନାହିଁ । ଯାହାକି ଶ୍ରମଠୁ ଶ୍ରମ ମୂଲ୍ୟ କମୁଛି । ଆଧିକ ପରିଶ୍ରମ କରି ଦିନ ବିତୁଛି । ଅଭାବ ଭିତରେ ଦିନ କଟୁଛି । ପୁନଶ୍ଚ ଓଡ଼ିଶାରେ ଶିକ୍ଷା ଦିଗକୁ ବଢ଼ାଇବାର ଲାଗି କିପରି ସଂଖ୍ୟାଧିକ ଭାବେ ପ୍ରାଇଭେଟ କଲେଜମାନେ ସ୍ଥାପନ କରାଯାଇଛି ଏବଂ ସେମାନଙ୍କର ଆନ୍ଦୋଳନ ଅରୁଣା ଭଳି ଚରିତ୍ର ମାଧ୍ୟମରେ ସଫଳ ଭାବରେ ଫୁଟାଇଛନ୍ତି । ଉପନ୍ୟାସଟିରେ ବୃତ୍ତି ଓ ଜୀବନ ସଂଘର୍ଷର କଥା ମୂଳରୂପ ଭାବରେ ରୂପାୟିତ ହୋଇଛି । ଜୀବିକା ନିର୍ବାହ ଲାଗି ଯୁବପିଢ଼ିଙ୍କ ଭବିଷ୍ୟତ ଓ ବର୍ତ୍ତମାନର ସ୍ଥିତି ଉପସ୍ଥାପନ 'ଦାଦନ' ଉପନ୍ୟାସର କଥାବସ୍ତୁ ରୂପରେ ପାଠକ ଆଗରେ ଉନ୍ମୋଚିତ ହୋଇଛି । ଉପନ୍ୟାସ ମଧ୍ୟରେ ଆଧୁନିକ ସଂସ୍କୃତି, ନାରୀଶିକ୍ଷା ଯୁବ ଜୀବନର ବିବିଧ ଦିଗ ଭିତରେ ଜଗତୀକରଣର ଏକ ସୂକ୍ଷ୍ମରୂପ ପ୍ରବାହିତ ।

ଚଳିତ ସମୟରେ ଯୁବପିଢ଼ି ମନରେ ଚାକିରି ହେଉଛି ଏକ ନିଶା । ଯାହା ପିଲାମାନଙ୍କଠୁ ବାପା ମା ମାନଙ୍କୁ ଅଧିକ ଘାରିଛି । ଅଭିଭାବକ ଶିକ୍ଷା ଦୀକ୍ଷା ଦେଇ ପିଲାଙ୍କୁ ବଢ଼େଇଲା ବେଳକୁ ପିଲାର ଇଚ୍ଛାନୁସାରୀ ପାଠ ଚୟନଠୁ ଅଧିକ ଗୁରୁତ୍ୱ ଦିଆଯାଉଛି ଅଭିଭାବକଙ୍କ ଇଚ୍ଛା । ଉପନ୍ୟାସଟିରେ ସେମିତି ଏକ ଚରିତ୍ର ହେଉଛି ସିଦ୍ଧାର୍ଥ । ସେ ଇକୋନୋମିକ୍ସ ନେଇ ପଢ଼ିବାକୁ ଆଦୌ ଚାହୁଁ ନଥିଲେ ହେଁ ତା ମମିର ଇଚ୍ଛାରେ ପଢ଼ିଥିଲା । ପରିଶେଷରେ ବହୁତ ପଢ଼ିବା ଓ ଚାକିରି କରିବା ଆଶାରେ ଆଶାୟୀ ହୋଇଛି । କାହିଁକିନା ? ଜଗତୀକରଣ ଦୁନିଆରେ ମଣିଷ ଚାହୁଁଛି ବହୁତ ପଢ଼ିବ, ଚାକିରି କରିବ, ଅନ୍ୟ ସହ ପ୍ରତିଯୋଗିତା କରି ସମ୍ଭ୍ରାନ୍ତଶାଳୀ ହେବ ଏବଂ ବିଦେଶୀମାନଙ୍କ ବିଦେଶୀମାନଙ୍କ ଢ଼ଙ୍ଗରେ ନିଜକୁ ପରିଚାଳିତ କରିବ । ନିଯୁକ୍ତି ଲାଗି ଅନ୍‌ଲାଇନ୍‌ରେ ଦରଖାସ୍ତ ବିଭିନ୍ନ କମ୍ପାନୀକକୁ ପଠେଇସାରିଥିଲା ସିଦ୍ଧାର୍ଥ । ସେ ସବୁର ଅପେକ୍ଷା ଭିତରେ ଔପନ୍ୟାସିକା କମ୍ପାନୀମାନଙ୍କରେ ନିଯୁକ୍ତି ପଦ୍ଧତି ବା ଶୈଳୀକୁ ଦର୍ଶାଇଛନ୍ତି । "ତା ତାଲିକାରେ ଥିବା କମ୍ପାନୀଗୁଡ଼ିକୁ ସେ ବହୁ ଆଗରୁ ଅନ୍‌ଲାଇନ୍ ଦରଖାସ୍ତ କରି ସାରିଥିଲେ । ଏବେ ତାହା ସାମ୍ନା ସାମ୍ନି ଏଚ୍. ଆର୍‌କୁ ଦେଖା କରିବା କଥା । ଯା ଦ୍ୱାରା ଯେ କିଛି ସଫଳତା ମିଳିବ ତାକୁ ଲାଗୁଥିଲା । ତେବେ ବସିବା ଅପେକ୍ଷା କାଶିବା ଭଲ ନ୍ୟାୟରେ କରିବା କଥା ।" (୪) ପୁନଶ୍ଚ ସିଦ୍ଧୁ ବେଙ୍ଗଲୁର୍ ଯିବାପରେ ନିଜ ମା'କୁ କହିଛି-" ଚାକିରି ଗୁଡ଼ା କଣ ଗଳି କନ୍ଦିରେ ପଡ଼ିଛି ଯେ, ବୁଲି ବୁଲି ଗୋଟେଇ ନେବି । ବିରକ୍ତି ମିସା ସ୍ୱରରେ ଜବାବ ଦେଇଥିଲା ସେ ।" (୫) ଅର୍ଥାତ୍ ଉପନ୍ୟାସ ମଧ୍ୟରେ ଚାକିରି ସମସ୍ୟାର ପ୍ରସଙ୍ଗଟିକୁ ଔପନ୍ୟାସିକା ଉଚ୍ଚଶିକ୍ଷା ଓ କମ୍ପାନୀ ଆଗମନ ପ୍ରସଙ୍ଗରେ ତଥା ସୂକ୍ଷ୍ମ ସ୍ତରରେ ଜଗତୀକରଣର ଆଗମନ ଓ ପ୍ରଭାବ କଥାକୁ ସୂଚାଇଛନ୍ତି ।

ଅଂଶୁ, ସିଦ୍ଧାର୍ଥ ଓ ଲିସାଙ୍କର ବ୍ୟାଚଲର୍ ଜୀବନ କାହାଣୀ ହିଁ ଅଧୁନା ଯୁବପିଢ଼ିଙ୍କ ସ୍ୱର । ଏମ୍.ବି.ଏ ପଢ଼ା ସରିବା ପରେ ଓଡ଼ିଶା ଛାଡ଼ି ବେଙ୍ଗଲୁର୍ ଯାଇଛନ୍ତି । ଉଚ୍ଚ ଚାକିରି ସହ ଉତ୍ତମ ଅର୍ଥ ଉପାର୍ଜନର ଲକ୍ଷ୍ୟ ମଧ୍ୟ ମୁଖ୍ୟ ହୋଇଛି ସେମାନଙ୍କ ଭିତରେ । ସେମାନେ ଅନୁଭବ କରିଛନ୍ତି ପ୍ରକୃତରେ ନିଜ ଜନ୍ମଭୂମି ଛାଡ଼ି ବାହାରେ ରହି କାମ କରିବାର ଦୁଃଖ ଏବଂ ତାହା ପୁଣି ସ୍ୱଳ୍ପ ବେତନରେ । ଯାହାକି ଏକ ଅଭାବ ଜୀବନବୋଧର ମର୍ମବାଣୀବୋଲି ସ୍ପଷ୍ଟ ହୋଇଛି । ଲିସା ଓ ସସ୍ମିତା ବାର୍ତ୍ତାଳାପ ମଧ୍ୟରେ ପ୍ରକାଶ କରିଛନ୍ତି "ଏ କାମ ଆଉ ପୁଷୋଉନି । ତମେ ଜାଣିନ ଓଡ଼ିଶାରୁ ଦାଦନ ଖଟିବାକୁ ଗାଁରୁ ଗଣ୍ଡାରୁ ଯୁବକମାନେ କଲିକତା, ଝୋଟକଳ, ଆସାମ ଚା ବଗିଚା, ଏମିତିକି ରେଙ୍ଗୁନ୍ ପଳାଉଥିଲେ । ଏବେ ସେମିତି ବାଙ୍ଗାଲୁର୍, ହାଇଦ୍ରାବାଦ, ବମ୍ବେ କି ପୁନେ । ଏଇ ଏକା ଗୋଟି । ସେଇ ଏକା କ୍ୱିକ୍ ମନିର ଲାଳସା । ଅଂଟା ପିଠି ଲାଗିଯିବା ପରି କାମ । ରୋଜଗାର କରିବାପାଇଁ ଦାନ୍ତ କାମୁଡ଼ି ପଡ଼ି ରହେ ।" (୬) ଏହାରି ମଧ୍ୟରେ ହିଁ ଔପନ୍ୟାସିକା ଦର୍ଶାଇବାକୁ ଚାହିଁଛନ୍ତି ସଂପ୍ରତି ଦାଦନ ସମସ୍ୟାର ରୂପଚିତ୍ର କିପରି ପରିବର୍ତ୍ତିତ ହୋଇଛି । କିନ୍ତୁ ସେଇ ଗୋଟିଏ ଅର୍ଥ ଉପାର୍ଜନର ଲାଳସା ମଣିଷକୁ କିପରି ଏବେବି କ୍ରୀତଦାସ କରି ରଖିଛି । ପୁନଶ୍ଚ କାହାଣୀ ଆଗକୁ ଅଗ୍ରଗତି କରିବା ଭିତରେ ଲିସାର ଚରିତ୍ର ଚିତ୍ରଣରେ ନାରୀ ଶିକ୍ଷା, ନାରୀ ସ୍ୱାଭିମାନୀ, ଶିକ୍ଷା ସଚେତିକା ଭଳି ଚରିତ୍ରଟିଏରେ ଉଭା ହୋଇଛି ଲିସା ନିଜେ ବାହାରେ ରହିବା ହେତୁ ସେମାନଙ୍କର ଜୀବନ ଚଳଣି, ଖାଦ୍ୟ ପେୟ, ସଂଘର୍ଷମୟ ଜୀବନ ଭିତରେ ପ୍ରେମ ଓ ପ୍ରଯୁକ୍ତି ଜ୍ଞାନର ବ୍ୟବହାର ଆଦିକୁ ଔପନ୍ୟାସିକା ବିଭିନ୍ନ ପ୍ରସଙ୍ଗରେ ରୂପାୟିତ କରିଛନ୍ତି । ସେହିପରି ସଂସ୍କୃତିର ବାତାବରଣକୁ ଲକ୍ଷ୍ୟକରି ସୂଚିତ କରିଛନ୍ତି ଯେ କିପରି ସଂସ୍କୃତି ପରିବର୍ତ୍ତିତ ହୁଏ ? ଚଳଣି ଓ ପରିବେଶ ମାଧ୍ୟମରେ ଏକ ସଂସ୍କୃତି ଅନ୍ୟସଂସ୍କୃତିଦ୍ୱାରା କିପରି ପ୍ରଭାବିତ ହୁଏ ଏବଂ ଆଧୁନିକ ଜୀବନ ଶୈଳୀଦ୍ୱାରା ସଂସ୍କୃତି କିପରି ପରିବର୍ତ୍ତନ ହୁଏ ତା'ର ଚିତ୍ର ବାଙ୍ଗାଲୋରକୁ ଆସିଥିବା ଅଂଶୁ, ଲିସା,ଜ୍ୟୋତି ଓ ସିଦ୍ଧୁ ଭଳି ଚରିତ୍ରଗୁଡ଼ିକ ମାଧ୍ୟମରେ ସ୍ପଷ୍ଟ କରିଛନ୍ତି । ଯୁବ ପିଢ଼ିଙ୍କ ମଧ୍ୟରେ ଡିଜିଟାଲ୍ ପ୍ରେମ କଥା ଏସ୍.ଏମ୍.ଏସ୍, ମୋବାଇଲ୍, ଇଂଟରନେଟ୍ ଇତ୍ୟାଦିର ବହୁଳ ବ୍ୟବହାର ଏବଂ ସେମାନଙ୍କ ଜୀବନର ଆବଶ୍ୟକ ଭାବେ ଧୀରେ ଧୀରେ କିପରି ଆହୁରି ବଢ଼ି ଯାଉଛି ତାହାକୁ ଲିସା ଓ ଅଂଶୁର ପ୍ରେମ ସଂପର୍କ ପ୍ରସଙ୍ଗରେ ଉପସ୍ଥାପନ କରିଛନ୍ତି । "ଦୁହେଁ କଥାରେ କଥାରେ, କ୍ରମଶଃ ଏସ୍. ଏମ୍. ଏସ୍.ରେ ଅଗନା ଅଗନି ବନସ୍ତ ଭିତରକୁ ଯାଉଥିଲେ । ଦେହ ଦେଉଳରେ ପ୍ରବେଶ କରୁଥିଲେ । ପରସ୍ପରଙ୍କୁ ପର୍ଣ୍ଣୋଲିଙ୍କ୍ ୟୁଟ୍ୟୁବ୍ ଭେଟି ସ୍ୱରୂପ ପଠଉଥିଲେ ।"(୭) ଔପନ୍ୟାସିକା ଦେଖାଇବାକୁ ଚାହିଁଛନ୍ତି ପରିବେଶ ଓ ଚଳଣି କିପରି ମଣିଷକୁ ପ୍ରଭାବିତ କରେ । କିପରି ଓକ ପାରମ୍ପରିକ ଧାରାରୁ ମଣିଷକୁ ଭିନ୍ନ କରିହୁଏ । ଏହି ପ୍ରସଙ୍ଗରେ ଆଧୁନିକ ଜୀବନ ଶୈଳୀ ଓ ପ୍ରଯୁକ୍ତିବିଦ୍ୟାର ପ୍ରଭାବ ଉକ୍ତ ଚରିତ୍ର ଦିଇଟି ମଧ୍ୟରେ ଦର୍ଶାଇଛନ୍ତି । ଉପନ୍ୟାସଟିରେ ଯୁବପିଢ଼ିଙ୍କ ଚାଲି ଚଳଣି, ବିଚାର ମାନସିକତା ଆଦି ସବୁ କ୍ଷେତ୍ରକୁ ଔପନ୍ୟାସିକା ପ୍ରବେଶ କରିଛନ୍ତି । ଲିଭିଂ ଟୁଗେଦରସିପ୍ ଚିତ୍ରକୁ ମଧ୍ୟ ଉପନ୍ୟାସଟିରେ ସ୍ଥାନ ଦିଆଯାଇଛି, ଯାହାକି ଏକ ପାଶ୍ଚାତ୍ୟ ପ୍ରଭାବ । ଏହି ଶିକ୍ଷା, ଚଳଣି, ନିଯୁକ୍ତି ଲାଳସା, ଶିକ୍ଷିତ ବେକାରୀ ହିଁ ସାମାଜିକ ପରିବର୍ତ୍ତନ ବ୍ୟବସ୍ଥାର ଏକ ଫଳ ସ୍ୱରୂପ । ବିଶ୍ୱାୟନ ଓ ଜଗତୀକରଣ ହେଉଛି ଠିକ୍ ସେହିପରି । ଏହା ଆସିବାଦ୍ୱାରା କେବଳ ଅର୍ଥନୀତି ନୁହେଁ ସାମାଜିକ ଜୀବନ ଚଳଣି, ଶିକ୍ଷା ସଂସ୍କୃତିଠାରୁ ବ୍ୟକ୍ତି ମାନସିକତାରେ ମଧ୍ୟ ପରିବର୍ତ୍ତନ ଘଟୁଛି ।

ଔପନ୍ୟାସିକା ସାହୁ ଉପନ୍ୟାସର ବିଷୟବସ୍ତୁଟିକୁ ସମସ୍ୟା କୈନ୍ଦ୍ରୀକ ରୂପରେ ରୂପାୟିତ କରିଥିଲେ ହେଁ ସାମାଜିକ ପରିବର୍ତ୍ତନ କଥା ଜଗତୀକରଣର ପ୍ରଭାବରେ ଆଧୁନିକ ଯୁବପିଢ଼ିଙ୍କ ଜୀବନଶୈଳୀ, ପାରିବାରିକ ସମ୍ପର୍କ, ସହରୀ ଜୀବନର ପ୍ରଭା ଓ ଗଣମାଧ୍ୟମର ବହୁଳ ବ୍ୟବହାର ଇତ୍ୟାଦି ସଫଳ ରୂପରେ ପ୍ରକାଶ ପାଇଛି । ଆଧୁନିକ ଜୀବନ ଚର୍ଯ୍ୟାକୁ ଅଂଶୁ ଓ ଲିସା ମାଧ୍ୟମରେ ଦେହାଇଥିବାବେଳେ ଇଂଟରନେଟର ପ୍ରଭାବ ମଧ୍ୟରେ ଗଣମାଧ୍ୟମର ଭୂମିକାକୁ ଦର୍ଶାଯାଇଛି । ପ୍ରବାସୀ ଓଡ଼ିଆର ଜୀବନ ଯନ୍ତ୍ରଣା ଏହି ଉପନ୍ୟାସର ଏକ ସ୍ୱତନ୍ତ୍ର ଦିଗ, ଯାହାକି ଉପନ୍ୟାସର ବକ୍ତବ୍ୟ ପ୍ରକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଜୀବନ, ବୃତ୍ତି ଓ ସଙ୍ଘର୍ଷର ଏକ ପରିମାପକ ସନ୍ତୁଳନ ହେଉଛି ଉକ୍ତ 'ଦାଦନ' ଉପନ୍ୟାସ । ଚରିତ୍ରଗୁଡ଼ିକ ମଧ୍ୟରେ ଆଧୁନିକ ଭାବ ଓ ଭାଷାକୁ ସଂଗୁମ୍ଫିତ କରିବାକୁ ଯାଇ ଔପନ୍ୟାସିକା ବେଶ୍ ସଚେତନ ମନେ ହୋଇଛନ୍ତି । ଚରିତ୍ର ମୁଖରେ ଇଂରାଜୀ ଶବ୍ଦ, ହିନ୍ଦୀ ଶବ୍ଦ ଓ ବଙ୍ଗଳା ଶବ୍ଦ ପ୍ରୟୋଗ କରି ଉପନ୍ୟାସର କଥବସ୍ତୁରେ ଏକ ସ୍ୱାଭାବିକ ଗତିଶୀଳତାକୁ ଉପସ୍ଥାପନ କରିଛନ୍ତି ଔପନ୍ୟାସିକା । ଉପନ୍ୟାସ ମଧ୍ୟରେ ଛୋଟ ଛୋଟ ଶୀର୍ଷକୀକରଣର ନାମଗୁଡ଼ିକ ଯଥା 'ପ୍ରଥମ ସୋପାନ' ଯାହାକି ଶିକ୍ଷା ପ୍ରାରମ୍ଭରେ ଅଂଶୁର ପଢ଼ା ଓ ପ୍ରତିଯୋଗୀ ମନୋଭାବକୁ ଉଦ୍ରେକ କରିବା ସହିତ 'ଶୂନ୍ୟ ଅହୋରଣ' ଶୀର୍ଷକରେ ଅନୁଦାନ ପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟରେ ଅଧ୍ୟାପକଙ୍କ ପ୍ରକୃତ ସମସ୍ୟାକୁ ଉଲ୍ଲେଖ କରାଯାଇଛି । ସେହିପରି 'ଏ ମୋନିହାର' ଶୀର୍ଷକଟିରେ ଏକ ବେଙ୍ଗଲୀ ଚରିତ୍ର ଜ୍ୟୋତି ମାଧ୍ୟମରେ ବଙ୍ଗଳାଗୀତର ଆଭ୍ୟନ୍ତରୀଣ ବକ୍ତବ୍ୟ ଓ ତାର ଚିରନ୍ତନତାକୁ ଦେଖାଇଛନ୍ତି । 'ଘୁଣଖିଆ ସମୟ' ଶୀର୍ଷକରେ ଅଂଶୁ ମନର ଅସରନ୍ତି ଦୁଃଖ ଓ ନିଜର ଅସ୍ତିତ୍ୱକୁ ପରଖିଛି । କିପରି ସେ ଅର୍ଥ ଲୋଭରେ ବଶବର୍ତ୍ତୀ ହୋଇ ନିଜର ଜୀବନ ନିରର୍ଥକ ପାଲଟିଯାଇଛି । ଏହି ଭାବଧାରାକୁ ବଜାୟ ରଖି 'ଅସ୍ତିତ୍ୱ' ଓ 'ଅଚଳ ପଇସା ପରି

ହୋଇଯାଏ ଜୀବନ' ଶୀର୍ଷକ ଗୁଡ଼ିକ ଔପନ୍ୟାସିକାଙ୍କ ପ୍ରତିଭାର ପରିଚୟ ବହନ କରେ ।

ସାହିତ୍ୟ ଧାରାରେ ଉପନ୍ୟାସ ସର୍ବଦା ନିଜସ୍ୱ ସ୍ୱାତନ୍ତ୍ର୍ୟକୁ ବଜାୟ ରଖେ । 'ଦାଦନ' ଉପନ୍ୟାସ ହେଉଛି ଏକ କାଳଖଣ୍ଡର ପ୍ରତିଛବି । ଔପନ୍ୟାସିକା ସାହୁ ଦୃଶ୍ୟମାନ ଦାଦନର ପ୍ରସଙ୍ଗକୁ ଏଠାରେ ଚିତ୍ରିତ କରିବାଠାରୁ ଆଢୁଆଳରେ ରହିଯାଉଥିବା ଆଖିଦେଖା ଶିକ୍ଷିତ ଯୁବଗୋଷ୍ଠୀ ଚରିତ୍ରଙ୍କ ଜୀବନ ଯେ ଦାଦନ ଶ୍ରମିକଠୁ କୌଣସି ଗୁଣରେ କମ୍ ନୁହଁ ଏପରିକି ପ୍ରବାସୀ ଓଡ଼ିଆଙ୍କ ଯନ୍ତ୍ରଣାଶିକ୍ତ କାହାଣୀ ଯେ ଏହି ଉପନ୍ୟାସର ସାରମର୍ମ ଏକଥାକୁ ନିଃସନ୍ଦେହରେ କହିହେବ । ଉପନ୍ୟାସଟିରେ ଯୁବ ପିଢ଼ିର ଜୀବନ ଯନ୍ତ୍ରଣା, ଆଧୁନିକ ସମୟର ଯୁଗୋପଯୋଗୀ ଭାବଧାରା ଓ ଦୃଶ୍ୟମାନ ପ୍ରତ୍ୟକ୍ଷ ସମସ୍ୟାର ଚିତ୍ର ମୁଖ୍ୟ ସ୍ୱର ପାଲଟିଛି । ଓଡ଼ିଆ ଉପନ୍ୟାସ ଧାରାରେ ଔପନ୍ୟାସିକାଙ୍କର ଏହି ଅନନ୍ୟ ସୃଜନ ଏକ ଅଭିନବ ଉପହାର ।

ପ୍ରାନ୍ତଟୀକା :

୧. ନାୟକ ଲାବଣ୍ୟ, ଉପନ୍ୟାସ ସାହିତ୍ୟ ସମ୍ପର୍କରେ, ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ସଂସ୍ଥା, ଭୁବନେଶ୍ୱର, ପୃ-୮

୨. ସାହୁ ସରୋଜିନୀ, ଦାଦନ,ଟାଇମ୍‌ପାସ୍, ୨୦୧୬. ପୃ- ୪୦

୩. ସାହୁ ସରୋଜିନୀ, ଦାଦନ,ଟାଇମ୍‌ପାସ୍, ୨୦୧୬. ପୃ- ୫୨

୪. ସାହୁ ସରୋଜିନୀ, ଦାଦନ,ଟାଇମ୍‌ପାସ୍, ୨୦୧୬. ପୃ- ୪୧

୫. ତତ୍ରିବ, ପୃ -୩୯

୬. ତତ୍ରିବ, ପୃ - ୧୨୦

୭. ତତ୍ରିବ, ପୃ -୫୪

❖ ❖ ❖

DOI : https://doi.org/10.5281/zenodo.13705629 ମୂଳ ପ୍ରବନ୍ଧ

'ଶୂନ୍ୟତାର ପାଶ୍ଚାତ୍ୟକୁ' ଗଳ୍ପ ସଙ୍କଳନ ଓ ମାନବ ଜୀବନ

ହିତେଶ୍ ବେହେରା

ସାରାଂଶ :

ସ୍ୱାଧୀନତା ପରବର୍ତ୍ତୀ ସମୟର ଜଣେ ପ୍ରଖ୍ୟାତ ଗୌରବୋଜ୍ଜ୍ୱଳ ପ୍ରତିଭାଦୀପ୍ତ ସ୍ରଷ୍ଟା ହେଉଛନ୍ତି ଗାଳ୍ପିକ ହୃଷୀକେଶ ପଣ୍ଡା । ତାଙ୍କ ରଚିତ ଆଠଗୋଟି ଗଳ୍ପ ସଙ୍କଳନ ମଧ୍ୟରୁ 'ଶୂନ୍ୟତାର ପାଶ୍ଚାତ୍ୟକୁ' ଗଳ୍ପ ସଙ୍କଳନ ଆଲୋଚନାର ପରିସରଭୁକ୍ତ । ଜୀବନର ସବୁ ଦିଗ ସାହିତ୍ୟରେ ପ୍ରକାଶିତ । ଆମେ ସାହିତ୍ୟ ଭିତରେ ଜୀବନକୁ ଖୋଜିଥାଉ ଏବଂ ଅନୁଭବ କରିଥାଉ ତାହାର ଭାବକୁ ଓ ଚେତନାକୁ । ମଣିଷର ଜୀବନକୁ ସାହିତ୍ୟ ହିଁ ପ୍ରତ୍ୟକ୍ଷ ଭାବରେ ପ୍ରଭାବଶାଳୀ କରି ଆସିଛି । ଏହି ଦୃଷ୍ଟିରୁ 'ଶୂନ୍ୟତାର ପାଶ୍ଚାତ୍ୟକୁ' ଗଳ୍ପ ସଙ୍କଳନରେ ନିହିତ ମାନବ ଜୀବନକୁ ଆବିଷ୍କାର କରିବାର ପ୍ରୟାସ କରାଯାଇଛି ।

ମୂଳ ଶବ୍ଦ : ଗଳ୍ପ, ଜୀବନ, ସାହିତ୍ୟ, ମଣିଷ, ଶୂନ୍ୟତା, ବାସ୍ତବ, ଅସହାୟ, ସମୟ, ପାଶ୍ଚାତ୍ୟ ।

ସାହିତ୍ୟ କଳାରେ ନୁହେଁ ସବୁବେଳେ କାଳରେ ବଂଚେ । ସାହିତ୍ୟର ନାନାବିଧ ବିଭାଗ ମଧ୍ୟରୁ ସଂକ୍ଷିପ୍ତରେ ବ୍ୟଞ୍ଜନାଧର୍ମୀ କରି ଭାବକୁ ବଳିଷ୍ଠ ରୂପ ପ୍ରଦାନ କରେ ଗଳ୍ପ ସାହିତ୍ୟ । ଗାଳ୍ପିକ ନିଜର ଅନୁଭୂତିସିଦ୍ଧ ଅଭିଜ୍ଞତାକୁ ଅଭିବ୍ୟକ୍ତି ମାଧ୍ୟମରେ ପାଠକ ଆଗରେ ଆଣି ଥୋଇ ଦିଅନ୍ତି । ବିଗତ ଚାଳିଶ ବର୍ଷ ଭିତରେ ଜଣେ ବଳିଷ୍ଠ କଥାକାର ହେଉଛନ୍ତି ହୃଷୀକେଶ ପଣ୍ଡା । ଗଳ୍ପ ସର୍ଜନାର ଅନନ୍ୟ ରୂପକାର ଭାବରେ ଗାଳ୍ପିକ ପଣ୍ଡାଙ୍କର ପ୍ରସିଦ୍ଧି ରହିଛି । ତାଙ୍କ ଗଳ୍ପରେ କେବଳ ଶବ୍ଦର ବସାଣ ନାହିଁ, ଅଛି ସେଥିରେ ମନୁଷ୍ୟର ସମ୍ବେଦନଶୀଳତା, ସୂକ୍ଷ୍ମ ଭାବର ସ୍ଥିତିସ୍ଥାପକତା ଏବଂ ସୀମିତ ଶବ୍ଦରେ ଥାଏ ସହଜ ସରଳ ଭାଷାର ମନ୍ମୟତା । ସାମ୍ପ୍ରତିକ ସମୟର ଜଣେ ସୁନାମ ଲେଖକ ରୂପେ ପାଠକ ମହଲରେ ତାଙ୍କର ସ୍ୱତନ୍ତ୍ର ପରିଚିତି ରହିଛି ।

୧୯୮୦ ମସିହା ସମୟର ଜଣେ ଚେତନାଦୀପ୍ତ ସ୍ରଷ୍ଟା ହେଉଛନ୍ତି ଗାଳ୍ପିକ ହୃଷୀକେଶ ପଣ୍ଡା । ୧୯୭୯ ମସିହାରେ ସର୍ବଭାରତୀୟ ସ୍ତରରେ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ପ୍ରଥମ ହୋଇ ଓଡିଶାରେ ଯୋଗଦାନ କରନ୍ତି । କର୍ମମୟ ଜୀବନରେ ବ୍ୟସ୍ତ ଥାଇ ବି ସେଥିରୁ ଯଥୋଚିତ ସମୟ ବାହାର କରି ଓଡିଆ ସାହିତ୍ୟକୁ ଭେଟି ଦିଅନ୍ତି ନଅଗୋଟି ଉପନ୍ୟାସ, ଆଠଗୋଟି ଗଳ୍ପ ସଙ୍କଳନ ଓ ଚାରିଗୋଟି ନାଟକ । ଔପନ୍ୟାସିକ ଭାବରେ 'ସୁନାପୁଟର ଲୋକେ' ଓ 'ଗର୍ବ କରିବାର କଥା' ପାଇଁ ଚର୍ଚ୍ଚାରେ ରହିଛନ୍ତି । ୨୦୧୨ ମସିହାରେ ଗର୍ବ କରିବାର କଥା ନିମନ୍ତେ ଶାରଳା ସମ୍ମାନରେ ସମ୍ମାନିତ । ଗାଳ୍ପିକ ପଣ୍ଡାଙ୍କର ଗଳ୍ପଗୁଡିକ ମଧ୍ୟରେ ରହିଛି–'ବାହାରେ ଛିଡା ହୋଇଥିବା ଲୋକ'(୧୯୮୨), 'ରେବତୀ'(୧୯୮୩), 'ରାଜପୁତ୍ର'(୧୯୮୭) , 'ସାହାବ ଦେବତା '(୧୯୮୯) ,'ପ୍ରୌଢ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ
Quick Response Code:
Available online at : https://pracheenews.com/
DOI: https://doi.org/10.5281/zenodo.13705629
Article No - BPPP00222

ଯୋଗାଯୋଗ :
ହିତେଶ୍ ବେହେରା, ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର, ବାଲେଶ୍ୱର –୯
E-Mail ID: beherahitesh37@gmail.com
ORCID ID: https://orcid.org/0009-0000-1483-9753

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

ପ୍ରାପ୍ତି	ସମୀକ୍ଷିତ	ଗୃହୀତ	ପ୍ରକାଶିତ
୩.୬.୨୦୨୪	୧୭.୭.୨୦୨୪	୨୫.୭.୨୦୨୪	୧.୯.୨୦୨୪

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ବେହେରା, ହିତେଶ୍; ୨୦୨୪ । 'ଶୂନ୍ୟତାର ପାଶ୍ଚାତ୍ୟକୁ' ଗଳ୍ପ ସଙ୍କଳନ ଓ ମାନବ ଜୀବନ । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ଚ, ପୃଷ୍ଠା :୩୫–୩୮ ।

ଭାବନା'(୧୯୯୨) , 'ଶୂନ୍ୟତାର ପାଶ୍ଚାତ୍ୟକୁ' (୧୯୯୪), 'ବୟସ୍କଙ୍କ ପାଇଁ ଶିଶୁ କାହାଣୀ'(୧୯୯୪) ,'ମିଛ ଖୁସି ସତ ଦୁଃଖ' (୨୦୦୫)ଇତ୍ୟାଦି । ୧୯୯୫ ମସିହାରେ 'ପ୍ରୌଢ ଭାବନା' ଗଳ୍ପ ସଙ୍କଳନ ପାଇଁ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ । ହୃଷୀକେଶ ପଣ୍ଡାଙ୍କର ଗଳ୍ପ ସମ୍ପର୍କରେ ଆଲୋଚକ କହନ୍ତି -''ସାଂପ୍ରତିକ ସମାଜର ପରିବର୍‌ତ୍ତିତ ମୂଲ୍ୟବୋଧ , ଓଡିଶାର ବଣ ପାହାଡ ଘେରା ଅଂଚଳର ଆଦିବାସୀଙ୍କ ଜୀବନର ପୀଡିତ ଅସହାୟ ଚିତ୍ର , ସ୍ଥିତିଶୀଳ ମଣିଷର ନିଃସଙ୍ଗତାବୋଧ ମଧ୍ୟରେ ଜୀଜୀବିଷାର ମୋହ ତାଙ୍କ ପ୍ରମୁଖ ଗଳ୍ପର କଥାବସ୍ତୁ ଭାବରେ ପ୍ରତିପନ୍ନ ହୋଇ ପାରିଛି ... ବାସ୍ତବ ସମାଜ ଭିତରେ ଅତିବାସ୍ତବ ଜୀବନର ଅନୁସନ୍ଧାନ ଏବଂ ଏକ କଳ୍ପିତ ଆଦର୍ଶବୋଧ ଶିଳ୍ପୀଙ୍କ ଗଳ୍ପ ସମୂହର ଆଭିମୁଖ୍ୟ ଭାବରେ ପ୍ରକଟିତ ହୁଏ ।''(୧) । କଥାକାର ହୃଷୀକେଶ ପଣ୍ଡାଙ୍କର 'ଶୂନ୍ୟତାର ପାଶ୍ଚାତ୍ୟକୁ' ଗ୍ରନ୍ଥ ସୃଷ୍ଟି ସମ୍ଭାର ଭିତରୁ ଏକ ଅନନ୍ୟ ଗଳ୍ପ ସଙ୍କଳନ । ଏଥିରେ ବାସ୍ତବ ସତ୍ୟର ଉଦ୍ଘାଟନ ସହିତ ସୂକ୍ଷ୍ମ ଜୀବନ ଦର୍ଶନ ଚମତ୍କାର ଢଙ୍ଗରେ ପ୍ରତିଫଳିତ । ପନ୍ଦର ଗୋଟି ଗଳ୍ପ ଏ ସଙ୍କଳନରେ ସଙ୍କଳିତ ହୋଇଛି । ଶୂନ୍ୟତାର ପାଶ୍ଚାତ୍ୟକୁ ଗଳ୍ପ ପୁସ୍ତକରେ ରହିଥିବା ମାନବୀୟ ଦୃଷ୍ଟିଭଙ୍ଗୀକୁ ଆକଳନ କରି ପାଠକ ସମାଜକୁ କିଂଚିତ୍ ଧାରଣା ଦେବାର ପ୍ରୟାସ ଏହି ଆଲେଖ୍ୟର ମୁଖ୍ୟ ଉଦ୍ଦେଶ୍ୟ ।

'ଶୂନ୍ୟତାର ପାଶ୍ଚାତ୍ୟକୁ' ଗଳ୍ପ ସଙ୍କଳନ ଓ ମାନବ ଜୀବନ

ସ୍ରଷ୍ଟା ସବୁବେଳେ ନିଜ ଜୀବନାନୁଭୂତିର ଅଭିଜ୍ଞତାକୁ ଲେଖନୀ ମୁନରେ ପ୍ରକାଶ କରନ୍ତି । ବାସ୍ତବ ଜୀବନରେ ଅନୁରଣିତ ହେଉଥିବା ସତ୍ୟକୁ ଉନ୍ମୋଚନ କରିବା ସଙ୍ଗେ ସଙ୍ଗେ ଉକ୍ତ ଲେଖାର ପ୍ରଚ୍ଛଦ ପଟରେ ମାନବୀୟ ଦୃଷ୍ଟିକୋଣ ନିହିତ ରହିଥାଏ । ମାନବର ଜୀବନ ହେଉଛି ବୈଚିତ୍ର୍ୟମୟ । ମଣିଷର ମଣିଷ ପ୍ରତି ଥିବା ସମ୍ବେଦନଶୀଳତା, ଜୀବନର ବିଭିନ୍ନ ପ୍ରକାର ଅସହାୟତା , ଅନ୍ତର୍ମନର ଭାବୁକତା ଆଦି ସୂକ୍ଷ୍ମ ଭାବରେ ଅଙ୍କିତ ହୁଏ । ଏଇ ପରିପ୍ରେକ୍ଷୀରେ ଗାଳ୍ପିକ ହୃଷୀକେଶ ପଣ୍ଡାଙ୍କ 'ଶୂନ୍ୟତାର ପାଶ୍ଚାତ୍ୟକୁ' ଗଳ୍ପ ସଙ୍କଳନରେ ରୂପାୟିତ ମାନବ ଜୀବନର ଆଲୋଚନା ବିଚାରଯୋଗ୍ୟ ।

'କେତୋଟି ଭଙ୍ଗା ଚଉତା ରମ୍ବସ୍' ଗଳ୍ପରେ ଯୁଯୁସୁର ପିତାମାତାଙ୍କ ସବୁକିଛି ଥିବା ସତ୍ତ୍ୱେ ପ୍ରତିଷ୍ଠିତ ହେବାର ତୀବ୍ର ଆକାଂକ୍ଷା ତାଙ୍କ ପତନର କାରଣ ପାଲଟିଛି । ଯୁଯୁସୁର ବାପା ଆସାମର ଏକ ଚା ବଗିଚାରେ ଚାକିରି କରି ଭଲ ଦରମା ପାଉଛନ୍ତି । ମାତ୍ର ସେଥିରେ ସନ୍ତୁଷ୍ଟ ନ ହୋଇ ତାମିଲନାଡୁର ଏକ ସିମେଂଟ କାରଖାନାରେ ଚାକିରି କରିଛନ୍ତି । ଏଥିରେ ମଧ୍ୟ ତାଙ୍କର ଲାଲସା ମେଂଟି ପାରିନି , ସେ ମନେ ଅନୁଭବ କରିଛନ୍ତି ଯେ, ଯଦି ଶିଳ୍ପ ପ୍ରତିଷ୍ଠା କରାଯାଏ ତେବେ ଅଧିକରୁ ଅଧିକ ଧନଶାଳୀ ହେବା ସହ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଭାବରେ ବିବେଚିତ ହୋଇପାରିବେ । ଏହି ଭାବନାକୁ କାର୍ଯକାରୀ କରିବାକୁ ଯାଇ ନିଃସ୍ୱ ହୋଇ ଯାଇଛନ୍ତି । ଶେଷରେ ଏପରି ପରିସ୍ଥିତି ଆସି ପହଂଚିଛି ଯେ , ତାଙ୍କ ହୃଦ୍ ଯନ୍ତ୍ରଣା ଚିରଦିନ ପାଇଁ ବନ୍ଦ ହେବା ଆଗରୁ ଆମ୍ବୁଲାନ୍ସ ପହଂଚି ପାରିନାହିଁ । ମଣିଷର ତୀବ୍ର ଉଚ୍ଚାକାଂକ୍ଷା କେତେ ଭୟଙ୍କର ତାହା ଏଇ ଗଳ୍ପରୁ ଅନୁମିତ । ମଣିଷକୁ ଯେତିକି ମିଳେ ସେ ସେତିକିରେ କେବେ ବି ସନ୍ତୁଷ୍ଟ ହୋଇ ନ ଥାଏ ,ଆହୁରି କିପରି ଅଧିକ ଧନ ସମ୍ପଦ , ସମ୍ମାନ ଆଦିର ଅଧିକାରୀ ହୋଇପାରିବ ସବୁବେଳେ ଚିନ୍ତିତ ଥାଏ । ଏଣୁ ବ୍ୟକ୍ତିବିଶେଷ ଯଦି ଏହାକୁ ନିୟନ୍ତ୍ରଣ ନ କରନ୍ତି, ତେବେ ଜୀବନ ଜ୍ୟାମିତିର ଭଙ୍ଗା ଚଉତା ରମ୍ବସ୍ ତୁଲ୍ୟ ନିଃସନ୍ଦେହରେ ଭାଙ୍ଗି ପଡିବ ।

'ଔରସ୍ୟ' ଗଳ୍ପରେ ଆର୍ମି ଅଫିସର ଆରଣ୍ୟକର ସଂସାର ଓ ସୈନ୍ୟ ଶିବିରରେ ଉପୁଜ ଥିବା ସମସ୍ୟାରେ ସେ ଛନ୍ଦି ହୋଇ ଯାଇଛି । ଗୋଟିଏ ପଟରେ ସମୟ ଦେଇ ନ ପାରିବା ହେତୁ ତାହାର ପରିବାର ଉଜୁଡି ଗଲାଣି ଏବଂ ଅନ୍ୟ ପଟରେ ସୈନ୍ୟ ଶିବିରରେ ବନ୍ଧୁକ ଚୋରିର ଆରୋପ । ଆରଣ୍ୟକର ସ୍ତ୍ରୀ ତା ନିକଟରୁ ଝିଅ ଇନ୍ଦୁକୁ ଦୂରେଇ ଦେଇଛି । ପିଲାଟି ପଳେଇ ଯାଇଛି ଏକଥା ବସି ବସି ସେ ଭାବୁଛି - '' ପିଲାଙ୍କୁ ଥରେ ଚାଲିବାକୁ ଶିଖେଇ ଦେଲେ , ସେମାନେ ଚାଲି ଯାଆନ୍ତି , ଆଉ ଫେରନ୍ତି ନାହିଁ । କେହି କାହା ପାଇଁ ବଂଚେ ନାହିଁ , କେହି କାହାପାଇଁ ମରେ ନାହିଁ । ବଂଚିବା ପୋଖରୀରେ ଗାଧୋଇବା ପରି ନୁହେଁ , ନଈରେ ଗାଧୋଇବା ପରି । କେହି ସେଇ ନଈରେ ଦୁଇଥର ଗାଧୋଇପାରେ ନାହିଁ , କାରଣ ଦ୍ୱିତୀୟ ଥର ଗାଧୋଇବା ବେଳକୁ ପ୍ରଥମ ଥରର ପାଣି ତଳକୁ ବୋହି ଯାଇଥାଏ । ''(୨) । ଏଠି କେହି ନିଜର ନୁହଁନ୍ତି , ସବୁକିଛି ଏକା ସଂଘର୍ଷ କରିବାକୁ ପଡିଥାଏ । ସବୁ କାମକୁ ଉପଯୁକ୍ତ ସମୟ ଦେବା ବାଞ୍ଛନୀୟ ନ ହେଲେ ଆରଣ୍ୟକ ଭଳି ଜୀବନ ବଂଚିବାକୁ ହେବ । ମଣିଷର ନିଃସଙ୍ଗତା ଓ ତତ୍‌ଜନିତ ଅସହାୟତା କେତେ କରୁଣ ତାହା ପ୍ରମାଣିତ ।

'ପୂଜନୀୟ ଭଗବାନ' ଗଳ୍ପରେ ରୋଜି ଓରଫ୍ ରୋହିତକୀ ନାମ୍ନୀ ଚରିତ୍ର ଭଗବାନଙ୍କୁ ଚିଠି ମାଧ୍ୟମରେ ନିଜର ଅସହାୟତାକୁ ପ୍ରକାଶ କରିଛି । ତା ହୃଦୟ ଭିତରେ ରହିଥିବା ଅବ୍ୟକ୍ତ ଭାବନାକୁ ଚିଠିରେ ଲେଖିଛି ଯାହାକୁ ଅନ୍ୟ ଆଗରେ କହିବା ଅସମ୍ଭବ ମନେ କରିଛି । ମଣିଷ ଯେତେବେଳେ ଅସହାୟ, ନିରୁପାୟ ଓ ଯିବାର ସବୁ ମାର୍ଗ ବନ୍ଦ ହୋଇଯାଏ ,ସେତିକିବେଳେ ଭଗବାନଙ୍କ ଆଶ୍ରିତ ହୋଇଥାଏ । ଅନୁରୂପ ଭାବରେ ପ୍ରଥମ ଜ୍ଞାନପୀଠ ପୁରସ୍କାର ବିଜେତା ଗୋପୀନାଥ ମହାନ୍ତିଙ୍କ ଚର୍ଚ୍ଚିତ ଉପନ୍ୟାସ 'ଲୟ ବିଲୟ'ରେ ଜଗନ୍ନାଥ ଦର୍ଶନ ନିମନ୍ତେ ତିନି ଦିନର ଛୁଟି ନେଇ ପରିବାର ସହ ଆସିଥିବା ତରୁଣ ରାୟ ଆପଣାର ବହୁ ଦିନର ସଂଚିତ ଦୁଃଖ, ଯନ୍ତ୍ରଣା ଅସହାୟ ଆଦିକୁ ଜଗନ୍ନାଥଙ୍କୁ ଜଣାଇ କହୁଛି - ''ଜଗନ୍ନାଥ, ଜଗନ୍ନାଥ ଦେଖି

ପାରୁଛ ତୁମେ ମୋତେ ? କାହିଁ ନିଖିଳ ବିଶ୍ୱର ଅର୍ବୁଦ ଅର୍ବୁଦ ପ୍ରାଣୀମାନଙ୍କ ମଧ୍ୟରେ କ୍ଷୁଦ୍ର ନଗଣ୍ୟ ନଗଣ୍ୟ ଭଗ୍ନସ୍ୱାସ୍ଥ୍ୟ ହୋଇ ଗୋଟିଏ ମନୁଷ୍ୟର, ଏ ବିଶାଳ ସଂସାର ଭିତରେ ତାର ବସତି ଦେଖି ପାରୁଛ ପ୍ରଭୁ ଧୂଳିକଣାକୁ ଆଉ ତାର ଦୁଃଖକୁ । ''(୩) ।

'ରବିନ୍‌ସନ୍‌କ୍ରୁସୋ ,ଆଉଥରେ' ଗଳ୍ପରେ ଯଯାତି ତିମା ନାମକ ବିବାହିତା ନାରୀ ସହିତ ଅବାଧ ମିଳାମିଶା କରିଛି । ସ୍ୱାମୀର ଦେହାବସାନ ପରେ ବି ଏ କୁକର୍ମରୁ ତିମା ବିରତ ହୋଇନାହିଁ । ମାତ୍ର ପରେ ତାହାର ଜ୍ଞାନଦୋୟ ହୋଇଛି ସେ ଏଥିରୁ ଦୂରେଇ ଯାଇଛି । ସେହିପରି ସୁରେନ୍ଦ୍ର ମହାନ୍ତିଙ୍କ ନୀଳଜ୍ୟୋସ୍ନା ଗଳ୍ପରେ ଏହି ଦୃଶ୍ୟ ଅନୁରଣିତ । କଲ୍ୟାଣୀ ଚରିତ୍ର ବିବାହିତା ହୋଇ ମଧ୍ୟ କୁତ୍ସିତ ପ୍ରଣୟକୁ ପ୍ରଶୟ ଦେଇଛି । ବିବାହ ସମ୍ପର୍କରେ ମନ୍ତବ୍ୟ ଦେଇ କହୁଛି – ''ବିବାହ ଏକ ଉଦ୍ଦେଶ୍ୟହୀନ ଦାୟିତ୍ୱ ଏଥିରେ ମାତୃତ୍ୱର କ୍ଷୁଧା ମୋର ଶାନ୍ତ ହୋଇ ପାରିଥାଏ , ମାତ୍ର ମନ ମୋର ତୃଷାରତ୍ତ , ମୋର ନାରୀତ୍ୱ କ୍ଷୁଧାରତ୍ତ'' (୪) । ସେହିପରି ପ୍ରଜ୍ଞା ପୁରୁଷ ମନୋଜ ଦାସଙ୍କ ବିଷ କନ୍ୟାର କାହାଣୀ ଗଳ୍ପରେ ଏହି ଯୌନ ବିଳାସର ଦୃଶ୍ୟ ଚିତ୍ରିତ । ହୀରା ଦେହ ବ୍ୟବସାୟରେ ନିଜକୁ ନିମଜ୍ଜିତ ରଖିଛି, ଅନେକ ଲୋକ ତାକୁ ଉପଭୋଗ କରିବା ପାଇଁ ଆସିଛନ୍ତି । ମାତ୍ର ତାହାର ଅନ୍ତର୍ମନକୁ ଲଣ୍ଡା ପୂଜାରୀ ବ୍ୟତୀତ ଆଉ କେହି ବୁଝିପାରି ନାହାନ୍ତି । ସେ ବେଳେବେଳେ କାନ୍ଦେ ଆଉ ଅନୁଭବ କରେ – ''ଏଇ କ୍ରନ୍ଦନ ବାୟୁ ମଣ୍ଡଳର ଅଦୃଶ୍ୟ କୀଟାଣୁ ଭଳି । ସେ ଅନୁଭବର ଅସ୍ତିତ୍ୱ ଅଛି ; ଅଥଚ ପ୍ରକାଶ ନାହିଁ , ଆଉ ଅର୍ଥ ବଡ ଧୂଆଁଳିଆ ।''(୫) । ବାସ୍ତବ ସତ୍ୟକୁ ବୁଝିବା ପରେ ହୀରା ନିଜକୁ ଏ କୁତ୍ସିତ ପ୍ରବୃତ୍ତିରୁ ସୁରକ୍ଷିତ ରଖିଛି । ତାର ଏ ଯୌନ ବିଳାସ, କାମନାକୁ ଚରିତାର୍ଥ କରିବା ପାଇଁ ନୁହେଁ, ଜୀବନ ବଂଚିବା ପାଇଁ । ସେହିପରି ତିମା ଓ କଲ୍ୟାଣୀ ମଧ୍ୟ ସମାଜ ଭୟରୁ ଏ ପ୍ରଣୟରୁ ଅହରି ଯାଇଛନ୍ତି । ଯୁଗେ ଯୁଗେ ଭାରତୀୟ ଜୀବନାଦର୍ଶ ପରକୀୟା ପ୍ରୀତିକୁ ଘୃଣା କରି ଆସିଛି । ତିମା ଯେ ସମାଜ, ସଂସ୍କାରର ଏକ କଳଙ୍କିତ ଅଧ୍ୟାୟ ଏହା ଗାଳ୍ପିକ ପଣ୍ଡା ସ୍ପଷ୍ଟ କରିଦେଇଛନ୍ତି ।

'ବନସାଇ' ଗଳ୍ପରେ ଚାରିବର୍ଷ ବୟସରୁ ବନସାଇ ପିତାମାତାଙ୍କୁ ହରାଇ , ମାମୁ ମାଇଁଙ୍କ ଦ୍ୱାରା ପ୍ରତିପାଳିତ ହୁଏ । ମାତ୍ର ଭାଗ୍ୟର ବିଡମ୍ବନା ହେତୁ ସେ ହୋଇଛି ବାମନ, ସେ ପଢି ଜାଣେ ନାହିଁ ଲେଖି ଜାଣେ ନାହିଁ ବୋଲି ଚାରିଆଡେ ଉପହାସର ପାତ୍ର ହୋଇଛି । ତା ମନ ବି ଅନ୍ୟମାନଙ୍କ ପରି ବାହାରକୁ ଯାଇ ରୋଜଗାର କରିବାକୁ ଚାହିଁଛି । ସିନେମାରେ ମିଶିବା ପାଇଁ ବମ୍ବେ ଯାଇଛି, ମାତ୍ର କିଛି ଲାଭ ହୋଇ ନାହିଁ ଫେରି ଆସିଛି । ତାଙ୍କ ଅଂଚଳରେ ହେଉଥିବା ପ୍ରୋଗ୍ରାମ୍ ପାର୍ଟିକୁ ଯାଇଥିବା ବେଳେ ଗୋଟେ ଗୀତ ଗାଉଥିବା ଝିଅଟି ଆସି ବନସାଇକୁ ବିବାହ ପ୍ରସ୍ତାବ ଦେଇଛି । ବନସାଇର ଖୁସି କହିଲେ ନ ସରେ , ତାକୁ ଏପରି ଆଗରୁ କେହି କହି ନ ଥିଲେ । ଏଣୁ ମନେ ମନେ ଖୁବ୍ ଆନନ୍ଦିତ ,କିନ୍ତୁ ଯେତେବେଳେ ଜାଣିଛି ଯେ, ସେଇ ଝିଅଟି ତାକୁ ଉପହାସ କରିବା ପାଇଁ ଏ ସବୁ କହିଛି ବନସାଇକୁ ଲାଗିଛି ଶକ୍ତ ଝଟ୍‌କା । ସେ ସେଇ ଗୀତ ଗାଉଥିବା ଝିଅ ଲାଗି ଯେତିକି ଦୁଃଖୀ ହୋଇ ନାହିଁ ତା ଠାରୁ ଅଧିକ ଦୁଃଖୀ ହୋଇଛି ବିଶ୍ୱାସଘାତକ ଓ ଦର୍ଶକମାନଙ୍କ ହସ ଏବଂ ତାଳିରେ । ବନସାଇ ଅନୁଭବ କରିଛି –'' ମୋର ଦେହ ପୃଥିବୀର ସବୁଠୁ ପ୍ରାପ୍ତ ବୟସ୍କ ଛୋଟ ଦେହ ହୋଇପାରେ ; ହେଲେ , ମୋର ହୃଦୟ ଛୋଟ ନୁହେଁ , ସାଧାରଣ ଲୋକର ହୃଦୟ ପରି , ତା ଭିତରେ ଗୋଟେ ବର୍ଷା ଋତୁଯାକର ବର୍ଷା ପରି ଲୁହ ।'' (୬) । ମଣିଷକୁ ଉପହାସ କଲେ ଅଥବା ତା ଭାବନା ସହିତ ଖେଳିଲେ ସେ ପୁରାପୁରି ଭାଙ୍ଗିପଡେ । ସେ ବ୍ୟକ୍ତି ନିସ୍ତେଜ ହୋଇଯାଏ , ସକ୍ରିୟ ହେବା ଆଗରୁ ସ୍ଥାଣୁ ପାଲଟିଯାଏ । ଏ ଗଳ୍ପରେ ଆଉ ଏକ ଚମତ୍କାର ଜିନିଷ ହେଲା ବନସାଇର ଦୃଢ ମନୋବଳ , ତାର ଅନ୍ତର୍ଭାବନା ଏକାନ୍ତ ବଳିଷ୍ଠ ଯାହା ଗଳ୍ପଟିକୁ କରିଛି ଋଦ୍ଧିମନ୍ତ ।

ଆଜି ଏକବିଂଶ ଶତାବ୍ଦୀର ମଣିଷ ଜୀବନ ସଂକଟମୟ । କେତେବେଳେ କେଉଁ ଆଡୁ ବିପଦ ଆସି ଉପସ୍ଥିତ ତାହା ଆମର ହୃଦ୍‌ବୋଧ ମଧ୍ୟ ହୁଏ ନାହିଁ । ଏଣୁ ଆତ୍ମସଚେତନ ନିତାନ୍ତ ଜରୁରୀ ମନେ ହୁଏ । ଏ ଜୀବନ ସଂଘର୍ଷପୂର୍ଣ୍ଣ କେଉଁ କାର୍ଯ୍ୟ ସ୍ୱଇଚ୍ଛାରେ ଆଉ କେଉଁ କାର୍ଯ୍ୟ ଅନିଚ୍ଛା ହେଲେ ବି କରିବାକୁ ପଡେ । 'ବଂଚିବାର ବାଧ୍ୟବାଧକତା'ରେ ଗଳ୍ପରେ ଗାଳ୍ପିକ ଯେଉଁ ସହରକୁ ଯାଇଛନ୍ତି ଦଶବର୍ଷ ପୂର୍ବରୁ ତାହା ଥିଲା ଆତଙ୍କବାଦୀ ପ୍ରବଣ ଅଂଚଳ । ଏଥର ଗଲାବେଳେ ବି ସେଇ ଆତଙ୍କବାଦୀଙ୍କ ଉପଦ୍ରବ ରହିଛି । ସେ ମିସେସ୍ ଶର୍ମା ଓ ମିସେସ୍ ନାଗରାଜନ୍‌ଙ୍କ ସହ ମିଶି ରାତିରେ ସହର ବୁଲି ବାହାରିଛନ୍ତି । ତାଙ୍କୁ ଏକ ଧମକ ଆସିଛି ପଚିଶଶହ ଡଲାର ଦେବାକୁ । ସେ ଆତଙ୍କବାଦୀଙ୍କୁ ନିର୍ଦ୍ଧାରିତ ଟଙ୍କା ଉପଯୁକ୍ତ ସ୍ଥାନରେ ରଖି ଦେଇଛନ୍ତି, ସେଥିରୁ ମୁକ୍ତ ହୋଇ ସ୍ୱଦେଶକୁ ପ୍ରତ୍ୟାବର୍ତନ କରିଛନ୍ତି । ପରେ ଜଣାପଡିଛି ଯେ ପଚିଶଶହ ଡଲାର୍ ନେଇଥିବା ଲୋକ ହେଉଛନ୍ତି ମିସେସ୍ ଶର୍ମା ଓ ତାଙ୍କ ସ୍ୱାମୀ ମିଷ୍ଟର ଶର୍ମା ।ଏହିପରି ଖରାପ୍ କର୍ମରେ ଲିପ୍ତ ରହିବା ସହ ନାବାଳକ ରପ୍ତାନୀ ବ୍ୟବସାୟ ପରି ଘୃଣିତ କାର୍ଯ୍ୟକୁ ଆପଣାଇବାକୁ ପଶ୍ଚାଦ୍‌ପଦ ଦେଇ ନାହାନ୍ତି । ଏ ଅପରାଧରେ ଜେଲ ଯାଇଛନ୍ତି ; ମାତ୍ର ଜେଲ୍ ଯିବାର କେତେ ଘଂଟା ପରେ ମୁକୁଳି ଆସିଛନ୍ତି । ସେ ଦୋଷ ଲାଗିଛି ପିଲାଙ୍କ ଉପରେ ଯେ , ସେମାନେ ବିନା ଅନୁମତିରେ ବିମାନ ଭିତରକୁ ପଶି ଆସିଥିଲେ ବୋଲି । ସାଂପ୍ରତିକ ସମୟରେ ଧନଶାଳୀ ବ୍ୟକ୍ତି ଯେତେ ଅପରାଧ କଲେ ମଧ୍ୟ ତାହା କ୍ଷମଣୀୟ । କାରଣ ସବୁ କ୍ଷମତାର ବଳ । ଯାହା ନିକଟରେ ଟଙ୍କା ଅଛି ସେ ସେଇ କ୍ଷମତାର ଅଧିକାରୀ,

ଏଇ କାରଣରୁ ମିଷ୍ଟର ଶର୍ମା ମୁକ୍ତ ହୋଇଛନ୍ତି । ଶର୍ମା ଦମ୍ପତ୍ତି ଯେଉଁ ବୃତ୍ତିକୁ ଶ୍ରେୟ କରିଛନ୍ତି ତାହା କୌଣସି ଆତଙ୍କବାଦୀଙ୍କ ଠାରୁ କମ୍ ନୁହେଁ । ଶର୍ମା ଦମ୍ପତ୍ତି ଭଳି ଚରିତ୍ରଙ୍କ ସହ ସମାଜରେ ଜୀବନ ବଂଚିବା ଦୁର୍ବିସହ ହୋଇ ପଡିଛି ।

'ବଡ ମଣିଷଙ୍କ ପାଇଁ ଚାରୋଟି ପିଲାଙ୍କ କାହାଣୀ'ରେ ରହିଥିବା ସାଧୁତାର ପୁରସ୍କାର ଗଳ୍ପରେ ଜଣେ ବଡ ମଣିଷ ଉପଢୌକନ କିଣିବା ପାଇଁ ଦାମୀ ଚୋରା ଜିନିଷ ମିଳୁଥିବା ଦୋକାନରେ ପହଂଚିଛନ୍ତି । ସତର ହଜାର ନଅ ଶହ ଅଣାନବେ ଟଙ୍କାର ଉପଢୌକନ ବାଛିଛନ୍ତି, ପଇସା ଦେବା ବେଳକୁ ମନିପର୍ସ ନାହିଁ । ଦୋକାନୀ ବିଚଳିତ ହେବାର ଅଭିନୟ କରି ପଇସା ଦେବାକୁ ମନା କରିଛି , ଉପହାର ଧରି ବଡ ମଣିଷଜଣକ ଯିବା ବେଳକୁ ଜଗୁଆଳି ମନିପର୍ସ ଆଣି ଦେଇଛି । ପଇସା ଦେଇ ସେ ବଡ ମଣିଷ ଦୋକାନରୁ ବାହାରି ଯାଇଛନ୍ତି , ପରେ ଦୋକାନୀ ସେ ଜଗୁଆଳିକୁ କିଛି ଟଙ୍କା ଦେଇଛି । ବଡ ମଣିଷ ଦୋକାନକୁ ଯିବା ବେଳେ ଜାଣି ଶୁଣି ଗାଡିରେ ମନିପର୍ସ ରଖିଦେଇ ଯାଇଛନ୍ତି । ପଇସା ଥିବା ସତ୍ୱେ ସେ ଦେବାକୁ ଅନିଚ୍ଛୁକ କାରଣ ସେ ସତ୍ତାରେ ଅଛନ୍ତି ବୋଲି ଏ ମନୋଭାବ ସୃଷ୍ଟି ହୋଇଛି । କଥାକାର ହୃଷୀକେଶ ପଣ୍ଡା ଗୋଟିଏ କଥା ସ୍ପଷ୍ଟ କରିଛନ୍ତି ଯେ ,ଏ ଅସାଧୁ ଉପାୟ ଅବଲମ୍ବନ ମଣିଷ ମୌଳିକ କର୍ତବ୍ୟରୁ ନିବୃତର ସୂଚନା ।

'ଶୂନ୍ୟତାର ପାଶ୍ଚାତ୍ୟକୁ' ଗଳ୍ପରେ ଗାଳ୍ପିକ ଗୋରା ଲୋକ ଓ ଭାରତୀୟମାନଙ୍କ ସମ୍ପର୍କରେ ସୁନ୍ଦର ତୁଳନା କରିଛନ୍ତି । ବିଦେଶୀମାନଙ୍କ କାର୍ଯ୍ୟକଳାପକୁ ଘୃଣିତ ଦୃଷ୍ଟିରେ ଦେଖିବା ସହ ଭାରତୀୟ ମହନୀୟତାକୁ ଦେଖାଇଛନ୍ତି । ସେ ସମ୍ପର୍କରେ କହୁଛନ୍ତି- "ମୁଁ ତୁମକୁ ଆମ ଦାରିଦ୍ର୍ୟ ଓ ଦୁଃଖ କଥା କହୁଛି, ଭଲ କଥା ନ କହି ? .... ଆମ ଦେଶ ଧର୍ମଯୁଦ୍ଧର ଦେଶ,ରାମାୟଣର ଦେଶ, ଆଉ ଗାନ୍ଧୀର ଦେଶ ।" (୭) । ଅଧୁନା ଆମ ଭାରତୀୟମାନେ ପାଶ୍ଚାତ୍ୟ ଜୀବନ ଶୈଳୀକୁ ଆପଣାଇ ନେଉଛନ୍ତି, ଯେତେବେଳେ ଅନ୍ୟ ଦେଶର ଲୋକମାନେ ଆମ ସଂସ୍କୃତି ଓ ପରମ୍ପରାକୁ ଗ୍ରହଣ କରି ବସିଲେଣି । ପାଶ୍ଚାତ୍ୟ ଜୀବନ ଠାରୁ ମହାଭାରତୀୟ ଜୀବନ ଶୈଳୀ କେତେ ନିଆରା ତାହା ପ୍ରଦର୍ଶିତ । ମାନବ ଜୀବନରେ ରହିଥିବା ଦୁଃଖ, ଅସହାୟ ଓ ଶୂନ୍ୟତାର ପଶ୍ଚାତରେ ପୂର୍ଣ୍ଣତା ଏବଂ ଦୁଃଖର ପଛ ପଟରେ ଆନନ୍ଦର ଉପସ୍ଥିତି ଯେ ଭରି ରହିଛି ତାହା ଏ ଗଳ୍ପରେ ସୂଚିତ । ଏ ବିଷୟରେ ଔପନ୍ୟାସିକ ଗୋପୀନାଥ ମହାନ୍ତି 'ଅମୃତର ସନ୍ତାନ'ରେ କୁହନ୍ତି- ''ଜୀବନରେ ସୁଆଦ ଅଛି ,ମରଣ ନାହିଁ , ଦୁଃଖ ନାହିଁ ।'' (୮) । ଏଣୁ ପାଶ୍ଚାତ୍ୟ ଜୀବନ ଶୈଳୀକୁ ଅନୁସରଣ କରିବା ଅପେକ୍ଷା ମହାଭାରତୀୟ ଦର୍ଶନରେ ନିଜକୁ ନିୟୋଜିତ କରିବାର ଅର୍ଥ ଶୂନ୍ୟତାର ଆଢୁଆଳରେ ରହିଥିବା ଆନନ୍ଦ ଓ ପୂର୍ଣ୍ଣତାର ଆବିଷ୍କାର କରିବା ।

ସାଂପ୍ରତିକ ସମୟର ଗାଳ୍ପିକ ହୃଷୀକେଶ ପଣ୍ଡାଙ୍କ 'ଶୂନ୍ୟତାର ପାଶ୍ଚାତ୍ୟକୁ' ଗଳ୍ପ ସଙ୍କଳନ ଅନନ୍ୟ । ଭାବ ଓ ଭାଷା ଶୈଳୀରେ ନୂତନତା, ମନନଶୀଳ ଚିନ୍ତା ଚେତନା ପାଠକକୁ ଆକର୍ଷିତ କରି ପାରିଛି । ଏଥିରେ ସଂକଳିତ ହୋଇଥିବା ଗଳ୍ପଗୁଡିକରେ ମାନବ ଜୀବନକୁ ଯେପରି ଭାବରେ ଖଞ୍ଜି ଦେଇଛନ୍ତି ତାହା ନିତାନ୍ତ ପ୍ରଶଂସନୀୟ । ଭାରତୀୟ ମାନବ ଜୀବନ , ସମଗ୍ର ଦେଶବାସୀ ଓ ପାଠକ ସମାଜ ପ୍ରତି ଧେୟ ହେଉ ଏହା ଗାଳ୍ପିକଙ୍କର ଲେଖନୀ ମୁନର ଶକ୍ତ ଆହ୍ୱାନ ।

ସଂକେତ ସୂଚୀ :

୧. ଖୁଂଟିଆ, ବ୍ରହ୍ମାନନ୍ଦ । ସ୍ୱାଧୀନତା ପରବରତ୍ତୀ ପ୍ରମୁଖ ଗଳ୍ପସ୍ରଷ୍ଟା, ନବଦିଗନ୍ତ, ବିନୋଦବିହାରୀ ,କଟକ-୨,୨ୟ ସଂ - ୨୦୧୯, ପୃ - ୫୪୯ ।

୨. ପଣ୍ଡା, ହୃଷୀକେଶ । ଗଳ୍ପ ସମଗ୍ର ,ଫ୍ରେଣ୍ଡସ୍ ପବ୍ଲିଶର୍ସ,ବିନୋଦବିହାରୀ,କଟକ-୨ , ୧ମ ସଂ-୨୦୧୫, ପୃ -୧୭୦ ।

୩. ମହାନ୍ତି, ଗୋପୀନାଥ । ଲୟ ବିଲୟ, ବିଦ୍ୟାପୁରୀ, ବାଲୁବଜାର, କଟକ - ୭୫୩୦୦୨, ୫ମ ମୁଦ୍ରଣ-୨୦୧୮, ପୃ- ୩୬ ।

୪. ମହାନ୍ତି, ସୁରେନ୍ଦ୍ର । ମରାଳର ମୃତ୍ୟୁ ଗଳ୍ପ ସଂକଳନ,ନୀଳଜ୍ୟୋତ୍ସ୍ନା, କଟକ ଷ୍ଟୁଡେଂଟ ଷ୍ଟୋର୍, ବାଲୁ ବଜାର ,କଟକ-୭୫୩୦୦୨, ୬ଷ୍ଠ ସଂ-୨୦୧୯, ପୃ-୩୯ ।

୫. ଦାସ, ମନୋଜ । ମନୋଜ ଦାସଙ୍କ କଥା ଓ କାହାଣୀ, ବିଷକନ୍ୟାର କାହାଣୀ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୧ମ ସଂ - ୧୯୭୧, ପୃ-୧୬୦ ।

୬. ପଣ୍ଡା, ହୃଷୀକେଶ । ଗଳ୍ପ ସମଗ୍ର, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ-୨, ୧ମ ସଂ -୨୦୧୫, ପୃ - ୨୨୪ ।

୭. ତତ୍ରୈବ, ପୃ-୨୬୪ ।

୮. ମହାନ୍ତି, ଗୋପୀନାଥ । ଅମୃତର ସନ୍ତାନ, ବିଦ୍ୟାପୁରୀ, ବାଲୁବଜାର କଟକ -୭୫୩୦୦୨,୭ମ ସଂ - ୨୦୦୮, ପୃ- ୪୬୮ ।

❖ ❖ ❖

DOI : https://doi.org/10.5281/zenodo.13705733

ମୂଳ ପ୍ରବନ୍ଧ

ଫ୍ରାଞ୍ଜ୍ କାଫ୍‌କାଙ୍କ ଉପନ୍ୟାସ: ବିଶ୍ୱ ପରିପ୍ରେକ୍ଷୀ

ଚୂଳରାଜ ମେହେର

ସାରାଂଶ :

ଏହି ଆଲେଖ୍ୟରେ ଜର୍ମାନ କଥାକାର ଫ୍ରାଞ୍ଜ୍ କାଫକ୍‌ଙ୍କ ଉପନ୍ୟାସଗୁଡ଼ିକ ସମ୍ପର୍କରେ ଆଲୋଚନା କରାଯାଇଛି, ଯାହା ଫଳରେ ବିଂଶ ଶତାବ୍ଦୀର ଜଣେ ଲୋକପ୍ରିୟ କଥାକାର ଭାବରେ ସମଗ୍ର ୟୁରୋପରେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଥିଲା । ସର୍ବତ୍ର ତାଙ୍କର କ୍ଷୁଦ୍ରଗଳ୍ପଗୁଡ଼ିକୁ ନେଇ ତାଙ୍କୁ ଆଲୋଚନା କରାଯାଉଥିବା ବେଳେ ଏହି ଆଲେଖ୍ୟରେ ତାଙ୍କ ଉପନ୍ୟାସଗୁଡ଼ିକୁ ଆଲୋଚନାର ଅନ୍ତର୍ଭୁକ୍ତ କରାଯାଇଛି । ସମୁଦାୟ ଚାରିଗୋଟି ଉପନ୍ୟାସ ରଚନା କରିଥିଲେ ହେଁ, ଏଥିରେ କିଭଳି ତାଙ୍କର ବିଷୟବସ୍ତୁ ଚୟନ, ଶୈଳୀଗତ ସ୍ୱାତନ୍ତ୍ର୍ୟ ଓ ସମସାମୟିକ ସାମାଜିକ ଚିତ୍ର ପ୍ରତିଫଳିତ ହୋଇଛି ତାହା ବର୍ଣ୍ଣନା କରାଯାଇଛି । ଏହାସହ ତାଙ୍କ ଉପନ୍ୟାସ ଆଧାରରେ ୟୁରୋପ ସାହିତ୍ୟକୁ କାଫକ୍‌ଙ୍କ ଅବଦାନ କ'ଣ କରିଛି ସେ ସମ୍ପର୍କରେ ଆଲୋଚନା କରାଯାଇଛି ।

ସଂକେତ ଶବ୍ଦ : ଫ୍ରାଞ୍ଜ୍ କାଫକ୍‌ା, ମେଟାମର୍ଫସିସ୍, ଦି କାସଲ୍, ଦି ଟ୍ରାଏଲ୍, ବୋହେମିଆନ୍, କୁହୁକ ବାସ୍ତବତା, ପିକାରେସ୍କ ।

"Theoretically there is a perfect possibility of happiness: believing in the

indestructible element in oneself and not striving towards it."

(ଫ୍ରାଞ୍ଜ୍ କାଫ୍‌କାଙ୍କ ଶେଷ ଉକ୍ତି)

ପାଶ୍ଚାତ୍ୟ ଜର୍ମାନ୍ ସାହିତ୍ୟର ଜଣେ ବୋହେମିଆନ୍ କଥାକାର ଭାବରେ ଫ୍ରାଞ୍ଜ୍ କାଫ୍କା ବେଶ୍ ପରିଚିତ । ଜୀବିତ ଅବସ୍ଥାରେ ଜଣେ ସାହିତ୍ୟିକ ଭାବରେ ତାଙ୍କୁ କେହି ମଧ୍ୟ ଜାଣି ନ ଥିଲେ । ପ୍ରଥମ ପର୍ଯ୍ୟାୟରେ ତାଙ୍କ କେତେକ ଅପରିପକ୍ୱ ରଚନାଗୁଡ଼ିକୁ ପ୍ରକାଶିତ କରିବାର ପ୍ରୟାସ କରି ବିଫଳ ହୋଇଥିଲେ ଯଦିଓ ସେହି ରଚନାଗୁଡ଼ିକରେ ମଧ୍ୟ ତାଙ୍କ ନିଜସ୍ୱ ଅନୁଭୂତି ହିଁ ବର୍ଣ୍ଣନା କରିଥିଲେ । ବ୍ୟକ୍ତିଗତ ଜୀବନର ଅନୁଭୂତିକୁ ନେଇ ସାହିତ୍ୟ ରଚନାରେ ପାଦ ଦେଇଥିବା କାଫ୍କା ନିଜକୁ ଜଣେ ସଫଳ ସାହିତ୍ୟିକ ଭାବରେ କେବେ ଗ୍ରହଣ କରିପାରି ନଥିଲେ । ଏହାପରେ କେବଳ ନିଜ ରୁଚି ପାଇଁ ହିଁ ସାହିତ୍ୟ ରଚନା କଲେ ଏବଂ ଜଣେ ସାହିତ୍ୟିକ ଭାବରେ ପ୍ରତିଷ୍ଠା ପାଇବାର କୌଣସି ଆଗ୍ରହ ନ ରଖି ଶେଷନିଃଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ଲେଖି ଚାଲିଥିଲେ । ଏଣୁ ତାଙ୍କର ଅଧିକାଂଶ ରଚନା ମୃତ୍ୟୁ ପରେ ହିଁ ପ୍ରକାଶିତ ହୋଇ ଲୋକଲୋଚନକୁ ଆସିଥିଲା । ପରବର୍ତ୍ତୀ ସମୟରେ ବିଂଶ ଶତାବ୍ଦୀରେ କେବଳ ଜର୍ମାନ ଦେଶର କାହିଁକି ବରଂ ସମଗ୍ର ୟୁରୋପର ଲୋକପ୍ରିୟ କଥାକାର ଅର୍ଥାତ୍ ଜଣେ ସଫଳ ଔପନ୍ୟାସିକ ଓ କ୍ଷୁଦ୍ରଗଳ୍ପ ସ୍ରଷ୍ଟା ଭାବରେ କାଫ୍କା ବିଶେଷ ପରିଚିତି ଲାଭ କଲେ । ସମସାମୟିକ ଔପନ୍ୟାସିକଙ୍କ ତୁଳନାରେ ତାଙ୍କର

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ
Quick Response Code:
Available online at : https://pracheenews.com/
DOI : https://doi.org/10.5281/zenodo.13705733
Article No - BPPP00223

ଯୋଗାଯୋଗ :
ଚୂଳରାଜ ମେହେର, ଓଡ଼ିଆ ଅଧ୍ୟାପକ,
ଲରମ୍ଭା ମହାବିଦ୍ୟାଳୟ, ଲରମ୍ଭା
E-Mail ID: chularajmeher123@gmail.com
ORCID ID: https://orcid.org/0009-0006-9318-5121

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

ପ୍ରାପ୍ତି	ସମୀକ୍ଷିତ	ଗୃହୀତ	ପ୍ରକାଶିତ
୩.୬.୨୦୨୪	୧୭.୭.୨୦୨୪	୨୫.୭.୨୦୨୪	୧.୯.୨୦୨୪

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ମେହେର, ଚୂଳରାଜ, ୨୦୨୪ । **ଫ୍ରାଞ୍ଜ୍ କାଫ୍‌କା ଉପନ୍ୟାସ: ବିଶ୍ୱ ପରିପ୍ରେକ୍ଷୀ ।** ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ଚ; ପୃଷ୍ଠା : ୩୯-୪୬ ।

ଔପନ୍ୟାସୀୟ ବିଚିତ୍ରତା ଓ କ୍ଷୁଦ୍ରଗଳ୍ପର ବିଷୟ ବେଶ୍ ସ୍ୱତନ୍ତ୍ରଭାବରେ ପାଠକଗଣଙ୍କୁ ଆକର୍ଷିତ କରିବାରେ ସଫଳ ହୋଇଥିଲା । W.H. Audenଙ୍କ ମତରେ "The author who come nearest to bearing the same kind of relation to our age as Dante, Shakespeare and Goethe bore to their." ଅର୍ଥାତ "ଜଣେ ଲେଖକ ଯିଏକି ଆମ ସମୟର ହୋଇ ମଧ୍ୟ ଦାନ୍ତେ, ସେକ୍ସପିଅର ଓ ଗେଟେଙ୍କ ଖୁବ ନିକଟବର୍ତ୍ତୀ ।" ନିଜ ରଚନା ମଧ୍ୟରେ ବହୁ ପାଶ୍ଚାତ୍ୟ ଦର୍ଶନକୁ ସିଧାସଳଖ ସଂଯୋଜିତ କରି ବିଷୟବସ୍ତୁ ଚୟନ କରିବାରେ ସେ ସିଦ୍ଧହସ୍ତ ଥିଲେ । ରଚନା ମଧ୍ୟରେ ସମାଜର ବସ୍ତାବିକତାକୁ ଯେଉଁ ନକରାତ୍ମକ ଢଙ୍ଗରେ ଉପସ୍ଥାପନ କରିଥିଲେ, ଏହି ଦୃଷ୍ଟିରେ W.H. Audenଙ୍କ ଅନୁସାରେ ତାଙ୍କ ସମୟକୁ "Age of Anxiety" ବା "ଚିନ୍ତାର ଯୁଗ" ଭାବରେ ଅଭିହିତ କରିବା ବେଶ ପ୍ରଣିଧାନଯୋଗ୍ୟ ଅଟେ । କାଫ୍‌କାଙ୍କ ପାଠକଗଣ ତାଙ୍କ ସାହିତ୍ୟିକ ଧାରାର ବିବିଧତାକୁ ଯେଉଁ ଭାବରେ ଲକ୍ଷ୍ୟ କରିଛନ୍ତି ତହିଁରେ ତାଙ୍କର ବିଶ୍ୱପ୍ରସିଦ୍ଧି ପାଇବାର ଯଥାର୍ଥତା ଲକ୍ଷ୍ୟ କରାଯାଇପାରେ । ତାଙ୍କ ରଚନାର ଭାବାର୍ଥକୁ ସମାଲୋଚକମାନେ ଭିନ୍ନ ଭାବରେ ବ୍ୟାଖ୍ୟା କଲେ ସୁଦ୍ଧା ସ୍ଥୁଳଦୃଷ୍ଟିରେ ବିଚାର କଲେ ତହିଁରେ ରାଜନୈତିକ ବ୍ୟଙ୍ଗ ଓ ପାରିବାରିକ ସମସ୍ୟାର ଚିତ୍ର ବେଶ୍ ପ୍ରାଞ୍ଜଳ ଅଟେ ।

ଫ୍ରାଞ୍ଜ୍ କାଫ୍କାଙ୍କ ଜନ୍ମ ୧୮୮୩ ମସିହା ଜୁଲାଇ ୩ ତାରିଖରେ ଜର୍ମାନୀର ଚେକୋସ୍ଲୋଭାକିଆର ପ୍ରାଗ୍ (Prague) ସହରରେ ହୋଇଥିଲା । ସେହି ସମୟରେ ପ୍ରାଗ୍ ଅଷ୍ଟ୍ରୋ-ହଙ୍ଗେରିଆନ୍ ସାମ୍ରାଜ୍ୟର ଏକ ପ୍ରମୁଖ ପ୍ରାଦେଶିକ ରାଜଧାନୀ ଥିଲା । କାଫ୍‌କାଙ୍କ ସମଗ୍ର ବ୍ୟକ୍ତିତ୍ୱକୁ ଏହି ସହର କେନ୍ଦ୍ରକରି ରଖିଥିଲା । କାରଣ ଏହି ସହର ଏକ ବିଭ୍ରାନ୍ତ ସହର ଥିଲା ଠିକ୍ କାଫ୍କାଙ୍କ ବ୍ୟକ୍ତିତ୍ୱ ଭଳି । କାଫ୍‌କା ଜର୍ମାନ ଭାଷାଭାଷୀ ଏକ ମଧ୍ୟବିତ୍ତ ଇହୁଦୀ(Jewish) ପରିବାରରେ ଜନ୍ମଗ୍ରହଣ କରିଥିଲେ । ଫ୍ରାଞ୍ଜ୍ ଜନ୍ମ ହେବା ବେଳକୁ କାଫ୍କା ପରିବାର ପ୍ରାଗ୍‌ର ଚେକ୍ ସମ୍ପ୍ରଦାୟରେ ଏକତ୍ର ହୋଇସାରିଥିଲେ । ତାଙ୍କ ପିତା ହରମାନ୍ କାଫ୍କା ଓ ମାତା ଥିଲେ ଜୁଲି ଲୋ (Julie Lowy) । ଯେହେତୁ ଫ୍ରାଞ୍ଜ୍ ପରିବାରର ଜ୍ୟେଷ୍ଠ ସନ୍ତାନ ଏବଂ ତାଙ୍କ ପିତାମାତାଙ୍କ ଏକମାତ୍ର ଜୀବିତ ପୁଅ ଥିଲେ, ତାଙ୍କୁ ନେଇ ପରିବାରରେ ଅନେକ ଅଭିଳାଷ ପୋଷଣ କରିଥିଲେ । ତେଣୁ ସେ ଜୀବନରେ ଏକ କଠୋର କାର୍ଯ୍ୟସୂଚୀ ଅନୁସରଣ କରିବେ ଏବଂ ସଫଳତା ପାଇ ପାରିବାରିକ ଦାୟିତ୍ୱ ପ୍ରତି ଯତ୍ନବାନ ହେବେ ବୋଲି ଆଶା କରାଯାଉଥିଲା । କିନ୍ତୁ ଏସବୁ ତୁଳନାରେ ସବୁଠାରୁ ଅଧିକ ଜଟିଳ ବିଷୟ ଥିଲା, ତାଙ୍କ ପିତାଙ୍କ ସହିତ ଫ୍ରାଞ୍ଜଙ୍କ ସମ୍ପର୍କ । ସିନିଅର୍ କାଫ୍କା ଜଣେ ପ୍ରାଧାନ୍ୟ ବ୍ୟକ୍ତିତ୍ୱର ଲୋକ ଥିଲେ । ପାରସ୍ପରିକ ଶତ୍ରୁତା ଦ୍ୱାରା ସେମାନେ ପରସ୍ପର ସହ ବନ୍ଧା ହୋଇଥିଲେ । କହିବା ବାହୁଲ୍ୟ ଯେ, ତାଙ୍କ ପିତାଙ୍କ ସହ ଏହି ତିକ୍ତ ସମ୍ପର୍କ ଅନେକାଂଶରେ ତାଙ୍କ କଥାସାହିତ୍ୟକୁ ପ୍ରଭାବିତ କରିଥିଲା । ଏହା ତାଙ୍କ ରଚନାଦିରେ ସ୍ପଷ୍ଟ ଅନୁମାନ କରାଯାଇପାରେ । "The conflict between father and son also gives this story the autobiographical significance. In most of Kafka's works like "The Metamorphosis," The Trial, etc. the dominant father role plays a crucial role. In "The Judgment" too we get the picture of overbearing father very much similar to Kafka's own father. Georg's father in the story is very much like Kafka's real father who always appeared to him "a giant" (Kafka, The Metamorphosis 63).

୧୯୧୨ ର ଗ୍ରୀଷ୍ମ ସମୟରେ ତାଙ୍କ ଜୀବନରେ ଏକ ଅଦ୍ଭୁତ ମୋଡ ଆସିଥିଲା, ବର୍ଲିନ୍‌ର ଜଣେ ଝିଅ ଫେଲିସ୍ ବାଉର (Felice Bauer)ଙ୍କ ଆଗମନ ପରେ । ସେ ଏକ ଡିକ୍ଟାଫୋନ୍ କମ୍ପାନୀରେ ପ୍ରତିନିଧୀ ଭାବରେ କାର୍ଯ୍ୟ କରୁଥିଲେ । ସମୟ କ୍ରମେ ଦୁହେଁ ପରସ୍ପର ସହ ଗଭୀର ପ୍ରେମରେ ପଡିଥିଲେ । ଏହି ଅବସରରେ ସେ ତାଙ୍କ ଲେଖାରେ ଧ୍ୟାନ ଦେବାରେ ସକ୍ଷମ ହୋଇଥିଲେ । "Kafka for the first time met Bauer, who was visiting Prague from Berlin, on August 13, 1912 in Max Brod's house, and it was from this meeting with her that the flood of Kafka's writing really began (Gray, Franz Kafka 57) ।" କିନ୍ତୁ, ଏହା ଦେଖାଗଲା, ସେ ଯାହା କଳ୍ପନା କରିଥିଲେ ଭାଗ୍ୟ ତାହାଠାରୁ କିଛି ଅଲଗା ଥିଲା । ଯୁଦ୍ଧ ପରବର୍ତ୍ତୀ ମୁଦ୍ରାସ୍ଫୀତି, ଅର୍ଥନୈତିକ ପରିସ୍ଥିତି ଏବଂ ସ୍ୱାସ୍ଥ୍ୟର ଅବସ୍ଥା ଅଧିକ ଖରାପ ହେତୁ ତାଙ୍କ ଜୀବନ ଆହୁରି ସଂକଟାପନ୍ନ ହୋଇଗଲା । ଯେଉଁ ଡାକ୍ତରମାନେ ତାଙ୍କର ଯକ୍ଷ୍ମା ଚିହ୍ନଟ କରିଥିଲେ ସେମାନେ ତାଙ୍କ ଖରାପ ଅବସ୍ଥା ଦେଖି ତାଙ୍କୁ ଭିଏନା କ୍ଲିନିକକୁ ପଠାଇ ଦେଲେ । ସେ ଜୀବନର ଅବଶିଷ୍ଟ ବର୍ଷର ଅଧିକାଂଶ ସମୟ ବିଭିନ୍ନ ସାନିଟୋରିୟମରେ ବିତାଇବା ସହିତ କାହାଣୀ ଏବଂ ଉପନ୍ୟାସ ଲେଖିଥିଲେ । ତାଙ୍କ ଜୀବନର ଶେଷ ସମୟରେ ସେ କହିବାର ସାମର୍ଥ୍ୟ ହରାଇ ବସିଲେ । ଦିନକୁ ଦିନ ବଢୁଥିବା ଯନ୍ତ୍ରଣା ସହି ନ ପାରି କାଫ୍କା ତାଙ୍କ ଡାକ୍ତର କ୍ଲୋପଷ୍ଟକ୍(Klopstock)ଙ୍କୁ ଏକ ନୋଟ୍ ଲେଖି ଶାନ୍ତି ମାଗି କହିଥିଲେ: "Kill me, or else you are a murderer" (Gray, Franz Kafka 165) । କାଫ୍‌କା ଶେଷରେ ୧୯୨୪ ମସିହାରେ ଜୁନ୍ ୩ ରେ ଅଷ୍ଟ୍ରିଆର କିରଲିଙ୍ଗରେ ତାଙ୍କ ନିଦ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ । ମୃତ୍ୟୁ ପୂର୍ବରୁ ସେ ଜାଣି ସାରିଥିଲେ ଯେ ସମ୍ଭବତଃ ସେ ଆଉ ଦୀର୍ଘଦିନ ପର୍ଯ୍ୟନ୍ତ ବଂଚିବେ ନାହିଁ ତେଣୁ ସେ ଏକ ଇଚ୍ଛାପତ୍ର ମାଧ୍ୟମରେ ୧୯୨୨ ମସିହାରରେ ମ୍ୟାକ୍ସ ବ୍ରୋଡଙ୍କୁ ତାଙ୍କ ଲେଖାର ପାଣ୍ଡୁଲିପିଗୁଡ଼ିକୁ ନଷ୍ଟ କରିବାକୁ ନିର୍ଦ୍ଦେଶ ଦେଇ କହିଥିଲେ । ମ୍ୟାକ୍ସ ବ୍ରୋଡଙ୍କ ଚିରସ୍ଥାୟୀ ଶ୍ରେୟ ହେଉଛି ଯେ, ସେ ତାଙ୍କର ପ୍ରକାଶିତ କାର୍ଯ୍ୟକୁ ଜାଳିବା ପାଇଁ ନିଜବନ୍ଧୁଙ୍କ ଇଚ୍ଛା ପୂରଣ କରିନାହାଁନ୍ତି ।

କାଫ୍କାଙ୍କ ମୃତ୍ୟୁର ପଚାଶ ଦିନ ପରେ, ବ୍ରୋଡ୍ ପ୍ରକାଶକ ଡାଏ ଶିମିଡେ (Die Schmiede)ଙ୍କ ସହ ଏକ ଚୁକ୍ତିନାମା ସ୍ୱାକ୍ଷର କଲେ ଏବଂ ସେ 'ଦି ଟ୍ରାଏଲ୍' (Der Prozess, 1925), 'ଦି କ୍ୟାସଲ' (Das Schloß, 1926), ଏବଂ 'ଆମେରିକା' (Der Verschollene, 1927)ର ମରଣୋତ୍ତର ପ୍ରକାଶନ ପାଇଁ ପ୍ରତିଶ୍ରୁତି ଦେଇଥିଲେ ।

ସର୍ବପ୍ରଥମେ ୧୯୩୦ରେ ଏଡୱିନ୍ ଏବଂ ୱିଲା ମୁଇର୍ "ଦି କ୍ୟାସଲ୍"(The Castle)କୁ ଇଂରାଜୀରେ ଅନୁବାଦ କଲେ । ଏହାପରେ "ଦି ଟ୍ରାଏଲ୍"(The Trail)ର ପ୍ରଥମ ଇଂରାଜୀ ଅନୁବାଦ ୧୯୩୭ରେ ଇଂଲଣ୍ଡ ଏବଂ ଯୁକ୍ତରାଷ୍ଟ୍ର ଆମେରିକାରେ ପ୍ରକାଶ ପାଇଥିଲା, ଶେଷ ସଂସ୍କରଣ ଜର୍ଜ ସଲ୍ଟର(Georg Salter)ଙ୍କ ଚିତ୍ର ସହିତ ନୋଫ୍ (Knopf) ଦ୍ୱାରା ପ୍ରକାଶିତ ହୋଇଥିଲା | ଜର୍ମାନ କିମ୍ବା ଇଂରାଜୀ ଭାଷା ସଂସ୍କରଣ ଭଲ ବିକ୍ରି ହୋଇ ନଥିଲା, ଯଦିଓ ସେଗୁଡିକ ଗୁରୁତର ଭାବରେ ଗ୍ରହଣ କରାଯାଇଥିଲା । ପରବର୍ତ୍ତୀ ସମୟରେ ଉଭୟଙ୍କ ପ୍ରଚେଷ୍ଟାରେ ପୁଣି ଆମେରିକା(Amerika)ର ଅନୁବାଦ ୧୯୪୦ ରେ ୟୁନାଇଟେଡ୍ ଷ୍ଟେଟରେ ପ୍ରକାଶିତ ହୋଇଥିଲା । ତେବେ ସାମଗ୍ରିକ ଭାବରେ ବିଚାର କଲେ ମୂଳତଃ କାଫ୍କାଙ୍କ ଉପନ୍ୟାସିକା 'ଦି ମେଟାମୋର୍ଫୋସିସ୍' (୧୯୧୫) ସମେତ "ଦି ଟ୍ରାଏଲ୍"(୧୯୨୫), "ଦି କ୍ୟାସଲ୍"(୧୯୨୬) ଓ "ଆମେରିକା"(୧୯୨୭) ଏଭଳି ସମୁଦାୟ ପାଞ୍ଚଗୋଟି ଉପନ୍ୟାସର ସ୍ରଷ୍ଟା ଭାବରେ କାଫ୍କା ସମଗ୍ର ବିଶ୍ୱରେ ପରିଚିତ ହୋଇ ପାରିଛନ୍ତି ।

ଦି ମେଟାମୋର୍ଫୋସିସ୍ (*Die Verwandlung*,1915)

ଅକ୍ଟୋବର ୧୯୧୫ରେ ତାଙ୍କ ଜୀବନକାଳ ମଧ୍ୟରେ ତାଙ୍କର ଶ୍ରେଷ୍ଠ ଏବଂ ସଫଳ ଉପନ୍ୟାସିକା 'ଦି ମେଟାମୋର୍ଫୋସିସ୍' ପ୍ରକାଶ ପାଇଥିଲା । ଜର୍ମାନ ଭାଷାରେ ଡାଇ ଭର୍ୱାଣ୍ଡଲୁଙ୍ଗ(ଉସର ଠରଜ୍ୱଙ୍ଗବଭୟକ୍ଷଙ୍କଭଶ), ଇଂରାଜୀରେ 'ଦି ମେଟାମୋର୍ଫୋସିସ୍' ଏବଂ 'ଦି ଟ୍ରାନ୍ସଫର୍ମେସନ୍' ନାମରେ ଜଣାଶୁଣା, ତାଙ୍କର ସମସ୍ତ ସମ୍ପୂର୍ଣ୍ଣ କୃତି ମଧ୍ୟରୁ ଏହା ସବୁଠାରୁ ଦୀର୍ଘ ରଚନା ଥିଲା । ୧୯୧୨ ମସିହାରେ ତାଙ୍କର ପ୍ରଥମ ପ୍ରମୁଖ କାହାଣୀ 'ଦ ଜଜମେଣ୍ଟ୍' ଶେଷ କରିବା ପରେ, କାଫ୍କା ସେହି ବର୍ଷ ତାଙ୍କର ଉପନ୍ୟାସ "ଆମେରିକା" ଆରମ୍ଭ କରିଥିଲେ, କିନ୍ତୁ ପରବର୍ତ୍ତୀ ସମୟରେ ୧୮ ନଭେମ୍ବରରୁ ଡିସେମ୍ବର ୬ ପର୍ଯ୍ୟନ୍ତ ପ୍ରାୟ ତିନି ସପ୍ତାହ ସମୟ ନେଇଥିବା ରଚନା 'ଦି ମେଟାମୋର୍ଫୋସିସ୍'କୁ ସମ୍ପୂର୍ଣ୍ଣ କରିବା ପାଇଁ ଆମେରିକା ଲେଖିବାରୁ ନିଜକୁ ନିବୃତ୍ତ କରିଥିଲେ ।

'ଦି ଟ୍ରାଏଲ୍'ର ପ୍ରକାଶନ ପରି, "ମେଟାମୋର୍ଫୋସିସ୍" ମଧ୍ୟ ପାଠକଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସଫଳ ହେଲା, ଏହାର ନାୟକ ଗ୍ରେଗୋର ସାମସା (Gregor Samsa) ଏକ ବ୍ୟବସାୟିକ ଭ୍ରମଣକାରୀ, ଯିଏ ଦିନେ ସକାଳୁ ଉଠି ନିଜକୁ ଏକ ବିଶାଳ ରାକ୍ଷସରୂପୀ ପୋକରେ ପରିଣତ ହେବାର ଲକ୍ଷ୍ୟ ନେଇ ଘୃଣା ଭାବ ପ୍ରକାଶ କରନ୍ତି । ଏହାର ପ୍ରଥମ ବାକ୍ୟରେ ରଚନାର ସବୁଠାରୁ ବଡ଼ ଉତ୍କଣ୍ଠା ସମ୍ପର୍କରେ ପାଠକମାନଙ୍କୁ ଦର୍ଶାଇ କାଫ୍କା କଥାସାହିତ୍ୟ ରଚନା ଶୈଳୀରେ ଏକ ବିଶେଷ ଚହଳ ସୃଷ୍ଟି କରିଦେଇଥିଲେ । "One morning, upon awakening from agitated dreams, Gregor Samsa found himself, in his bed, transformed into a monstrous vermin." (Kafka, The Metamorphosis 117). କାଫ୍କା 'ବିଶାଳ ରାକ୍ଷସରୂପୀ ପୋକ' (monstrous vermin) ପାଇଁ ଏହି ରଚନାରେ ମୂଳ ଜର୍ମାନ ଶବ୍ଦ ungeheueres Ungezieferକୁ ବ୍ୟବହାର କରିଛନ୍ତି । 'ungeheueres' ଶବ୍ଦର ସେହି ବ୍ୟକ୍ତି ଅର୍ଥରେ ବ୍ୟବହାର କରାଯାଏ ଯାହାର କୌଣସି ପରିବାର ନଥାଏ, ପୁନଶ୍ଚ 'Ungeziefer' ଶବ୍ଦଟି ଏକ ଅପମାନିତ ଘୃଣ୍ୟଜୀବ ଉଦ୍ଦେଶ୍ୟରେ ବ୍ୟବହାର କରାଯାଏ ଯାହାର ବାସସ୍ଥାନ ବୋଲି କିଛି ନଥାଏ । 'ଦି ମେଟାମୋର୍ଫୋସିସ୍' କାଫ୍କାଙ୍କ ପଶୁ କାହାଣୀ ମଧ୍ୟରେ ଅତୁଳନୀୟ, କାରଣ ଗ୍ରେଗୋର ଏକ ପଶୁ ଆକାରରେ ମଣିଷ ଏବଂ ମାନବିକତା ପ୍ରାପ୍ତ ପଶୁ ନୁହେଁ । କାହାଣୀକୁ ତିନୋଟି ସମାନ ଭାଗରେ ବିଭକ୍ତ କରାଯାଇଛି । ପ୍ରତ୍ୟେକଟି ରୋମାନ ସଂଖ୍ୟାରୁ ଆରମ୍ଭ ହୁଏ । ପ୍ରଥମ ଭାଗରେ ଗ୍ରେଗରଙ୍କ ଏକ ପୋକରେ ପରିଣତ ହୋଇଥିବା ଘଟଣା ଦର୍ଶାଯାଇଛି, ଦ୍ୱିତୀୟ ଭାଗରେ ତାଙ୍କ ପରିବର୍ତ୍ତନ ସହିତ ସମନ୍ୱୟ କରିବାରେ ତାଙ୍କ ପରିବାର ସଦସ୍ୟଙ୍କ ମନୋଭାବ ଏବଂ ତୃତୀୟ ଭାଗରେ ତାଙ୍କ ଦୟନୀୟ ମୃତ୍ୟୁରେ ଉପନ୍ୟାସିକାର ପରିଣତିକୁ ଦର୍ଶାଯାଇଛି ।

ଗ୍ରେଗୋର, କାୟା ପରିବର୍ତ୍ତନ ପରେ ପରିବାରରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଏ ଯେହେତୁ ପରିବାରର ସମସ୍ତ ସଦସ୍ୟ ତାକୁ ପ୍ରତ୍ୟାଖ୍ୟାନ କରନ୍ତି ଏବଂ ତାଙ୍କୁ କୀଟ ପରି ବ୍ୟବହାର କରନ୍ତି । ଯିଏ ପରିବାରର ଭରଣପୋଷଣ ପାଇଁ ଏକମାତ୍ର ଉତ୍ସ ଥିଲା, ଯାହା ଉପରେ ସମସ୍ତ ପରିବାର ନିର୍ଭରଶୀଳ ଥିଲା ଆଜି ହଠାତ ଗୋଟେ କୀଟ ରୂପ ଧାରଣ କଲା ପରେ ତାକୁ ଅଦରକାରୀ ମନେକରି, ପରିବାରର ସଦସ୍ୟମାନେ ତାର ଯତ୍ନ ନେବାରେ ସଙ୍କୋଚ କରନ୍ତି । ଏହି କାହାଣୀରେ କାଫ୍କା ମଣିଷର ଏକ ଅସମ୍ଭବ ପରିସ୍ଥିତିକୁ ବାସ୍ତବତାର ମୋଡରେ କୀଟରେ ପରିଣତ କରିବାର ଏକ ଅସମ୍ଭବ ପରିସ୍ଥିତିକୁ ଉପସ୍ଥାପନ କରିଛନ୍ତି । ତାଙ୍କର ପରିବର୍ତ୍ତନ ପରେ, ତାଙ୍କ ପରିବାର ବୁଝିପାରିଲେ ନାହିଁ ଯେ ତାଙ୍କ ପାଖରେ ଏବେ ବି ମାନବ ହୃଦୟ, ମାନବିକ ସୌନ୍ଦର୍ଯ୍ୟ ଏବଂ ଶାଳୀନତାର ମାନବିକ ଭାବନା ଅଛି । ପରିବର୍ତ୍ତନ ପରେ ସେ ନିଜ ରୁମରୁ ବାହାରକୁ ଯିବାକୁ ଚେଷ୍ଟା କରନ୍ତି କିନ୍ତୁ ପ୍ରତିଥର ତାଙ୍କୁ ଫେରାଇ ଦିଆଯାଏ । ତାଙ୍କ ବାପା ତାଙ୍କୁ

ଗୋଡ଼ରେ ମୋହର ଲଗାଇ କୋଠରୀ ଭିତରକୁ ଠେଲି ଦିଅନ୍ତି । ତାଙ୍କର ଗୋଟିଏ ହାତରେ ବାଡ଼ି ଓ ଅନ୍ୟ ହାତରେ ଖବରକାଗଜ ରହିଛି । ଏପରିକି ତାଙ୍କ ଭଉଣୀ ଗ୍ରେଟ୍, ଯିଏ କି ପ୍ରାରମ୍ଭରେ ତାଙ୍କ ପ୍ରତି ଅହେତୁକ ଭଲ ପାଇବା ଦର୍ଶାଉଥିଲେ , ପରବର୍ତ୍ତୀ ସମୟରେ ଶବ୍ଦ କରି ତାଙ୍କୁ ବିଚଳିତ କରନ୍ତି, ସେ ମଧ୍ୟ ନିଜକୁ ତାଙ୍କଠାରୁ ମୁକ୍ତ କରିବାକୁ ଚାହୁଁଛନ୍ତି । ପିତାଙ୍କ ପିଠିରେ ଫିଙ୍ଗିଥିବା ସେଓକୁ ତାଙ୍କ ଦୁଃଖର ପ୍ରତୀକ ଭାବରେ ଦେଖାଯାଇପାରେ କାରଣ ତାଙ୍କ ପିଠିରେ ଫିଙ୍ଗି ଦିଆଯାଇଥିବା ଫଳର କ୍ଷୟ ତାଙ୍କ ଆତ୍ମକ୍ଷୟକୁ ସୂଚାଇଥାଏ । ଉକ୍ତ କାହାଣୀର ପ୍ରକୃତ ଭୟାବହତା ଗ୍ରେଗୋରଙ୍କ ପରିବର୍ତ୍ତନରେ ନୁହେଁ ବରଂ ତାଙ୍କ ପରିବାରର ପ୍ରତିକ୍ରିୟାରେ ରହିଛି । ତାଙ୍କର ସମସ୍ତ କ୍ଷତ ପାଇଁ ତାଙ୍କ ପରିବାର ଦାୟୀ, ଯେଉଁମାନେ ତାଙ୍କ ପରିବର୍ତ୍ତନ ପରେ ତାଙ୍କୁ ବିଚ୍ଛିନ୍ନ ଏବଂ ଅଲଗା କରିଦିଅନ୍ତି । ଶେଷରେ, ଗ୍ରେଗୋର ତାଙ୍କ ପରିବାର, ତାଙ୍କ ଦୁନିଆ ଏବଂ ଜଣେ ମଣିଷ ଭାବରେ ତାଙ୍କର ସ୍ଥିତି ସବୁକିଛି ହରାଇ ବସନ୍ତି । କାହାଣୀର ଶେଷଭାଗରେ ନିଃସଂଗତା, ତିରସ୍କାର ଓ ଆତ୍ମୀୟତାର ଅଭାବବୋଧରେ ସାମସା ଚରିତ୍ରଙ୍କ ମୃତ୍ୟୁ ଘଟେ ।

ଦି ଟ୍ରାଏଲ୍ (*Der Prozeß*, 1925):

ଫ୍ରାଞ୍ଜ୍ କାଫ୍କାଙ୍କ ମୃତ୍ୟୁର ମାତ୍ର ୫୬ ଦିନ ପରେ କାଫ୍କାର ଘନିଷ୍ଠ ବନ୍ଧୁ ମ୍ୟାକ୍ସ ବ୍ରୋଡ୍ ବର୍ଲିନ ପ୍ରକାଶକ ଡାଇ ସ୍ମିଡେ (Die Schmiede)ଙ୍କ ସହ ମିଶି କାଫ୍କାଙ୍କ ସଂଗୃହୀତ କୃତିର ମରଣୋତ୍ତର ସଂସ୍କରଣ ଓ ପ୍ରକାଶନ ପାଇଁ ଆୟୋଜନ କରିଥିଲେ । ମ୍ୟାକ୍ସ ବ୍ରୋଡ୍ ଟ୍ରାଏଲର ଲେଖାର ଗ୍ରନ୍ଥ ପ୍ରବେଶ (Epilogue to the text of The Trial)ରେ ଉଲ୍ଲେଖ କରିଛନ୍ତି ଯେ ସେ ଜୁନ୍ ୧୯୨୦ରେ ଫ୍ରାଞ୍ଜ୍ କାଫ୍କାଙ୍କଠାରୁ ବ୍ୟକ୍ତିଗତ ଉପହାର ଭାବରେ ଏହି କାର୍ଯ୍ୟର ପାଣ୍ଡୁଲିପି ପାଇଥିଲେ (Brod, "Epilogue" 215) । ଅସମ୍ପୂର୍ଣ୍ଣ ପରିଚ୍ଛେଦକୁ ବାଦ୍ ଦେଇ, ଏହାକୁ କାଫ୍କାଙ୍କ ସଙ୍କଳନର ଅନ୍ତିମ ଖଣ୍ଡ ଭାବରେ ଅନ୍ତର୍ଭୁକ୍ତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହି ରଚନାରେ ପାଣ୍ଡୁଲିପି ସଂକଳନ କରିବାର କାର୍ଯ୍ୟ ଅନ୍ୟ ରଚନା ଭଳି ସହଜ ନଥିଲା କାରଣ ଏହାର ପାଣ୍ଡୁଲିପି ଅଂଶମାନଙ୍କରେ କୌଣସି ଶୀର୍ଷକ ନ ଥିଲା । ତଥାପି, କାଫ୍କା ଯେତେବେଳେ ବି ବ୍ରୋଡଙ୍କ ସହ ଉପନ୍ୟାସ ବିଷୟରେ ଆଲୋଚନା କରିଥିଲେ, ସେ ସର୍ବଦା ଏହାକୁ "ଦ ଟ୍ରାଏଲ୍' ବୋଲି ସମ୍ବୋଧନ କରିଥିଲେ । ଏହି ଆଧାରରେ ସେ ଉକ୍ତ ଉପନ୍ୟାସକୁ ଏହି ନାମରେ ହିଁ ପ୍ରକାଶିତ କଲେ । ଏହାପରେ ଏଡଓ୍ୱିନ୍ ଏବଂ ଓ୍ୱିଲା ମୁଇରଙ୍କ ପ୍ରଚେଷ୍ଟାରେ "ଦି ଟ୍ରାଏଲ୍"ର ପ୍ରଥମ ଇଂରାଜୀ ଅନୁବାଦ ୧୯୩୭ରେ ଇଂଲଣ୍ଡ ଏବଂ ଯୁକ୍ତରାଷ୍ଟ୍ର ଆମେରିକାରେ ପ୍ରକାଶ ପାଇଲା ।

ଉପନ୍ୟାସର କଥାବସ୍ତୁକୁ ପ୍ରବେଶ କଲେ ଏହାର ଆରମ୍ଭରୁ ହିଁ ପାଠକକୁ ବିସ୍ମିତ ହେବାକୁ ପଡେ । ଉକ୍ତ ଉପନ୍ୟାସର ନାୟକ ଜୋସେଫ କେ.(Joseph K.)ଙ୍କୁ ଦିନେ ସକାଳେ ଅକାରଣରେ ସିଧାସଳଖ ଗିରଫ୍ କରାଯାଏ । "Someone must have been telling lies about Joseph K., for without having done anything wrong he was arrested one fine morning" (Kafka, The Trial, 7) । ଓ୍ୱାର୍ଡରମାନେ ତାଙ୍କୁ ତାଙ୍କ କୋଠରୀ ଛାଡିବାକୁ ବାରଣ କରନ୍ତି । ତା'ପରେ ଏକ ଅସୀମ ଶୁଣାଣିର ଯାତ୍ରା ଆରମ୍ଭ ହୁଏ, ଯେଉଁଠାରେ ଏହି ଭୁଲ ପାଇଁ ଦୋଷମୁକ୍ତ ହେବାର ସମ୍ଭାବନା ସବୁଠାରୁ ଦୁର୍ଗମ ଅଟେ । କେ.ଙ୍କ ଗିରଫ୍ ହେବାର ମୁଖ୍ୟ କାରଣ କ'ଣ, ସେ ପ୍ରଶ୍ନ ଭିତରେ ପାଠକ ଉପନ୍ୟାସର କାହାଣୀ ସହ ସଂଯୋଜିତ ହୋଇ ଚାଲିଥାଏ । ଆଶ୍ଚର୍ଯ୍ୟର କଥା ହେଉଛି ଏହି ଲେଖାରେ କେ.ଙ୍କୁ ଗିରଫ କରିବା ସଂକ୍ରାନ୍ତରେ ପ୍ରାଥମିକ ତଦନ୍ତ ପାଇଁ କୌଣସି ଆଇନଗତ ଦସ୍ତାବିଜ ନାହିଁ, ଏଫ.ଆଇ.ଆର. ପଞ୍ଜୀକରଣ ହୋଇନାହିଁ ଏବଂ ପ୍ରାରମ୍ଭିକ ପ୍ରକ୍ରିୟା ମଧ୍ୟ କିଛି ନାହିଁ । କେବଳ ଗିରଫ୍ ଓ ବିଚାର ପ୍ରକ୍ରିୟା ହିଁ ପ୍ରଦର୍ଶିତ ହୋଇଛି ।

କେ. ତାଙ୍କର କଥିତ ଦୋଷହୀନତା ପରିବର୍ତ୍ତେ, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବା ପରଠାରୁ ନୀରବ ରହି ପରୋକ୍ଷରେ ନିଜର ଦୋଷ ସ୍ୱୀକାର କରନ୍ତି । ଗୋଟିଏ ପଟେ କେ. ନିଜକୁ ନିର୍ଦ୍ଦୋଷ ବୋଲି ବିରୋଧ କରୁଥିବା ବେଳେ ଅନ୍ୟପଟେ ତାଙ୍କ ଦୋଷ ଭାବନାର ସଙ୍କେତ ମିଳେ, ଯଦିଓ ସେ ନିଜେ ଜାଣିଶୁଣି ଏହାକୁ ଅନୁଭବ କରନ୍ତି ନାହିଁ । ଏଠାରେ ପାଠକ କେ. ଚରିତ୍ର ମଧ୍ୟରେ ଥିବା ଅନ୍ତର୍ଦ୍ୱନ୍ଦ୍ୱକୁ ସ୍ପଷ୍ଟ ଭାବରେ ଲକ୍ଷ୍ୟ କରିପାରିବେ । ଗିରଫ ହେବାର ଆରମ୍ଭରୁ କାହାଣୀର ଶେଷ ପର୍ଯ୍ୟନ୍ତ ସେ ଗିରଫର ଏକ ନିର୍ଦ୍ଦିଷ୍ଟ ବୋଝରେ ବ୍ୟସ୍ତ ରହନ୍ତି । ଏହି ବୋଝରୁ ନିଜକୁ ମୁକ୍ତି ଦେବା ପାଇଁ ସେ କୋର୍ଟ, କ୍ୟାଥେଡ୍ରାଲ ଭଳି ବିଭିନ୍ନ ଏଜେନ୍ସି ଏବଂ ଫ୍ରାଉଲିନ୍ ବ୍ରଷ୍ଟନର, ଫ୍ରାଉ ଗ୍ରୁବାକ୍, ଓ୍ୱାଶରଓମେନ୍, ଲେନି, ଚିତ୍ରଶିଳ୍ପୀ ଟିଟୋରେଲି, ଆଡଭୋକେଟ୍ ହଲ୍ଡଙ୍କ ଭଳି ବ୍ୟକ୍ତିଙ୍କଠାରୁ ସାହାଯ୍ୟ ନେବାକୁ ଯାଆନ୍ତି । ଆଉ ଯେଉଁଠି ତାଙ୍କ ଦୋଷ ରହିଛି, ସେଠାରେ ହିଁ ସେ କିଛି ଭୁଲ ନକରି ନିଜକୁ ଦୋଷହୀନ ପ୍ରମାଣିତ କରିବାକୁ ଚେଷ୍ଟା କରନ୍ତି । ଔପନ୍ୟାସିକ ଏଠାରେ କେ.ଙ୍କ ବିବାଦକୁ ନିଜ ଭୟ, ପରିଚୟ ଏବଂ ଆତ୍ମ ନିନ୍ଦା ସହିତ ବର୍ଣ୍ଣନା କରିବାକୁ ଚେଷ୍ଟା କରିଛନ୍ତି, କାରଣ ଗିରଫ ହେବା ଦିନଠାରୁ ସେ ମାନସିକ ଭାବରେ ଗିରଫ ହୋଇସାରିଥାନ୍ତି ଏବଂ ତାଙ୍କ ପୂର୍ବ ପରିଚୟ ପ୍ରତିଷ୍ଠା କରିବା ପାଇଁ ନିଜକୁ ମୁକ୍ତ କରିବା ପାଇଁ ଯଥାସମ୍ଭବ ଚେଷ୍ଟା କରନ୍ତି । ଏଠାରେ ଚରିତ୍ର ମଧ୍ୟରେ ଅସ୍ତିତ୍ୱବାଦୀ ଭାବକୁ ଅନୁମାନ କରାଯାଇପାରେ ।

ଉପନ୍ୟାସର ଶେଷରେ ମଧ୍ୟ କେ. ଙ୍କ ସଂଘର୍ଷ ଅସମ୍ଭାଳ ରହିଛି । ନିଜକୁ ଦୋଷମୁକ୍ତ କରିବାର ଶତ ପ୍ରାୟସ କରି ସେ କେବଳ ବିଫଳ ହୋଇ ନାହାନ୍ତି ବରଂ ଭିନ୍ନ ଭିନ୍ନ ପରିସ୍ଥିତିରେ ବିଭିନ୍ନ କାରଣକୁ ନେଇ ସେ ନିଜକୁ ଜଣେ ଦୋଷୀ ଭାବରେ ପାଇଛନ୍ତି । ଉପନ୍ୟାସର ଅନ୍ତିମ ବେଳକୁ ଫସିଖୁଣ୍ଟ କେ. ଙ୍କ ଗଳାରେ ଥିବା ବେଳେ ଅନ୍ୟ ଜଣକ ଛୁରୀଟିକୁ ତାଙ୍କ ହୃଦୟରେ ଠେଲି ଦେଇ ସେଠାରେ ଦୁଇଥର ବୁଲାଇ ଦେଇଥିଲେ । ବିଫଳ ଆଖିରେ କେ. ତାଙ୍କ ଜୀବନର ଅନ୍ତିମ ଯାତ୍ରାକୁ ଲକ୍ଷ୍ୟ କରିଛନ୍ତି । ମୃତ୍ୟୁ ପୂର୍ବରୁ ତାଙ୍କର ଶେଷଉକ୍ତି ରୂପେ ସେ ପ୍ରକାଶ କରନ୍ତି "ଠିକ୍ କୁକୁର ଭଳି" । "With the failing eyes K. could . . . see . . . the final act. 'Like a dog!' he said . . ." It is "the shame of it" that is "to outlive him." (Kafka, The Trial, 211) ।

ଏହି ଉପନ୍ୟାସର ଦୁଇଟି ପ୍ରମୁଖ ଅଂଶ ମଧ୍ୟରେ ସମଗ୍ର ଉପନ୍ୟାସର କଥାବସ୍ତୁକୁ ମାର୍ମିକ ଭାବରେ ବୁଝି ହେବ ଯେଉଁଠି ପ୍ରଥମ ଅଂଶ ଦର୍ଶାଏ ଯେ, ଏକ ଆଧୁନିକ ସହରରେ ସହରୀ ଅସ୍ତିତ୍ୱର ଭ୍ରମ ମାଧ୍ୟମରେ ଏକ ଅନୁସନ୍ଧାନମୂଳକ ଯାତ୍ରା, ଯେଉଁଠାରେ କେ. ଏକ ସମ୍ଭାବ୍ୟ ଅର୍ଥପୂର୍ଣ୍ଣ ଏବଂ ଦୋଷହୀନ ଜୀବନ ଖୋଜିବାରେ ଏକ ବର୍ଷ ବିତାଇଥିଲେ । କିନ୍ତୁ ଶେଷ ଅଂଶ ବେଳକୁ ସେ ଅଜ୍ଞାତ ଭୁଲ ପାଇଁ ଏକ ଅର୍ଥହୀନ ମୃତ୍ୟୁ ପାଇଥିଲେ ଠିକ ଗୋଟିଏ ବୁଲାକୁକୁର ପରି ଏବଂ ସାଧାରଣ ଜୀବନ ବଞ୍ଚିବାର ଆଶା ନେଇ ସେ ତାଙ୍କ ପଛରେ କେବଳ ମୃତ୍ୟୁର ଲଜ୍ଜା ଛାଡି ଯାଇଛନ୍ତି । ପ୍ରକୃତରେ ଏହି ଉପନ୍ୟାସରେ ଔପନ୍ୟାସିକ ଜୀବନ ଓ ସଂଘର୍ଷର ଚିତ୍ରକୁ ଅତିବାସ୍ତବବାଦୀ ଢଙ୍ଗରେ ଉପସ୍ଥାପନ କରିବାରେ ସକ୍ଷମ ହୋଇଛନ୍ତି ।

ଦି କ୍ୟାସଲ୍ (Das Schloß, 1926):

ଟ୍ରାଏଲର ଉଦଘାଟନ ପରି, କ୍ୟାସଲ୍ ବିନା କୌଣସି ପରଦା ଉତ୍ତୋଳନରେ ଆରମ୍ଭ ହୁଏ । କାହାଣୀ ଆମକୁ ସିଧାସଳଖ ଏକ ଦିନର ଅବସାନ ବେଳା ସନ୍ଧ୍ୟାର ନିର୍ଦ୍ଦିଷ୍ଟ ସମୟକୁ ନେଇଯାଏ । "It was late in the evening" (Kafka, The Castle 9) । ଏଠାରେ ଏକ ଛୋଟ ବରଫ ଘେରା ଗାଁର ବର୍ଣ୍ଣନା ରହିଛି, ଯାହାର ଘରଗୁଡ଼ିକ ଏକ ପାହାଡ ଉପରେ ନିର୍ମିତ ଦୁର୍ଗର ଆଧିପତ୍ୟରେ ରହିଛି । ଏହି ଦୁର୍ଗ ଅଞ୍ଚଳକୁ ଉପନ୍ୟାସର ନାୟକ କେ. ଯିଏ ତିରିଶ ବର୍ଷ ବୟସର ଯୁବକ, ଯାହାର ଅତୀତର କୌଣସି ପରିଚୟ ନାହିଁ ସେ ବର୍ତ୍ତମାନକୁ ନେଇ ବଞ୍ଚୁଥିବା ଏକ ସ୍ଥିତିବାଦୀ ଚରିତ୍ର ଅଟନ୍ତି । ସେ ନିଜକୁ ଜଣେ ଜମି ନିରିକ୍ଷକ(Land Surveyor) ବୋଲି ମିଥ୍ୟା ପରିଚୟ ଦେଇ ସେ ଅଞ୍ଚଳରେ ରହିବାର ଆଶା ପୋଷଣ କରିଛନ୍ତି । ଔପନ୍ୟାସିକଙ୍କ ପୂର୍ବ ଉପନ୍ୟାସ ସହ ତୁଳନା କଲେ 'ଦି ଟ୍ରାଏଲ'ର ନାୟକ ପରୀକ୍ଷଣର ନିଷ୍କ୍ରିୟ ଶିକାର ହୋଇଥିବା କେ., ଉକ୍ତ ଉପନ୍ୟାସରେ ଜଣେ ସାହସୀ ଓ ଆକ୍ରମଣାତ୍ମକ ନାୟକ ପାଲଟିଯାଇଛନ୍ତି । କ୍ୟାସଲକୁ ତାଙ୍କୁ ଭୟ କରିବାର କିଛି ଆବଶ୍ୟକତା ନାହିଁ । ଏଠାରେ ନାୟକର ସ୍ଥିତିବାଦୀ ଦୃଷ୍ଟିଭଙ୍ଗୀ ଅନ୍ୟ ନାୟକମାନଙ୍କ ତୁଳନାରେ ଅଧିକ ଦୃଢ ବୋଲି କୁହାଯାଇପାରେ ।

ଗ୍ରାମରେ ପହଞ୍ଚିବା ପରେ କେ.ଙ୍କ ପର୍ଯ୍ୟବେକ୍ଷଣ, ଶ୍ୱାର୍ଜର (Schwarzer)ଙ୍କ ସହ ତାଙ୍କର ବାର୍ତ୍ତାଳାପର ବର୍ଣ୍ଣନା, କେ. ଏବଂ କ୍ୟାସଲର କର୍ତ୍ତୃପକ୍ଷ କିପରି ପରସ୍ପରକୁ ପରାସ୍ତ କରିବାକୁ ସଂଘର୍ଷ କରନ୍ତି ସେଥିରେ କୁହୁକ ବାସ୍ତବବାଦ (ଉତ୍ତରାଧୁନିକ ବୈଶିଷ୍ଟ୍ୟ)ର ପ୍ରତିଫଳନକୁ ଲକ୍ଷ୍ୟ କରାଯାଇପାରେ । ଉପନ୍ୟାସ ଭିତରେ କାଫ୍କା କିଛି ମାତ୍ରାରେ ଉପନ୍ୟାସର ସ୍ରଷ୍ଟା ଭାବରେ ମଧ୍ୟ ପ୍ରବେଶ କରିଛନ୍ତି । କ୍ୟାସଲର ନାୟକ ଅର୍ଥାତ୍ କେ. ଅନୁସନ୍ଧାନ କରି ସୀମିତ ପ୍ରଗତି ହାସଲ କରିପାରନ୍ତି, କିନ୍ତୁ କ୍ୟାସଲରେ ପ୍ରବେଶ କରିବା ସମ୍ଭବ ନଥିଲା । ଉତ୍ତର ଆଧୁନିକ ସିଦ୍ଧାନ୍ତ ଦୃଷ୍ଟିରୁ ବିଚାର କଲେ, ସ୍ୱୀକୃତି ପାଇଥିବା ଲ୍ୟାଣ୍ଡ ସର୍ଭେୟରର କେ.ଙ୍କ ପରିଚୟ ଉପନ୍ୟାସରେ ଜ୍ୟାକ୍ ଡେରିଡ଼ାଙ୍କ ଅସ୍ଥାୟୀ ଅର୍ଥର ଏକ ଉଦାହରଣ, ଯାହା ଉପନ୍ୟାସର ଏକ ଅଧ୍ୟାୟରେ ସ୍ପଷ୍ଟ ହୋଇଛି ।

ଦୁର୍ଗରେ ପ୍ରବେଶ କରିବା ପାଇଁ କେ.ଙ୍କ ପ୍ରୟାସ ଯେତିକି ଆଗକୁ ବଢିଥିଲେ ହେଁ, ତାଙ୍କ ଅନୁସନ୍ଧାନର ଅଗ୍ରଗତି ସୀମିତ ଥିଲା । କେ. ନିରନ୍ତର ଅନୁସନ୍ଧାନ କରନ୍ତି ଦୁର୍ଗକୁ ପହଞ୍ଚିବା ପାଇଁ, କିନ୍ତୁ ଦୁର୍ଗରେ ପହଞ୍ଚିବାର କାର୍ଯ୍ୟ ୟୁଟୋପିଆରେ ପହଞ୍ଚିବା ସହ ସମାନ, ଯାହା ପୂର୍ଣ୍ଣତଃ କାଳ୍ପନିକ ଅଟେ ଏବଂ ସେଠି କେବେ ବି ପହଞ୍ଚି ହେବ ନାହିଁ । ଏହା ହେଉଛି ସତ୍ୟ ଯାହାକୁ କେ. ଗ୍ରହଣ କରିବାକୁ ଚାହାଁନ୍ତି ନାହିଁ ଏବଂ ଏହା ହେଉଛି କାଫ୍କାଙ୍କ ମନରେ କ୍ୟାସଲ ଲେଖିବାର ମୂଳ ଲକ୍ଷ୍ୟ କିନ୍ତୁ ଏହାର ଶେଷ ଅଧ୍ୟାୟ କାଫ୍କା ଲେଖି ପାରି ନଥିଲେ । ବ୍ରୋଡ୍ ଏହି ଉପନ୍ୟାସ ସମ୍ପର୍କରେ କାଫ୍କାଙ୍କ ସାମଗ୍ରିକ ଉଦ୍ଦେଶ୍ୟ ବର୍ଣ୍ଣନା କରିଥିଲେ । 'Kafka never wrote the concluding chapter. But he told me about it once when I asked him how the novel was to end. The ostensible Land Surveyor was to find partial satisfaction at least. He was not to relax in his struggle, but was to die worn out by it. Round his death-bed the villagers were to assemble, and from the Castle itself the word was to come that though K.'s legal claim to live in the village was not valid, yet, taking certain auxiliary circumstances into account, he was to be permitted to live and work there' (Kafka, The Castle 7) । ତେଣୁ କାଫ୍କାଙ୍କ 'ଦ କ୍ୟାସଲ'କୁ କେ.ଙ୍କ 'ଆଂଶିକ ସନ୍ତୋଷ'ର ଅଧ୍ୟୟନ ଭାବରେ ବିବେଚନା କରାଯାଇପାରେ, କାରଣ ଏହି ଆଂଶିକ ଏବଂ ଅସ୍ଥାୟୀ ସନ୍ତୋଷ ହିଁ ଏହି ଉତ୍ତରାଧୁନିକ ସମାଜରେ ହାସଲ

କରାଯାଇପାରିବ । ଏଠି ଆମେ ପୂର୍ଣ୍ଣତା ପାଇଁ ସଂଘର୍ଷ କରୁଛୁ କିନ୍ତୁ ଶେଷରେ ଆଂଶିକ ପୂର୍ଣ୍ଣତା ସହିତ ନିଜକୁ ସନ୍ତୁଷ୍ଟ କରିବାକୁ ପଡିବ ଯାହା ଉପନ୍ୟାସର ମର୍ମବାଣୀ ବୋଲି କୁହାଯାଇପାରେ ।

ଯଦିଓ କେ. ଗାଁରେ ତାଙ୍କର ଉପଯୁକ୍ତ ସ୍ଥାନ ପାଇବାରେ ଅସମର୍ଥ ଅଟନ୍ତି ଏବଂ ଶେଷରେ ମୃତ୍ୟୁବରଣ କରୁଥିବା ଜଣେ ଏକାକୀ ଅପରିଚିତ ବ୍ୟକ୍ତିଙ୍କ ମଧ୍ୟରେ ଏକ ଅପରିଚିତ ସ୍ଥାନରେ ସୀମିତ ହୋଇଯାଇଛନ୍ତି, କିନ୍ତୁ କେ.ଙ୍କ ପ୍ରୟାସ ଦୁଃଖଦ ଭାଗ୍ୟରେ ପରିଣତ ହୁଏ ନାହିଁ । ଉପନ୍ୟାସର ଶେଷରେ ଯଦିଓ କେ. ମୃତ୍ୟୁବରଣ କରନ୍ତି, କିନ୍ତୁ ସେ ଗ୍ରାମବାସୀଙ୍କୁ ଶିକ୍ଷା ଦେଇଯାଆନ୍ତି, କାରଣ ମାନବିକ ଅଧିକାର ମୂଲ୍ୟବାନ ହୋଇପାରେ, ଏବଂ ଦୁର୍ଗର ଶାସନ ଈଶ୍ୱରୀୟ ନିୟମ ନୁହେଁ । ଏହା ସତ ଯେ ଉପନ୍ୟାସରେ କେ. କାସଲର ଉଚ୍ଚ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ତାଙ୍କର ଲଢ଼େଇରେ ସମ୍ପୂର୍ଣ୍ଣ ସଫଳ ହୋଇନାହାଁନ୍ତି, କିନ୍ତୁ ସେ ଜଣେ ଉଦାହରଣୀୟ ବ୍ୟକ୍ତିତ୍ୱ ହୋଇ ରହିଛନ୍ତି । କାରଣ 'ଦି କ୍ୟାସଲ୍'ର କେ. 'ଦି ଟ୍ରାଏଲ୍'ର ଜୋସେଫ କେ.ଙ୍କ ତୁଳନାରେ ସିଷ୍ଟମ ଆଗରେ ଆତ୍ମସମର୍ପଣ କରିବାକୁ ମନା କରିଦିଅନ୍ତି ।

କାଫ୍କାଙ୍କ ଅଧିକାଂଶ କୃତି ପରି, କ୍ୟାସଲ ମଧ୍ୟ ରହସ୍ୟମୟ ଏବଂ ବହୁମୁଖୀ ଅଟେ । ରାଜନୈତିକ ପ୍ରେକ୍ଷାପଟରୁ ବିଚାର କଲେ, ଆଧୁନିକ ରାଷ୍ଟ୍ରରେ ବିଭାଜିତ ହେବା ପରେ ଏହା(ଦୁର୍ଗ) ବିସ୍ତାରିତ ଅଷ୍ଟ୍ରୋ-ହଙ୍ଗେରୀ ସାମ୍ରାଜ୍ୟର ରୂପକ ନା ଏହି ବିଷୟ ପାଇଁ ଏକ ନୂତନ ସ୍ୱାଧୀନତା ପ୍ରଦାନ କରୁଥିବା ଏକ ଅର୍ଦ୍ଧ ସାମନ୍ତବାଦୀ ବ୍ୟବସ୍ଥା, ତାକୁ ନେଇ ଔପନ୍ୟାସିକ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି । ଏକ ପ୍ରଭାବଶାଳୀ ସଂସ୍କୃତିରେ ସ୍ୱୀକୃତି ଏବଂ ଏକୀକରଣ ପାଇଁ ଏହା ଏକ କେନ୍ଦ୍ରୀୟ ୟୁରୋପୀୟ ଇହୁଦୀଙ୍କ ଅନୁସନ୍ଧାନ ବୋଲି ମଧ୍ୟ କୁହାଯ୍ୟ ପରେ ଯେଉଁଠି ନାୟକ ଭାବରେ କାଫ୍କା ନିଜେ ନିଜକୁ ଚିତ୍ରିତ କରିଛନ୍ତି । ଏହା କୃପା କିମ୍ବା ମୁକ୍ତି ପାଇଁ ଏକ ଆଧାତ୍ମିକ ଅନୁସନ୍ଧାନ, ନା ଜଣେ ବ୍ୟକ୍ତିର ସ୍ୱାଧୀନ ଭାବନା ଏବଂ ଅନୁମୋଦନର ଆବଶ୍ୟକତା ମଧ୍ୟରେ ସଂଘର୍ଷ, ତାହା ମଧ୍ୟ ଏକ ପ୍ରଶ୍ନବାଚୀ ! "Is K. an opportunist, a victim, or an outsider battling against an elusive authority? Is the Castle a benign source of authority or a whimsical system of control? Like K., the reader is presented with conflicting perspectives that rehearse the existential dilemmas and uncertainties of literary modernity" (Williams, The Castle (2009)

ମୋଟ ଉପରେ କୁହାଯାଇପାରେ, 'ଦି କ୍ୟାସଲ'ରେ କାଫ୍କା ଅମଲାତାନ୍ତ୍ରିକ ବେସରକାରୀ ଆଇନ ଉପରେ ଆଲୋକପାତ କରିଛନ୍ତି, ଯେଉଁଠାରେ ଜଣେ ଜମି ସର୍ବେକ୍ଷକ କେ.ଙ୍କୁ କାସଲ ଦ୍ୱାରା ଏକ ଗାଁରେ ନିର୍ବାସନ ପାଇଁ ଦଣ୍ଡିତ କରାଯାଇଛି । ସେଠାକାର କର୍ତ୍ତୃପକ୍ଷ ଦୁର୍ଗରେ ପହଞ୍ଚି ତାଙ୍କୁ ବ୍ୟବସ୍ଥା ପାଇଁ ସମ୍ପୂର୍ଣ୍ଣ ଅନୁପଯୁକ୍ତ କରିବାକୁ ଚେଷ୍ଟା କରିବାରେ ବିଫଳ ହୋଇଥିଲେ । ତେଣୁ ଆମେ କହିପାରିବା ଯେ କାଫ୍କାଙ୍କ କୃତି ମୁଖ୍ୟତଃ ଆଇନଗତ ବିଷୟବସ୍ତୁ ଉପରେ ଆଧାରିତ ଏବଂ ଜଣେ ବୃତ୍ତିଗତ ଓକିଲ ଭାବରେ କାଫ୍କା ତାଙ୍କ କଥାସାହିତ୍ୟକୁ ଏହାର ପ୍ରଭାବରୁ ମୁକ୍ତ କରିପାରି ନଥିଲେ ।

ଆମେରିକା (Amerika or Der Verschollene, 1927):

କାଫ୍କାଙ୍କ ଅନ୍ୟତମ ଚର୍ଚ୍ଚିତ ଉପନ୍ୟାସ "ଆମେରିକା" ଯାହା ଅନ୍ୟନାମ "ଦି ମ୍ୟାନ୍ ହୁ ଡିସେପିଅର୍ଡ୍" (The Man who Disappeared) ଭାବରେ ମଧ୍ୟ ପରିଚିତ, ଏହା ୧୯୨୭ ମସିହାରେ କାଫ୍କାଙ୍କ ମରଣୋତ୍ତର ଉପନ୍ୟାସ ଭାବରେ ପ୍ରକାଶିତ ହୋଇଥିଲା । ଏହି ଉପନ୍ୟାସର ମୂଳ ୧୮୯୮-୯୯ ମସିହାରେ କାଫ୍କାଙ୍କ ପିଲାଦିନରୁ ଆରମ୍ଭ ହୋଇଥିଲା, ଯେତେବେଳେ ସେ ଦୁଇ ୟୁରୋପୀୟ ଭାଇଙ୍କ ମଧ୍ୟରେ ଝଗଡ଼ାକୁ ନେଇ ଏକ ଉପନ୍ୟାସ ଲେଖିବାକୁ ଯୋଜନା କରିଥିଲେ, ସେମାନଙ୍କ ମଧ୍ୟରୁ ଜଣେ ଆମେରିକା ଯାଇଥିଲେ ଏବଂ ଅନ୍ୟଜଣେ ୟୁରୋପୀୟ ଜେଲରେ ରହିଥିଲେ । ୧୯୧୧ ମସିହା ଜାନୁଆରୀ ୧୯ ତାରିଖରେ ତାଙ୍କ ଡାଏରୀ ଲେଖାରୁ ଏହା ବିଷୟରେ ସ୍ପଷ୍ଟ ସୂଚନା ରହିଛି । "Once I projected a novel in which two brothers fought each other, one of whom went to America while the other remained in a European prison. I only now and then began to write a few lines, for it tired me at once (Brod, The Diaries of Franz Kafka 33) ।"

କାଫ୍କା ପ୍ରକୃତରେ ୧୯୧୧-୧୯୧୨ ମଧ୍ୟରେ ଏହି ଉପନ୍ୟାସ ଲେଖିବା ଆରମ୍ଭ କରିଥିଲେ ଏବଂ ୧୯୧୪ ମସିହା ବେଳକୁ ଏହା ଉପରେ କାମ ଜାରି ରଖିଥିଲେ । ୧୯୧୩ ମସିହାରେ ସେ ଏହି ଉପନ୍ୟାସର ପ୍ରାରମ୍ଭିକ ଅଧ୍ୟାୟ 'ଦ ଷ୍ଟୋକର' (The Stoker)କୁ ପୃଥକ ଭାବରେ ପ୍ରକାଶ କରିବାକୁ ସ୍ଥିର କରିଥିଲେ । ମେ ୧୯୧୩ରେ Der Jungste Tag (Judgment Day) ନାମକ ଏକ ନୂତନ ପତ୍ରିକାର ଅଂଶ ଭାବରେ 'ଦ ଷ୍ଟୋକର' ପ୍ରକାଶ ପାଇଥିଲା । 'ଦ ଷ୍ଟୋକର'ର ସରଳ କାହାଣୀରେ କାର୍ଲ ରୋସମ୍ୟାନ୍ (Karl Rossmann)ର ନ୍ୟୁୟର୍କ ଆଗମନ ବିଷୟରେ କୁହାଯାଇଛି ।

'ଆମେରିକା' ହେଉଛି କାଫ୍କାଙ୍କର ସବୁଠାରୁ ରଙ୍ଗୀନ ଉପନ୍ୟାସ ଯାହା ତାଙ୍କର ଅନ୍ୟ ଉପନ୍ୟାସଠାରୁ ଭିନ୍ନ, କାରଣ ତାଙ୍କର ଅନ୍ୟ ଦୁଇଟି ଉପନ୍ୟାସ ୟୁରୋପର ଅନ୍ଧାର, ଅଜ୍ଞାତ, କାଳ୍ପନିକ ସହର ଏବଂ ଅଜବ ଗ୍ରାମ ଉପରେ ଆଧାରିତ ଯାହା ଅଷ୍ଟ୍ରୋ-ହଙ୍ଗେରିଆନ ସାମ୍ରାଜ୍ୟର ସାମଞ୍ଜସ୍ୟ ପ୍ରଦାନ କରେ । କିନ୍ତୁ ଆମେରିକା ଉପନ୍ୟାସଟି ବିଂଶ ଶତାବ୍ଦୀର ପ୍ରାରମ୍ଭରେ ନ୍ୟୁୟର୍କ, ବୋଷ୍ଟନ, ସାନ୍ ଫ୍ରାନ୍ସିସ୍କୋ,

ଆମେରିକୀୟ ଲ୍ୟାଣ୍ଡସ୍କେପ୍ ଏବଂ ହଡସନ ନଦୀ ପରି ବାସ୍ତବ ଭୌଗୋଳିକ ଅବସ୍ଥିତି ସହିତ ଏକ ବାସ୍ତବ ରଙ୍ଗୀନ ଦୃଶ୍ୟକୁ ଉପସ୍ଥାପନ କରେ । ଉପନ୍ୟାସର ଭ୍ରମଣ କାହାଣୀ ଏବଂ ପିକାରେସ୍କ ଫର୍ମାଟ ତାଙ୍କର ଅନ୍ୟ ଦୁଇଟି ଉପନ୍ୟାସ ତୁଳନାରେ ସୁଖପାଠ୍ୟ । କାଫ୍‌କାଙ୍କ ଉପନ୍ୟାସ ଗୁଡିକର ସମାନ୍ତରାଳ ଅଧ୍ୟୟନ ଦୃଷ୍ଟିରୁ ୱାଲ୍ଟର ବେଞ୍ଜାମିନ୍ 'କାର୍ଲଙ୍କୁ କାଫ୍‌କାଙ୍କ ଉପନ୍ୟାସର ନାୟକ କେ.ଙ୍କ ସୁଖୀ ଅବତାର' ବୋଲି କହନ୍ତି । ଆମେରିକା ଷୋଳ ବର୍ଷବୟସ୍କ ପ୍ରବାସୀ କାର୍ଲ ରସ୍ମାନର ସନ୍ଧାନକୁ ବିଷୟରେ ବର୍ଣ୍ଣନା କରେ ଯେତେବେଳେ ସେ ଏକ ଅଜଣା ଅଞ୍ଚଳ ଦେଇ ଯାତ୍ରା କରେ ଏବଂ ଏକ ବଡ଼ ଲାଇନରରେ ନ୍ୟୁୟର୍କ ବନ୍ଦରରେ ପହଞ୍ଚେ । ଏଥିପାଇଁ ସେ ଜଣେ ଚାକରାଣୀ ଜୋହାନାଠାରୁ ପ୍ରଲୋଭିତ ହୋଇଥିଲା ।

ଏହା ଏପରି ଏକ ଆମେରିକା ଯେଉଁଠାରେ ଷ୍ଟାଚ୍ୟୁ ଅଫ୍ ଲିବର୍ଟି ହାତରେ ଥିବା ଖଣ୍ଡା କେବଳ କାର୍ଲ ରସ୍ମାନ୍‌ଙ୍କ ଭଳି ବ୍ୟକ୍ତିଙ୍କ ପାଇଁ ଆତଙ୍କ, କ୍ଷତି ଏବଂ ଅଧିକାରର ପ୍ରତିନିଧିତ୍ୱ କରେ । କାର୍ଲ ଯେତେବେଳେ ଜାହାଜ ଛାଡିବାକୁ ଯାଏ, ସେତେବେଳେ ନ୍ୟୁୟର୍କରେ ପହଞ୍ଚିବା ପରେ ସେ ଅନୁଭବ କରେ ଯେ ସେ ତା' ଛତା ଭୁଲିଯାଇଛି । ନିଜ ଭୁଲି ଯାଇଥିବା ଛତା ଖୋଜିବା ସମୟରେ, ସେ ଜାହାଜର ଷ୍ଟୋକରକୁ ସାକ୍ଷାତ କରେ, ଯିଏ କାର୍ଲକୁ ତାର କୋଠରୀକୁ ନିମନ୍ତ୍ରଣ କରିବା ପରେ, ତା'ର ରୋମାନୀୟ ଉପରିସ୍ଥ ସୁବାଲ(Schubal)ଙ୍କ ବିଷୟରେ ତା' ନିକଟରେ ଅଭିଯୋଗ କରେ, ଯିଏ କେବଳ ତା' ଜର୍ମାନ ଜାତି କାରଣରୁ ତାକୁ ଦୁର୍ବ୍ୟବହାର କରନ୍ତି । ଷ୍ଟୋକରଙ୍କ ନିର୍ଦ୍ଦୋଷତାକୁ ବିଶ୍ୱାସ କରି କାର୍ଲ ଜାହାଜର ଅଧିକାରୀଙ୍କ ନିକଟକୁ ଷ୍ଟୋକରଙ୍କ ମାମଲା ନେଇ ପହଞ୍ଚେ । ଅଫିସରଙ୍କ କୋଠରୀ ପ୍ରତୀକାତ୍ମକ ଭାବରେ ଏକ ଆମେରିକୀୟ ନ୍ୟାୟିକ ଅଦାଲତକୁ ପ୍ରତିନିଧିତ୍ୱ କରେ ଯେଉଁଥିରେ କାର୍ଲ ଜଣେ ଓକିଲ ଭୂମିକା ନିର୍ବାହ କରେ, ଯେଉଁଥିରେ ସୁବାଲଙ୍କ ଜର୍ମାନ ବିରୋଧୀ ଭେଦଭାବରୁ ତାଙ୍କ କ୍ଲାଏଣ୍ଟ ଷ୍ଟୋକରଙ୍କୁ ରକ୍ଷା କରିବାକୁ ଚେଷ୍ଟା କରେ । କିନ୍ତୁ କାର୍ଲକୁ କୌଣସି ଦୃଢ଼ ପ୍ରମାଣ ନ ମିଳିବାରୁ ସେ ଷ୍ଟୋକରର ନିର୍ଦ୍ଦୋଷତାକୁ ପ୍ରମାଣିତ କରିବ କିମ୍ବା ଅସ୍ୱୀକାର କରିବ; ବରଂ ଅଫିସରମାନେ କେବଳ ଷ୍ଟୋକରଙ୍କ ଉପରକୁ ଅଭିଯୋଗ ଆଣି ତାଙ୍କୁ 'ଏକ କୁଖ୍ୟାତ ଜୁଆଡ଼ି' ବୋଲି କୁହନ୍ତି, ଯିଏ ଇଞ୍ଜିନ୍-ରୁମ୍ ଅପେକ୍ଷା ପେ-ରୁମ୍‌ରେ ଅଧିକ ସମୟ ବିତାଏ । କୋଠରୀରେ ଥିବା ଜଣେ ଭଦ୍ର ବ୍ୟକ୍ତି ନିଜକୁ କାର୍ଲଙ୍କ କାକା ସିନେଟର ଜାକବ(Senator Jacob) ବୋଲି ପରିଚୟ ଦିଅନ୍ତି । ଏହି ମୁହୂର୍ତ୍ତରେ, କାର୍ଲ ଏହି ନୂତନ ଭାବରେ ମିଳିଥିବା ସଂଯୋଗକୁ ଶ୍ରେୟ ମନେକରି, ମିଳିଥିବା ସମ୍ଭାବ୍ୟ ସୁଯୋଗରେ ପ୍ରଲୋଭିତ ହୋଇ କାକା ଜାକବଙ୍କ ସହିତ ଚାଲିଯାଏ । ଉକ୍ତ ଉପନ୍ୟାସରେ ଏକ ସୁଖାନ୍ତ ପରିଣତିରେ ଆମେରିକୀୟ ବ୍ୟବସ୍ଥା ସହ ପାଠକ ପରିଚିତ ହୁଅନ୍ତି । ଆହୁରି ମଧ୍ୟ ଏକ ସଫଳ ପିକାରେସ୍କ ଉପନ୍ୟାସ(Picaresque Novel) ଭାବରେ କାର୍ଲର ଯାତ୍ରାକୁ ଏଠାରେ ଦର୍ଶାଯାଇଛି ।

ଭୌଗୋଳିକ ଏବଂ କାଳ୍ପନିକ ଭାବରେ କାଫ୍କାଙ୍କ କଥାସାହିତ୍ୟ ପ୍ରାଗ୍ ସହରରେ ଅବସ୍ଥିତ, ଯାହା କାଫ୍କା ପାଇଁ ଏକ ଉପଯୁକ୍ତ ପୃଷ୍ଠଭୂମି ଭାବରେ ଦେଖାଯାଉଥିଲା । ବିଶେଷତଃ ତାଙ୍କ ଉପନ୍ୟାସ ସମ୍ପର୍କରେ କହିବାକୁ ଗଲେ ସଂଘର୍ଷ,ନୀତିର ଅନୁପସ୍ଥିତି ଓ ରାଜନୀତି ସହିତ ବିଚ୍ଛିନ୍ନ ସମ୍ପର୍କ ଆଦି ପ୍ରସଙ୍ଗକୁ ନେଇ ସେ ଏକ ସବଳ ଔପନ୍ୟାସୀୟ କାନଭାସ୍ ଗଠନ କରିବାରେ ସଫଳ ହୋଇଛନ୍ତି, ଯାହା ତାଙ୍କ ଲେଖାର ବିଷୟବସ୍ତୁ ରଚନା କରୁଥିବା ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟରୁ ଅନ୍ୟତମ । ତାଙ୍କ ଉପନ୍ୟାସରେ ଚରିତ୍ର, ଚିତ୍ର ଏବଂ କର୍ତ୍ତୃପକ୍ଷଙ୍କ ଭୂମିକା ଆଧୁନିକ ୟୁରୋପର ପ୍ରତିମୂର୍ତ୍ତିକୁ ଉପସ୍ଥାପିତ କରେ, ଯେଉଁଠାରେ ଜଣେ ଆଧୁନିକ ମଣିଷ ନିଜ ଦେଶରେ ରହି ମଧ୍ୟ ବିଚ୍ଛିନ୍ନ ହୋଇଯାଏ । 'ଦି ଟ୍ରାଏଲ' ଉପନ୍ୟାସରେ ଯୋଶେଫ କେ. ତାଙ୍କ ନିଜ ସହରରେ ନିର୍ବାସିତ ପରି ଜୀବନ ବିତେଇଛନ୍ତି କାରଣ ତାଙ୍କୁ ଏକ ଶକ୍ତିଶାଳୀ କିନ୍ତୁ ଅଜ୍ଞାତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଗିରଫ କରାଯାଇଛି ଯେଉଁଥିରୁ ସେ ଦଣ୍ଡମୁକ୍ତ ହେବାରେ ଅକ୍ଷମ ହୋଇ ବ୍ୟକ୍ତିଗତ କ୍ଷେତ୍ରରେ ଏପରି କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁପ୍ରବେଶର ଶିକାର ହୁଅନ୍ତି । ତାଙ୍କର ଦୁର୍ଦ୍ଦଶା ହେଉଛି ନିର୍ବାସନ ଏବଂ ପରିଶେଷରେ ମୃତ୍ୟୁଲାଭ କରିବା । ସେହିଭଳି 'ଦି କ୍ୟାସଲ'ରେ କେ. ଗାଁରେ ନିଜର ଉପଯୁକ୍ତ ସ୍ଥାନ ପାଇପାରୁ ନାହାନ୍ତି, ଯାହାକୁ ସେ ଚାହୁଁଥିଲେ ଏବଂ ଏକ ଅପରିଚିତ, ଶେଷରେ ମୃତ୍ୟୁବରଣ କରୁଥିବା ଜଣେ ଏକାକୀ ଅପରିଚିତ ବ୍ୟକ୍ତିରେ ପରିଣତ ହୋଇଛନ୍ତି । କାର୍ଲ ରସ୍ମାନ୍ ମଧ୍ୟ 'ଆମେରିକା'ରେ ନିଜର ଆମେରିକୀୟ ସ୍ୱପ୍ନ ପୂରଣ କରିବା ପାଇଁ ସଂଘର୍ଷ କରୁଛି । ସେ ଏକ ଉନ୍ନତ ଭବିଷ୍ୟତ ପାଇଁ ଆଶା କରିଛି କିନ୍ତୁ ସେ କେବଳ ଅନ୍ୟାୟ, ନିରାଶା ଏବଂ ବିଫଳତା ହାସଲ କରନ୍ତି ଯାହା ତାକୁ ଏକ ଅଦୃଶ୍ୟ ମଣିଷରେ ସୀମିତ କରିଦିଏ, କାରଣ ଶେଷରେ ସେ ତାଙ୍କର ପ୍ରକୃତ ପରିଚୟ, ତାଙ୍କର ପ୍ରକୃତ ନାମ ହରାଇବସିଛି ଏବଂ ନିଜକୁ ଜଣେ ନିଗ୍ରୋ ଭାବରେ ସ୍ୱୀକାର କରିବାକୁ ପଡିଛି । କାଫ୍‌କା ତାଙ୍କ କଥାସାହିତ୍ୟରେ ସବୁବେଳେ ସାଂସ୍କୃତିକ ଏବଂ ରାଜନୈତିକ ପରିସ୍ଥିତି ଦ୍ୱାରା ଛୋଟ ହୋଇଥିବା ଚରିତ୍ରମାନଙ୍କ ଜୀବନକୁ ପ୍ରତିଫଳିତ କରିଛନ୍ତି ।

ଗଳ୍ପ ହେଉ କିମ୍ବା ଉପନ୍ୟାସ ପ୍ରତି କ୍ଷେତ୍ରରେ ତାଙ୍କ ଅଭିବ୍ୟକ୍ତି ଓ ଉପସ୍ଥାପନା ଶୈଳୀ ବେଶ୍ ସ୍ୱତନ୍ତ୍ର । ଏହି ବର୍ଣ୍ଣନାଶୈଳୀକୁ ସମାଲୋଚକମାନେ "kafkaesque" ବା "କାଫ୍କାଏସ୍କ" ବୋଲି ଦର୍ଶାଇଥାନ୍ତି । କାଫ୍‌କା ଜଣେ ସାମାଜିକ ବ୍ୟଙ୍ଗାତ୍ମକ, ଜଣେ ଉତ୍ତମ କାରିଗର ଏବଂ ତାଙ୍କର କାର୍ଯ୍ୟଗୁଡ଼ିକ ସମାଜର ଚମତ୍କାର ଚିତ୍ର

ଉପସ୍ଥାପନରେ ପରିପୃଷ୍ଟ । ଆଧୁନିକ ଯୁଗର ଅମାନୁଷିକତା ଏବଂ ଅବୈଧତା ତାଙ୍କ ଲେଖାରେ ପ୍ରତିଫଳିତ ହୋଇଛି । ପ୍ରତ୍ୟେକ ବୃତ୍ତିରେ ଅମଲାତନ୍ତ୍ରର ଜିଦ୍ ଏବଂ ନମନୀୟ ମନୋଭାବ ପାଇଁ କାଫ୍କା ଅତ୍ୟନ୍ତ ସମ୍ବେଦନଶୀଳ ଥିଲେ । ଆଧୁନିକ ସମାଜରେ ବଞ୍ଚିବା ପାଇଁ ମନୁଷ୍ୟର ସଂଗ୍ରାମ ସହିତ ସେ ଅତ୍ୟନ୍ତ ଚିନ୍ତିତ ଥିଲେ । ସର୍ବୋପରି ନାଟକ, ଅପେରା, କଳା ଓ ସାହିତ୍ୟ କ୍ଷେତ୍ରରେ ଅନେକ ପିଢ଼ିର କଳାକାରଙ୍କୁ କାଫ୍କାଙ୍କ କଥାସାହିତ୍ୟ ପ୍ରଭାବିତ କରିଛି । କେବଳ କାଫ୍କାଙ୍କ ବ୍ୟକ୍ତିତ୍ୱ ନୁହେଁ ବରଂ ତାଙ୍କ ଦ୍ୱାରା ଚିତ୍ରିତ ଚରିତ୍ରମାନେ ମଧ୍ୟ କଳାକାରମାନଙ୍କୁ ପ୍ରଭାବିତ କରିଥିଲା । ଉଦାହରଣ ସ୍ୱରୂପ, କଳା, ନାଟ୍ୟ ଓ ସାହିତ୍ୟରେ 'ଦ ମେଟାମୋର୍ଫୋସିସ୍'ର ବିଶାଳକାୟ ପୋକ ଏକ ଶକ୍ତିଶାଳୀ ବିଷୟ ସାବ୍ୟସ୍ତ ହୋଇଥିଲା । ଡେଭିଡ୍ କ୍ରୋନେନବର୍ଗ(David Cronenberg)ଙ୍କ ଚଳଚ୍ଚିତ୍ର 'ଦ ଫ୍ଲାଇ ଆଣ୍ଡ ନେକେଡ୍ ଲଞ୍ଚ୍'(The Fly and Naked Lunch)ରେ ଦର୍ଶକଙ୍କ ପାଇଁ ରୋମାଞ୍ଚକର ଏବଂ ଆଶ୍ଚର୍ଯ୍ୟଜନକ ପ୍ରଭାବ ସୃଷ୍ଟି କରିବା ପାଇଁ ପୋକକୁ ରୂପକ ଭାବରେ ବ୍ୟବହାର କରାଯାଇଛି । ପୁନଶ୍ଚ, ଉଡି ଆଲେନ(Woody Allen)ଙ୍କ 'ଜେଲିଗ୍'(Zelig) ହାସ୍ୟ ଚଳଚ୍ଚିତ୍ରଟି ଆମେରିକା ଏବଂ ୟୁରୋପରେ ଆନ୍ତଃଯୁଦ୍ଧ ସମୟର କାହାଣୀ ଉପରେ ଆଧାରିତ ଯେଉଁଥିରେ ଆଲେନ୍ କାଫ୍କାଙ୍କ ପରି ବିଂଶ ଶତାବ୍ଦୀର ୟୁରୋପୀୟ ସମାଜର ଅମାନବୀୟ ଦୃଶ୍ୟ ଉପସ୍ଥାପନ କରିଛନ୍ତି । ପ୍ରଖ୍ୟାତ ଇଂରାଜୀ ଲେଖକ ଆଲବର୍ଟ କାମୁ(Albert Camus) ମଧ୍ୟ କାଫ୍କାଙ୍କ ଦ୍ୱାରା ପ୍ରଭାବିତ । ସେ କାଫ୍କାଙ୍କ ବିଷୟରେ ତାଙ୍କର ଧାରଣା "Hope and the Absurd in the Work of Franz Kafka' ପ୍ରବନ୍ଧରେ ଉପସ୍ଥାପନ କରିଛନ୍ତି । ସେ କାଫ୍କାଙ୍କୁ ପ୍ରଶଂସା କରି କହିଛନ୍ତି, "the whole art of Kafka consists in forcing the reader to reread" ଅର୍ଥାତ୍ "କାଫ୍କାଙ୍କ ସମସ୍ତ କଳାକୃତି ପାଠକମାନଙ୍କୁ ବାରମ୍ବାର ପଢିବାକୁ ବାଧ୍ୟ କରିବା ପାଇଁ ରଚିତ ହୋଇଥିଲା ।" କାମ୍ୟୁ କେବଳ କାଫ୍କାଙ୍କ ଠାରୁ ପ୍ରଭାବିତ ନୁହଁନ୍ତି ବରଂ ନିଜ ରଚନାରେ ତାଙ୍କ ଶୈଳୀକୁ ମଧ୍ୟ ଗ୍ରହଣ କରିଥିଲେ । କାମ୍ୟୁଙ୍କ 'ଦ ଷ୍ଟ୍ରେଞ୍ଜର'(The Stranger) ଅପରାଧ ଏବଂ ଦଣ୍ଡର ସମାନ ବିଷୟବସ୍ତୁକୁ ପରିବେଷଣ କରେ, ଯାହା କାଫ୍କାଙ୍କ 'ଦ ଟ୍ରାଏଲ୍' ସହିତ ବହୁ ସାମଞ୍ଜସ୍ୟ ରଖେ । ଆହୁରି ମଧ୍ୟ କାଫ୍କାଙ୍କ ସାହିତ୍ୟର ପ୍ରଭାବ ଫିଲିପ୍ ରୋଥ(Philip Roth)ଙ୍କ ଉପନ୍ୟାସ ସହିତ ମଧ୍ୟ ଜଡ଼ିତ । ଉଦାହରଣ ସ୍ୱରୂପ, ରୋଥଙ୍କ ଉପନ୍ୟାସ 'ଦ ବ୍ରେଷ୍ଟ୍'(The Breast)ର ସ୍ୱର ଏବଂ ବିଷୟବସ୍ତୁ କାଫ୍କାଙ୍କ 'ଦ ମେଟାମୋର୍ଫୋସିସ୍' ସହିତ ପ୍ରାୟ ସମାନ । ରୋଥ୍‌ଙ୍କ ଉପନ୍ୟାସର ଚରିତ୍ର ଡେଭିଡ୍ କେପେଶ(David Kepesh)ଙ୍କ ଏକ ସ୍ତନଧାରୀ ମହିଳାରେ ପରିଣତ ହେବାପରେ ଏକ ଅସ୍ୱାଭାବିକ ପରିସ୍ଥିତିରେ ନିଜକୁ ପାଇଥାନ୍ତି ଯାହା କାଫ୍କାଙ୍କ କାହାଣୀରେ ଗ୍ରେଗୋର ସାମସାକୁ ଏକ ପୋକରେ ପରିଣତ କରିବା ସହ ସମାନ । ଏଠାରେ ଉଭୟ ରଚନାରେ କୁହୁକ ବାସ୍ତବତା (Magical Realism)କୁ ଗୁରୁତ୍ୱ ଦିଆଯାଇଛି । ଆଧୁନିକ ମଣିଷର ଦୁର୍ଦ୍ଦଶା ଓ ନିରାଶା ଉପରେ କାଫ୍କାଙ୍କ ସାହିତ୍ୟ ଭଳି ରୋଥ୍‌ଙ୍କ ଉପନ୍ୟାସଗୁଡ଼ିକ ମଧ୍ୟ ସମାନ ମନ୍ତବ୍ୟ ଦେଇଛନ୍ତି । ପ୍ରକାଶ ଥାଉ କି, ୧୯୩୭ ମସିହାରେ ତାଙ୍କ ବନ୍ଧୁ ମ୍ୟାକ୍ସ ବ୍ରୋଡ୍ କାଫ୍‌କାଙ୍କ କାର୍ଯ୍ୟରୁ ୧୦୦ରୁ ଅଧିକ ରଙ୍ଗଚିତ୍ର ଏବଂ କାଠଚିତର ଏକ ପ୍ରଦର୍ଶନୀ ଆୟୋଜନ କରିଥିଲେ । ପୁଣିଥରେ ବହୁତ କମ୍ ସମୟରେ କାଫ୍କାଙ୍କ ଲୋକପ୍ରିୟତାକୁ ଦେଖି ୧୯୭୦ ମସିହାରେ ବିଭିନ୍ନ ୟୁରୋପୀୟ ସହରରେ କାଫ୍କା ଉପରେ ଲୋକପ୍ରିୟ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା ଯହିଁରେ କାଫ୍କାଙ୍କ ପରିଚିତି କେତେ ମାତ୍ରାରେ ପରିବ୍ୟାପ୍ତ ଥିଲା ତାହା ସ୍ପଷ୍ଟ ଅନୁମେୟ । କାଫ୍କାଙ୍କ ଶ୍ରେୟ ହେଉଛି ସେ ତାଙ୍କ ସମସାମୟିକ ଜୀବନର ଜଟିଳ ପ୍ରସଙ୍ଗଗୁଡ଼ିକ ବିଷୟରେ ନିଜ ସାହିତ୍ୟ ମଧ୍ୟରେ ନିରବଚ୍ଛିନ୍ନ ଭାବରେ ପ୍ରକାଶ କରିଥିଲେ । ସତ୍ୟତାରେ ପରିପୂର୍ଣ୍ଣ ଏହି ସ୍ୱର ତାଙ୍କ ଲକ୍ଷ ଲକ୍ଷ ପାଠକଙ୍କୁ ସକ୍ଷମ ଓ ସଶକ୍ତ କରିଥିଲା । ଯଦିଓ ସେ ଆମ ମଧ୍ୟରେ ନାହାନ୍ତି, କିନ୍ତୁ ଉଦାରତାରେ ପରିପୂର୍ଣ୍ଣ ତାଙ୍କର କଥାସାହିତ୍ୟ ଭବିଷ୍ୟତ ପିଢ଼ିର ପାଠକମାନଙ୍କୁ ଉତ୍ସାହିତ କରିଆସିଛି । ତାଙ୍କର ପ୍ରଭାବ ସହ ଲୋକପ୍ରିୟତା ବିଶ୍ୱସ୍ତରରେ ତାଙ୍କ ପାଠକ ଏବଂ ସମାଲୋଚକମାନଙ୍କୁ ପ୍ରେରଣା ଯୋଗାଇବାରେ ସହାୟକ, ଏଥିରେ ଦ୍ୱିମତ ନ ଥାଇପାରେ ।

ସହାୟକ ଗ୍ରନ୍ଥସୂଚୀ :

1. Kafka, F. The Trial (Parry. I, Trans.). England: Penguin Books. 2002.
2. Kafka, F. The Castle (Underwood. J. A, Trans.). England: Penguin Books. 2000.
3. Kafka, F. America (Vintage Books London, Trans.). London: Vintage Random House. 1999.
4. Kafka, F. The Metamorphosis, In the Penal Colony, and Other Stories. (Trans. Joachim Neugrochel). New York: Simon & Schuster, 2000.
5. Brod, Max. The Diaries of Franz Kafka. New Delhi: India log Publication, 2003.

❖ ❖ ❖

DOI : https://doi.org/10.5281/zenodo.13705863 ମୂଳ ପ୍ରବନ୍ଧ

ଆଧୁନିକ ଓଡ଼ିଆ କବିତାରେ ହୃଦାନନ୍ଦ ପାଣିଗ୍ରାହୀ

ଅରବିନ୍ଦ ଦାସ

ସାର ସଂକ୍ଷେପ :

୧୯୮୦ ପରବର୍ତ୍ତୀ ଓଡ଼ିଆ କାବ୍ୟ ଧାରାରେ କବି ହୃଦାନନ୍ଦ ପାଣିଗ୍ରାହୀଙ୍କ କାବ୍ୟସ୍ୱର ସ୍ୱତନ୍ତ୍ରତା ଦାବି କରେ । 'ଅନନ୍ତ ପ୍ରେମର ଗୀତ' , 'ଲୁହର ଟୋପାଏ ଜହ୍ନ' , 'ନଷ୍ଟ ପାଦ' , 'ମାଟିକଥା' , 'ପାଣି ଫୋଟକା', 'ମନେ ପଡେ' ପ୍ରଭୃତି ତାଙ୍କର ପ୍ରକାଶିତ କବିତା ଗ୍ରନ୍ଥ । ମୁଖ୍ୟତଃ ଗାଁର ଚରିତ୍ର, ପରିବେଶ ଓ ପ୍ରସଂଗକୁ ନେଇ ତାଙ୍କର କବିତାର ଭାବବସ୍ତୁ ଗତିଶୀଳ । ଏହା ବ୍ୟତୀତ ତାଙ୍କ କବିତାରେ ଅବକ୍ଷୟ ସମାଜ ଓ ସଂସ୍କୃତିର ବାସ୍ତବତାର ରୂପାୟନ ହେବା ସହିତ ଆଧୁନିକ ସହରୀ ମଣିଷର ଛଦ୍ମତାର ମୁକ୍ତ ପରିପ୍ରକାଶ ଘଟିଛି । ଏଠାରେ ତାଙ୍କର କବି ସତ୍ତା ଓ କାବ୍ୟ ଚେତନାକୁ ଆକଳନ କରିବାକୁ ପ୍ରୟାସ କରାଯାଇଛି ।

ସୂଚକ ଶବ୍ଦ : ଗ୍ରାମ୍ୟ ସଭ୍ୟତା, ଅବକ୍ଷୟ ସମାଜ , ରୋମାଣ୍ଟିକ ମାନବବାଦ, ଆତ୍ମୀୟତାର ଝଲକ, ଅବ୍ୟକ୍ତ ବ୍ୟଥା ।

ଓଡ଼ିଆ କାବ୍ୟଧାରାକୁ ରାଧାନାଥ ରାୟ ପାଶ୍ଚାତ୍ୟ ସାହିତ୍ୟର ଅନୁକରଣ ଓ ଅନୁସରଣରେ ଆଧୁନିକ ରୂପ ପ୍ରଦାନ କଲେ । ମାତ୍ର, ସଚ୍ଚିଦାନନ୍ଦ ରାଉତରାୟଙ୍କ ଠାରୁ ଓଡ଼ିଆ କାବ୍ୟଧାରା ବାସ୍ତବତାକୁ ଭିତ୍ତିକଲା । ପ୍ରାଚ୍ୟ କାବ୍ୟଧାରା ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଭିତରେ ଆବଦ୍ଧ ଥିଲା । ସଚ୍ଚିରାଉତରାୟଙ୍କ ଠାରୁ ଦେଖାଦେଲା ଏହାର ଭିନ୍ନତା । ସଂକ୍ଷିପ୍ତ ବା ଛୋଟ ବା ଅଳ୍ପ କଥାବସ୍ତୁକୁ ନେଇ, ପ୍ରାଚ୍ୟ କାବ୍ୟ ଶୈଳୀକୁ ପରିହାର କରି 'କବିତା'ର ରୂପକୁ ଓଡ଼ିଆ କାବ୍ୟଧାରା ଆପଣେଇଲା । ଏହିଠାରୁ ଆଧୁନିକ ଓଡ଼ିଆ କବିତାର ବିଶେଷ ଆଦୃତି ପାଇଲା ।

ଅଶୀ ଦଶକ ଅର୍ଥାତ୍ ୧୯୮୦ ପରେ ପରେ ଆଧୁନିକ ଓଡ଼ିଆ କବିତାରେ ହୃଦାନନ୍ଦ ପାଣିଗ୍ରାହୀଙ୍କ କବିତା ଲୋକାଦୃତି ପାଇଲା । ପତ୍ର- ପତ୍ରିକାରେ ତାଙ୍କ କବିତାର ବିକାଶ ଘଟିଲା । ୧୯୯୦ ମସିହାର ପ୍ରଥମ କବିତା ସଂକଳନ 'ଅନନ୍ତ ପ୍ରେମର ଗୀତ' ଆତ୍ମ ପ୍ରକାଶ କଲା । ୧୯୯୧ରେ 'ଲୁହର ଟୋପାଏ ଜହ୍ନ' ଓ ୧୯୯୪ରେ 'ନଷ୍ଟ ପାଦ' ନାମରେ ଦୁଇଟି କବିତା ସଂକଳନ ଓଡ଼ିଆ କବିତାକୁ ପରିବୃଦ୍ଧି କଲା । ପରେ ପରେ ହୃଦାନନ୍ଦଙ୍କ ଲେଖନୀରୁ 'ଆରତ ନଳୀନୀ ବନ', 'ଝରିପଡୁଥିବା ଶୂନ୍ୟତା', 'ଗୋଟାପଣେ ଦୁଃଖରେ', 'ଶକୁନ୍ତଳା' ଏବଂ 'ଆଗ ପାହୁଂଡ' ଆଦି କବିତାକୁ ସମୃଦ୍ଧ କଲା । ୨୦୦୫ ମସିହାରେ 'ମାଟିକଥା', ୨୦୦୮ ମସିହାରେ 'ପାଣି ଫୋଟକା' ଓ 'ମନେପଡେ' ଆଦି କବିତା ସଂକଳନ ହୃଦାନନ୍ଦ ପାଣିଗ୍ରାହୀଙ୍କୁ ବିଶେଷ ପରିଚିତ କରାଇଲା ।

ଆଧୁନିକ ଓଡ଼ିଆ କବିତାରେ ହୃଦାନନ୍ଦଙ୍କ କବିତାର ଭୂମିକା କ'ଣ ? ତାଙ୍କ କବିତାରେ କ'ଣ ଅଛି ? ଏସମ୍ପର୍କରେ କବିଙ୍କର ନିଜସ୍ୱ ଉକ୍ତି ହେଲା- "ଛାତିରୁ ଚିପୁଡି ହୋଇ ଆସିଥିବା ଉଚ୍ଛ୍ୱାସ ଟିକକ ମୋ କବିତା । ମୋ କବିତା ଗାଁ ମାଟି ପାଣି, ପବନର ନିରୁତା କଥା । ସାଧାରଣ ମଣିଷର କଥା ହିଁ ମୋ' କବିତା ।"[୧] ତେବେ ହୃଦାନନ୍ଦଙ୍କ କବିତାରୁ ମାଟିର କଥା, ଦରଦୀମାନବବାଦୀ, ଗାଁ ଦୃଷ୍ଟଭଙ୍ଗୀ ଏବଂ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.13705863
Article No - BPPP00224

ଯୋଗାଯୋଗ :
ଡ. ଅରବିନ୍ଦ ଦାସ, ଅଧ୍ୟାପକ, ଓଡ଼ିଆ ବିଭାଗ
ଆଗରପଡ଼ା କଲେଜ, ଆଗରପଡ଼ା, ଭଦ୍ରକ
E-Mail ID: arabindadas.abc@gmail.com
ORCID ID: https://orcid.org/0009-0001-2585-7348

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

ପ୍ରାପ୍ତି	ସମୀକ୍ଷିତ	ଗୃହୀତ	ପ୍ରକାଶିତ
୩.୬.୨୦୨୪	୧୭.୭.୨୦୨୪	୨୫.୭.୨୦୨୪	୧.୯.୨୦୨୪

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଦାସ, ଅରବିନ୍ଦ, ୨୦୨୪ । ଆଧୁନିକ ଓଡ଼ିଆ କବିତାରେ ହୃଦାନନ୍ଦ ପାଣିଗ୍ରାହୀ । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ଚ, ପୃଷ୍ଠା :୪୭-୫୦ ।

ପ୍ରେମ ପ୍ରଣୟ ଭିତରେ ସ୍ମୃତି-ଅନୁଭୂତିର ଉଚ୍ଚାରଣକୁ ହୃଦୟଙ୍ଗମ କରିହୁଏ । ସାମାଜିକ ଜନଜୀବନର ବାସ୍ତବ ଚିତ୍ର ତାଙ୍କ କବିତାରେ ପରିଲକ୍ଷିତ । ଶବ୍ଦ ବସାଣର ଚମତ୍କାରିତା ତାଙ୍କ କବିତାର ପରିଚିତି ପାଇଁ ଆଣିଦିଏ ଅନ୍ୟ ଏକ ଭିନ୍ନତା । ମିଥିକ୍ ଚରିତ୍ର, ଘଟଣା, ଶବ୍ଦ, ପରିବେଶର ପ୍ରୟୋଗ ତାଙ୍କ କବିତାର ଆଉ ଏକ ସ୍ୱତନ୍ତ୍ରତା । ଏଥି ସହିତ ତାଙ୍କ କବିତାରେ ଲୋକ କଥା ଓ ଗାଉଁଲୀ କଥନ ଭଙ୍ଗୀକୁ ମଧ୍ୟ ଅନୁଶୀଳନ କରାଯାଇପାରେ ।

ଅଭାବ- ଅସୁବିଧା ଓ ଜୀବନର ବାସ୍ତବ ଚିତ୍ର ହୃଦାନନ୍ଦଙ୍କ କବିତାକୁ ପରିପୃଷ୍ଟ କରିଛି । ଭିନ୍ନ ସକାଳ, ଉଦା ରୁମାଲ, ଆଉ ଜଣେ ରାଧା, ଆଜି କିଛି ନାହିଁ, ପାପୁଲିଏ ସ୍ୱପ୍ନ ଆଦି ହତାଶା ଭିତରେ କବିର ଅନ୍ତର ଆତ୍ମାକୁ ଉଦ୍‌ବେଳିତ କରିଛି । 'ଦିନେ କବିତା'ରେ କବି କହିଛନ୍ତି-

"ଦିନେ ଦିନେ ଶୋଇ ପାରେ ନାହିଁ
ସବୁଜ ଜଙ୍ଗଲ ସେ ପଟେ
ମିଟି ମିଟି ଦୂର ତାରାଟିଏ ।
ଆଖିର କରୁଣ ଶିଖା ଜଳୁଥାଏ
ଜଳୁଥାଏ ନୀଳ ଜହ୍ନ
ଶୁଭୁଥାଏ ପବନର ବେସୁରା ସଙ୍ଗୀତ ।"[୨]

ତଥାପି ଯାହା କରିବାର ଥିଲା ତାହା ବ୍ୟକ୍ତ କରିପାରି ନାହାଁନ୍ତି କବି । ତେଣୁ ସେ ଅବ୍ୟକ୍ତବ୍ୟଥାକୁ ପ୍ରକାଶ କରି କହନ୍ତି – "ଆହୁରୀ ଅନେକ କିଛି ବାକି ରହିଯାଏ । ସବୁବେଳେ ଏହି ଅଧୀରତାରେ ହିଁ ଖୁବ୍ ବେଶୀ ସନ୍ତୁଳି ହେବାକୁ ପଡ଼େ । ଜହ୍ନ ରାତିରେ ପବନର ସୁଗନ୍ଧରେ ଭାସିଭାସି ଯିବାବେଳେ କି ଆକାଶକୁ ଚାହିଁ ସ୍ୱପ୍ନ ଦେଖିବା ବେଳେ ଭିଡ଼ିଧରେ ଶୂନ୍ୟତା । ଲୁହ ଟୋପାଏ ହେଇ ଝରି-ପଡ଼ିବା ଛଡ଼ା ଆଉ କି ଚାରାଥାଏ ?"[୩]

ହୃଦାନନ୍ଦଙ୍କ କବିତାରେ ମଣିଷ ନିଜକୁ, ସମାଜକୁ ପ୍ରଶ୍ନିଳ ଦୃଷ୍ଟିରେ ଚାହିଁଛି । ପୁଣି ଅନେକ ଅନେକ ଅମୀମାଂସିତ ପ୍ରଶ୍ନ ତା' ଆଖି ସାମ୍ନାରେ ନାଚିଛି । ବେଳେବେଳେ କବିର ଆତ୍ମା ମଧ୍ୟ ସମାଧାନର ବାଟ ଖୋଜି ନିରାଶ ହୋଇଛି । ସୁଖ-ଦୁଃଖର ଦୋଛକିରେ କବିଙ୍କର ଅନେକ ପ୍ରଶ୍ନ । ଯଥା-

"ଦୁଃଖ କ'ଣ କାମନାର କରୁଣ ମନ୍ଦିର
ନିବୁଜ ଘରର ଗୁମ୍‌ସୁମ୍ ଉତ୍ତରଟେ କ'ଣ ଦୁଃଖର ଜୀବନ ।
ଦୁଃଖ କ'ଣ ସୀମାହୀନ ସମୁଦ୍ରର ଅଶାନ୍ତି ନହଡି
ବାଲ୍ମୀକି ପରିକା ଓଦା ଲୋକଟି କ'ଣ ଦୁଃଖ
କିବା ଓଦା ଏକ ଗ୍ୟାଲେରିକୁ ଛୁଉଁଥିବା ଶୂନ୍ୟ ଏଲିଜିଟେ
କୋହ କ'ଣ ଛାତି ଭିତରର କରୁଣ ଗପଟେ ।"[୪]

ଗାଁ କଥା, ମାଟି-ପାଣି-ପବନ କଥା ହିଁ ହୃଦାନନ୍ଦଙ୍କ କବିତା । ତାଙ୍କ କବିତାରେ ଆତ୍ମୀୟତାର ଝଲକ୍ ଓ ପଡ଼ିଶାର ମୋହ ପାଠକକୁ ବାନ୍ଧିରଖିବାକୁ ପ୍ରୟାସ କରିଛି । ବଦ୍‌ଳୁଥିବା ସମୟ, ଆଚାର ବ୍ୟବହାର ଓ ପରିବେଶ ସଂପର୍କରେ କବିପ୍ରାଣ ସମାଜକୁ ସଚେତନ କରାଇବାର ଇସାରା ଦେଇଛି । ଗାଁର ଏକାଠି-ପଣ ଆଜି ମୁରବୀଶୂନ୍ୟ । ଏଥିରେ କବି ଅତ୍ୟନ୍ତ ଦୁଃଖୀତ । ତେଣୁ ସେ ଏହି ଦୁଃଖର କଥାକୁ ରୂପ ଦେବାକୁ ଯାଇ ଲେଖିଛନ୍ତି-

"ଆମେ ଅଳପିକା ନୋକ
ଛୋଟ ମୁହଁରେ ବଡକଥା
କାହୁଁ ନେଉଟିବ ?
ସେଥିପାଇଁତ ତୁଣ୍ଡରେ ନଥାଏ ଉତ୍ତର ।"[୫]

ପ୍ରକୃତରେ ଗାଁର ବାସ୍ତବ ସୁଖ ଏବେ ଦୂରେଇ ଯାଇଛି । ଏହା ହୃଦାନନ୍ଦଙ୍କ କବିତାରେ ରୂପାୟିତ ହୋଇଛି । ମଣିଷ ଆଜି ବୃଥା ଓ ମିଛ ବାହାସ୍ଫୋଟରେ ନିଜର ସାମର୍ଥ୍ୟ ପ୍ରତିପାଦନ କରୁଛି । ଏହି ଅବକ୍ଷୟକୁ କବିର ଅନ୍ତର ଆତ୍ମା ଦେଖୁଛି । ବେଳେବେଳେ କିଛି କହିପାରୁନାହିଁ । ପୁଣି କେତେବେଳେ ଦୁଃଖିନୀ ଝିଅର ଦୁଃଖରେ କାତର ହୋଇଯାଇଛି । ଫଳରେ ବୋଲ୍‌ଡୋଜର୍ ମାଧ୍ୟମରେ କବିପ୍ରାଣ ମଣିଷର ଅହଁଙ୍କାର, ଅହମୀକା, ମିଛ ପ୍ରହେଳିକା, ବୃଥାଦମ୍ଭକୁ ଭାଙ୍ଗି ଦେବାକୁ ଚେଷ୍ଟାକରିଛି । ମାତ୍ର କିଏ ଶୁଣିବ ଏ କଥା ? ଏକଥା ଶୁଣିବାକୁ କାହା ପାଖରେ ସମୟ ନାହିଁ । ତଥାପି କବିମନ ସନ୍ତୁଳିତ ହୋଇଛି । ସେ କହିଦେଇଛନ୍ତି-

"କଉଁ ହସି ହଉଚି
ମନ ଖୋଲି
ନା ଅଧର୍ମ ବିରଦ୍ଧରେ
ପଦେ ତୁଣ୍ଡ ଖୋଲି ହଉଚି
ଯୋର କରି ?
ଦେବ ଦେବୀଙ୍କ ଆଖିରୁ
ବେଳେବେଳେ ଲୁହ ଝରୁଛି
ନିଆଁ ଲାଗିଯାଇଛି
ସକଳ ସୁଖଶାନ୍ତିରେ ଆମରି ।"[୬]

ଗାଁ ଆଜି ପ୍ରାକୃତିକତାକୁ ହରେଇ ଦେଇଛି । କୃତ୍ରିମତାକୁ ନିଜର କରିଛି । ଫୁଲ, ଫଳ, ବାସ୍ନାରେ... ସବୁଠି ଆଜି କୃତିମର ଛଟା । ସବୁଠି ଆଜି ଲୁଟ୍, ଧର୍ମଘଟ, ଷଡଯନ୍ତ୍ର, ସଂଘର୍ଷ ଓ କରୁଣ ହତାଶ । ସହରୀ ସଭ୍ୟତାକୁ କବି ଦଗାବାଜ୍ ଦାରୁଣ ସହର ଭାବେ ଅଭିବ୍ୟକ୍ତ କରିଛନ୍ତି । ତଥାପି କିପରି ସହରୀ ହେବାର ନିଶା ଘାରୁଛି ସମସ୍ତଙ୍କୁ ତାହା ହୃଦାନନ୍ଦଙ୍କ କବିତାରୁ ସ୍ପଷ୍ଟ ବାରିହୁଏ । ମଣିଷର ବିକଳ ବ୍ୟକ୍ତିତ୍ୱ ଆଜି ନୂତନର ସ୍ୱାଦ ଖୋଜୁଛି । ବୃଥା ସମ୍ଭାବନାର ଆଶାରେ ବଞ୍ଚିବାର ନିଶାତକକୁ ସଭ୍ୟତାର ଜୟଯାତ୍ରାରେ ନିଲାମ

କରୁଛି । ଏମିତି ଏକ ଭିତ୍ତିଭୂମି ଓ ପୃଷ୍ଠଭୂମି ଉପରେ ଶ୍ରୀ ପାଣିଗ୍ରାହୀଙ୍କ କବିତା ଲୋକଜୀବନ ଓ ଗାଉଁଲୀ ସଭ୍ୟତାକୁ ସଚେତନ କରିବାକୁ ଆହ୍ୱାନ ଦେଇଛି ।

ଜଣେ ଦରଦୀ ମାନବବାଦୀ ଏବଂ ରୋମାଣ୍ଟିକ୍ କବି ଭାବେ ହୃଦାନନ୍ଦଙ୍କୁ ପରିଚିତି ଦିଏ ତାଙ୍କ ଅନେକ କବିତା । ତେଣୁ ସେ ଅବହେଳିତ ଗାଁଉଲୀ, ଗରୀବ ସାଧାରଣ ଜନତାର ଅଭାବ ଅନଟନକୁ ତାଙ୍କ କବିତାରେ ପ୍ରକାଶ କରିଛନ୍ତି । ଏଇ ବି ଗାଁ, ପଡ଼ୋଶୀ ଚୁପ୍‌ଚାପ୍ ରହିବା ଭଲ, ଚିତ୍ରଟିଏ ଗାଁର, ଅବକ୍ଷୟ, ଗାଁ ଏମିତି ନଥିଲା, ନକ୍ସା, ରାସ୍ତାକାମ, ଧାନକଟାବେଳେ, ସବାଖିଆ, ପାଛିଆବାଲା, ଭୋଟ୍‌ପରେ, ମାଟିକଥା ଓ ଚଉକି ଆଦି କବିତାରେ ଗାଁ ଓ ଗାଁର ଅଭାବ-ଅନଟନୀୟର ନିଦର୍ଶନ ଦେଖିବାକୁ ମିଳେ । ଗାଁ ଓ ଗରିବଙ୍କ ପାଇଁ କେତେ ଯୋଜନା ଆସେ; ସବୁ ଫସର ଫାଟିଯାଏ । ସିଆଣିଆଙ୍କ ହାତରେ ସବୁତକ ଟଙ୍କା ବାଟମାରଣା ହୋଇଯାଏ । ଗରିବ ଲୋକମାନେ ଯଉ ଭକୁଆକୁ ସେଇ ଭକୁଆ । ରାସ୍ତାକାମ ବହୁ କଷ୍ଟରେ ଆସେ । ମାତ୍ର, ରାସ୍ତା ହୋଇ ପାରେ ନାହିଁ । ନାମ ମାତ୍ର ରାସ୍ତା ତିଆରି... । ଏହାର ଝଲକ୍ ହୃଦାନନ୍ଦଙ୍କ କବିତାରେ ଏହିପରି-

"ପୋଡ଼ା କପାଳ ଗାଆଁ
ଢେର ଦିନ ପରେ
ମିଳିଲା ଗୋଟେ ରାସ୍ତାକାମ,
ପହିଲେ ହୁରିହାଲର ପଡିଲା
ଭାରିଯୋର ।
× × ×
ର, ଠ, କାମକରି
କେମିତି ବଂଣ୍ଟା କୁଂଟା ହୋଇଗଲା
ଟଙ୍କା ଟୋକର ।
× × ×
ଦୁସୁରା କାମଟେ ପୁଣି ହେବ
ଗାଆଁରେ
ବାଣ ଫୁଟେଇ ଛଇଲାଟ କଲେଣି
ଦଳେ ନାମଜାଦା ଲୋକେ,
ତେଣେ ଦାରିଦ୍ର, ଋଣ ଭାରରେ
ଏଦେଶ କେମିତି
ଅଣ୍ଟା ସଳଖି ଠିଆ ହେବ ?"(୭)

ମଣିଷର ଅହଂକାର, ରାଗରଷା, ଅଭିମାନ ଏସବୁ ମାୟାଖେଳ ପରି । ପାଣି ଫୋଟାକା ଭଳି ଏଗୁଡ଼ିକ କ୍ଷଣିକରେ ଲିଭିଯାଏ ଓ ଉଭେଇଯାଏ । ହୃଦାନନ୍ଦଙ୍କ କବିତାରେ ଏହାର ରୂପ ଏମିତିଭାବେ ପ୍ରକଟିତ । ଯଥା-

"ମିଳେଇ ଯାଏ ଆଖି ପିଛୁଳାକେ
ଯେମିତି ଆମ ଅହଂକାର
ପଲକ ପରି କ୍ଷଣିକ
ଦଣ୍ଡେ ଖରା, ଦଣ୍ଡେ ଛାଇ
ପକ୍ଷେ ଆଲୁଅ, ପକ୍ଷେ ଅନ୍ଧାର
ଏ ଜୀବନ ମାୟାଖେଳ ।"(୮)

ଅଧ୍ୟାପକ ବିଶ୍ୱରଞ୍ଜନ ଦାସଙ୍କ ମତରେ - "...ଅହଂ ପ୍ରମତ୍ତ ମଣିଷର ଜୟନାଦ ଓ ପରାଜୟର ଗ୍ଲାନି ସାମାଜିକ ସଂକଟ ଓ ଅଦୃଷ୍ଟର ବିଭୀଷିକା ଭିତରେ କାବ୍ୟ ପୁରୁଷ ଅନୁଭବ କରିଛି ଯେମିତି ଅନ୍ତଃସାର ଶୂନ୍ୟ ଈର୍ଷା, ଅସୂୟା, ଭୟ, ଓ ଅବିଶ୍ୱାସର ନିଆଁରେ ପୋଡି ହୋଇଯାଉଛି ଯେମିତି ଛାତିରେ ସାଇତା ମହୁଟୋପାକ । ଲକ୍ଷେ ସ୍ୱପ୍ନରେ ପୂର୍ଣ୍ଣ ଶ୍ୟାମଳ ଆକାଶ ପାଲଟି ଯାଉଛି ଏକ ଶୂନ୍ୟ ମହୋତ୍ସବ । ଉଜୁଡି ଯିବାଟା ଯେମିତି ନିୟତି । ପାଣି ଫୋଟକାପରି ମିଳେଇ ଯିବାରେ ହିଁ ସମାପ୍ତି ।"(୯)

ପ୍ରେମ-ପ୍ରଣୟର କବିରୂପେ ମଧ୍ୟ ହୃଦାନନ୍ଦ ପାଣିଗ୍ରାହୀ ପରିଚିତି ପାଆନ୍ତି ତାଙ୍କ ବିଭିନ୍ନ କବିତାରୁ । ସ୍ମୃତି ଅନୁଭୂତି, ଜୀବନରେ ପାଇବା ଓ ହରେଇବା, ସ୍ୱପ୍ନ ଆଉ ବାସ୍ତବତା ଭିତରେ କବିମନ ପୁରୁଣା ଅତୀତକୁ ମନେ ପକାଏ । ତାଙ୍କର ଅନେକ କବିତା ସ୍ୱପ୍ନ ଆଉ ସ୍ମୃତିକୁ ସାଉଁଟୁଥିବା ଅନୁଭବୀମାନଙ୍କୁ ମନେ ପକାଇଦିଏ । ତାଙ୍କର 'ମନେପଡ଼େ ଆଜି' ସଂକଳନରେ ପ୍ରାୟତଃ ସମସ୍ତ କବିତାଗୁଡ଼ିକୁ ପ୍ରେମର ପୁରୁଣା ସ୍ମୃତିକୁ ଆପଣେଇଛି । ଯଥା-

"ମନେପଡ଼େ ଆଜି ନିରୋଳା ଲଗନେ
ସେ ଦିନର ମିଠାଗୀତ
ନେଳୀ ଶିଉଳିର ଖସଡ଼ା ତୁଠରେ
ଖସିଥିଲା ମୋର ପାଦ ।"(୧୦)

କବିଙ୍କର କବିତାର ନାମକରଣ ମଧ୍ୟ ପ୍ରେମ-ପ୍ରଣୟ ଧର୍ମୀ । ଦୃଷ୍ଟାନ୍ତ ସ୍ୱରୂପ- ଯେତେ ମନାକଲେ, ମନେପଡ଼େ ଆଜି, ଅଧୁରା ରହିଲା ରାତିର ସ୍ୱପନ, ମନର ମଣିଷ ପାଖରେ ପାଇଲେ, ମନକାଗଜରୁ, ଅଧାବାଟେ ଏକାକରି, ତୁମେ ଲେଖିଥିବା ଚିଠି, ସବୁଠାରୁ ବେଶୀ ଭଲପାଅ ବୋଲି, ଭୁଲି ପାରିନାହିଁ ଆଦି କବିତାଗୁଡ଼ିକ ପ୍ରେମ ପ୍ରଣୟର ସାର୍ଥକ ନିଦର୍ଶନ । ଏହି ସବୁ କବିତାର ନାମକରଣକୁ ଯୋଡ଼ିଦେଲେ ଏହା ଏକ ଚମ୍‌କାର ରୋମାଣ୍ଟିକ୍ ପ୍ରେମ କବିତାଭାବେ ପରିଚିତି ପାଇପାରେ । କବିତା କେମିତି ଦୁଇ ପ୍ରେମୀକୁ ମିଳନ କରାଏ ତାର ନମୁନାରେ କବି କହିଛନ୍ତି-

"କବିତା ଆମକୁ କରାଇଚି ସିନା ନିକଟୁଁ ନିକଟତର
ହୃଦୟ ଭିତରେ ଦେଖୁଛି ତୁମକୁ ନୀରବେ ଥରକୁ ଥର"(୧୧)

ହୃଦାନନ୍ଦଙ୍କ କବିତାଗୁଡ଼ିକ ବେଳେବେଳେ ସଂଗୀତର ସ୍ୱର

ଝଙ୍କାର କରେ । ପୁଣି କେତେବେଳେ କଥନ ଭଙ୍ଗୀକୁ ଆପଣେଇ ନିଏ । ଗୁଣୁ ଗୁଣୁ ସ୍ୱର ଭିତରେ ସୁନ୍ଦର ରାଗିଣୀକୁ ମନେପକାଏ । କେତେକାଂଶରେ କବିତାଗୁଡ଼ିକ ଛନ୍ଦମୟତା ଓ ଗୀତିମୟତାକୁ ନିଜର କରିପକାଏ । ଏହି ଗୀତିମୟତା ଓ ସାଙ୍ଗୀତିକତା 'ମନେପଡ଼େ ଆଜି' କବିତା ସଂକଳନକୁ ଭରପୁର ଫାଇଦା ଦେଇଛି । ଯଥା-

"ମିଛି ମିଛି ମନ ମିଛ ସପନରେ
ଗଢିଥିଲି ଗୋଟେ ଘର
ଗଲାଭାଙ୍ଗୀ ତାହା ନିମିଷକେ ଆହା
ଭରିଦେଇ ହାହାକାର ।"(୧୨)

ମିଥ୍‌ର ପ୍ରୟୋଗ ଏବଂ ଲୋକ ସଂସ୍କୃତିର ବ୍ୟବହାର ହୃଦାନନ୍ଦଙ୍କ କବିତାର ଅନ୍ୟଏକ ବୈଶିଷ୍ଟ୍ୟ । 'ଦ୍ରୌପଦୀ ବେଶ', 'ସ୍ୱଚ୍ୟଗ୍ର ମେଦିନୀ', 'କୁରୁକ୍ଷେତ୍ର', ଆଦିର ଚମ୍ତ୍କାର ବ୍ୟବହାର ଏବଂ କବିତାର ଭାବବସ୍ତୁରେ ତା'ର ଯଥାର୍ଥତା ଏହି ମିଥିକ୍ ଧର୍ମିତାକୁ ଗ୍ରହଣ କରିଛି । ସେହିପରି 'ପିଠାକଳି', 'ସେରମାଣ', 'ଧୂର୍ତ୍ତମାଙ୍କଡ଼' ଆଦି ଲୋକଧର୍ମୀ କାହାଣୀର ଉପାଦାନ ମାଧ୍ୟମରେ ହୃଦାନନ୍ଦଙ୍କ କବିତାକୁ ପରିପୃଷ୍ଟ କରିଛି । ଏଥିରେ ଗ୍ରାମ୍ୟ ସଭ୍ୟତା ଓ ସଂସ୍କୃତିକୁ ଧରିରଖିଛି । ସାମାଜିକ ଜନ-ଜୀବନର ଚିତ୍ରକୁ ଉପସ୍ଥାପନ କରି ସମାଜର ଅବକ୍ଷୟ ସଂସ୍କୃତି ଉପରେ ନଜର ରଖିଛି ।

ଶବ୍ଦବସାଣରେ ଚମ୍ତ୍କାରିତା ହୃଦାନନ୍ଦଙ୍କ କବିତାର ଆଉ ଏକ ସଫଳ ନିଦର୍ଶନ । ବିଶେଷକରି ଗାଉଁଲି ଶବ୍ଦ ତାଙ୍କ କବିତାର ସୌନ୍ଦର୍ଯ୍ୟକୁ ପ୍ରକଟିତ କରିଛି । ପୁଣି ଯୋଡ଼ାଶବ୍ଦର ବ୍ୟବହାର ଯଥା- ଠୋପାଠୋପା ଅଛଅଛ, ଭଣଭଣ, ବିନ୍ଦୁବିନ୍ଦୁ, ଭିଜାଭିଜା, ଧକେଇ ଧକେଇ ଆଦି ଶବ୍ଦଗୁଡିକ କବିତାକୁ ଶୋଭାବର୍ଦ୍ଧନ କରିବା ସହିତ ପାଠକ ଏବଂ ଶ୍ରୋତାଙ୍କୁ ଶ୍ରୁତିମଧୁର କରାଇଛି ।

ଆଧୁନିକ ଓଡ଼ିଆ କବିତାରେ ହୃଦାନନ୍ଦଙ୍କ କବିତା ରୋମାଣ୍ଟିକ୍ ମାନବବାଦକୁ ଆପଣେଇଛି । ବେଳେବେଳେ ଉତ୍ତରଆଧୁନିକ ଧାରାକୁ ନିଜର କରିବାକୁ ପ୍ରୟାସ କରିଛି । ଗାଁ ମାଟିର କଥା କହୁକହୁ ତାଙ୍କ କବିତାଗୁଡ଼ିକ ସାମାଜିକ ଜନଜୀବନର ବାସ୍ତବ ଚିତ୍ରକୁ ଉପସ୍ଥାପନ କରିଛି । ଜୀବନର କ୍ଷଣିକ ସତ୍ତାକୁ ପାଣିଫୋଟକା ମାଧ୍ୟମରେ ଅନୁଭବ କରିଛି । ସାଧାରଣ ଜନତାର ହସକାନ୍ଦକୁ ନବଜୀବନ ଦେଇଛି । ତାଙ୍କ କବିତାଗୁଡ଼ିକ ବେଶ୍ ରୁଚୀପୂର୍ଣ୍ଣ ଓ ହୃଦୟ ସ୍ପର୍ଶୀ । ଗାଁ-ମାଟି-ପାଣି-ପବନକୁ ଭଲପାଉଥିବା ଦରଦୀ କବିଭାବରେ ହୃଦାନନ୍ଦ ଖୁବ୍ ପ୍ରଶଂସାର ପାତ୍ର । ଏହି ସବୁକୁ ଭଲପାଉଥିବା କବିଙ୍କର କବିତା ମଧ୍ୟ ବିଶେଷଭାବେ ଗାଁଆ ମାଟିର କଥା କହିଛି ।

ପ୍ରାନ୍ତଟୀକା:

୧. ପାଣିଗ୍ରାହୀ, ହୃଦାନନ୍ଦ : ପାଣି ଫୋଟାକା: ସରସ୍ୱତୀ ପ୍ରକାଶନୀ, ସାଳନ୍ଦୀ ବାଇପାସ, ଭଦ୍ରକ; ପୁସ୍ତକର ଜାକେଟ ବା ମଲାଟର ପଛପଟ ଭିତରୁ ଉଦ୍ଧାରିତ ।

୨. ପାଣିଗ୍ରାହୀ, ହୃଦାନନ୍ଦ : ଲୁହର ଟୋପାଏ ଜହ୍ନ: ଲିଜେଣ୍ଡ୍ ପବ୍ଲିକେଶନ୍‌ସ, ଏଲ୍.ଆଇ.ଜି.୧୯୬, ବିଟ୍ କଲୋନୀ, ନୂଆପଲ୍ଲୀ, ଭୁବନେଶ୍ୱର; ପ୍ରଥମ ପ୍ରକାଶ ୧୯୯୧, ପୃଷ୍ଠା-୫ ।

୩.. ପାଣିଗ୍ରାହୀ, ହୃଦାନନ୍ଦ : ଲୁହର ଟୋପାଏ ଜହ୍ନ: ପୃଷ୍ଠା-୫ ।

୪. ପାଣିଗ୍ରାହୀ, ହୃଦାନନ୍ଦ : ନଷ୍ଟପାଦ: ମହାନଦୀ ବୁକ୍ସ, ମୂଲ୍ୟାୟନ ବିହାର, ଏମ୍, ଏ, ୫୨ ସାମ୍ନା ଜି.ଜି.ପି କଲୋନୀ, ରସୁଲଗଡ, ଭୁବନେଶ୍ୱର; ପ୍ରଥମ ସଂସ୍କରଣ-ସେପ୍‌ଟେମ୍ବର-୧୯୯୪, ପୃଷ୍ଠା-୨୪ ।

୫. ପାଣିଗ୍ରାହୀ, ହୃଦାନନ୍ଦ : ମାଟିକଥା: ବିଜୟିନୀ ପବ୍ଲିକେନ୍ସ, ଶଙ୍କରପୁର, ଅରୁଣୋଦୟ ମାର୍କେଟ, କଟକ; ପ୍ରକାଶ କାଳ-

❖ ❖ ❖

RNI No. : ODIODI/2015/64435 • P.R. No. : CK(C)/96/2022-2024 • www.pracheenews.com

ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ